# ନୂଆ ଅରୁଣିମା

unicef
for every child

## ଅଙ୍ଗନୱାଡି କର୍ମୀଙ୍କ ପାଇଁ ଆଦ୍ୟ-ଶୈଶବ ଯତ୍ନ ଓ ଶିକ୍ଷା ସହାୟକ ପୁସ୍ତିକା

ଦ୍ୱିତୀୟ ସଂସ୍କରଣ




ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ, ଓଡିଶା
୨୦୧୯

# ନୂଆ ଅରୁଣିମା

## ଅଙ୍ଗନୱାଡି କର୍ମୀଙ୍କ ପାଇଁ ଆଦ୍ୟ-ଶୈଶବ ଯତ୍ନ ଓ ଶିକ୍ଷା ସହାୟକ ପୁସ୍ତିକା

ଦ୍ୱିତୀୟ ସଂସ୍କରଣ

ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ, ଓଡିଶା
୨୦୧୯

## ଦ୍ୱିତୀୟ ସଂସ୍କରଣ

**ଉପଦେଷ୍ଟା**

**ଶ୍ରୀମତୀ ଅନୁ ଗର୍ଗ**, ଆଇ.ଏ.ଏସ୍,
ପ୍ରମୁଖ ଶାସନ ସଚିବ,
ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ବିଭାଗ

**ସମ୍ପାଦନା ମଣ୍ଡଳୀ**

**ପ୍ରଫେସର ଉଦୟନାଥ ଦାଶ**, ପୂର୍ବତନ ପ୍ରଫେସର, ଉତ୍କଳ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ
**ମଧୁମିତା ଦାସ**, ରାଜ୍ୟ ଇ.ସି.ସି.ଇ. ପରାମର୍ଶଦାତା
ସମସ୍ତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ଇସିସିଇ ପ୍ରଧାନ/ମୁଖ୍ୟ ପ୍ରଶିକ୍ଷିକା
ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ବିଭାଗ
ଏସ୍.ସି.ଇ.ଆର୍.ଟି, ଏନ୍.ସି.ଇ.ଆର୍.ଟି, ଆମ୍ବେଦକର୍ ବିଶ୍ୱବିଦ୍ୟାଳୟ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଜାତୀୟ ଏବଂ ରାଜ୍ୟ ଇ.ସି.ସି.ଇ. ବିଶେଷଜ୍ଞ

**ସଂଯୋଜନା**

**ଲଳିତା ପଟ୍ଟନାୟକ**, ଏଜୁକେସନ୍ ସ୍ପେଶାଲିଷ୍ଟ, ୟୁନିସେଫ୍

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡିଶା
ସହାୟତା : ୟୁନିସେଫ୍

**ଶ୍ରୀମତୀ ଟୁକୁନି ସାହୁ**
ମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା



# ମୁଖବନ୍ଧ

ଶିଶୁମାନଙ୍କ ଜୀବନର ଆଦ୍ୟ ବର୍ଷ ଗୁଡିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଜୀବନର ମୂଳଦୁଆ ପଡିବା ସମୟ। ତେଣୁ ୨୦୦୫ ଜାତୀୟ ଶିକ୍ଷା ନୀତିରେ ଏବଂ ୨୦୧୩ ଜାତୀୟ ଇସିସିଇ ନୀତି ପ୍ରାକ୍-ବିଦ୍ୟାଳୟ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। କାରଣ ପରବର୍ତ୍ତୀ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ଏହି ପ୍ରାକ୍-ବିଦ୍ୟାଳୟ ଶିକ୍ଷାର ଭିତ୍ତିଭୂମି ଉପରେ ନିର୍ଭର କରେ। ଓଡ଼ିଶାର ୩୩୮ ଗୋଟି ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପରେ ପ୍ରାକ୍-ବିଦ୍ୟାଳୟ/ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି। ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ୩ ବର୍ଷରୁ ୬ ବର୍ଷ ବୟସର ଶିଶୁମାନଙ୍କର ଆବଶ୍ୟକତା, ଚାହିଦା ଓ ଆଗ୍ରହ ଅନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅଙ୍ଗନୱାଡି କର୍ମୀମାନେ ଯଥାଯଥ ଉଦ୍ୟମ କରିଆସୁଛନ୍ତି। ଆଦ୍ୟ-ଶୈଶବ କାର୍ଯ୍ୟକ୍ରମରେ ପିତାମାତା, ଅଭିଭାବକ ଓ ଗୋଷ୍ଠୀର ସଦସ୍ୟମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ସଂପୃକ୍ତିରେ ଏହା ଆହୁରି ସରସ ସୁନ୍ଦର ହୋଇପାରିବ। ଆଦ୍ୟ-ଶୈଶବ ଶିକ୍ଷା ମାଧ୍ୟମରେ ଶିଶୁକୁ ଆନୁଷ୍ଠାନିକ ଶିକ୍ଷା ନିମନ୍ତେ ପ୍ରସ୍ତୁତ କରାଯାଏ, ପରିବାରରେ ସଦସ୍ୟମାନେ ଆଦ୍ୟ-ଶୈଶବ ଶିକ୍ଷାକୁ ଗୁରୁତ୍ୱ ଦେବା ଜରୁରୀ। ଯାହା ଶିଶୁର ସାମଗ୍ରିକ ବିକାଶକୁ ନିଶ୍ଚିତ କରିଥାଏ।

ମୋର ବିଶ୍ୱାସ, ଆପଣମାନଙ୍କର ସକ୍ରିୟ ସହଯୋଗ ନୂଆ ଅରୁଣିମାର ଏହି ଦ୍ୱିତୀୟ ସଂସ୍କରଣ ଶିଶୁମାନଙ୍କର ବିକାଶକୁ ତ୍ୱରାନ୍ୱିତ କରି ଶିକ୍ଷା କ୍ଷେତ୍ରରେ ଏକ ସୁଦୃଢ଼ ବ୍ୟବସ୍ଥାର ସ୍ଥାପନା କରିବାରେ ସକ୍ଷମ ହେବ। ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ଗୀତ, ଗପ, ନାଚ ଓ ଅଭିନୟ ସଂଗୀତ ମାଧ୍ୟମରେ ୧୨ ମାସ ନିମନ୍ତେ ବିଭିନ୍ନ ବିଷୟ ବସ୍ତୁ ଆଧାରିତ କାର୍ଯ୍ୟକ୍ରମ ଗୁଡିକ ଏଥିରେ ସନ୍ନିବେଶିତ ଅଛି। ଏଗୁଡିକ ଶିଶୁମାନଙ୍କ ନିମନ୍ତେ କିପରି ଅଧିକ ଆନନ୍ଦ ଦାୟକ ହେବ ଓ ଆଦ୍ୟ-ଶୈଶବ ଶିକ୍ଷାର ଉଦ୍ଦେଶ୍ୟ ସାଧିତ ହେବ ସେଥିପାଇଁ ଅଙ୍ଗନୱାଡି କର୍ମୀମାନଙ୍କର ତାଲିମ୍ ବ୍ୟବସ୍ଥା ମଧ୍ୟ କରାଯାଇଛି।

ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫ୍‌ର ଏହି ମିଳିତ ପ୍ରୟାସକୁ ମୁଁ ଆନ୍ତରିକତାର ସହ ସାଧୁବାଦ ଜଣାଉଛି। ଏଥିରେ ଯେଉଁ ଅଭିଜ୍ଞ ଅଙ୍ଗନୱାଡି କର୍ମୀ, ଶିକ୍ଷକ, ମନସ୍ତତ୍ତ୍ୱବିତ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର କର୍ମକର୍ତ୍ତାମାନେ ସହଯୋଗ କରିଛନ୍ତି, ସେମାନଙ୍କୁ ମୋର ବିଶେଷ ଧନ୍ୟବାଦ।

ଶ୍ରୀମତୀ ଟୁକୁନି ସାହୁ
ମନ୍ତ୍ରୀ
ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ

**ଶ୍ରୀମତୀ ଅନୁ ଗର୍ଗ, ଆଇ.ଏ.ଏସ୍**
ପ୍ରମୁଖ ଶାସନ ସଚିବ
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡିଶା ସରକାର



# ପୂର୍ବାଭାଷ

ଶତକଡ଼ା ୮୦ ପ୍ରତିଶତ ମସ୍ତିଷ୍କ ବିକାଶ ଶିଶୁଟି ୩ ବର୍ଷର ହେଲାବେଳକୁ ହୋଇଯାଇଥାଏ । ଯେଉଁଥିପାଇଁ ମାତା ପିତାଙ୍କର ମୂଲ୍ୟବାନ ସମୟ, ଲାଳନ ପାଳନ, ଶ୍ରଦ୍ଧା, ଆଦର ଓ ସ୍ନେହପୂର୍ଣ୍ଣ ସ୍ପର୍ଶ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଅଙ୍ଗନୱାଡ଼ି କେନ୍ଦ୍ରରେ ୩ ରୁ ୬ବର୍ଷ ମଧ୍ୟରେ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ, ସାମାଜିକ ଓ ଭାଷାର ବିକାଶ ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ନୂଆ ଅରୁଣିମା ଅଙ୍ଗନବାଡ଼ି କର୍ମୀଙ୍କ ସମ୍ବଳ ପୁସ୍ତିକାର ପ୍ରଥମ ସଂସ୍କରଣ ୨୦୧୩ ମସିହାରେ ପ୍ରଥମ ଥର ପାଇଁ ୟୁନିସେଫ ବୈଷୟିକ ସହାୟତାରେ ରାଜ୍ୟବ୍ୟାପୀ ପ୍ରଚଳନ କରାଯାଇଥିଲା । ଏହା ସମଗ୍ର ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ରରେ ୫ ବର୍ଷର ନିରବଚ୍ଛିନ୍ନ ବ୍ୟବହାର ଓ ନିରୀକ୍ଷଣ ପରେ ୨୦୧୮-୧୯ରେ ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା । ଅନୁରୂପ ଭାବରେ ନୂଆ ଅରୁଣିମା ୧୦ଟି ମାତୃଭାଷାରେ ୨୦୧୪ ମସିହାରୁ ପ୍ରଚଳିତ ଅଛି ।

ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମକୁ ଶିଶୁ କୈନ୍ଦ୍ରିକ କରି ଆନନ୍ଦଦାୟକ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରାଯାଇଛି । ଅଙ୍ଗନୱାଡ଼ି ଶିଶୁମାନଙ୍କୁ ୟୁନିଫର୍ମ ଯୋଗାଇ ଦିଆଯାଇଛି । ଏହାଦ୍ୱାରା ସେମାନେ ଆଗ୍ରହର ସହିତ ନିୟମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବେ । ସେହିପରି ପ୍ରତ୍ୟେକ ଶିଶୁଙ୍କ ପାଇଁ ଅଭ୍ୟାସ ପୁସ୍ତିକାର ପ୍ରଚଳନ କରାଯାଉଛି । ୩ ରୁ ୪ ବର୍ଷ ଓ ୪ ରୁ ୬ ବର୍ଷ ଶିଶୁଙ୍କ ପାଇଁ ୨ ପ୍ରକାରର ଅଭ୍ୟାସ ପୁସ୍ତିକା କରାଯାଇଛି । ଏହା ଶିଶୁମାନଙ୍କର ସୂକ୍ଷ୍ମ ମାଂସପେଶୀର ବିକାଶ କରିବା ସହିତ ରଙ୍ଗ, ଆକାର, ବସ୍ତୁ, ଅକ୍ଷର ଇତ୍ୟାଦି ସମ୍ବନ୍ଧରେ ଜ୍ଞାନ ଆହରଣ କରିବାରେ ସାହାଯ୍ୟ କରେ । ମୋ ବିକାଶ ପଥ ମାଧ୍ୟମରେ ଶିଶୁମାନଙ୍କର ପ୍ରାକ୍ ଶିକ୍ଷା କାର୍ଯ୍ୟକ୍ରମକୁ ସୁଦୃଢ଼ କରାଯାଇଛି ।

ଆଦ୍ୟ-ଶୈଶବ କାର୍ଯ୍ୟକ୍ରମରେ ପିତାମାତା, ଗ୍ରାମବାସୀ ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କର ସଂପୃକ୍ତି ନିହାତି ଆବଶ୍ୟକ ।

- ମୋର ଅନୁରୋଧ ପ୍ରତ୍ୟେକ ମାସ ୧୯ ତାରିଖରେ ସ୍ଥାୟୀ ଇସିସିଇ ଦିବସ ଗୋଷ୍ଠୀ ସ୍ତରରେ ନିଶ୍ଚିତ ଭାବରେ ପାଳନ କରିବେ ।
- ପ୍ରତ୍ୟେକ ମାସ ପାଇଁ ଗୋଟିଏ ବିଷୟବସ୍ତୁ ନିଆଯାଇ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସେହି ମାସ ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ଶିଶୁମାନଙ୍କୁ ଶିଖାଇବେ ।
- ଗ୍ରାମରେ ମିଳୁଥିବା ଜିନିଷ ବା ଅଳ୍ପ ମୂଲ୍ୟରେ ମିଳୁଥିବା ବିଭିନ୍ନ ସାମଗ୍ରୀକୁ ବ୍ୟବହାର କରି ଖେଳ ସାମଗ୍ରୀ ପ୍ରସ୍ତୁତ କରିବେ ।
- ୧୨ଟି ଡି.ଭି.ଡି ମାଧ୍ୟମରେ ପ୍ରତ୍ୟେକ ମାସର କାର୍ଯ୍ୟକ୍ରମକୁ ଦେଖିବେ ଓ କେନ୍ଦ୍ରରେ ଶିଶୁମାନଙ୍କ ସହ ଏହା କରିବେ ।

ଶିଶୁମାନଙ୍କର ବିକାଶ ପାଇଁ ନୂଆ ଅରୁଣିମାର ସଫଳ ରୂପାୟନ ଏକ ନିର୍ଭର ପ୍ରତିଶ୍ରୁତି ।

ଅନୁ ଗର୍ଗ
ଅନୁ ଗର୍ଗ

unicef | for every child
ଡ. ମୋନିକା ଓ. ନିଲସନ୍
ଶିକ୍ଷା ମୁଖ୍ୟ, ୟୁନିସେଫ୍,
ଓଡ଼ିଶା ଅଫିସ୍



# ବାର୍ତ୍ତା

ଶିଶୁମାନଙ୍କର ବିକାଶ ଧାରାରେ ଆଦ୍ୟ-ଶୈଶବ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହି ପରିପ୍ରେକ୍ଷୀରେ, ଆଦ୍ୟ-ଶୈଶବ ଶିକ୍ଷଣରେ ସମ୍ୟକ ବିନିଯୋଗ ଏକ ସର୍ବୋତ୍କୃଷ୍ଟ ପଦକ୍ଷେପ । ଶିଶୁର ମସ୍ତିଷ୍କ ବିକାଶ ଓ ଆଜୀବନ ଅଭିବୃଦ୍ଧିରେ ଆଦ୍ୟ-ଶୈଶବର ଭୂମିକା ସମ୍ପର୍କରେ ସ୍ନାୟୁ ବିଜ୍ଞାନର ଗବେଷଣାରେ ପର୍ଯ୍ୟାପ୍ତ ପ୍ରମାଣ ଉପଲବ୍ଧ । ନିଜର ଅନ୍ତର୍ନିହିତ ଦକ୍ଷତାର ବିକାଶ ଓ ପରିପ୍ରକାଶ ପାଇଁ ଯଥାର୍ଥ ଶିକ୍ଷଣ ସୁବିଧା ସୁଯୋଗ ପାଇବା ପ୍ରତ୍ୟେକ ଶିଶୁର ଏକ ନ୍ୟାୟସଙ୍ଗତ ଅଧିକାର ।

ୟୁନିସେଫ୍ ଓଡ଼ିଶା ଅତ୍ୟନ୍ତ ଖୁସି ଯେ ବିଶିଷ୍ଟ ଶିକ୍ଷାବିତ୍, ଶିଶୁ ବିକାଶ ବିଶେଷଜ୍ଞ, ମନସ୍ତତ୍ତ୍ୱବିତ୍ ଓ ଗବେଷକମାନଙ୍କ ସହାୟତାରେ ଅଙ୍ଗନୱାଡ଼ି କର୍ମୀ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା କର୍ମକର୍ତ୍ତାଙ୍କ ସହଯୋଗରେ ଏକ ସହାୟକ ପୁସ୍ତିକା ''ନୂଆ ଅରୁଣିମା''ପ୍ରକାଶ କରିବାକୁ ସମର୍ଥ ହୋଇପାରିଛି । ଏହି ପୁସ୍ତିକାଟି ଓଡ଼ିଶା ସରକାର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ୟୁନିସେଫ୍ ଓଡ଼ିଶା ର ସାମୂହିକ ପ୍ରଚେଷ୍ଟାର ଏକ ନିଚ୍ଛକ କୃତି । ଏହି ଉଦ୍ୟମ ୨୦୧୩ ମସିହା ଠାରୁ ଅବ୍ୟାହତ ରହିଅଛି । ଏହାର ଦ୍ୱିତୀୟ ସଂସ୍କରଣ ( ୨୦୧୯ ) ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମକୁ ସମଗ୍ର ରାଜ୍ୟରେ ବଳବତ୍ତର କରିବା ପାଇଁ ଉଦ୍ଦିଷ୍ଟ । ମୁଁ ନିଶ୍ଚିତ ଯେ, ଏହି ପୁସ୍ତିକାଟି ରାଜ୍ୟର ଶିଶୁ କୈନ୍ଦ୍ରିକ ଆଦ୍ୟ-ଶୈଶବ ଶିକ୍ଷା ବ୍ୟବସ୍ଥାକୁ ବଳିଷ୍ଠ କରିବା ସହିତ ଶିଶୁ ବିକାଶ କେନ୍ଦ୍ରଗୁଡ଼ିକରେ ଏକ ଅଭିନବ ଶିଶୁପ୍ରିୟ ବାତାବରଣ ସୃଷ୍ଟି କରିବାରେ ସମର୍ଥ ହେବ ।

ରାଜ୍ୟରେ ଗୁଣାତ୍ମକ ଆଦ୍ୟ ଶିଶୁ ଯତ୍ନ-ଶିକ୍ଷା ଓ ବିକାଶ ପାଇଁ ୟୁନିସେଫ୍ ନିରନ୍ତର ଭାବରେ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ।

ମୋନିକା ଓ ନିଲସନ୍
ଡ. ମୋନିକା ଓ. ନିଲସନ୍

# ସୂଚୀପତ୍ର

## ଭାଗ-୧ : ଆଦ୍ୟ-ଶୈଶବ ଶିକ୍ଷା ଓ ଯତ୍ନ ପାଠ୍ୟକ୍ରମ ଆଧାର


| | | ପୃଷ୍ଠା |
|---|---|---|
| ୧. | ଆଦ୍ୟ-ଶୈଶବର ଗୁରୁତ୍ୱ | ୧ |
| ୨. | ସାଧାରଣ ସୂଚନା | ୨ |
| ୩. | ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଶିକ୍ଷା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ | ୩ |
| ୪. | ଆଦ୍ୟ-ଶୈଶବ ଶିକ୍ଷାର ଗୁରୁତ୍ୱ ଓ ଉପଯୋଗିତା | ୪ |
| ୫. | ଅଭ୍ୟାସ ପୁସ୍ତିକା ବ୍ୟବହାର ନିମିତ୍ତ ନିର୍ଦ୍ଦେଶାବଳୀ | ୫ |
| ୬. | ପୂର୍ଣ୍ଣାଙ୍ଗ ଶିଶୁ ବିକାଶର ଭିନ୍ନ ଭିନ୍ନ ଦିଗ | ୬ |
| ୭. | ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କର ସ୍ୱଭାବ | ୭ |
| ୮. | ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଶିକ୍ଷା : କ'ଣ କରିବେ ଓ କ'ଣ କରିବେ ନାହିଁ | ୮ |
| ୯. | ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମର ପ୍ରସଙ୍ଗଭିତ୍ତିକ ବିଷୟବସ୍ତୁ | ୯ |
| ୧୦. | ଅଙ୍ଗନୱାଡ଼ି କେନ୍ଦ୍ରରେ ଆଦ୍ୟ-ଶୈଶବ ଶିକ୍ଷା ନିମିତ୍ତ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମର ବିବରଣୀ | ୧୦ |
| ୧୧. | ବୟସାନୁରୂପ ବିକାଶଗତ ସୂଚକ | ୧୨ |
| ୧୨. | ପ୍ରାକ୍-ବିଦ୍ୟାଳୟ କିଟ୍ | ୧୬ |
| ୧୩. | ଅଙ୍ଗନୱାଡ଼ି କେନ୍ଦ୍ରରେ କୋଣ | ୧୬ |
| ୧୪. | ପରିବେଶ ସମେତ ସ୍ୱଳ୍ପମୂଲ୍ୟ ବିନାମୂଲ୍ୟ ବସ୍ତୁ ବ୍ୟବହାର କରି ଶିକ୍ଷଣ କାର୍ଯ୍ୟ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି | ୧୮ |
| ୧୫. | ମାସଭିତ୍ତିକ ପ୍ରସଙ୍ଗ ଓ କାର୍ଯ୍ୟକ୍ରମ | ୧୯ |
| ୧୬. | କେନ୍ଦ୍ର କାର୍ଯ୍ୟକ୍ରମ ଯୋଜନା | ୨୦ |
| ୧୭. | ନମୁନା ସାପ୍ତାହିକ ସମୟ ନିର୍ଘଣ୍ଟ | ୨୫ |
| ୧୮. | ପ୍ରାତଃ ସଙ୍ଗୀତ | ୨୬ |
| ୧୯. | ସ୍ୱାଗତ ସଙ୍ଗୀତ ଓ ଜନ୍ମଦିନ ଗୀତ | ୨୭ |
| ୨୦. | ଜାତୀୟ ସଙ୍ଗୀତ ଓ ଉତ୍କଳ ବନ୍ଦନା | ୨୮ |


## ଭାଗ-୨ : ମାସଭିତ୍ତିକ ପ୍ରସଙ୍ଗ ଓ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ


| | | | |
|---|---|---|---|
| ୨୧. | ମାସ ୧ - | ମୁଁ ଓ ମୋ ପରିବାର | ୨୯ |
| ୨୨. | ମାସ ୨ - | ମୋ ଶରୀର | ୩୪ |
| ୨୩. | ମାସ ୩ - | ପଶୁ ପକ୍ଷୀ | ୩୯ |
| ୨୪. | ମାସ ୪ - | ଗଛ, ପତ୍ର, ଫୁଲ ଓ ଫଳ | ୪୫ |
| ୨୫. | ମାସ ୫ - | ଘର ଓ ଆସବାବ ପତ୍ର | ୫୧ |
| ୨୬. | ମାସ ୬ - | ଯାନବାହାନ | ୫୬ |
| ୨୭. | ମାସ ୭ - | ଗୋଷ୍ଠୀ ସହାୟକ ବ୍ୟକ୍ତି | ୬୩ |
| ୨୮. | ମାସ ୮ - | ଭିନ୍ନ ଭିନ୍ନ ବୃତ୍ତି ଓ ଅନୁଷ୍ଠାନ | ୬୮ |
| ୨୯. | ମାସ ୯ - | କୀଟପତଙ୍ଗ ଓ ସରୀସୃପ | ୭୪ |
| ୩୦. | ମାସ ୧୦ - | ମାଟି, ପାଣି ଓ ପବନ | ୮୨ |
| ୩୧. | ମାସ ୧୧ - | ବିଭିନ୍ନ ଋତୁ | ୮୭ |
| ୩୨. | ମାସ ୧୨ - | ସୂର୍ଯ୍ୟ , ଚନ୍ଦ୍ର ଓ ତାରା | ୯୪ |
| ୩୩. | ଗ୍ରାମବାସୀଙ୍କ ସଂପୃକ୍ତି ଓ ସହଯୋଗ ପାଇଁ କର୍ମୀଙ୍କ ଭୂମିକା | | ୧୦୧ |
| ୩୪. | ମୋ ବିକାଶ ପତ୍ର | | ୧୦୨ |

# ଭାଗ - ୧

## ଆଦ୍ୟ-ଶୈଶବ ଶିକ୍ଷା ଓ ଯତ୍ନ
## ପାଠ୍ୟକ୍ରମ ଆଧାର

# ଆଦ୍ୟ-ଶୈଶବର ଗୁରୁତ୍ୱ

ଗର୍ଭ ସମୟରୁ ହିଁ ଶିଶୁର ବୃଦ୍ଧି, ବିକାଶ ଓ ଶିକ୍ଷା ଆରମ୍ଭ ହୋଇଥାଏ । ମନୁଷ୍ୟ ଜୀବନର ଆଦ୍ୟ ଶୈଶବ ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୀବନର ଅନ୍ୟ ପର୍ଯ୍ୟାୟ ତୁଳନାରେ ଆଦ୍ୟ ଶୈଶବରେ ଶିଶୁର ବୃଦ୍ଧି ଓ ବିକାଶ ପ୍ରକ୍ରିୟା ଦ୍ରୁତ ଗତିରେ ହୋଇଥାଏ ଏବଂ ଏହି ସମୟରେ ବ୍ୟକ୍ତିର ବିକାଶର ମୂଳଦୁଆ ପଡିଥାଏ । ସ୍ନାୟୁ ବୈଜ୍ଞାନିକମାନେ ଗବେଷଣା ଦ୍ୱାରା ଜାଣିପାରିଛନ୍ତି ଯେ ଆଦ୍ୟ ଶୈଶବରେ ମସ୍ତିଷ୍କର ବିକାଶ କ୍ଷିପ୍ର ଗତିରେ ହୋଇଥାଏ ଏବଂ ଏହା ବ୍ୟକ୍ତିର ପରବର୍ତ୍ତୀ ସମୟର ଶିକ୍ଷା ଓ ବୁଦ୍ଧିମତ୍ତାକୁ ଦୃଢ଼ୀଭୂତ କରିଥାଏ । ଆଦ୍ୟ ଶୈଶବକୁ ୨ଟି ପର୍ଯ୍ୟାୟରେ ଭାଗ କରାଯାଇଥାଏ, ଜନ୍ମରୁ ୩ ବର୍ଷ ଓ ୩ ବର୍ଷରୁ ୬ ବର୍ଷ । ପ୍ରାରମ୍ଭିକ ପର୍ଯ୍ୟାୟରେ ଜନ୍ମରୁ ୩ ବର୍ଷ ବୟସର ଶିଶୁର ଯତ୍ନ ଓ ଶିକ୍ଷା ପରିବାର ମଧ୍ୟରେ ହୋଇଥାଏ । ଏହି ସମୟର ଅନୁଭୂତି, ଉଦ୍ଦୀପନା, ଯତ୍ନ, ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ଉତ୍ତମ ପରିବେଶ ସଠିକ ଭାବରେ ହେଲେ ଶିଶୁର ମସ୍ତିଷ୍କର ବୃଦ୍ଧି ଓ ବିକାଶ ଅଧିକ ସଶକ୍ତ ହୋଇପାରିବ । ସେହିପରି ୩ରୁ ୬ବର୍ଷ ବୟସର ଶିଶୁଟି ଅଙ୍ଗନୱାଡି କେନ୍ଦ୍ରରେ ପାଉଥିବା ଶିକ୍ଷା, କାର୍ଯ୍ୟାବଳୀ, ଯତ୍ନ, ପୁଷ୍ଟି, ସ୍ୱାସ୍ଥ୍ୟସେବା ଓ ପରିବେଶ ଦ୍ୱାରା ମସ୍ତିଷ୍କର ବୃଦ୍ଧି ଓ ବିକାଶକୁ ପୂର୍ଣ୍ଣାଙ୍ଗ କରିବାପାଇଁ ସୁଯୋଗ ପାଇଥାଏ । ଆଦ୍ୟ-ଶୈଶବ ଶିକ୍ଷା ଦ୍ୱାରା ତା'ର ଦୈନନ୍ଦିନ କାର୍ଯ୍ୟ କରିବାର ଦକ୍ଷତା, ବୁଦ୍ଧି, ଭାଷାଜ୍ଞାନ ଓ ସୃଜନଶୀଳତା ଇତ୍ୟାଦି ଶିଶୁର ଭବିଷ୍ୟତ ଭିତ୍ତିଭୂମି ପ୍ରସ୍ତୁତ କରିଥାଏ ଏବଂ ତାର ସ୍କୁଲକୁ ଓ ପରବର୍ତ୍ତୀ ଶିକ୍ଷାକୁ ସହଜ ଓ ଉନ୍ନତ କରାଇଥାଏ ।

## ଆଦ୍ୟ ଉଦ୍ଦୀପନା

ବିକାଶର ମାପଦଣ୍ଡକୁ ଶୀଘ୍ର ହାସଲ କରିବାରେ ଉଦ୍ଦୀପନା ଶିଶୁକୁ ସକ୍ଷମ କରାଇଥାଏ । ଶିଶୁଟିଏ ଇନ୍ଦ୍ରିୟ ମାଧ୍ୟମରେ ହିଁ ନିଜ ଚାରିପାଖର ଦୁନିଆକୁ ଜାଣିଥାଏ, ଯଥା - ଛୁଇଁବା, ଶୁଣିବା, ଦେଖିବା, ଚାଖିବା ଇତ୍ୟାଦି । ଶିଶୁ ସହିତ କଥାହେଲେ, ତାକୁ ଧରିଲେ, ଗେଲ କଲେ, ଗୀତ ଗାଇ ଶୁଣାଇଲେ, ରଙ୍ଗୀନ ଚିତ୍ର ଓ ଖେଳନା ଦେଖାଇଲେ, ଝୁମୁକା ବା ବାଜା ବଜାଇ ଶବ୍ଦ ଶୁଣାଇଲେ, ଗପ କହିଲେ ସେ ଶିକ୍ଷା ଲାଭ କରିଥାଏ ଏବଂ ଏହି ସବୁ କାର୍ଯ୍ୟ ତାକୁ ଉଦ୍ଦୀପନା ଦେଇଥାଏ । ଏହାଦ୍ୱାରା ସେ ତାର ପରିବେଶକୁ ଜାଣେ, ସେଥିରୁ ଶିକ୍ଷାକରେ ଏବଂ ତାହା ମସ୍ତିଷ୍କର ବିକାଶ ହେବାରେ ସହାୟକ ହୁଏ ।

## ଆଦ୍ୟ-ଶୈଶବକାଳୀନ ଉଦ୍ଦୀପନାରେ ମା' ଓ ପରିବାରର ଭୂମିକା

ଗର୍ଭସ୍ଥ ସମୟରୁ ଓ ଜନ୍ମ ହେବା ପରେ ଶିଶୁଟିଏ ମା'ର ସ୍ନେହ, ଆଦର, ଉଷ୍ମତା ଆବଶ୍ୟକ କରିଥାଏ । ସେ ମା'ର ସ୍ୱର, ହସ, କଥାବାର୍ତ୍ତା ଶୁଣିଲେ ଆନନ୍ଦ ଲାଭ କରେ ଏବଂ ଏହା ଦ୍ୱାରା ତାର ମାନସିକ ବିକାଶ ତ୍ୱରାନ୍ୱିତ ହୁଏ । ସେହିପରି ବାପା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କର ସ୍ନେହ, ଆଦର, ସ୍ପର୍ଶ ଓ କଥାବାର୍ତ୍ତା ଦ୍ୱାରା ଘରେ ଏକ ଶିକ୍ଷଣୀୟ ପରିବେଶ ସୃଷ୍ଟି ହୋଇଥାଏ, ଯାହା ଶିଶୁର ସର୍ବାଙ୍ଗୀନ ବିକାଶରେ ସହାୟକ ହୁଏ ।

## ଅଙ୍ଗନୱାଡି କର୍ମୀଙ୍କ ଭୂମିକା

ଅଙ୍ଗନୱାଡି କର୍ମୀ ୦-୩ ବର୍ଷ ବୟସର ପିଲାଙ୍କ ମା', ବାପା ଓ ପରିବାର ସଦସ୍ୟଙ୍କୁ ଶିଶୁମାନଙ୍କ ସହିତ ଅଧିକ ସମୟ ଦେବାପାଇଁ ପରାମର୍ଶ ଦେବେ । ଉଦ୍ଦୀପନା ପାଇଁ ପିଲାଙ୍କୁ ଧରିବା, ଖେଳିବା, କଥା କହିବା ଇତ୍ୟାଦିକୁ ଗୁରୁତ୍ୱ ଦେବେ । ସେହିପରି ୩ ରୁ ୬ ବର୍ଷ ଶିଶୁଙ୍କୁ କେନ୍ଦ୍ରରେ ବିଭିନ୍ନ ପ୍ରକାରର ଖେଳ, ଗପ, ନାଚ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦ୍ୱାରା ଶିଶୁଙ୍କୁ ଉଦ୍ଦୀପନା ଦେଇ ସେମାନଙ୍କର ମସ୍ତିଷ୍କ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ।

# ସାଧାରଣ ସୂଚନା

ଅଙ୍ଗନୱାଡ଼ି କେନ୍ଦ୍ରରେ ଆଦ୍ୟ-ଶୈଶବ କାର୍ଯ୍ୟକ୍ରମ ପରିଚାଳନା କରିବାପାଇଁ କର୍ମୀଙ୍କ ପାଇଁ କିଛି ସାଧାରଣ ସୂଚନା ତଳେ ଦିଆଯାଇଛି ।

୧. ଏହି ପୁସ୍ତିକାରେ ୧୨ମାସ ପାଇଁ କାର୍ଯ୍ୟକ୍ରମ ଦିଆଯାଇଛି । ପ୍ରତି ମାସର କାର୍ଯ୍ୟକ୍ରମ ଦୁଇଟି ସ୍ତରରେ ଲେଖାଯାଇଛି । ପ୍ରଥମ ସ୍ତର ୩-୪ବର୍ଷ ଓ ଦ୍ୱିତୀୟ ସ୍ତର ୪-୬ବର୍ଷ ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ସାଧାରଣତଃ ଗୋଟିଏ କେନ୍ଦ୍ରରେ ୩ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ପିଲା ଥିବେ ।

୨. ପ୍ରତ୍ୟେକ ମାସ ପାଇଁ ୧୦-୧୫ଟି କାର୍ଯ୍ୟକ୍ରମ ଦିଆଯାଇଛି । ଉଦ୍ଦେଶ୍ୟ ହେଉଛି ଯେ ମାସକ ଭିତରେ ସମସ୍ତ କାର୍ଯ୍ୟକ୍ରମ କରାଯିବ ।

୩. 'ବୟସାନୁରୂପ ବିକାଶଗତ ସୂଚକ' ରେ ୩-୪ବର୍ଷ , ୪-୫ ବର୍ଷ ଓ ୫-୬ ବର୍ଷ ପିଲାଙ୍କ ପାଇଁ ଅଲଗା ଅଲଗା ସୂଚକ ଦିଆଯାଇଛି । ପିଲା ଅତିକମ୍‌ରେ ଏହି ଦକ୍ଷତାଗୁଡ଼ିକ ହାସଲ କରିପାରିବ । ଅନେକ ପିଲାମାନେ ମଧ୍ୟ ଏହା ଠାରୁ ଉଚ୍ଚକୋଟୀର ଦକ୍ଷତା ହାସଲ କରିପାରିବେ ଓ ଦେଖାଇ ପାରିବେ । ଯେଉଁ ପିଲା ନ କରି ପାରିବ, ତାକୁ ବିଶେଷ ଧ୍ୟାନ ଦେବେ ।

୪. ପ୍ରତି ତିନିମାସର କାର୍ଯ୍ୟକ୍ରମ ସରିଗଲା ପରେ ପିଲା ଅତିକମ୍‌ରେ ସୂଚକରେ ଦିଆଯାଇଥିବା ଦକ୍ଷତାଗୁଡ଼ିକ ପ୍ରଦର୍ଶନ କରିପାରିବ । ପରିଦର୍ଶନରେ ଯାଇଥିବା ଯେ କୌଣସି ବ୍ୟକ୍ତି ପିଲାଙ୍କଠାରେ ଏହି ଦକ୍ଷତାଗୁଡ଼ିକ ଲକ୍ଷ୍ୟ କରିପାରିବେ । ବର୍ଷକର କାର୍ଯ୍ୟକ୍ରମ ସରିଗଲା ପରେ ପିଲା କେଉଁ କେଉଁ ଦକ୍ଷତା ହାସଲ କରିପାରିବ, ତାହା ଏହି ପୁସ୍ତିକାରେ ଦିଆଯାଇଛି ।

୫. କର୍ମୀ ଧ୍ୟାନ ଦେବେ ଯେ ପ୍ରତିଦିନ ଯେପରି ମୁକ୍ତ ବାର୍ତ୍ତାଳାପ, ଅଭିନୟ ସଙ୍ଗୀତ, ଗଳ୍ପ, ଖେଳ ଓ ଗଠନମୂଳକ କାର୍ଯ୍ୟକ୍ରମ ହୋଇପାରିବ ଓ ଏକ ନିର୍ଦ୍ଦିଷ୍ଟ ପ୍ରତ୍ୟୟ ବିଷୟରେ ପିଲାମାନଙ୍କୁ ସବିଶେଷ ଧାରଣା ଦିଆଯାଇ ପାରିବ ।

୬. ଯେତେଦୂର ସମ୍ଭବ କର୍ମୀ ପ୍ରତ୍ୟେକ ସପ୍ତାହରେ ଶିଶୁମାନଙ୍କୁ ପ୍ରକୃତି ପର୍ଯ୍ୟବେକ୍ଷଣ / ଗ୍ରାମ ଭ୍ରମଣରେ ନେବେ । ପରିବେଶକୁ ପରୀକ୍ଷା ନିରୀକ୍ଷା କରିବାକୁ ସୁଯୋଗ ଦେବେ ଓ ପିଲାକୁ ତା'ର ଭାବନା ବର୍ଣ୍ଣନା କରିବାକୁ ଉତ୍ସାହିତ କରିବେ ।

୭. ପ୍ରତି ମାସର କାର୍ଯ୍ୟକ୍ରମ ଶିଶୁ ବିକାଶର ଭିନ୍ନ ଭିନ୍ନ ଦିଗକୁ ଲକ୍ଷ୍ୟ ରଖି ପ୍ରସ୍ତୁତ କରାଯାଇଛି । କାର୍ଯ୍ୟକ୍ରମଟି ଚଳାଇବେଳେ କର୍ମୀ ଶିଶୁର ଶାରୀରିକ, ଭାଷାଗତ, ବୌଦ୍ଧିକ, ସାମାଜିକ, ଆବେଗିକ ଓ ସୃଜନାତ୍ମକ ବିକାଶ ପ୍ରତି ଧ୍ୟାନ ଦେବେ । କାର୍ଯ୍ୟକ୍ରମଟି ଶିଶୁପ୍ରିୟ ଓ ଆମୋଦଦାୟକ କରିବେ । ଆନୁଷ୍ଠାନିକ ଭାବେ ପଢ଼ାଇବା ପାଇଁ ଆଦୌ ଚେଷ୍ଟା କରିବେ ନାହିଁ ।

୮. ଗୋଟିଏ ମାସର କାର୍ଯ୍ୟକ୍ରମ ସରିଗଲାପରେ ମଧ୍ୟ, ପରବର୍ତ୍ତୀ ଯେ କୌଣସି ମାସରେ ଆବଶ୍ୟକତା ଅନୁସାରେ ତା ମଧ୍ୟରୁ କେତେଗୁଡ଼ିଏ ଦୋହରାଇ ପାରିବେ । ଅନେକଗୁଡ଼ିଏ କାର୍ଯ୍ୟକ୍ରମ ସମସ୍ତ ପିଲାଙ୍କ ପାଇଁ ଏକାବେଳକେ ହୋଇ ପାରିବ ।

୯. ଏଥିରେ ଦିଆଯାଇଥିବା କାର୍ଯ୍ୟକ୍ରମ ପାଇଁ ଭିନ୍ନ ଭିନ୍ନ ସାମଗ୍ରୀର ଆବଶ୍ୟକତା ରହିଛି । ପିଲାଙ୍କ ପାଇଁ କେନ୍ଦ୍ରକୁ ଅଭ୍ୟାସ ପୁସ୍ତିକା ଦିଆଯାଇଛି । କର୍ମୀ ନିଜେ ପ୍ରଶିକ୍ଷଣ ସମୟରେ ଶିଖିଥିବା ଉପକରଣ ଓ ସାମଗ୍ରୀକୁ ପ୍ରସ୍ତୁତ କରିବେ ବା ସଂଗ୍ରହ କରିବେ । ଗ୍ରାମବାସୀଙ୍କ ସହାୟତାରେ ମଧ୍ୟ ସାମଗ୍ରୀ ପ୍ରସ୍ତୁତ କରିପାରିବେ ।

୧୦. କର୍ମୀ ନିଜର ପରିବେଶର ସୁବିଧା ଓ ଶିଶୁମାନଙ୍କ ମନୋବୃତ୍ତିକୁ ନଜରରେ ରଖି ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କୁ ବିଷୟବସ୍ତୁ ସମ୍ବନ୍ଧରେ ଧାରଣା ଦେଇପାରିବେ ।

୧୧. ଶିଶୁମାନଙ୍କର ଶବ୍ଦଭଣ୍ଡାର ବ୍ୟାପକ ନୁହେଁ । ସେମାନଙ୍କୁ ଗପ କହିଲାବେଳେ ଛୋଟ ଛୋଟ ବାକ୍ୟ ସ୍ପଷ୍ଟ ଭାବରେ କହିବେ । ଗଳ୍ପ ଅନୁଯାୟୀ ସ୍ୱର ପରିବର୍ତ୍ତନ ଓ ଭାବଭଙ୍ଗୀର ଅଭିନୟ କରିବେ । ଗଳ୍ପ କହିଲାବେଳେ ଚିତ୍ର, ଗଳ୍ପ କାର୍ଡ, ମୁଖା ଇତ୍ୟାଦିର ବହୁଳ ବ୍ୟବହାର କରିବେ । ମଝିରେ ମଝିରେ ପ୍ରଶ୍ନ ପଚାରି ଶିଶୁମାନଙ୍କର ଧ୍ୟାନ ଆକର୍ଷଣ କରିବେ ଓ ବଡ଼ ପିଲାମାନଙ୍କୁ ଗଳ୍ପଟି କହିବା ପାଇଁ ଉତ୍ସାହିତ କରିବେ । ପିଲା ମାତୃଭାଷାରେ ଶିଖିଲେ, ଭଲଭାବରେ କହିପାରିବ ।

୧୨. କର୍ମୀ ଶିଶୁମାନଙ୍କ ପ୍ରତି ଯତ୍ନଶୀଳ ଓ ସହାନୁଭୂତିଶୀଳ ହେବେ । ସେମାନଙ୍କୁ ଶାସନ କରିବାକୁ ଚେଷ୍ଟା କରିବେ ନାହିଁ କି ଆନୁଷ୍ଠାନିକ ଭାବେ ପଠନ ଓ ଲିଖନ କାର୍ଯ୍ୟରେ ନିୟୋଜିତ କରିବେ ନାହିଁ । ଆକର୍ଷଣୀୟ ଢଙ୍ଗରେ କାର୍ଯ୍ୟକ୍ରମ ଗୁଡ଼ିକ ପରିଚାଳନା କରିବେ ।

# ଅଙ୍ଗନୱାଡ଼ି କେନ୍ଦ୍ରରେ
# ଶିଶୁ ଶିକ୍ଷା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ

ଜୀବନ କାଳ ମଧ୍ୟରେ ପ୍ରଥମ ଛଅ ବର୍ଷ ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ । ଏହି ସମୟରେ ଶିଶୁର ମାନସିକ ବିକାଶ ଦ୍ରୁତଗତିରେ ହୁଏ । ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ମୋଟାମୋଟି ଭାବେ ଶିଶୁକୁ ବିଦ୍ୟାଳୟ ପାଇଁ ପ୍ରସ୍ତୁତ କରାଯାଏ ।

ଅଙ୍ଗନୱାଡ଼ି କେନ୍ଦ୍ରରେ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ ଶିଶୁମାନଙ୍କର ନିମ୍ନଲିଖିତ ଗୁଣାବଳୀର ବିକାଶ କରେ ।

- ଉତ୍ତମ ସ୍ୱାସ୍ଥ୍ୟ ଅଭ୍ୟାସ
- ନିଜର ଦୈନନ୍ଦିନ କାର୍ଯ୍ୟ କରିବାର ଦକ୍ଷତା
- ସ୍ଥୂଳ ଓ ସୂକ୍ଷ୍ମ ମାଂସପେଶୀ ଗଠନ / ଚାଳନା
- ଉତ୍ତମ ଶାରୀରିକ ଗଠନ
- ଭାଷା ମାଧ୍ୟମରେ ଭାବ ପ୍ରକାଶ କରିବାର ସାମର୍ଥ୍ୟ
- ପରିବାର, ଗୋଷ୍ଠୀ ଓ ପରିବେଶ ସମ୍ପର୍କରେ ଜ୍ଞାନ
- ଜ୍ଞାନ ଆହରଣ ପାଇଁ ଆଗ୍ରହ ଓ ସୃଜନଶୀଳତା
- ଆବେଗ ଓ ଅନୁଭୂତିକୁ ବୁଝିବା, ପ୍ରକାଶ କରିବା ଓ ନିୟନ୍ତ୍ରଣ କରିବାର ଦକ୍ଷତା
- ନିଜର ଅଧିକାର ଓ ଅନ୍ୟମାନଙ୍କର ଅଧିକାର ବିଷୟରେ ସଚେତନତା

**ଆଦ୍ୟ-ଶୈଶବ ଶିକ୍ଷାର ଲକ୍ଷ୍ୟ ☞ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ଓ ବିଦ୍ୟାଳୟ ପ୍ରସ୍ତୁତି**

# ଆଦ୍ୟ-ଶୈଶବ ଶିକ୍ଷାର ଗୁରୁତ୍ୱ ଓ ଉପଯୋଗିତା

- ଆଦ୍ୟ-ଶୈଶବ ଅବସ୍ଥାରେ ଶିଶୁର ମାନସିକ ବିକାଶ ଅତି ଦ୍ରୁତଗତିରେ ହୁଏ। ଜୀବନକାଳର ଅନ୍ୟ ପର୍ଯ୍ୟାୟ ଅପେକ୍ଷା, ଏହି ସମୟରେ ଶିଶୁମାନଙ୍କୁ ଉପଯୁକ୍ତ ପରିବେଶ ଓ ପ୍ରୋତ୍ସାହନ ଯୋଗାଇଦେଲେ, ତାହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ପାଇଁ ଅଧିକ ଫଳପ୍ରଦ ହୁଏ।
- ଆଦ୍ୟ-ଶୈଶବ ଶିକ୍ଷା ଶିଶୁମାନଙ୍କୁ ବିଦ୍ୟାଳୟ ସ୍ତରର ଶିକ୍ଷା ପାଇଁ ପ୍ରସ୍ତୁତ କରେ ଓ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ।
- ଆଦ୍ୟ-ଶୈଶବ ଶିକ୍ଷା ପରବର୍ତ୍ତୀ ପର୍ଯ୍ୟାୟର ଶିକ୍ଷା ଓ ବ୍ୟକ୍ତିଗତ ସଫଳତାର ଭିତ୍ତିଭୂମି ଗଠନ କରେ।
- ଯେହେତୁ ଏ ପର୍ଯ୍ୟାୟରେ ଶିଶୁମାନଙ୍କର ସ୍ୱଭାବ ଓ ମାନସିକ ସ୍ଥିତି ଅତୀବ ନମନୀୟ, ତାଙ୍କୁ ଅତି ସହଜରେ ଭଲ ଅଭ୍ୟାସ ଓ ମୂଲ୍ୟବୋଧ ଶିଖାଇ ଦିଆଯାଇ ପାରେ ଓ ମନ୍ଦ ଅଭ୍ୟାସ ଦୂର କରାଯାଇ ପାରେ।
- ଶିଶୁମାନଙ୍କୁ ଆଦ୍ୟ-ଶୈଶବ କେନ୍ଦ୍ରରେ ନିରାପଦରେ ଛାଡ଼ି କର୍ମଜୀବି ମାଆମାନେ ନିଜର କାର୍ଯ୍ୟ କରିବା ପାଇଁ ସୁଯୋଗ ପାଆନ୍ତି ଓ ବଡ଼ ଭଉଣୀମାନେ ସେମାନଙ୍କର ସୁରକ୍ଷା ଦାୟିତ୍ୱରୁ ମୁକ୍ତ ହୋଇ ବିଦ୍ୟାଳୟକୁ ନିୟମିତ ଆସି ପାରନ୍ତି।
- ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟକୁ ସାଧନ କରିବାରେ ଓ ଶିଶୁ ଅଧିକାରକୁ ଉପଯୁକ୍ତ ସୁରକ୍ଷା ଦେବାରେ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ଶିଶୁ ମାନେ କିପରି ଶିଖନ୍ତି

- ସ୍ପର୍ଶ, ଗନ୍ଧ, ଦୃଶ୍ୟ, ଶ୍ରବଣ ଏବଂ ସ୍ୱାଦ ଆଦି ପାଞ୍ଚୋଟି ଇନ୍ଦ୍ରିୟ ସହାୟତାରେ
- ପ୍ରତ୍ୟକ୍ଷ ଅନୁଭୂତିରୁ
- ଶିଶୁମାନଙ୍କ ଓ ବୟସ୍କଙ୍କ ସହ କଥାବାର୍ତ୍ତା ମାଧ୍ୟମରେ
- ଅନ୍ୟ ଲୋକମାନଙ୍କୁ ଅନୁଧ୍ୟାନ କରି ଓ ସେମାନଙ୍କ ବ୍ୟବହାର ଓ କାର୍ଯ୍ୟ ଅନୁକରଣ କରି
- ନିଜର ଚତୁଃପାର୍ଶ୍ୱକୁ ଅନୁଧ୍ୟାନ କରି
- ପୁସ୍ତକରେ ଥିବା ଛବିକୁ ଦେଖି ଓ ପଢ଼ି
- ଶିକ୍ଷଣ ସାମଗ୍ରୀ ଏବଂ ଖେଳନା ସହ ଖେଳି

## ମାତୃଭାଷାର ବ୍ୟବହାର

- ଅଙ୍ଗନୱାଡି କେନ୍ଦ୍ରରେ ଶିଶୁର ମାତୃଭାଷା ବ୍ୟବହାର କରାଯିବ। କାରଣ ଶିଶୁର ଚିନ୍ତା, ଭାଷା, ଆବେଗ ଇତ୍ୟାଦି ପ୍ରଥମେ ମାତୃଭାଷାରେ ହିଁ ହୋଇଥାଏ।
- ମାତୃଭାଷା ଶିଖିବା ପରେ ଶିଶୁକୁ ଅନ୍ୟାନ୍ୟ ଭାଷା ଶିଖିବା ସହଜ ହୋଇଥାଏ।
- ମାତୃଭାଷାରେ ଶିଶୁ ତାର ମନର ଭାବକୁ ସହଜରେ ପ୍ରକାଶ କରିଥାଏ ଓ ଭାବର ଆଦାନ ପ୍ରଦାନ ମଧ୍ୟ କରିଥାଏ। ଆଦ୍ୟ ଶୈଶବ ସମୟରେ ପ୍ରାକ୍-ସଂଖ୍ୟା ଧାରଣା, ରଙ୍ଗ ଜ୍ଞାନ, ଆକାର ଜ୍ଞାନ, ପ୍ରାକ୍-ଗାଣିତିକ ଜ୍ଞାନ, ଆବୃତ୍ତି ଓ ପ୍ରତ୍ୟୟ ଧାରଣା ଇତ୍ୟାଦି ମାତୃଭାଷା ମାଧ୍ୟମରେ ହୋଇଥାଏ। ସେଥିପାଇଁ ଶିଶୁ ପରବର୍ତ୍ତୀ ସମୟରେ ମାତୃଭାଷା ବ୍ୟବହାର କରି ଅଧିକ ସଫଳତା ପାଇଥାଏ।

# ଅଭ୍ୟାସ ପୁସ୍ତିକା ବ୍ୟବହାର ନିମିତ୍ତ ନିର୍ଦ୍ଦେଶାବଳୀ

- ନୂଆ ଅରୁଣିମାକୁ ଆଧାରକରି ଅଭ୍ୟାସ ପୁସ୍ତିକା ଭାଗ-୧ (୩-୪ ବର୍ଷ ଶିଶୁଙ୍କ ପାଇଁ) ଓ ଅଭ୍ୟାସ ପୁସ୍ତିକା ଭାଗ-୨ (୪-୬ ବର୍ଷ ଶିଶୁଙ୍କ ପାଇଁ) ତିଆରି କରାଯାଇଛି ।
- ପ୍ରତ୍ୟେକ ପିଲାପାଇଁ ଉଦ୍ଦିଷ୍ଟ ଅଭ୍ୟାସ ପୁସ୍ତିକାରେ କର୍ମୀ ପିଲାଟିର ନାମ ଓ ଅନ୍ୟାନ୍ୟ ତଥ୍ୟଗୁଡିକ ପୂରଣ କରିବେ। ଅଭ୍ୟାସ ପୁସ୍ତିକାଗୁଡିକ କର୍ମୀ ପିଲାମାନଙ୍କୁ ଘରକୁ ନେବାପାଇଁ ଦେବେ ନାହିଁ। କେବଳ କେନ୍ଦ୍ରରେ ଅଭ୍ୟାସ କାର୍ଯ୍ୟ କରିବା ପାଇଁ ଦେବେ ଓ ସଂଗ୍ରହ କରି କର୍ମୀ ନିଜ ପାଖରେ ରଖିବେ ଏବଂ ଯେତେବେଳେ ଅଭ୍ୟାସକାର୍ଯ୍ୟ ହେବ, ସେତେବେଳେ ପିଲାମାନଙ୍କୁ ଦେବେ ।
- ଅଭ୍ୟାସ ପୁସ୍ତିକା ଭାଗ-୧ରେ ୫୫ ପୃଷ୍ଠା ଓ ଭାଗ-୨ରେ ୬୦ ପୃଷ୍ଠା ଅଛି । ମାସକୁ ହାରାହାରି ୫ ପୃଷ୍ଠା ଲେଖାଏଁ କଲେ ବାରମାସରେ ପୁସ୍ତିକାଟି ସରିଯିବ ।
- ପୃଷ୍ଠା ଗୁଡିକରେ ଲେଖାଯାଇଥିବା ନିର୍ଦ୍ଦେଶ କର୍ମୀଙ୍କ ପାଇଁ ଉଦ୍ଦିଷ୍ଟ । କର୍ମୀ ସେହି ନିର୍ଦ୍ଦେଶ ଅନୁସାରେ ପିଲାମାନଙ୍କୁ ଅଭ୍ୟାସ କାର୍ଯ୍ୟ କରିବାକୁ କହିବେ। ଯେଉଁଠି ଆବଶ୍ୟକ, ପିଲାମାନେ କେବଳ ପେନ୍‌ସିଲ୍ ବ୍ୟବହାର କରିବେ; କଲମ ବା ଡଟ୍ ପେନ୍ ବ୍ୟବହାର କରିବେ ନାହିଁ ।
- ପ୍ରତ୍ୟେକ ମାସରେ ଦିଆଯାଇଥିବା କାର୍ଯ୍ୟାବଳୀରେ ଅଭ୍ୟାସ ପୁସ୍ତିକାର କେଉଁ ପୃଷ୍ଠା କରିବେ ତାହା ଲେଖା ହୋଇଛି। ସେହି ଅନୁସାରେ ଅଭ୍ୟାସ ପୁସ୍ତିକା ପିଲାଙ୍କୁ ଦେବେ ।
- କେତେଗୁଡିଏ ଚିତ୍ରରେ ରଙ୍ଗ ଦେବା ଆବଶ୍ୟକ ପଡିବ। ଏଥିପାଇଁ ପିଲାମାନେ କ୍ରେୟନ୍ ବ୍ୟବହାର କରିବେ। କର୍ମୀ ପ୍ରତ୍ୟେକ ଦିନ କାର୍ଯ୍ୟାବଳୀ କରିବା ପୂର୍ବରୁ ନିର୍ଦ୍ଦେଶାବଳୀ ପଢ଼ିବେ ଏବଂ ନିଜକୁ ପ୍ରସ୍ତୁତ କରିବେ ।
- ଅଭ୍ୟାସ କାର୍ଯ୍ୟ ପାଇଁ ପିଲାମାନଙ୍କୁ ସ୍ପଷ୍ଟ ଭାବେ କହିବେ। ପ୍ରତ୍ୟେକ ପିଲାକୁ ପୃଷ୍ଠାର ପ୍ରଥମ କାର୍ଯ୍ୟଟି କରିବାପାଇଁ ସାହାଯ୍ୟ କରିବେ ।
- ପିଲାମାନେ ରଙ୍ଗ ଦେଇ ଦେଉ ଭୁଲ କଲେ, ତାଙ୍କୁ ଗାଳିଦେବେ ନାହିଁ, ବୁଝାଇବେ। ପିଲା ଯେଉଳି କରୁନା କାହିଁକି ତାକୁ ଖରାପ ନକହି ପ୍ରଶଂସା କରିବେ ଓ ଆଉ ଚେଷ୍ଟା କଲେ ସେ ଭଲ କରିପାରିବ, ଏକଥା କହିବେ । ଜଣେ ପିଲାର ଅଭ୍ୟାସ କାର୍ଯ୍ୟକୁ ଅନ୍ୟ ପିଲାର କାର୍ଯ୍ୟ ସହିତ ତୁଳନା କରିବେ ନାହିଁ ।
- ଅଭ୍ୟାସ ପୁସ୍ତିକାରେ ଦିଆଯାଇଥିବା କାର୍ଯ୍ୟକୁ ଦେଖି, କର୍ମୀ ସେହିପରି ଅନ୍ୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ପିଲାଙ୍କୁ ଦେଇ ପାରିବେ ।

# ପୂର୍ଣ୍ଣାଙ୍ଗ ଶିଶୁ ବିକାଶର ଭିନ୍ନ ଭିନ୍ନ ଦିଗ



# ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କର ସ୍ୱଭାବ

- ସେମାନେ ଆତ୍ମ-କୈନ୍ଦ୍ରିକ । ଅନ୍ୟମାନଙ୍କର ଦୃଷ୍ଟିକୋଣ ଦେଖିପାରନ୍ତି ନାହିଁ
- ସେମାନେ ଖେଳ ଓ କାର୍ଯ୍ୟକଳାପ ମାଧ୍ୟମରେ ଅଧିକ ଶିଖନ୍ତି
- ସେମାନେ କୌତୂହଳୀ । ନୂଆ ଜିନିଷ ଜାଣିବା ପାଇଁ ଅତ୍ୟନ୍ତ ଆଗ୍ରହୀ
- ପ୍ରଶଂସା ପାଇଲେ ଶିଖିବା ପାଇଁ ଅଧିକ ଆଗ୍ରହ ଦେଖାନ୍ତି
- ସେମାନଙ୍କର ଏକାଗ୍ରତା ଖୁବ୍ କମ୍ ସମୟ ପାଇଁ ରହେ
- ସେମାନେ ଗତିଶୀଳ ଓ କ୍ରିୟାତ୍ମକ । ଦୀର୍ଘ ସମୟ ନୀରବରେ ବସନ୍ତି ନାହିଁ
- ସେମାନେ ଗପ ଶୁଣିବା ଓ କହିବା ପାଇଁ ଭଲ ପାଆନ୍ତି
- ସେମାନେ ଅନୁକରଣ ପ୍ରିୟ
- ସେମାନେ ସୃଜନଶୀଳ
- ସେମାନେ ପରିବେଶକୁ ପରୀକ୍ଷା ନିରୀକ୍ଷା କରି ଶିଖନ୍ତି
- ସେମାନେ ଆଦର, ସ୍ନେହ ଓ ଯତ୍ନ ଆବଶ୍ୟକ କରନ୍ତି
- କୌଣସି ପ୍ରକାର ଦଣ୍ଡ ବା ସମାଲୋଚନାକୁ ଘୃଣା କରନ୍ତି
- ସେମାନଙ୍କର ଆବେଗ ତୀବ୍ର କିନ୍ତୁ କ୍ଷଣସ୍ଥାୟୀ
- ତାଙ୍କୁ ଭଲ ପାଉଥିବା ଲୋକମାନଙ୍କୁ ସେମାନେ ସହଜରେ ଜାଣିପାରନ୍ତି
- ସେମାନେ ପରସ୍ପର ମଧ୍ୟରେ ଖେଳିଲେ ଓ କଥାବାର୍ତ୍ତା କଲେ ଆନନ୍ଦିତ ହୁଅନ୍ତି
- ସେମାନେ ତାଙ୍କର ସ୍ୱାଧୀନତା ଓ ସ୍ୱତନ୍ତ୍ରତାକୁ ପସନ୍ଦ କରନ୍ତି
- ବୟସ୍କ ବ୍ୟକ୍ତିଙ୍କ ହସ୍ତକ୍ଷେପ ବା ପ୍ରତିରୋଧକୁ ଭଲ ପାଆନ୍ତି ନାହିଁ
- ସେମାନେ କୋମଳମତି, ତାଙ୍କୁ ସହଜରେ ଗଢି ହେବ

**ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ ବିକାଶ ପାଇଁ ସୁଯୋଗ ଦେଲେ, ଶିଶୁମାନଙ୍କର ବିକାଶ ଉନ୍ନତମାନର ହୁଏ**

# ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଶିକ୍ଷା : କ'ଣ କରିବେ ଓ କ'ଣ କରିବେ ନାହିଁ

## କ'ଣ କରିବେ

- ଶିଶୁକୁ ସ୍ନେହ ଓ ଆଦର କରିବେ
- ପ୍ରତ୍ୟେକ ପିଲାର ତାଙ୍କ ନାମ ଧରି ଡାକିବେ
- ଶିଶୁ ସାଙ୍ଗରେ ହସି ହସି କଥାବାର୍ତ୍ତା କରିବେ
- ପ୍ରତ୍ୟେକ ଶିଶୁକୁ ସମାନ ଭାବରେ ଦେଖିବେ
- ଶିଶୁକୁ ପ୍ରଶ୍ନ ପଚାରିବା ପାଇଁ ଓ ପୂର୍ଣ୍ଣ ବାକ୍ୟରେ କହିବା ପାଇଁ ଉତ୍ସାହିତ କରିବେ
- ପିଲାଙ୍କ କଥା ଓ ପ୍ରଶ୍ନକୁ ଗୁରୁତ୍ୱ ଦେଇ ଶୁଣିବେ
- ଶିଶୁକୁ ନିଜର କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବେ
- ପିଲାଙ୍କ କାର୍ଯ୍ୟକୁ ଧ୍ୟାନ ଦେବେ ଓ ପ୍ରଶଂସା କରିବେ
- କଠିନ କାର୍ଯ୍ୟ ନକରି ପାରିଲେ ତାଙ୍କୁ ସହଜ କାର୍ଯ୍ୟ ଦେବେ
- ଭୁଲ କଲେ ପିଲାଙ୍କୁ ଗାଳି ନ ଦେଇ ତାଙ୍କ ସହିତ ଆଲୋଚନା କରିବେ ଓ ଠିକ୍ ବ୍ୟବହାରର ନମୁନା ଦେଖାଇବେ
- ଶିଖିବା କାର୍ଯ୍ୟଟି ପିଲା ପାଇଁ ଆନନ୍ଦଦାୟକ କରିବେ
- କେବଳ ବୌଦ୍ଧିକ ବିକାଶ ଉପରେ ଧ୍ୟାନ ନଦେଇ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ଉପରେ ଗୁରୁତ୍ୱ ଦେବେ
- ଗୀତ, ଗପ, ନାଚ, ଖେଳ, ଅଭିନୟ ଓ କାର୍ଯ୍ୟ ମାଧ୍ୟମରେ ଶିଖାଇବେ
- ପରିବେଶ ଓ ଘଟଣାବଳୀକୁ ପରୀକ୍ଷା ନିରୀକ୍ଷା କରି ଶିଖିବା ପାଇଁ ପିଲାଙ୍କୁ ଯଥେଷ୍ଟ ସୁଯୋଗ ଦେବେ
- ଶିଶୁମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ଉତ୍ସାହିତ କରିବେ
- ସଦାବେଳେ କେନ୍ଦ୍ରର ଗୃହ ଭିତରେ ନରଖି, ବାହାରେ ଖେଳିବା ପାଇଁ ଯଥେଷ୍ଟ ସୁଯୋଗ ଦେବେ
- ଶିଶୁମାନଙ୍କୁ ଖେଳ ସାମଗ୍ରୀ ଓ ଉପକରଣ ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦେବେ
- ଘରେ ଓ କେନ୍ଦ୍ରରେ ଶିଶୁ-କୈନ୍ଦ୍ରିକ ବାତାବରଣ ସୃଷ୍ଟି କରିବେ
- ଶିଶୁର ସ୍ୱତନ୍ତ୍ରତା ଓ ସ୍ୱାଧୀନତାକୁ ସମ୍ମାନ ଦେବେ

## କ'ଣ କରିବେ ନାହିଁ

- କଦାପି ଶିଶୁକୁ ମାଡ଼ଗାଳି ବା କୌଣସି ଦଣ୍ଡ ଦେବେ ନାହିଁ
- ପିଲାଙ୍କୁ ବିଧିବଦ୍ଧଭାବରେ ପଢ଼ିବା ବା ଲେଖିବା କାର୍ଯ୍ୟରେ ଲଗାଇବେ ନାହିଁ
- ଶିଶୁ ମନରେ ଭୟ ସୃଷ୍ଟି କରିବେ ନାହିଁ
- ଶିଶୁକୁ ଅନ୍ୟ ସାଙ୍ଗରେ ତୁଳନା କରିବେ ନାହିଁ
- ପିଲାଙ୍କୁ ସମାଲୋଚନା ବା ବିଦ୍ରୁପ କରିବେ ନାହିଁ
- ପିଲାର ଉପସ୍ଥିତିରେ ତାର ଦୁର୍ବଳତା ବା ଭୁଲ୍ ଅନ୍ୟମାନଙ୍କ ସାଙ୍ଗରେ ଆଲୋଚନା କରିବେ ନାହିଁ
- ପିଲାଙ୍କୁ ଭୁଲ୍ ଉତ୍ତର ଦେଇ ଠକି ଦେବେ ନାହିଁ
- ପିଲାର ଶକ୍ତି ବାହାରେ ଥିବା କାର୍ଯ୍ୟ ପିଲା ଉପରେ ଲଦି ଦେବେ ନାହିଁ
- ପିଲାଙ୍କ ଆବେଗ ପ୍ରଖର କିନ୍ତୁ କ୍ଷଣସ୍ଥାୟୀ । ତେଣୁ ବିଚଳିତ କି ବିରକ୍ତ ହେବେ ନାହିଁ
- ଶିଶୁ ନିଜେ କରିପାରୁଥିବା କାର୍ଯ୍ୟ ତା ପାଇଁ କରିଦେବେ ନାହିଁ
- ଶିଶୁ ଭୁଲ କଥା କହି ଯାଉଥିଲେ ତାଙ୍କୁ ହଠାତ୍ ବାଧା ଦେବେ ନାହିଁ
- ଶିଶୁ କୌଣସି କାମ କରିବାକୁ ଇଚ୍ଛୁକ ନଥିଲେ ତାଙ୍କୁ ଜୋର ଜବରଦସ୍ତ କରିବେ ନାହିଁ
- ଶିଶୁକୁ ଏକାଥରକେ ବେଶୀ ଗୁଡ଼ାଏ କାମ ବା ଶିକ୍ଷା ଦେବେ ନାହିଁ
- ଶିଶୁମାନଙ୍କ ପ୍ରତି ବାଛ ବିଚାର ମନୋଭାବ ରଖିବେ ନାହିଁ
- ବାପା-ମାଆଙ୍କର ଅପୂରଣୀୟ ଆଶାକୁ ସେମାନଙ୍କ ମାଧ୍ୟମରେ ହାସଲ କରିବାକୁ ଚେଷ୍ଟା କରିବେ ନାହିଁ

**ଶିଶୁର ଅଧିକାର ☞ ବଞ୍ଚିବା, ସୁରକ୍ଷା, ଭାଗିଦାରିତା ଓ ବିକାଶ**

# ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମର ପ୍ରସଙ୍ଗ ଭିତ୍ତିକ ବିଷୟବସ୍ତୁ

ଶିଶୁମାନଙ୍କ ସହିତ କାର୍ଯ୍ୟକ୍ରମର ଯୋଜନା ଭିନ୍ନ ଭିନ୍ନ ବିଷୟବସ୍ତୁ ବା ପ୍ରସଙ୍ଗ ଉପରେ ଆଧାରିତ କରାଯାଇପାରେ । ଶିଶୁମାନଙ୍କର ଅନୁଭୂତିର ପରିସର ଓ ବୁଝିବାର ଦକ୍ଷତାକୁ ବିଚାରକୁ ନେଇ ଗୋଟିଏ ବିଷୟ ବା ବସ୍ତୁ ସମ୍ବନ୍ଧରେ ତାକୁ ସମ୍ପୂର୍ଣ୍ଣ ଧାରଣା ଦିଆଯାଇପାରେ ।

ଏହି ପୁସ୍ତିକାରେ ଦିଆଯାଇଥିବା କାର୍ଯ୍ୟକ୍ରମ ଶିଶୁର ନିକଟତମ ପରିବେଶରେ ଥିବା ବସ୍ତୁ, ପ୍ରାଣୀ ଓ ଘଟଣାବଳୀ ଉପରେ ଆଧାରିତ । କର୍ମୀ ମଧ୍ୟ ନିଜେ ଶିଶୁର ପରିବେଶରେ ଉପଲବ୍ଧ ବସ୍ତୁ, ବିଷୟ ଓ ପ୍ରସଙ୍ଗ ଉପରେ କାର୍ଯ୍ୟକ୍ରମ କରିପାରିବେ । ଏ କଥା କଲାବେଳେ କର୍ମୀ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବେ ।

- ବିଷୟବସ୍ତୁ ଗୁଡ଼ିକ ପିଲାର ନିକଟତମ ପରିବେଶରୁ ବାଛିବେ ।
- ପିଲା ନିଜକୁ ନିଜେ ଓ ନିଜର ପରିବାରକୁ ଜାଣିବା ଓ ଅନ୍ୟମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେବେ ।
- ଯେକୌଣସି କଥାବସ୍ତୁ / ବିଷୟବସ୍ତୁ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଧାରଣା ଦେବା ପାଇଁ ତାହାକୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ (ଯଥା - ଖେଳ, ଗପ, ଗୀତ, ନାଚ, ଛବି ପଠନ, କଣ୍ଢେଇ ଖେଳ ଇତ୍ୟାଦି) ମାଧ୍ୟମରେ ପ୍ରତିଫଳିତ କରିବେ ।
- ପିଲାମାନଙ୍କର ଆଗ୍ରହକୁ ବିଚାରକୁ ନେଇ ଯେ କୌଣସି ଗୋଟିଏ କଥାବସ୍ତୁ ବା ପ୍ରସଙ୍ଗକୁ ଗୋଟିଏ କିମ୍ବା ଦୁଇଟି ସପ୍ତାହ ପର୍ଯ୍ୟନ୍ତ ଚଳାଇ ପାରିବେ ।

ଉଦାହରଣ ସ୍ୱରୂପ ପିଲାକୁ ନିଜର ଶରୀର ବିଷୟରେ ଧାରଣା ଦେବାକୁ ହେଲେ, କର୍ମୀ ଶରୀର ବିଷୟରେ ମୁକ୍ତ ବାର୍ତ୍ତାଳାପ କରିବେ, ଶରୀର ସମ୍ପର୍କିତ ଗୀତ ଅଭିନୟ କରିବେ, ଚାର୍ଟ ଦେଖାଇ ଶରୀର ବିଷୟରେ କହିବେ, ଶରୀରର ଅଙ୍ଗ ମେଳକ କରିପାରିବେ, କଟା କାର୍ଡ଼ ବୋର୍ଡ଼ ଖଣ୍ଡ ଯୋଡ଼ି ମଣିଷ ତିଆରି କରିବେ, କଣ୍ଢେଇ ଖେଳ କରିବେ, ଛବି ପଠନ କରିବେ ଇତ୍ୟାଦି ଇତ୍ୟାଦି । ଅର୍ଥାତ୍ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମାଧ୍ୟମରେ ଗୋଟିଏ କଥାବସ୍ତୁ ବା ବିଷୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଧାରଣା ଦେବେ ।

ଏହି ପୁସ୍ତିକାରେ ୧ ୨ ମାସ ପାଇଁ ଦିଆଯାଇଥିବା କାର୍ଯ୍ୟକ୍ରମ ପ୍ରସଙ୍ଗ / କଥାବସ୍ତୁ ଭିତ୍ତିକ । ମୁଖ୍ୟତଃ ଏହି ପୁସ୍ତିକାରେ ନିମ୍ନୋକ୍ତ ବିଷୟ / ପ୍ରସଙ୍ଗ/ଘଟଣା ଉପସ୍ଥାପନା କରାଯାଇଛି ।

### ☞ ମୁଁ, ମୋର ପରିବାର ଓ ଗୋଷ୍ଠୀ

ମୁଁ ନିଜେ
ମୋର ଶରୀର ଓ ଅଙ୍ଗ ପ୍ରତ୍ୟଙ୍ଗ
ଗୋଷ୍ଠୀ, ପରିବାର ଓ ସମ୍ପର୍କ
ପର୍ବପର୍ବାଣୀ ଓ ଜାତୀୟ ଦିବସ
ଖାଦ୍ୟ, ବସ୍ତ୍ର ଓ ଗୃହ
ଭିନ୍ନ ଭିନ୍ନ ବୃତ୍ତି / ବେଉସା

### ☞ ନିକଟତମ ପରିବେଶ

ଗଛ, ଫୁଲ ଓ ଫଳ
ପନିପରିବା
ପଶୁ, ପକ୍ଷୀ ଓ କୀଟପତଙ୍ଗ
ଯାନବାହାନ
ଘରର ଆସବାବ ପତ୍ର

### ☞ ପ୍ରକୃତି / ଜଳବାୟୁ

ସୂର୍ଯ୍ୟ, ଚନ୍ଦ୍ର ଓ ତାରା
ମାଟି, ପାଣି ଓ ପବନ
ଆକାଶ ଓ ବାଦଲ
ଗ୍ରୀଷ୍ମ, ବର୍ଷା ଓ ଶୀତ ଋତୁ

### ☞ ସ୍ୱାସ୍ଥ୍ୟ ଓ ସୁରକ୍ଷା

ସୁଅଭ୍ୟାସ
ସ୍ୱାସ୍ଥ୍ୟ ଅଭ୍ୟାସ
ପରିଷ୍କାର ଓ ପରିଚ୍ଛନ୍ନତା
ରୋଗ
ନିରାପଦ ବାତାବରଣ

# ଅଙ୍ଗନୱାଡ଼ି କେନ୍ଦ୍ରରେ ଆଦ୍ୟ-ଶୈଶବ ଶିକ୍ଷା ନିମିତ୍ତ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମର ବିବରଣୀ

## ■ ଶାରୀରିକ ଓ ଅଙ୍ଗଚାଳନା ଦକ୍ଷତାର ବିକାଶ ପାଇଁ କାର୍ଯ୍ୟକ୍ରମ

- **ସ୍ଥୁଳ ମାଂସପେଶୀୟ ସଞ୍ଚାଳନ ଓ ବିକାଶ**

ଶରୀରର ବୃହତ ତଥା ସ୍ଥୁଳ ମାଂସପେଶୀ ଯଥା-ଗୋଡ଼, ହାତ, ଜଂଘ, ଅଣ୍ଟା, ମେରୁଦଣ୍ଡ ଓ ଶରୀରର ମଧ୍ୟଭାଗ ଇତ୍ୟାଦିର ସଂଚାଳନ, ସମନ୍ୱୟ ଓ ବିକାଶ ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ।

| | |
|---|---|
| • ଚାଲିବା | • କୁଦାମାରିବା |
| • ଦୌଡ଼ିବା | • ଗୋଇଠାମାରିବା |
| • ଡେଇଁବା | • ଦଉଡିଡିଆଁ |
| • ଧରିବା | • ଦୋଳି ଖେଳିବା |
| • ଫୋପାଡ଼ିବା | • ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବା |
| • ଚଢ଼ିବା | • ତାଳ ଅନୁସାରେ ନାଚିବା |

- **ସୂକ୍ଷ୍ମ ମାଂସପେଶୀୟ ସଞ୍ଚାଳନ ଓ ବିକାଶ**

ସୂକ୍ଷ୍ମ ମାଂସପେଶୀ ଯଥା ଆଙ୍ଗୁଠି ଓ କବୋଟିର ଗତି ଓ ନିୟନ୍ତ୍ରଣ ଏବଂ ଆଖି ଓ ହାତର ସମନ୍ୱୟ ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ ରହିଛି ।

| | |
|---|---|
| • କାଗଜ ଚିରିବା ଓ ଅଠାମାରିବା | • ଗାରେଇବା ଓ ଲେଖିବା |
| • କାଗଜକୁ ମୋଡି ଭିନ୍ନ ଭିନ୍ନ ଆକୃତି କରିବା | • ମାଟି ଚକଟି ଆକୃତି କରିବା |
| • ମାଳ ଗୁନ୍ଥିବା | • ବାଲି ଓ ପାଣିରେ ଖେଳିବା |
| • ସୂତାରେ କାମ କରିବା | • ଛୋଟ ଜିନିଷ ଗୋଟେଇବା |
| • ଡିଜାଇନ୍ ତିଆରି କରିବା | • ପାତ୍ରରୁ ପାତ୍ରକୁ ପାଣି ଢ଼ାଳିବା |
| • ନିଜ ପୋଷାକର ବୋତାମ ଲଗାଇବା | |

## ■ ବୌଦ୍ଧିକ/ ଜ୍ଞାନାତ୍ମକ ବିକାଶ ପାଇଁ କାର୍ଯ୍ୟକ୍ରମ

ଯେଉଁ ମାନସିକ ପ୍ରକ୍ରିୟା ଦ୍ୱାରା ଆମେ ବାହ୍ୟ ପରିବେଶରୁ ଜ୍ଞାନ ଆହରଣ କରୁ ସେଗୁଡ଼ିକ ବୌଦ୍ଧିକ/ଜ୍ଞାନାତ୍ମକ କାର୍ଯ୍ୟ । ଏହା ମଧ୍ୟରେ ଦର୍ଶନ, ଶ୍ରବଣ ଶିକ୍ଷଣ, ସ୍ମରଣ, ଚିନ୍ତନ, ସମସ୍ୟା ସମାଧାନ ଇତ୍ୟାଦି ବୌଦ୍ଧିକ କାର୍ଯ୍ୟ ଅନ୍ତର୍ଭୁକ୍ତ । ନିମ୍ନଲିଖିତ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନେ ତାଙ୍କର ବାହ୍ୟ ପରିବେଶ ସହିତ ପରିଚିତ ହୋଇପାରିବେ ଓ ବୁଝିପାରିବେ ।

- **ପଞ୍ଚେନ୍ଦ୍ରିୟର ବିକାଶ**
  ଭିନ୍ନ ଭିନ୍ନ ଛବି, ବସ୍ତୁ, ଅକ୍ଷର ଚିହ୍ନିବା ଓ ମେଳକ କରିବା; ଭିନ୍ନ ଭିନ୍ନ ଶବ୍ଦ ଓ ତାଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିବା; ବିଭିନ୍ନ ଜିନିଷକୁ ଛୁଇଁ କରି ଜାଣିବା; ଗନ୍ଧ ଓ ସ୍ୱାଦ ଚିହ୍ନିପାରିବା ଓ ଜାଣିପାରିବା; ଭିନ୍ନ ଭିନ୍ନ ଗନ୍ଧ ଓ ସ୍ୱାଦ ମଧ୍ୟରେ ପାର୍ଥକ୍ୟ ଜାଣିବା
- **ସ୍ମୃତି ଓ ପର୍ଯ୍ୟବେକ୍ଷଣ**
  ଛବି ଓ ବସ୍ତୁ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା; ହଜି ଯାଇଥିବା ଅଂଶ ବା ବସ୍ତୁକୁ ଜାଣିପାରିବା; ସ୍ମୃତି ଖେଳ; ଶବ୍ଦ ଖେଳ; ଗପ କହିବା; ଗୀତ ଆବୃତ୍ତି କରିବା
- **ବର୍ଗୀକରଣ**
  ଛବି, ଫଳ, ଫୁଲ ଓ ବସ୍ତୁ ମେଳକ କରିବା; ରଙ୍ଗ, ଆକାର ଓ ଆକୃତି ଅନୁସାରେ ବସ୍ତୁଗୁଡ଼ିକ ଅଲଗା ଅଲଗା କରିବା; ଗୋଟିଏ ବସ୍ତୁଠାରୁ ଅନ୍ୟଟି କିପରି ଅଲଗା ଜାଣିବା; କାର୍ଯ୍ୟ ଅନୁସାରେ ବସ୍ତୁଗୁଡ଼ିକୁ ଅଲଗା କରିବା
- **ଧାରାବାହିକ ଚିନ୍ତନ**
  ଫଳ, ଫୁଲ, ପତ୍ର ଇତ୍ୟାଦି ବ୍ୟବହାର କରି ନମୁନା ବା ଡିଜାଇନ୍ ତିଆରି କରିବା; ଗପକୁ ଧାରାବାହିକ ଭାବେ କହିବା; ନିର୍ଦ୍ଦେଶ ମନେରଖି କାର୍ଯ୍ୟ କରିବା; ଛବି କାର୍ଡ ଯୋଡି ଗପ କହିବା; ଦୈନନ୍ଦିନ କାର୍ଯ୍ୟ ଗୋଟିକ ପରେ ଗୋଟିଏ ମନେ ପକାଇବା
- **ସମସ୍ୟା ସମାଧାନ**
  ପଜଲ୍‌ସ୍ କରିବା; କାରଣ ଓ ଫଳାଫଳ ଜାଣିବା; ବସ୍ତୁଗୁଡ଼ିକ ମିଳେଇବା; ସରଳ ସମସ୍ୟା ସମାଧାନ କରିବା
- **ମୌଳିକ ପ୍ରତ୍ୟୟର ବିକାଶ**
  ରଙ୍ଗ, ଆକାର ଓ ଆକୃତି ପ୍ରତ୍ୟୟ; ରଙ୍ଗ କରିବା; ମୁକ୍ତ ବାର୍ତ୍ତାଳାପ; ଗଳ୍ପ କଥନ; ମୁକ୍ତ ଖେଳ; ଚିତ୍ର ଆଙ୍କିବା; କାଗଜ ଚିରିବା ଓ ଭାଙ୍ଗିବା; ରଙ୍ଗ ମିଶାଇ ନୂଆ ରଙ୍ଗ ସୃଷ୍ଟି କରିବା
- **ପ୍ରାକ୍-ଗାଣିତିକ ପ୍ରତ୍ୟୟ ଧାରଣା**
  ଅଭିନୟ ସଙ୍ଗୀତ; ଗଳ୍ପ କଥନ; ସଂଗଠିତ ବାର୍ତ୍ତାଳାପ; ମୁକ୍ତଖେଳ; ବର୍ଗୀକରଣ ଓ ବଳିକରଣ; ପ୍ରକୃତି ପର୍ଯ୍ୟବେକ୍ଷଣ; ସଂଖ୍ୟା ବ୍ଲକ୍ ସହିତ ଖେଳ; ୧-୧୦ ପର୍ଯ୍ୟନ୍ତ ଗଣିବା; ବାଲିଖେଳ; ଆକାର, ଆକୃତି, ଭାର, ଓଜନ, ଉଚ୍ଚତା, ପରିମାଣ ଓ ଦୂରତା ସମ୍ବନ୍ଧୀୟ ଜ୍ଞାନ; ନମ୍ବର ପଜଲ୍‌ସ୍; ସ୍ଥାନ, କାଳ ଓ ପାତ୍ର ଧାରଣା; ସମୟ ଓ ମାପ ସମ୍ବନ୍ଧୀୟ ଧାରଣା

- **ପରିବେଶଗତ ପ୍ରତ୍ୟୟ ସମ୍ବନ୍ଧୀୟ ଧାରଣା**

ପ୍ରକୃତି ପର୍ଯ୍ୟବେକ୍ଷଣ; ମୁକ୍ତ ଓ ସଂଗଠିତ ବାର୍ତ୍ତାଳାପ; ପଶୁ ପକ୍ଷୀ, କୀଟପତଙ୍ଗ, ଗଛପତ୍ର, ପନିପରିବା ଓ ଫଳ ଚାର୍ଟ; ପାଣି ଓ ବାଲି ଖେଳ; ଗାଁ ହାଟରେ ଭ୍ରମଣ; ନିଜ ପରିବାର ଓ ଗୋଷ୍ଠୀ ସମ୍ବନ୍ଧୀୟ ଧାରଣା; ପର୍ବପର୍ବାଣୀ ପାଳନ; କନ୍ଦେଇ ଖେଳ; ଛବି କାର୍ଡ

## ■ ଭାଷା ବିକାଶ ପାଇଁ କାର୍ଯ୍ୟକ୍ରମ

ନିମ୍ନଲିଖିତ କାର୍ଯ୍ୟକ୍ରମ ମାଧ୍ୟମରେ ଭାଷାର ବିକାଶ ହୋଇପାରିବ ।

- **ଶ୍ରବଣ ଦକ୍ଷତା**

ଗଳ୍ପକଥନ; ମୁକ୍ତ ଓ ସଂଗଠିତ ବାର୍ତ୍ତାଳାପ; ଗୀତ ଓ ଅଭିନୟ ସଙ୍ଗୀତ; ଶବ୍ଦ ଚିହ୍ନଟ ଓ ପ୍ରକାର ଭେଦ; ଅଭିନୟ

- **କଥନ ଦକ୍ଷତା**

ଗଳ୍ପକଥନ; ମୁକ୍ତ ବାର୍ତ୍ତାଳାପ; ଅଭିନୟ; କନ୍ଦେଇ ଖେଳ; ଛବି ପଠନ; ପ୍ରହେଳିକା; ମୁକ୍ତ ଖେଳ; ପ୍ରକୃତି ପର୍ଯ୍ୟବେକ୍ଷଣ

- **ଶବ୍ଦ ବୋଧ**

ଛବି ପଠନ; ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ; ଗଳ୍ପ କଥନ; ଶରୀରର ଅଙ୍ଗର ନାମ କହିବା; ପରିବେଶର ଜିନିଷ ନାମ କହିବା

- **ପ୍ରାକ୍-ପଠନ**

କାର୍ଡ ଖେଳ; ଛବି ପଠନ; ଯୋଡି ଶବ୍ଦ; ବର୍ଣ୍ଣନା କରିବା; କାର୍ଡ ମେଳକ; ବର୍ଗୀକରଣ ଓ ସଜ୍ଜିକରଣ

- **ପ୍ରାକ୍-ଲିଖନ**

ଚିତ୍ରକରିବା; ରଙ୍ଗକରିବା; ଗାରେଇବା; ବିନ୍ଦୁ ଯୋଡିବା; ଡିଜାଇନ୍ ତିଆରି କରିବା; କାଗଜ ଚିରିବା ଓ ଅଠା ମାରିବା; କାଗଜ ଭାଙ୍ଗ କରିବା

## • ସାମାଜିକ-ଆବେଗିକ ବିକାଶ ପାଇଁ କାର୍ଯ୍ୟକ୍ରମ

ନିମ୍ନଲିଖିତ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଓ ଆବେଗିକ ବିକାଶ କରିହେବ ।

- ଅଙ୍ଗନୱାଡି କେନ୍ଦ୍ର ସହିତ ପରିଚିତି
- ପିଲା-ପିଲାଙ୍କ ମଧ୍ୟରେ ବାର୍ତ୍ତାଳାପ
- ମୁକ୍ତ ଖେଳ
- ଦଳଗତ ଖେଳ
- ଆତ୍ମ-ପ୍ରତ୍ୟୟ ଓ ଆତ୍ମ-ବିଶ୍ୱାସ
- ସୁଅଭ୍ୟାସର ବିକାଶ
- ଆବେଗର ପରିପ୍ରକାଶ ଓ ନିୟନ୍ତ୍ରଣ
- ଜନ୍ମଦିନ ପାଳନ
- ପର୍ବପର୍ବାଣୀ ପାଳନ
- ପିଲାମାନଙ୍କ ପାଇଁ ନାମ କାର୍ଡ
- ଶ୍ରେଣୀଗୃହ ସଜାଇବା
- ପ୍ରକୃତି ଭ୍ରମଣ
- ଶୌଚାଳୟ ବ୍ୟବହାର
- ଅଭିନୟ
- ଅଭିନୟ ସଙ୍ଗୀତ
- ଗଳ୍ପ କଥନ
- ଗୀତ ଗାଇବା
- କନ୍ଦେଇ ଖେଳ
- ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ
- ଚିତ୍ର ଅଙ୍କନ
- ଚିତ୍ର ଯୋଡି ଗପ କହିବା
- ଦର୍ପଣ ସମ୍ମୁଖରେ କାର୍ଯ୍ୟ
- ଭ୍ରମଣ

## • ସୃଜନଶୀଳତା ଓ ସୌନ୍ଦର୍ଯ୍ୟବୋଧ ବିକାଶ ପାଇଁ କାର୍ଯ୍ୟକ୍ରମ

- ଚିତ୍ରକରିବା
- ରଙ୍ଗଦେବା
- ମୂର୍ତ୍ତି ତିଆରି କରିବା
- କେନ୍ଦ୍ର ଗୃହ ସଜାଇବା
- କାଗଜ ଚିରିବା ଓ ଅଠା ଲଗାଇବା
- ଛାପିବା
- ଅଭିନୟ
- କାଗଜକାମ
- ମାଟି କାମ
- ପ୍ରହେଳିକା
- ଗପ ପୂର୍ଣ୍ଣକରିବା
- ଗୁଡି ଉଡ଼େଇବା
- ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟବେକ୍ଷଣ
- ପ୍ରଦର୍ଶନୀ

## • ଶିକ୍ଷଣ ଆଗ୍ରହ ଓ ଉତ୍ତମ ମନୋବୃତ୍ତି ବିକାଶ ପାଇଁ କାର୍ଯ୍ୟକ୍ରମ

- ଦଳଗତ ଆଲୋଚନା
- ଶିଶୁର ସ୍ୱତନ୍ତ୍ରତା ଓ ସ୍ୱଭାବକୁ ପ୍ରୋତ୍ସାହିତ କରୁଥିବା ଖେଳ, ନାଚ, ଗୀତ, ଗପ
- ଶିଶୁ ସମ୍ପର୍କ
- ଖେଳ, ନାଚ, ଗୀତ ମାଧ୍ୟମରେ ଶିକ୍ଷା

# ବୟସାନୁରୂପ ବିକାଶଗତ ସୂଚକ

| ମୁଖ୍ୟ ବିଭାଗ | ୩-୪ ବର୍ଷ | ୪-୫ ବର୍ଷ | ୫-୬ ବର୍ଷ |
|---|---|---|---|
| | ଶାରୀରିକ ଓ ଅଙ୍ଗଚାଳନାଗତ ଦକ୍ଷତା (ସ୍ଥୁଳ ମାଂସପେଶୀ ଚାଳନା) | | |
| ଚାଲିବା | • ସିଧାହୋଇ ଗୋଟିଏ ସରଳରେଖା ଉପରେ ଚାଲିପାରିବ ଓ ଚାଲିବାର ଗତିରେ ପରିବର୍ତ୍ତନ କରିପାରିବ । | • ସମନ୍ୱୟ ରକ୍ଷା ସହକାରେ ଆଗକୁ ଓ ପଛକୁ ଚାଲିପାରିବ ଓ ଅଧିକ ଦକ୍ଷତାର ସହିତ ଚାଲିବାର ବେଗକୁ ନିୟନ୍ତ୍ରଣ କରିପାରିବ | • ଉତ୍ତମ ସମନ୍ୱୟ ରକ୍ଷା ସରଳ ଓ ବକ୍ର ପଥରେ ତାଳ ଅନୁସାରେ ପାଦକୁ ପାଦ ମିଳାଇ ଚାଲିପାରିବ ଓ ସହଜରେ ଚାଲିବାର ବେଗକୁ ପରିବର୍ତ୍ତନ କରିପାରିବ । |
| ଦୌଡିବା | • ସିଧା ସଳଖ ଦୌଡି ପାରିବ ଓ ନିର୍ଦ୍ଦେଶ ମୁତାବକ ଅତି ସହଜରେ ନହେଲେ ବି ଦୌଡିବା ବନ୍ଦ କରିପାରିବ । | • ଦୌଡିବା ଗତି ପରିବର୍ତ୍ତନ କରିପାରିବ ଓ ଦୌଡିବା ସାଙ୍ଗେ ସାଙ୍ଗେ କୁଦା ମାରିବା, ଡେଇଁବା ଇତ୍ୟାଦି କାର୍ଯ୍ୟ କରିପାରିବ । | • ସିଧା ଓ ବଙ୍କା ରାସ୍ତାରେ ଦୌଡି ପାରିବ, ଦୌଡିବାର ଗତି ନିୟନ୍ତ୍ରଣ କରିପାରିବ ଓ ଛୋଟ ଦୌଡ ପ୍ରତିଯୋଗିତାରେ ଭାଗ ନେଇ ପାରିବ । |
| ଭାରସାମ୍ୟ ରକ୍ଷିବା | • ଖୁବ୍ କମ୍ ସମୟ ପାଇଁ ଗୋଟିଏ ଗୋଡ (ମୁଖ୍ୟ ଗୋଡ)ରେ ଭାରସାମ୍ୟ ରକ୍ଷିପାରିବ । | • ଅଧିକ ସମୟ ପାଇଁ ଗୋଟିଏ ଗୋଡ (ମୁଖ୍ୟ ଗୋଡ)ରେ ଭାରସାମ୍ୟ ରକ୍ଷିପାରିବ ଓ ଦୁଇ ଗୋଡରେ ଗୋଟିଏ ଅଣଓସାରିଆ ପଟା ଉପରେ ଚାଲିପାରିବ । | • ଅନେକ ସମୟ ଧରି ଗୋଟିଏ ଗୋଡରେ ଭାରସାମ୍ୟ ରକ୍ଷି ଠିଆ ହୋଇପାରିବ ଓ ଦୁଇ ଗୋଡରେ ଏକ ଉଚ୍ଚ ଉଠିଥିବା ଅଣଓସାରିଆ କାଠପଟା ଉପରେ ଚାଲିପାରିବ । |
| ଡେଇଁବା | • ଦୁଇ ଫୁଟ ଉଚ୍ଚ ସ୍ଥାନରୁ ଡେଇଁ ପାରିବ ଓ ଆଗକୁ ଅତି କମ୍ ଦୂରତାକୁ ଡେଇଁ ପାରିବ । | • ୨-୩ଫୁଟ ଉଚ୍ଚ ସ୍ଥାନରୁ ତଳକୁ ଡେଇଁ ପାରିବ ଓ ଆଗରେ ଥିବା ପ୍ରତିବନ୍ଧକ (ଟାୟାର, ଦଉଡି, ବାକ୍ସ) ଗୁଡିକ ଉପରେ ଡେଇଁ ପାରିବ । | • ୩-୪ ଫୁଟ ଉଚ୍ଚ ସ୍ଥାନରୁ ତଳକୁ ଡେଇଁ ପାରିବ ଓ ଅତି ସହଜରେ ପ୍ରତିବନ୍ଧକଗୁଡିକ ଉପରେ ଡେଇଁ ପାରିବ । |
| | • ଅଧିକ ସମନ୍ୱୟ ନଥାଇ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଗୋଟିଏ ଗୋଡରେ ଡେଇଁ ପାରିବ । | • ଦୁଇଗୋଡ ବ୍ୟବହାର କରି ଅଧିକ ସମୟ ଧରି ଡେଇଁ ପାରିବ ଓ ଖେପା ମାରିପାରିବ । | • ସହଜରେ କିଛି ଦୂର ଶୀଘ୍ର ଶୀଘ୍ର ଡେଇଁପାରିବ । |
| ଚଢିବା ଓ ଓହ୍ଲାଇବା | • ସାହାଯ୍ୟ ନେଇ ପ୍ରତ୍ୟେକ ସିଡିରେ ଉଭୟ ପାଦ ପକାଇ ସିଡି ଚଢି ପାରିବ ଓ ଓହ୍ଲାଇ ପାରିବ । | • ଗୋଟିଏ ସିଡିରେ ଗୋଟିଏ ପାଦ ପକାଇ ସିଡି ଉପରକୁ ଚଢି ପାରିବ ଓ ଓହ୍ଲାଇ ପାରିବ । | • ଆତ୍ମ-ବିଶ୍ୱାସର ସହିତ ସିଡି ଶୀଘ୍ର ଶୀଘ୍ର ଚଢିପାରିବ ଓ ଓହ୍ଲାଇ ପାରିବ । |
| ଦୋଳିରେ ଝୁଲିବା | • ବୟସ୍କ ବ୍ୟକ୍ତିଙ୍କ ସହାୟତାରେ ବସିବା ଅବସ୍ଥାରେ ଦୋଳିରେ ଝୁଲି ପାରିବ । | • ବିନା ସାହାଯ୍ୟରେ ବସିବା ଅବସ୍ଥାରେ ଓ ସାହାଯ୍ୟର ସହିତ ଠିଆ ହେବା ଅବସ୍ଥାରେ ଦୋଳିରେ ଝୁଲି ପାରିବ । | • ବିନା ସାହାଯ୍ୟରେ ଠିଆ ହୋଇ ଦୋଳିରେ ଝୁଲି ପାରିବ । |
| ଫୋପାଡିବା | • ନିର୍ଦ୍ଦେଶ ଅନୁସାରେ ଗୋଟିଏ ନିର୍ଦ୍ଦିଷ୍ଟ ଦିଗକୁ ବଲ୍ ଫୋପାଡି ପାରିବ । | • ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳକୁ ବଲ୍ ଫୋପାଡି ପାରିବ । | • ଠିକ୍ ଭାବେ ୬-୭ ଫୁଟ ଦୂର ଲକ୍ଷ୍ୟସ୍ଥଳକୁ ବଲ୍ ଫୋପାଡି ପାରିବ ଓ ବ୍ୟାଟ-ବଲ୍ ଖେଳି ପାରିବ । |
| ତାଳି ମାରିବା | • ନିର୍ଦ୍ଦିଷ୍ଟ ତାଳ ସହିତ ତାଳ ମିଳାଇ ତାଳି ମାରିପାରିବ । | • ତାଳ ଅନୁସାରେ ତାଳି ମାରିବା ସଙ୍ଗେ ସଙ୍ଗେ ଡେଇଁବା, ଝୁଲିବା ପରି ଅଙ୍ଗଚାଳନା କରିପାରିବ । | • ଗୋଟିଏ ଅଭିନୟ ସଙ୍ଗୀତର ତାଳେ ତାଳେ ନାଚ / ଅଭିନୟ କରିପାରିବ । |

| ମୁଖ୍ୟ ବିଭାଗ | ୩-୪ ବର୍ଷ | ୪-୫ ବର୍ଷ | ୫-୬ ବର୍ଷ |
| --- | --- | --- | --- |
| **ଶାରୀରିକ ଓ ଅଙ୍ଗଚାଳନାଗତ ଦକ୍ଷତା (ସୂକ୍ଷ୍ମ ମାଂସପେଶୀ ଚାଳନା)** | | | |
| ଗୁନ୍ଥିବା | • ଟାଣ ତାର ବା ସୂତାକୁ ବଡ଼ କଣା ଭିତରେ ଗଳାଇ ପାରିବ। | • ଟାଣ ତାର ବା ସୂତାକୁ ଛୋଟ କଣା ଭିତରେ ଗଳାଇ ପାରିବ। | • ଟାଣ ତାର ବା ସୂତାକୁ ଜଟିଳ କ୍ରମ ବା ଢଙ୍ଗରେ ଦିଆଯାଇଥିବା କଣା ଭିତରେ ଗଳାଇ ନମୁନା ତିଆରି କରିପାରିବ। |
| ଚିତ୍ର କରିବା / ରଙ୍ଗ ଦେବା | • ଆନନ୍ଦରେ ଗାରେଇ ପାରିବ, ରେଖା ଟାଣି ପାରିବ, ବୃତ୍ତଟିଏ ନକଲ କରିପାରିବ ଓ ରଙ୍ଗ ଦେଇ ପାରିବ। | • ବିନ୍ଦୁ ଯୋଡ଼ି ଚିତ୍ର କରିପାରିବ, ଅର୍ଥପୂର୍ଣ୍ଣ ଚିତ୍ର ଆଙ୍କି ପାରିବ ଓ ଚିତ୍ରରେ ସୁନ୍ଦରଭାବେ ରଙ୍ଗ ଦେଇପାରିବ। | • ଅନେକ ଅର୍ଥପୂର୍ଣ୍ଣ ଚିତ୍ର ଓ ଆକାର କରିପାରିବ ଓ ସୁନ୍ଦର ଭାବେ ରଙ୍ଗ ଦେଇପାରିବ। |
| ଚିରିବା ଓ କାଟିବା | • ଅନିୟମିତ ଭାବରେ କାଗଜ ଭାଙ୍ଗ କରିପାରିବ, ଚିରିପାରିବ ଓ ଅତି ପରିଷ୍କାର ଭାବରେ ନହେଲେ ବି ବଡ଼ ଚିତ୍ରରେ ଅଠା ଲଗାଇ ମାରିପାରିବ। | • ବର୍ଗକ୍ଷେତ୍ର, ଆୟତକ୍ଷେତ୍ର ଓ ତ୍ରିଭୁଜାକାର କ୍ଷେତ୍ର ଆଦି ସରଳ ଆକାରଗୁଡ଼ିକ କାଗଜକୁ ସିଧା କାଟିପାରିବ। | • କାଗଜକୁ ଛୋଟ ଛୋଟ କରି ଓ ଭିନ୍ନ ଭିନ୍ନ ଆକୃତି ଅନୁସାରେ ଚିରିପାରିବ / କାଟି ପାରିବ ଓ ସୁନ୍ଦରଭାବେ ଛୋଟ ଛୋଟ ଚିତ୍ର ମଧ୍ୟରେ ଲଗାଇ ପାରିବ। |
| କାଗଜ ଭାଙ୍ଗିବା | • ବଡ଼ମାନଙ୍କର ସାହାଯ୍ୟ ନେଇ ହାତ ପାପୁଲି ଓ ଆଙ୍ଗୁଠି ସାହାଯ୍ୟରେ ବର୍ଗକ୍ଷେତ୍ର / ଆୟତକ୍ଷେତ୍ର ଆକାରରେ କାଗଜ ଭାଙ୍ଗି ପାରିବ। | • ବଡ଼ମାନଙ୍କର ସାହାଯ୍ୟରେ ଅଧିକ ଜଟିଳ ଆକାରରେ କାଗଜ ଭାଙ୍ଗି ପାରିବ। | • କାଗଜକୁ ଅଧିକ ଜଟିଳ ଆକାର ଅନୁସାରେ ଉତ୍ତମରୂପେ ଭାଙ୍ଗି ପାରିବ। |
| ଓଦା ମାଟି କାମ | • ମାଟିକୁ ଦଳିବ, ଚକଟିବ, ଟାଣି କରି ଅଲଗା କରିବ ଓ ପୁଣି ଥରେ ଏକାଠି ମିଶାଇ ପିଣ୍ଡୁଳା କରିପାରିବ। | • ଚକଟାମାଟିରେ ବିଭିନ୍ନ ପ୍ରକାରର ସରଳ ଆକୃତି କରିପାରିବ ଓ ରଙ୍ଗ, ଫୁଲ, ପତ୍ର, ପାଖୁଡ଼ା ଦେଇ ସଜାଇ ପାରିବ। | • ଚକଟା ମାଟିରୁ ଅନେକ ଅର୍ଥପୂର୍ଣ୍ଣ ଓ ଜଟିଳ ଆକାର ଓ ବସ୍ତୁ ପ୍ରସ୍ତୁତ କରିପାରିବ। |
| **ଭାଷାଗତ ଦକ୍ଷତା** | | | |
| ଶୁଣିକରି ବୁଝିବା | • ଏକା ଥରକେ ଗୋଟିଏ ସରଳ ସୂଚନାକୁ ଅନୁସରଣ କରିପାରିବ। | • ଏକାଥରକେ ୨ଟିରୁ ୩ଟି ସରଳ ସୂଚନା ଅନୁସରଣ କରିପାରିବ। | • ଏକା ଥରକେ ତିନୋଟି ବା ତତୋଧିକ ସୂଚନା ଅନୁସରଣ କରିପାରିବ। |
| ଗପ କହିବା | • ଗୋଟିଏ ଛୋଟ ଓ ସରଳଗପର ମୁଖ୍ୟ ଅଂଶଗୁଡ଼ିକ କହିପାରିବ। | • ସଙ୍ଗତି ସହ ଗପଟି ଧାରାବାହିକ ଭାବେ କହିପାରିବ। | • ଠିକିଠିକି ଓ ଧାରାବାହିକ ଭାବେ ସଙ୍ଗତି ସହ ଗୋଟିଏ ଗପ କହିପାରିବ। |
| ଶବ୍ଦ ଭଣ୍ଡାର | • ଶରୀରର ମୁଖ୍ୟ ଅଙ୍ଗଗୁଡ଼ିକ ଓ ଗୃହ ଓ ପରିବେଶରେ ଥିବା ସାଧାରଣ ଜିନିଷଗୁଡ଼ିକ ଚିହ୍ନି ପାରିବ ଓ ନାମ କହିପାରିବ। | • ଶରୀରର ଅଧିକାଂଶ ଅଙ୍ଗ ଓ ଗୃହ ଓ ପରିବେଶରେ ଥିବା ଅନେକ ଜିନିଷର ନାମ କହିପାରିବ। | • ଶରୀରର ଅଧିକାଂଶ ଅଙ୍ଗ ଓ ଗୃହ ଏବଂ ପରିବେଶରେ ଥିବା ଅନେକ ପ୍ରାଣୀ / ଜିନିଷର ନାମ, ବ୍ୟବହାର କହିପାରିବ। |
| ଭାବ ପ୍ରକାଶ କରିବା | • ନିଜର ଭାବନାକୁ ଶବ୍ଦ, ଖଣ୍ଡବାକ୍ୟ ଓ ସରଳ ବାକ୍ୟରେ ପ୍ରକାଶ କରିପାରିବ। | • କୌଣସି ଭାବଧାରା / ଅନୁଭୂତିକୁ ପୂର୍ଣ୍ଣ ବାକ୍ୟରେ ପ୍ରକାଶ କରିପାରିବ। | • ଭାବଧାରାକୁ ଜଟିଳ ବାକ୍ୟରେ ଅର୍ଥପୂର୍ଣ୍ଣ ଭାବେ ପ୍ରକାଶ କରିପାରିବ ଓ ଦଳଗତ ଆଲୋଚନାରେ ଅଂଶ ଗ୍ରହଣ କରିପାରିବ। |
| | • ଗୋଟିଏ ଛୋଟ ଓ ସରଳ ଶିଶୁଗୀତ / ଅଭିନୟ ସଙ୍ଗୀତକୁ ଅଳ୍ପ କିଛି ଅଭିନୟ ମାଧ୍ୟମରେ ବୋଲି ପାରିବ। | • ଗୋଟିଏ ଛୋଟ ଓ ସରଳ ଶିଶୁଗୀତ / ଅଭିନୟ ସଙ୍ଗୀତକୁ ନାଟକୀୟ ଢଙ୍ଗରେ ବୋଲି ପାରିବ। | • ଗୋଟିଏ ସରଳ ଓ ଅପେକ୍ଷାକୃତ ଦୀର୍ଘ ଶିଶୁଗୀତ / ଅଭିନୟ ସଙ୍ଗୀତକୁ ଠିକ୍ ନାଟକୀୟ ଢଙ୍ଗରେ ବୋଲି ପାରିବ। |

| ମୁଖ୍ୟ ବିଭାଗ | ୩-୪ ବର୍ଷ | ୪-୫ ବର୍ଷ | ୫-୬ ବର୍ଷ |
|---|---|---|---|
| ପଠନ ପ୍ରସ୍ତୁତି | • ପରିଚିତ ଛବିରେ ଥିବା ବସ୍ତୁକୁ ଚିହ୍ନି ପାରିବ ଓ ତାର ନାମ କହିପାରିବ ।<br>• ଏକା ପ୍ରକାର ଛବିଗୁଡ଼ିକ ମେଳ କରିପାରିବ । | • ଛବିରେ ଥିବା ବସ୍ତୁ ଓ ଚରିତ୍ରକୁ କ୍ଷୁଦ୍ର ବାକ୍ୟରେ ବର୍ଣ୍ଣନା କରିପାରିବ ।<br>• ଭିନ୍ନ ଭିନ୍ନ ଛବି ଓ ଆକାର ଗୁଡ଼ିକ ମେଳ କରିପାରିବ ଓ ଛବିରେ ଥିବା ନିର୍ଦ୍ଦିଷ୍ଟ ଆକାର ବାଛିପାରିବ । | • ଛବିଟି ଦେଖି ବିଷୟବସ୍ତୁକୁ ଜାଣିପାରିବ ଓ ଏକ କାଳ୍ପନିକ ଗପ ତିଆରି କରିପାରିବ ।<br>• ନିଜ ନାମର ଲିଖନ ରୂପ ଚିହ୍ନିପାରିବ ଓ ଛବି ସହ ଶବ୍ଦର ଲିଖନରୂପ ମେଳ କରିପାରିବ । |
| ଲିଖନ ପ୍ରସ୍ତୁତି | • ପରିବେଶରେ ଥିବା ସାଧାରଣ ଧ୍ୱନି ଓ ବସ୍ତୁ ମଧ୍ୟରେ ପ୍ରଭେଦ ଜାଣି ପାରିବ ।<br>• ମୁକ୍ତ ଭାବରେ ଗାରେଇ ପାରିବ ଓ କେତେଗୁଡ଼ିଏ ବିନ୍ଦୁ ଯୋଡ଼ି ପାରିବ । | • ଧ୍ୱନି କେଉଁଠୁ ଆସୁଛି ଓ ଧ୍ୱନିରୁ ପରିଚିତ ବସ୍ତୁକୁ ଜାଣିପାରିବ ।<br>• ଭିନ୍ନ ଭିନ୍ନ ନମୁନା ଓ ଆକାର ଢାଞ୍ଚାରେ ଦିଆଯାଇଥିବା ବିନ୍ଦୁଗୁଡ଼ିକୁ ଧାରାବାହିକ ଭାବେ ଯୋଡ଼ି ପାରିବ । | • ଧ୍ୱନିରୁ ଜୀବଜନ୍ତୁ, ପଶୁପକ୍ଷୀ ଓ ବସ୍ତୁଗୁଡ଼ିକୁ ଜାଣିପାରିବ ଓ ଲୋକମାନଙ୍କ କଣ୍ଠସ୍ୱରରୁ ଲୋକମାନଙ୍କୁ ଜାଣିପାରିବ ।<br>• ବିନ୍ଦୁ ଯୋଡ଼ି ଭିନ୍ନ ଭିନ୍ନ ଆକାର, ନମୁନା, ପଶୁପକ୍ଷୀ, ପ୍ରାଣୀ ଓ ବସ୍ତୁ ଦର୍ଶାଇ ପାରିବ । |
| **ସାମାଜିକ-ଆବେଗିକ ଦକ୍ଷତା** | | | |
| ସମ୍ବେଦନଶୀଳତା | • ନିଜସ୍ୱ ଦୃଷ୍ଟିକୋଣରୁ ଘଟଣାବଳୀ ବିଚାର କରିବ । | • ଧୀରେ ଧୀରେ ଅନ୍ୟମାନଙ୍କର ନିର୍ଦ୍ଦେଶ ଓ ଦୃଷ୍ଟିକୋଣକୁ ବିଚାରକୁ ନେଇ କାର୍ଯ୍ୟ କରିପାରିବ । | • ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ଦେଖାଇ ପାରିବ । |
| ନିଜସ୍ୱ କାର୍ଯ୍ୟ | • ନିଜେ ନିଜେ ଖାଇ ପାରିବ ଓ ଅନ୍ୟମାନଙ୍କର ସହାୟତାରେ ଶୌଚାଳୟ ବ୍ୟବହାର କରିପାରିବ । | • ନିଜେ ଖାଇ ପାରିବ, ଅନ୍ୟମାନଙ୍କ ସାହାଯ୍ୟରେ ପୋଷାକ ପିନ୍ଧି ପାରିବ ଓ ଖୋଲି ପାରିବ ଓ ଶୌଚାଳୟ ବ୍ୟବହାର କରିପାରିବ । | • ନିଜର ଖାଇବା, ପିନ୍ଧିବା ଓ ଶୌଚ କାର୍ଯ୍ୟ ନିଜେ କରିପାରିବ ଓ ଅନ୍ୟମାନଙ୍କ ପ୍ରତି ଯତ୍ନଶୀଳ ମନୋଭାବ ଦେଖାଇ ପାରିବ । |
| ଆବେଗର ପରିପ୍ରକାଶ | • କେତେଗୁଡ଼ିଏ ମୁଖ୍ୟ ଆବେଗ ପ୍ରଦର୍ଶନ କରିପାରିବ । ତାର ଆବେଗ ପ୍ରଖର ଓ କ୍ଷଣସ୍ଥାୟୀ ହେବ । | • ପରିସ୍ଥିତିକୁ ଲକ୍ଷ୍ୟ କରି ତାର ଆବେଗ ପ୍ରଦର୍ଶନ କରିପାରିବ । | • ଭିନ୍ନ ଭିନ୍ନ ପ୍ରକାର ପରିସ୍ଥିତି ଅନୁସାରେ ଉପଯୁକ୍ତ ଆବେଗ ଦେଖାଇପାରିବ ଓ କିଛି ପରିମାଣରେ ଆବେଗକୁ ନିୟନ୍ତ୍ରଣ କରିପାରିବ । |
| ଖେଳ ଓ ପିଲା-ପିଲା ସମ୍ପର୍କ | • ଅନ୍ୟପିଲାମାନଙ୍କ ସାଙ୍ଗରେ ମିଶିବାକୁ ଭଲ ପାଇବ ଓ ଛୋଟ ଦଳରେ ମିଶି ଖେଳିପାରିବ । | • ଅନ୍ୟ ପିଲାମାନଙ୍କ ସଙ୍ଗେ ମିଶି ଓ ବଡ ବଡ ଦଳରେ ଖେଳିବାକୁ ଭଲ ପାଇବ । | • ଅନ୍ୟ ପିଲାମାନଙ୍କ ସାଙ୍ଗରେ ମିଶି ଖେଳ ଯୋଜନା କରିପାରିବ, ନିଜର ସାଙ୍ଗ ବାଛି ପାରିବ ଓ ନିଜର ପାଳି ପଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରିପାରିବ । |
| ସ୍ୱାଧୀନତା ଓ ସ୍ୱତନ୍ତ୍ରତା | • ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବ କିନ୍ତୁ ମୋଟାମୋଟି ଭାବେ ଅନ୍ୟମାନଙ୍କ ସାହାଯ୍ୟ ନେବ । | • ସ୍ୱାଧୀନଭାବେ କାର୍ଯ୍ୟ କରି ତାର ଦକ୍ଷତା ବିଷୟରେ ଧାରଣା ସୃଷ୍ଟି କରିପାରିବ ଓ ଅନ୍ୟମାନଙ୍କଠାରୁ କମ୍ ସାହାଯ୍ୟ ଆଶା କରିବ । | • ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବ ଓ ଅନ୍ୟମାନଙ୍କର ହସ୍ତକ୍ଷେପକୁ ପସନ୍ଦ କରିବ ନାହିଁ । |
| **ବୌଦ୍ଧିକ ଦକ୍ଷତା** | | | |
| ଲକ୍ଷ୍ୟ କରିବା ଓ ମନେ ରଖିବା | • ଏକ ସମୟରେ ଦେଖୁଥିବା ୩-୪ଟି ବସ୍ତୁ ମନେରଖି ପାରିବ ଏବଂ ହଜି ଯାଇଥିବା ବସ୍ତୁଟିକୁ ଜାଣିପାରିବ । | • ଏକ ସମୟରେ ଦେଖୁଥିବା ୪-୫ଟି ବସ୍ତୁ ମନେ ରଖି ପାରିବ ଓ ହଜି ଯାଇଥିବା ବସ୍ତୁକୁ ଜାଣି ପାରିବ । | • ଏକ ସମୟରେ ୫-୬ଟି ବସ୍ତୁକୁ ମନେରଖି କହିପାରିବ ଓ ହଜିଯାଇଥିବା ବସ୍ତୁକୁ ଜାଣିପାରିବ । |

| ମୁଖ୍ୟ ବିଭାଗ | ୩-୪ ବର୍ଷ | ୪-୫ ବର୍ଷ | ୫-୬ ବର୍ଷ |
|---|---|---|---|
| ବର୍ଗୀକରଣ | • ଗୋଟିଏ ଧାରଣା (ରଙ୍ଗ ବା ଆକାର) ଅନୁସାରେ ବସ୍ତୁଗୁଡ଼ିକ ମେଳ କରିପାରିବ ଓ ଅଲଗା ଅଲଗା କରିପାରିବ। | • ଗୋଟିଏ ଓ କେବେ କେବେ ଦୁଇଟି ଧାରଣା (ରଙ୍ଗ, ଆକାର ବା ଉଚ୍ଚତା) ଅନୁସାରେ ବସ୍ତୁଗୁଡ଼ିକୁ ମେଳ କରିପାରିବ ଓ ଅଲଗା ଅଲଗା କରିପାରିବ, ଛୋଟରୁ ବଡ କ୍ରମରେ ସଜାଇ ପାରିବ। | • ଅନ୍ତତଃ ଦୁଇଟି ଧାରଣା (ରଙ୍ଗ ଓ ଆକାର) ଅନୁସାରେ ବସ୍ତୁଗୁଡ଼ିକ ମେଳ କରିପାରିବ ଓ ଅଲଗା ଅଲଗା କରିପାରିବ; ଛୋଟରୁ ବଡ ବା ବଡରୁ ଛୋଟକ୍ରମରେ ସଜାଇ ପାରିବ। |
| ଧାରାବାହିକ ଚିନ୍ତନ | • ୩/୪ଟି ବସ୍ତୁ ଥିବା ନମୁନାକୁ ପୁନର୍ବାର ତିଆରି କରିପାରିବ। | • ଧାରାବାହିକ ଭାବେ ବସ୍ତୁ, ଛବି, ଗପ ଓ ଘଟଣାକୁ ମନେରଖି କହିପାରିବ। | • ଧାରାବାହିକ ଭାବେ ଆଗକୁ ଚିନ୍ତା କରିପାରିବ ଓ ପଛକୁ ପଛ ଘଟଣାଗୁଡ଼ିକ ମନେ ପକାଇ କହି ପାରିବ। |
| ସମସ୍ୟା ସମାଧାନ | • ସମଗ୍ର ବସ୍ତୁ ଓ ତାର ଅଂଶ ମଧ୍ୟରେ ସମ୍ପର୍କ ଜାଣିପାରିବ ଓ ସରଳ ସମସ୍ୟା ସମାଧାନ କରିପାରିବ। | • ସମଗ୍ର ବସ୍ତୁ ଓ ତାର ଅଂଶ ମଧ୍ୟରେ ସମ୍ପର୍କ ଜାଣି ପାରିବ ଓ ଜଟିଳତର ସମସ୍ୟା ସମାଧାନର ବାଟ ବାହାର କରିପାରିବ। | • ସମସ୍ୟାଟିକୁ ବୁଝି ପାରିବ ଓ ବ୍ୟାଖ୍ୟା କରିପାରିବ ଏବଂ ସମସ୍ୟା ସମାଧାନର ଭିନ୍ନ ଭିନ୍ନ ବାଟ ଖୋଜି ବାହାର କରିପାରିବ। |
| ପ୍ରାକ୍-ଗାଣିତିକ ପ୍ରତ୍ୟୟ ଧାରଣା | • ବଡ-ସାନ, ଅଧିକ-କମ୍ ଇତ୍ୟାଦି ମୌଳିକ ପ୍ରତ୍ୟୟ ଅନୁସାରେ ବସ୍ତୁମାନଙ୍କ ମଧ୍ୟରେ ପ୍ରଭେଦ ଜାଣି ପାରିବ। | • ଆକାର, ଉଚ୍ଚତା ଓ ପରିମାଣ ଅନୁସାରେ ୩ରୁ ୪ଟି ସ୍ତରରେ କ୍ରମାନୁସାରେ ବସ୍ତୁଗୁଡ଼ିକ ସଜାଇ ପାରିବ। | • ଆକାର, ଉଚ୍ଚତା ଓ ପରିବେଶ ଅନୁସାରେ ୪-୫ଟି ସ୍ତରରେ କ୍ରମାନୁସାରେ ବସ୍ତୁଗୁଡ଼ିକ ସଜାଇ ପାରିବ। |
| | • ୧ରୁ ୫ ପର୍ଯ୍ୟନ୍ତ ସଂଖ୍ୟାର ଲିଖନ ରୂପକୁ ଅନୁରୂପ ସଂଖ୍ୟାକ ବସ୍ତୁ/ ଚିତ୍ର ସହିତ ମେଳ କରିପାରିବ। | • ୫ ପର୍ଯ୍ୟନ୍ତ ସଂଖ୍ୟା ଗଣି ପାରିବ ଓ ସଂଖ୍ୟା ସଙ୍କେତ ଚିହ୍ନି ପାରିବ। | • ୧୦ ପର୍ଯ୍ୟନ୍ତ ସଂଖ୍ୟା ଗଣିପାରିବ ଓ ସଂଖ୍ୟା ସଂକେତ ଚିହ୍ନି ପାରିବ। |
| ପରିବେଶଗତ ପ୍ରତ୍ୟୟର ଧାରଣା | • ପରିବେଶ ସମ୍ପର୍କରେ ଓ ଆବଶ୍ୟକସ୍ଥଳେ ସ୍ଥାନ ଓ ସମୟ ବିଷୟରେ ମୌଳିକ ଧାରଣା ଦେଖାଇ ପାରିବ। | • ସ୍ଥାନ, ସମୟ ଓ ପରିବେଶ ସମ୍ପର୍କିତ ତଥ୍ୟକୁ ବୁଝି ପାରିବ। | • ସ୍ଥାନ, ସମୟ ଓ ପରିବେଶ ସମ୍ପର୍କିତ ତଥ୍ୟକୁ ଭଲ ଭାବରେ ବୁଝି ପାରିବ ଓ ଏହାକୁ ବ୍ୟବହାର କରି ଭାବ ପ୍ରକାଶ କରିପାରିବ। |
| **ସୃଜନଶୀଳତା ଓ ସୌନ୍ଦର୍ଯ୍ୟବୋଧ** | | | |
| ସୃଜନଶୀଳ ଚିନ୍ତନ | • ଗୋଟିଏ ପ୍ରଶ୍ନର ଉତ୍ତର ୧-୨ ଧାଡ଼ିରେ ଦେଇପାରିବ। | • ଭାବି କରି / କଳ୍ପନା କରି ଗୋଟିଏ ପ୍ରଶ୍ନର ଉତ୍ତର ୨-୪ ଧାଡ଼ିରେ ଦେଇ ପାରିବ। | • ଭାବି କରି / କଳ୍ପନା କରି ପ୍ରଶ୍ନର ଉତ୍ତର ଅଧିକ ବିସ୍ତୃତ ଭାବରେ ଦେଇ ପାରିବ ଓ ଏକରୁ ଅଧିକ ଢଙ୍ଗରେ ଗୋଟିଏ ସମସ୍ୟା ସମାଧାନ କରିପାରିବ। |
| ସୃଜନଶୀଳ ଅଙ୍କନ | • ଖୁସିରେ ଓ ମୁକ୍ତ ଭାବରେ ଗାରେଇ ପାରିବ ଓ ବୃତ୍ତ ଟାଣି ପାରିବ। | • କ୍ରେୟନ ସାହାଯ୍ୟରେ ଅର୍ଥପୂର୍ଣ୍ଣ / ବୁଝିହେଉଥିବା ଭଳି ଚିତ୍ର ଆଙ୍କି ପାରିବ। | • ଭିନ୍ନ ଭିନ୍ନ ପ୍ରକାରର ଅର୍ଥପୂର୍ଣ୍ଣ ଚିତ୍ର ଓ ଆକାର ଅଙ୍କନ କରିପାରିବ। |
| ସୌନ୍ଦର୍ଯ୍ୟବୋଧ | • ପ୍ରାକୃତିକ ପରିବେଶକୁ ଭଲ ପାଇବ ଓ ଗଛ, ଫଳ, ଫୁଲ, ପ୍ରଜାପତି ଇତ୍ୟାଦିକୁ ଦେଖି ଖୁସି ହେବ। | • ପ୍ରାକୃତିକ ପରିବେଶରେ ବୁଲିବାକୁ ଭଲ ପାଇବ ଓ ଗଛ, ଫଳ, ଫୁଲ, ପ୍ରଜାପତି ଇତ୍ୟାଦିକୁ ଦେଖି ଖୁସି ହେବ। | • ପ୍ରାକୃତି ପରିବେଶରେ ବୁଲିବାକୁ ଭଲ ପାଇବ, ଆନନ୍ଦିତ ହେବ ଓ ଭିନ୍ନ ଭିନ୍ନ ଫଳ, ଫୁଲ ଓ ପତ୍ର ସଂଗ୍ରହ କରିବ। |
| **ଶିକ୍ଷଣ ମନୋବୃତ୍ତି** | | | |
| ଶିକ୍ଷଣ ପାଇଁ ମନୋବୃତ୍ତି | • ନିଜର ପରିବେଶକୁ ଖେଳ ମାଧ୍ୟମରେ ଜାଣିବା ପାଇଁ ଆଗ୍ରହ ଦେଖାଇବ ଓ ନୂଆ ଜିନିଷ ଦେଖିଲେ ଖୁସି ହେବ। | • ପରିବେଶକୁ ଖେଳ ମାଧ୍ୟମରେ ଓ ପରୀକ୍ଷା ନିରୀକ୍ଷାକରି ଜାଣିବାକୁ ଚାହିଁବ। | • ପରିବେଶକୁ ପରୀକ୍ଷା ନିରୀକ୍ଷା କରିବା ପାଇଁ ପ୍ରବଳ ଆଗ୍ରହ ଦେଖାଇବ; ଅଜଣା ପରିବେଶ ବିଷୟରେ ଅନୁସନ୍ଧାନ କରିବ। |

# ପ୍ରାକ୍-ବିଦ୍ୟାଳୟ କିଟ୍

ଅଙ୍ଗନୱାଡି  କେନ୍ଦ୍ରରେ ଶିଶୁମାନଙ୍କୁ ଖେଳିବାପାଇଁ ପିଏସ୍ଇ କିଟ୍ (PSE kit) ଯୋଗାଇ ଦିଆଯାଇଛି । ଏହା ଶିଶୁମାନଙ୍କର ଖେଳ ଉପକରଣ । ଏହି ଉପକରଣ ସହ ଖେଳିବା ଦ୍ୱାରା ଶିଶୁମାନଙ୍କ ମନରେ ନୂଆ ଧାରଣା ସୃଷ୍ଟି ହୁଏ ଏବଂ ସେମାନେ ଶିକ୍ଷା ଲାଭ କରନ୍ତି । ଅରୁଣିମାର ମାସିକ ବିଷୟବସ୍ତୁ ଆଧାରରେ ଉପକରଣ ଗୁଡ଼ିକ ପ୍ରତ୍ୟେକ ମାସରେ ବ୍ୟବହାର କରାଯାଏ । ଏହି କିଟ୍ ଶିଶୁମାନେ ନିଜେ କିମ୍ବା ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ବ୍ୟବହାର କରିଥାନ୍ତି । ଅଙ୍ଗନୱାଡି କର୍ମୀ ପିଏସ୍ଇ କିଟ୍ ବ୍ୟବହାର କରିବା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସରଣ କରିବେ ।

## ପି.ଏସ.ଇ କିଟ୍‌ରେ ଉପଲବ୍ଧ ଉପକରଣ

୧. ଗପ କାର୍ଡ

୨. ଖେଳନା
- ପଶୁପକ୍ଷୀ
- ଫଳ ଓ ପନିପରିବା
- ଖେଳ ପାଇଁ ରୋଷେଇ ସାମଗ୍ରୀ
- ଡାକ୍ତର ଭୂମିକା ଅଭିନୟ ପାଇଁ ସାମଗ୍ରୀ
- ଯାନ ବାହାନ
- କୀଟ ପତଙ୍ଗ
- ଅକ୍ଷର ଓ ସଂଖ୍ୟା କାର୍ଡ
- ତରାଜୁ
- ଝୁମୁକା/ଡ଼ଫଲି

୩. ଖେଳ ସାମଗ୍ରୀ
- ପ୍ଲାଷ୍ଟିକ୍ ବଲ୍
- ରଙ୍ଗୀନ କ୍ରେୟନ୍
- ରଙ୍ଗୀନ କାଠି
- ସିନ୍ଥେଟିକ୍ ମାଟି
- ଦଉଡି ଡିଆଁ

୪. ଶିକ୍ଷଣ ସାମଗ୍ରୀ
- ରଙ୍ଗୀନ ବଲ୍
- ରଙ୍ଗ ଓ ଆକାର ମେଳକ ପାଇଁ କାଠଖଣ୍ଡ
- କାଗଜ ଫର୍ଦ
- ଚିତ୍ରାଙ୍କନ ପାଇଁ କାଗଜ
- ବିଲ୍‌ଡିଙ୍ଗ୍ ବ୍ଲକ

୫. ଶସ୍ୟ ବାକ୍ସ

# ଅଙ୍ଗନୱାଡ଼ି କେନ୍ଦ୍ରରେ କୋଣ

ଖେଳ ମାଧ୍ୟମରେ ଶିଶୁର ବୁଦ୍ଧିର ବିକାଶ, କୌତୁହଳତାର ଜାଗରଣ, କଳ୍ପନା ଶକ୍ତି ଓ ସ୍ମୃତି ଶକ୍ତିର ବିକାଶ ଘଟିଥାଏ । ଖେଳୁ ଖେଳୁ ସେ ସମସ୍ୟା ସମାଧାନ କରି ଶିଖେ । ଏଣୁ ଆଦ୍ୟ-ଶୈଶବ ଶିକ୍ଷା ନିମନ୍ତେ କେନ୍ଦ୍ରଟି ଖେଳ ମାଧ୍ୟମରେ ଶିକ୍ଷଣପାଇଁ ସହାୟକ ହେବାପରି ସଜ୍ଜିତ ହେବା ଆବଶ୍ୟକ । କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣରେ ଖେଳ ସାମଗ୍ରୀ ରହିବା ଉଚିତ ଓ ସେଥିରୁ ପିଲାମାନେ ଉପକରଣ ନେଇ ମୁକ୍ତ ଭାବରେ ଖେଳିବେ ଓ ଖେଳ ପରେ ଠିକ୍ ଭାବରେ ରଖିବା ଶିଖିବେ । ତେଣୁ କେନ୍ଦ୍ର ମଧ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକଳାପ ପାଇଁ ଗୋଟିଏ ଗୋଟିଏ କୋଣ ରହିବା ଆବଶ୍ୟକ । ତଳେ ୪ଟି କୋଣ ବିଷୟରେ ଲେଖାଯାଇଛି । କୋଣ ଅନୁସାରେ ଶିକ୍ଷଣ ସାମଗ୍ରୀଗୁଡ଼ିକୁ ସଜାଇ ରଖିବେ ।



ଶିଶୁମାନଙ୍କୁ ଶିକ୍ଷୟିତ୍ରୀ ଏକ ବଡ ଦଳ ଓ ୪ଟି ଛୋଟ ଦଳରେ ବିଭକ୍ତ କରିବା ଦ୍ୱାରା କେନ୍ଦ୍ରରେ ଥିବା ସ୍ଥାନକୁ ସୁଚାରୁ ଭାବେ ବ୍ୟବହାର କରିପାରିବେ। ଅଙ୍ଗନୱାଡି କର୍ମୀ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ବୟସର ପିଲାମାନଙ୍କୁ ଛୋଟ ଦଳରେ କାର୍ଯ୍ୟକ୍ରମ କରାଇଥାନ୍ତି, ଏହି ସମୟରେ ଅନ୍ୟ ଶିଶୁମାନେ ସ୍ୱାଧୀନ ଭାବରେ ଯେକୌଣସି କୋଣରେ ନିଜର ପସନ୍ଦ ଓ ଆଗ୍ରହ ଅନୁଯାୟୀ ଖେଳିପାରିବେ। ଏହା ତାଙ୍କ ଶିକ୍ଷଣ ପ୍ରକ୍ରିୟାରେ ସହାୟକ ହେବ। ଏହାଦ୍ୱାରା ସେମାନେ ଏକପ୍ରକାର କାର୍ଯ୍ୟରେ ମନ ଦେବେ ଓ ସେମାନଙ୍କର ଏକାଗ୍ରତା ବଢ଼ିବ।

**ପ୍ରଦର୍ଶନ କରାଯାଇଥିବା ସମସ୍ତ ଖେଳନା, ସାମଗ୍ରୀ, ଚାର୍ଟ, ପୋଷ୍ଟର ଆଦି ପିଲାମାନଙ୍କର ଆଖି ସ୍ତର ମଧ୍ୟରେ ରହିବା ଆବଶ୍ୟକ ଓ ଖେଳନା ଗୁଡିକ ହାତ ପାଇଲା ଭଳି ସ୍ଥାନରେ ରହିବା ଉଚିତ୍।**

## ଚିତ୍ର କଳା କୋଣ

ଏହି କୋଣରେ ସ୍ଲେଟ୍, ରଙ୍ଗୀନ ଚକ୍, କାଗଜ, ମହମ କ୍ରେୟନ୍,ପୋଷ୍ଟର ରଙ୍ଗ, କୃତ୍ରିମ ମାଟି (synthetic clay), ବ୍ରସ୍ ବା ତୂଳୀ, ପତ୍ରରଙ୍ଗ, କୋଇଲା, ଅଳତା ଇତ୍ୟାଦି ରହିପାରିବ। ଚିତ୍ରାଙ୍କନ, ପେଣ୍ଟିଙ୍ଗ୍ ଓ ମାଟି ଚକଟିବା ଦ୍ୱାରା ଶିଶୁର ମାଂସ ପେଶୀ ମଧ୍ୟରେ ସମନ୍ୱୟ ଆସେ ଓ ଶିଶୁ ମାଂସପେଶୀକୁ ନିୟନ୍ତ୍ରଣ କରିବା ଶିଖେ। ଚକ୍ଷୁ-ହସ୍ତର ସମନ୍ୱୟ ଶିଶୁକୁ ପରବର୍ତ୍ତୀ କାର୍ଯ୍ୟକଳାପ ପାଇଁ ପ୍ରସ୍ତୁତ କରେ। ଏତଦ୍ ବ୍ୟତୀତ ଭବିଷ୍ୟତରେ ଚିତ୍ରକର ହେବାପାଇଁ ଓ ନିଜସ୍ୱ ଢଙ୍ଗରେ ରଚନାତ୍ମକ ଡିଜାଇନ୍ କରିବା ପାଇଁ ଶିଶୁକୁ ପ୍ରୋତ୍ସାହିତ କରେ।

## ଗଳ୍ପ କଥନ ଓ ଛବି ବହି ପଠନ କୋଣ

ଏହି କୋଣରେ ରଙ୍ଗୀନ ଓ ଆକର୍ଷଣୀୟ ଚିତ୍ର କାର୍ଡ, ଅକ୍ଷର କାର୍ଡ, ମଜାଦାର କାହାଣୀଯୁକ୍ତ ବହି, ଅରୁଣିମା ମାସ ଅନୁଯାୟୀ ବିଷୟବସ୍ତୁ ସମ୍ପର୍କିତ ଚିତ୍ର ବହି ରହିପାରିବ। ଚିତ୍ର ବହିରେ ଶିଶୁମାନଙ୍କର କ୍ଷମତା ଅନୁସାରେ ଛୋଟ ଛୋଟ ବାକ୍ୟରେ ଲେଖା ହୋଇଥିବ। ଏହା ପ୍ରତି ଶିଶୁମାନେ ଆକର୍ଷିତ ହେବା ସହିତ ଭବିଷ୍ୟତରେ ପଢ଼ା ପ୍ରତି ରୁଚି ରଖିବେ।

## ଖେଳନା ଓ ଶିକ୍ଷଣ ସାମଗ୍ରୀ କୋଣ

ଶିକ୍ଷଣ ସାମଗ୍ରୀରେ ଖେଳିବା ଦ୍ୱାରା ଶିଶୁମାନେ ଆକାର ଓ ରଙ୍ଗ ବିଷୟରେ ଧାରଣା ପାଇବେ ଏବଂ ଏହି କୋଣରେ ବିଭିନ୍ନ ରଙ୍ଗର ଓ ଆକାରର ବ୍ଲକ, ପଜଲ୍, ମିଳାଇବା କାର୍ଡ, ଲେସିଂ ବୋର୍ଡ, ସୂତା ଗଳାଇବା ମାଳି ଏବଂ ଛୋଟ ଛୋଟ ଖେଳନା ଯେପରି କାର୍, ଟ୍ରକ୍, ପଶୁପକ୍ଷୀ ମଣିଷର ଚିତ୍ର ଓ ପରିବେଶରୁ ମିଳୁଥିବା ସାମଗ୍ରୀ ଯାହାକି ଶିଶୁର ଆଗ୍ରହ ବଢ଼ାଇଥାଏ, ତାହା ରହିପାରିବ।

## କଣ୍ଢେଇ ଅଭିନୟ କୋଣ

ଏହି କୋଣରେ ବିଭିନ୍ନ ଆକୃତି ବିଶିଷ୍ଟ ଓ ବିଭିନ୍ନ ରଙ୍ଗର କଣ୍ଢେଇ ରହିପାରିବ। କଣ୍ଢେଇ ମାନଙ୍କର ପୋଷାକ ପତ୍ର ଓ ତାଙ୍କୁ ସଜାଇବା ପାଇଁ ଆବଶ୍ୟକୀୟ ଜିନିଷ ରହିବ। କଣ୍ଢେଇକୁ ବ୍ୟବହାର କରି ବିଭିନ୍ନ ପ୍ରକାର ଅଭିନୟ କରି ପିଲାମାନେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ଭୂମିକା ବିଷୟରେ ଜାଣିବେ।

**ପ୍ରତି ମାସର ସେକ୍ଟର ମିଟିଙ୍ଗ୍‌ରେ ଏହି ବିଷୟରେ ଚର୍ଚ୍ଚା କରି ପିଏସ୍‌ଇ କିଟ୍ ଓ କୋଣର ବ୍ୟବହାର ଉପରେ ଗୁରୁତ୍ୱ ଦେବେ।**

# ପରିବେଶ ସମ୍ବଳ / ସ୍ୱଳ୍ପମୂଲ୍ୟ / ବିନାମୂଲ୍ୟ ବସ୍ତୁ ବ୍ୟବହାର କରି ଶିକ୍ଷଣ କାର୍ଯ୍ୟ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି

କର୍ମୀ ନିଜ ଜାଗାରେ ମିଳୁଥିବା ବସ୍ତୁ ଓ ସମ୍ବଳ ବ୍ୟବହାର କରି ଶିକ୍ଷଣ ସାମଗ୍ରୀ ଓ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିପାରିବେ। ତଳେ କେତେଗୁଡ଼ିଏ ପ୍ରାକୃତିକ ଓ ପରିବେଶରୁ ଉପଲବ୍ଧ ଜିନିଷର ବ୍ୟବହାର ବିଷୟରେ ସୂଚନା ଦିଆଯାଇଛି।

- **ଗୋଡ଼ି / ସାନ ପଥର ଖଣ୍ଡ-** ରଙ୍ଗ, ଆକାର ଓ ଓଜନ ଜାଣିବା; ରଙ୍ଗ, ଆକାର, ଓଜନ ଓ ସ୍ପର୍ଶ ଭେଦରେ ଭାଗ ଭାଗ କରିବା; ଭିନ୍ନ ଭିନ୍ନ ଆକାରରେ ସଜାଇବା; କାଗଜ ଉପରେ ଅଠାଦେଇ କୋଲାଜ କାମ କରିବା; ଡବାରେ ଗୋଡ଼ି ରଖି ବଜାଇବା; ପଥର ଫୋପାଡ଼ି ପାଣିରେ ଶବ୍ଦ ଓ ଲହରୀ ସୃଷ୍ଟି କରିବା; ବଟକରା ରୂପେ ବ୍ୟବହାର କରିବା; ଘର ଓ ବଗିଚା ସଜାଇବାରେ ବ୍ୟବହାର କରିବା; ଗଣିବା
- **ମାଟି ଓ କାଦୁଅ-** କାଦୁଅ ଚକଟିବା; ଗୋଲି, ବିଭିନ୍ନ ଆକାର, ବ୍ଲକ୍ସ, ଦୀପ, ଘର, ଚକି, ବାସନକୁସନ, ପିଠା, ପଶୁପକ୍ଷୀ ଇତ୍ୟାଦି ତିଆରି କରିବା; ବଟକରା ତିଆରି କରିବା; ଦିଆସିଲ୍ ଖୋଳ ବ୍ୟବହାର କରି ଇଟା ତିଆରି କରିବା
- **ମଂଜି / ଖାଦ୍ୟଶସ୍ୟ-** ମଂଜି ଚିହ୍ନିବା; ରଙ୍ଗ ଓ ଆକାର ଚିହ୍ନିବା ଓ ସଜାଇବା; ସାନ-ବଡ଼ ଜାଣିବା; ଗଣିବା; ଡବାରେ ରଖି ଝୁମୁକା ତିଆରି କରିବା; ଖାଦ୍ୟ ଓ ଅଖାଦ୍ୟ ମଂଜି ମଧ୍ୟରେ ତଫାତ୍ ଜାଣିବା; କାଗଜ ଉପରେ ଅଠା ଦେଇ କୋଲାଜ କାମ କରିବା; ମଂଜି ଦେଖି ଗଛ, ଫଳ ଓ ଫୁଲର ବର୍ଣ୍ଣନା କରିବା; ପାଣିରେ ଭିଜାଇ ଗଜା କରିବା; ଡବାରେ ମଂଜି ରଖି ଶବ୍ଦ ବିଭେଦ ଜାଣିବା
- **ପତ୍ର-** ରଙ୍ଗ ଓ ଆକାର ପ୍ରକାର ଜାଣିବା; ପତ୍ର ଚିହ୍ନିବା ଓ ଭାଗ ଭାଗ କରିବା; ଗଣିବା; ମାଳ ଗୁନ୍ଥିବା; ବାସ୍ନା ଶୁଂଘି ଓ ଆକାର ଦେଖି ଗଛ, ଫଳ ଓ ଫୁଲ ବିଷୟରେ ବର୍ଣ୍ଣନା କରିବା; ପତ୍ର ଛାପା କରିବା, କାନ୍ଥ ଓ ଘର ସଜାଇବା; ଖାଦ୍ୟ ଓ ଅଖାଦ୍ୟ ପତ୍ର ମଧ୍ୟରେ ପାର୍ଥକ୍ୟ ଜାଣିବା; ପତ୍ରରେ ଠୋଲା ଓ ଖଲିପତ୍ର କରିବା; ପତ୍ର ରସରୁ ରଙ୍ଗ ତିଆରି କରିବା; ହାତ ଲଗେଇବା; ନଡ଼ିଆ ପତ୍ରରୁ ଘଣ୍ଟା, ଚେଙ୍ଗାଡ଼ି ଓ ଚକ୍ରୀ କରିବା
- **ଫୁଲ-** ରଙ୍ଗ, ଗନ୍ଧ ଓ ଆକାର ପ୍ରକାର ଚିହ୍ନିବା; ଫୁଲରୁ ଗଛ ଓ ଫଳ ବର୍ଣ୍ଣନା କରିବା; ମାଳ ଗୁନ୍ଥିବା ଓ ଫୁଲ ତୋଡ଼ା ତିଆରି କରିବା; ଫୁଲରେ ଘର ସଜାଇବା; ଫୁଲରେ କୋଲାଜ କାମ କରିବା; ଶ୍ରେଣୀ ବିଭାଗୀକରଣ କରିବା
- **ଫଳ ଓ ପରିବା-** ରଙ୍ଗ, ଆକାର ଓ ପ୍ରକାର ଜାଣିବା; ସ୍ୱାଦ ଜାଣିବା; କଞ୍ଚା ଓ ପାଚିଲା ଜାଣିବା; ପଚା ଓ ଭଲ ଫଳ ଚିହ୍ନିବା; ପରିବାରୁ ଛାପା କାମ କରିବା; ଫଳରୁ ଗଛ, ଫୁଲ ଓ ମଂଜି ବିଷୟରେ କହିବା
- **କାଠି / କାଠି ବିଡ଼ା-** ଭିନ୍ନ ଭିନ୍ନ ଲମ୍ବର କାଠି ସଜାଇବା ଓ ମାପିବା; ଗଣିବା; କାଠିରେ ରଙ୍ଗଦେବା; ଅଲଗା ଅଲଗା ସଂଖ୍ୟାର ବିଡ଼ା କରିବା; ବଡ଼ ଓ ସାନ ହିସାବରେ ସଜାଇବା; ବାଲି ଉପରେ କାଠି ପୋତି ଘର ତିଆରି କରିବା; କାଠି ଯୋଡ଼ି ଆକାର / ଡିଜାଇନ୍ ତିଆରି କରିବା; ଦିଆସିଲ୍ କାଠିରୁ କୋଲାଜ୍ କାମ କରିବା; କାଉଁରିଆ କାଠିରେ ବୋତଲରୁ ପାଣି ଶୋଷିବା; କାଠିରେ ଡଙ୍ଗା/ଡିଜାଇନ୍ ତିଆରି କରି ପାଣିରେ ଭସାଇବା
- **ସହ୍ରେଇ -** ଦୁଇଟି ସହ୍ରେଇରେ ବାଜା ବଜାଇବା; ସହ୍ରେଇରେ ପାଣି ବୋହିବା; ନିକିତି ତିଆରି କରିବା; ଟେଲିଫୋନ ରୂପେ ବ୍ୟବହାର କରିବା; ସହ୍ରେଇରେ ଓଦାବାଲି ରଖି ବୁଢ଼ି ତିଆରି କରିବା; ସହ୍ରେଇରେ ରଙ୍ଗ ଦେବା; ଖେଳନା ଓ ବ୍ଲକ୍ସ ତିଆରି କରିବା
- **ବାଲି-** ଘର ତିଆରି କରିବା; ବାଲି ଉପରେ ସିଧା ଓ ବଙ୍କା ଗାର ଟାଣିବା; ଫୁଲ ପତ୍ର ଇତ୍ୟାଦି ଆଙ୍କିବା; ବାଲିକୁ ଭିନ୍ନ ଭିନ୍ନ ରଙ୍ଗ କରିବା; କାଗଜରେ ଅଠା ଲଗାଇ ରଙ୍ଗୀନ୍ ବାଲିରେ ଡିଜାଇନ୍ କରିବା; ବାଲି ଗଦାରେ ଡେଇଁବା; ବାଲିରେ ଗାତ ଖୋଳିବା; ବାଲିକୁ ଓଦା କରି ସହ୍ରେଇ ବା ଡ୍ରବାରେ ବିଭିନ୍ନ ଆକୃତି କରିବା; ବାଲି ବୋହିବା; ସହ୍ରେଇରେ ବାଲି ବା କରତଗୁଣ୍ଡ ଭର୍ତ୍ତିକରିବା; ଡ୍ରବାରେ ପୁରାଇ ଓଜନ କରିବା
- **ପାଣି-** ପ୍ଲାଷ୍ଟିକ୍ ବୋତଲରେ କାହାଳୀ ଦେଇ ପାଣି ଭର୍ତ୍ତି କରିବା; ପାଣି ମାପିବା; ଆଂଜୁଳାରେ ପାଣି ବୋହିବା; ପାଣିରେ ରଙ୍ଗ ମିଶାଇ ରଙ୍ଗ ତିଆରି କରିବା; ପାଣିରେ ହାଲୁକା ଓ ଭାରି ଜିନିଷ ଭସାଇ ପରୀକ୍ଷା କରିବା।
- **ପୁରୁଣା କାଗଜ-** ଖବର କାଗଜରୁ ଛବି କାଟି ରଖିବା; କାଗଜ ଭାଙ୍ଗିବା, ଚିରିବା ଓ ଚିକିଟିକି କାଗଜରେ ଅଠା ଲଗାଇ ମାରିବା; ଡିଜାଇନ୍ ତିଆରି କରିବା; କାଗଜରେ ରଙ୍ଗ ଦେବା; ମୁକ୍ତ ଭାବରେ ଗାରେଇବା ଓ ଚିତ୍ର ଅଙ୍କନ କରିବା; କାଗଜରୁ ଗୁଡ଼ି, ମୁଖା ଓ ପୁଙ୍ଗା ତିଆରି କରିବା; କାଗଜରୁ ଡଙ୍ଗା, ପଙ୍ଖା, ଦିନରାତି, ଜାମା, ପ୍ୟାଣ୍ଟ ଇତ୍ୟାଦି ତିଆରି କରିବା; ଆଙ୍ଗୁଠି ବ୍ଲକ୍ସ ତିଆରି କରିବା; ବଲ୍ ତିଆରି କରିବା; ପାଣିରେ ଭିଜାଇ ମଣ୍ଡ ତିଆରି କରିବା; ବିଭିନ୍ନ ଆକାର ଚିରିବା; ମୁକୁଟ ତିଆରି କରିବା
- **ଟୁକୁରା କନା-** ରଙ୍ଗ ଚିହ୍ନିବା; ବଲ୍, ରିଙ୍ଗ୍ ବଲ୍, ବ୍ଲକ୍ସ, ଅନୁଭୂତି ମୂଳ ବ୍ଲକ୍ସ ଓ ବ୍ଲକ୍ସର ଜାମା ତିଆରି କରିବା; ବିନ୍ ବ୍ୟାଗ ତିଆରି କରିବା; ନରମ ଓ ଟାଣ ଧାରଣା ପାଇବା
- **ମୋଜା-** ମୋଜାରୁ ବ୍ଲକ୍ସ ତିଆରି କରିବା, ବଲ୍ ତିଆରି କରିବା
- **ଘାସ-** ବିଭିନ୍ନ ଘାସ ଚିହ୍ନିବା; ଘାସ ବାଛିବା; ଘାସ ପୋତିବା; ଘାସ ଉପରେ ଦୌଡ଼ିବା ଓ ଗଡ଼ିବା ଦ୍ୱାରା ଅନୁଭୂତି ସଂଗ୍ରହ କରିବା; ଘାସ ବିଡ଼ା ବାନ୍ଧିବା; ଘାସକୁ ଛନ୍ଦି ଚଟେଇ ବସା କରିବା; ବାଲି ଘର ଉପରେ ଘାସ ସଜାଇବା

**ବିଶେଷ ଦ୍ରଷ୍ଟବ୍ୟ :**

- କର୍ମୀ ନିଜ ଜାଗାରେ ମିଳୁଥିବା ଜିନିଷ / ସମ୍ବଳ ବିନିଯୋଗ କରି ଓ ଗ୍ରାମବାସୀଙ୍କ ସାହାଯ୍ୟ ନେଇ ଆହୁରି ନୂଆ ନୂଆ ପ୍ରକାରର ଶିକ୍ଷଣ ସାମଗ୍ରୀ ଓ ଶିକ୍ଷଣ କାର୍ଯ୍ୟ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରିବେ।

# ମାସଭିତ୍ତିକ ପ୍ରସଙ୍ଗ ଓ କାର୍ଯ୍ୟକ୍ରମ

ପ୍ରତି ମାସରେ ସେହି ମାସର ପ୍ରସଙ୍ଗ ଆଧାରରେ ମୁକ୍ତ ବାର୍ତ୍ତାଳାପ, ଗପ, ଅଭିନୟ ସଙ୍ଗୀତ କାର୍ଯ୍ୟକ୍ରମ ଓ ପ୍ରକୃତି ପର୍ଯ୍ୟବେକ୍ଷଣ ହେବ। ଏହା ବ୍ୟତୀତ ପ୍ରତି ମାସର ଅନ୍ୟାନ୍ୟ ମୁଖ୍ୟ କାର୍ଯ୍ୟକ୍ରମ ଗୁଡିକ ବିଷୟରେ ତଳେ ସୂଚନା ଦିଆଯାଇଛି।

| | |
|---|---|
| **୧ମ ମାସ** | **ମୁଁ ଓ ମୋ ପରିବାର** - ସ୍ୱାଗତ; କେନ୍ଦ୍ର ସହ ପରିଚୟ; ନାମ ଖେଳ; ରଙ୍ଗ ଧାରଣା; ସ୍ମୃତି ଖେଳ; ବଲ୍ ଖେଳ; ବାଲି ଖେଳ; ଦର୍ପଣ ଖେଳ ; ମୁକ୍ତ ଭାବରେ ଗାଇବା। |
| **୨ୟ ମାସ** | **ମୋ ଶରୀର** - କୌତୁକ ପ୍ରଶ୍ନ; ପଜ୍‌ଲ୍; ବଲ୍ ଖେଳ; ରଙ୍ଗ ଦେବା; ସମନ୍ୱୟ ରକ୍ଷା; କାଗଜ ଭାଙ୍ଗିବା, ଚିରିବା ଓ ସଜାଡ଼ିବା; କୋଲାଜ୍; ଅଲଗା ବାଛ; ଧାରାବାହିକ ଚିନ୍ତନ; ଅବସ୍ଥାନ ଧାରଣା; ଅଙ୍କା ବଙ୍କା ଗାର ଟାଣିବା। |
| **୩ୟ ମାସ** | **ପଶୁ ପକ୍ଷୀ** - କାହାର ଛୁଆ କିଏ; କିଏ କେଉଁଠି ରହେ ଓ କ'ଣ ଖାଏ; ଶ୍ରେଣୀ ବିଭାଗୀକରଣ; କେଉଁଟି ନାହିଁ; ବିନ୍ଦୁ ଯୋଡି ଚିତ୍ର କରିବା; ପଜ୍‌ଲ୍; ଛାପା କାମ; ବଡ-ଛୋଟ, ବହୁତ-କମ୍, ନରମ-ଟାଣ, ଖଦଡ଼-ପାଲିସ୍ ଧାରଣା। |
| **୪ର୍ଥ ମାସ** | **ଗଛ, ପତ୍ର, ଫୁଲ ଓ ଫଳ** - କୋଲାଜ୍; ଲେସିଙ୍ଗ୍ ସେପ୍; ବାସ୍ନା ଓ ସ୍ୱାଦ ଧାରଣା; ଶ୍ରେଣୀ ବିଭାଗୀକରଣ; ଧାରାବାହିକ ଚିନ୍ତନ; ସେଙ୍ଗା-ଲେମ୍ବା, ପାଖ-ଦୂର ଧାରଣା; ସଂଖ୍ୟା ଧାରଣା; ଜାତୀୟ ଫୁଲ, ଫଳ ଓ ଗଛ ଧାରଣା। |
| **୫ମ ମାସ** | **ଘର ଓ ଆସବାବ ପତ୍ର** - ବଡ଼ରୁ ସାନ କ୍ରମରେ ସଜାଇବା; ଯୋଡି ବାଛିବା; ଛବି ଘଟଣ ପଠନ; ରଙ୍ଗ ଦେବା ଓ ରଙ୍ଗୋଲି; ପଜ୍‌ଲ୍, କୋଲାଜ୍, ମାଟି କାମ; ସ୍ମୃତି ଖେଳ; ସଂଖ୍ୟା ଧାରଣା; ପର୍ବ ପର୍ବାଣୀ ପାଳନ। |
| **୬ଷ୍ଠ ମାସ** | **ଯାନ ବାହାନ** - କୋଲାଜ୍; ପଜ୍‌ଲ୍; ବଡ଼-ସାନ ଧାରଣା; କାଗଜ ଭାଙ୍ଗିବା; ସରଳ ସମସ୍ୟା ସମାଧାନ; ଟ୍ରାଫିକ୍ ନିୟମ ଜାଣିବା; ରଙ୍ଗ ଦେବା; କେଉଁଟି ନାହିଁ; ଅଲଗା ବାଛ; ଶ୍ରେଣୀ ବିଭାଗୀକରଣ। |
| **୭ମ ମାସ** | **ଗୋଷ୍ଠୀ ସହାୟକ ବ୍ୟକ୍ତି** - ବାମ-ଡାହାଣ ଧାରଣା; ସଂଖ୍ୟା ଧାରଣା; ଶ୍ରେଣୀ ବିଭାଗୀକରଣ; ଅବସ୍ଥାନ ଧାରଣା; ବର୍ଣ୍ଣରେ ଚିହ୍ନଟ, ସ୍ମୃତି ଖେଳ; ଭୂମିକା ଅଭିନୟ; ବାକ୍ୟ ପୂର୍ଣ୍ଣ କରିବା; ମାଟି କାମ; ଚିତ୍ର ସମ୍ପୂର୍ଣ୍ଣ କରିବା, ପ୍ରାକ୍-ଲିଖନ। |
| **୮ମ ମାସ** | **ଭିନ୍ନ ଭିନ୍ନ ବୃତ୍ତି ଓ ଅନୁଷ୍ଠାନ** - ପଜ୍‌ଲ୍, କାଳ୍ପନିକ ଖେଳ; ମେଳ କରିବା; କେଉଁଟି ଅଲଗା ବାଛ; ଭୂମିକା ଅଭିନୟ; ଡୋମିନୋ; ପାଣି ଖେଳ; ଓଜନିଆ-ହାଲୁକା, ଗରମ-ଥଣ୍ଡା, ସେଙ୍ଗା-ଲେମ୍ବା, ନରମ-ଟାଣ ଧାରଣା। |
| **୯ମ ମାସ** | **କୀଟ ପତଙ୍ଗ ଓ ସରୀସୃପ** - ଚିତ୍ରାଙ୍କନ; ରଙ୍ଗ ଦେବା; ଯୋଡ଼ି ବାଛିବା; ସଂଖ୍ୟା ଧାରଣା; ଧାରାବାହିକ ଚିନ୍ତନ; ବଡ଼-ଛୋଟ, ତଳ-ଉପର ଧାରଣା; ସାନରୁ ବଡ଼ କ୍ରମରେ ସଜାଇବା; ଶ୍ରେଣୀ ବିଭାଗୀକରଣ; କୋଲାଜ୍, ସରଳ ପ୍ରଶ୍ନୋତ୍ତର। |
| **୧୦ମ ମାସ** | **ମାଟି, ପାଣି ଓ ପବନ** - ବେଲୁନ୍ ଫୁଙ୍କିବା, ପାଣି ଖେଳ; ସଂଖ୍ୟା ଧାରଣା; ଅକ୍ଷର ସଙ୍କେତ ଚିହ୍ନଟ; ଡୋମିନୋ; ସାଧାରଣ ଜ୍ଞାନ ଓ ବୈଜ୍ଞାନିକ ଧାରଣା; ଭୂମିକା ଅଭିନୟ; ସରଳ ପ୍ରଶ୍ନୋତ୍ତର। |
| **୧୧ଶ ମାସ** | **ବିଭିନ୍ନ ଋତୁ** - ଛାପା କାମ; ଯୋଡି ବାଛିବା; ପପେଟ୍ ସୋ; ଅଭିନୟ; କାଗଜ ଭାଙ୍ଗିବା; ବାର ଧାରଣା; ସଂଖ୍ୟା ଧାରଣା; ଅକ୍ଷର ସଙ୍କେତ; ସାଧାରଣ ଜ୍ଞାନ ଓ ବୈଜ୍ଞାନିକ ଧାରଣା; ଆଗ-ପଛ-ମଝି ଓ ଆଜି-କାଲି-ଆସନ୍ତା କାଲି ଧାରଣା; ସରଳ ପ୍ରଶ୍ନୋତ୍ତର। |
| **୧୨ଶ ମାସ** | **ସୂର୍ଯ୍ୟ, ଚନ୍ଦ୍ର ଓ ତାରା** - ଛାଇ ଖେଳ; ସମୟ ଧାରଣା; ଅକ୍ଷର ଧାରଣା; ରଙ୍ଗ ଖେଳ; ଚିତ୍ରାଙ୍କନ; ମୁଦ୍ରା ଧାରଣା; ସଂଖ୍ୟା ଧାରଣା; ପାଖ-ଦୂର ଧାରଣା; ସାଧାରଣ ଜ୍ଞାନ। |

# କେନ୍ଦ୍ର କାର୍ଯ୍ୟକ୍ରମ ଯୋଜନା

ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ୩ରୁ ୬ ବର୍ଷ ପିଲାଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ରରେ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ କରାଯାଇ ଥାଏ। ଆଦ୍ୟ-ଶୈଶବ ଶିକ୍ଷା ଅଣ-ଔପଚାରିକ ଭାବେ ଖେଳ, ନାଚ, ଗୀତ, ଗପ ଓ ଚିତ୍ରାଙ୍କନ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ। ଏହା ଶିଶୁର ଶାରୀରିକ, ମାନସିକ, ସାମାଜିକ, ଆବେଗିକ ଓ ବୌଦ୍ଧିକ ବିକାଶ କରିବା ସହ ସାମଗ୍ରିକ ବିକାଶ କରିଥାଏ। ସେଥିପାଇଁ ଆଦ୍ୟ-ଶୈଶବ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ। ଶିଶୁମାନଙ୍କୁ କେନ୍ଦ୍ରରେ ୩ ଘଣ୍ଟା ପର୍ଯ୍ୟନ୍ତ ରଖିବା ପାଇଁ କର୍ମୀ ପୂର୍ବରୁ ଏକ କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ କରିବେ। ଅଙ୍ଗନୱାଡି କର୍ମୀ କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ଏପରି ଏକ ଶିଶୁପ୍ରିୟ ପରିବେଶ ସୃଷ୍ଟି କରିବେ ଯାହା ଫଳରେ, ପିଲାମାନେ କେନ୍ଦ୍ରକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିବେ।

ଆଦ୍ୟ-ଶୈଶବ ଶିକ୍ଷା ଶିଶୁମାନଙ୍କୁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶିକ୍ଷା ଗ୍ରହଣ କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିଥାଏ। ୩ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ଶିଶୁକୁ ସଠିକ ଭାବେ ଏହି ଶିକ୍ଷା ପ୍ରଦାନ କରିବା ପାଇଁ ପିତା-ମାତା, ପରିବାରର ସଦସ୍ୟ, ଅଙ୍ଗନୱାଡି କର୍ମୀ, ସହାୟିକା ଓ ଗ୍ରାମବାସୀଙ୍କର ଗୁରୁ ଦାୟିତ୍ୱ ରହିଛି। ସମସ୍ତଙ୍କର ସହଯୋଗରେ ଅଙ୍ଗନୱାଡି କେନ୍ଦ୍ର ଆଦ୍ୟ-ଶୈଶବ ଶିକ୍ଷା ପାଇଁ ଏକ ଆଦର୍ଶ କେନ୍ଦ୍ର ହୋଇପାରିବ ଓ କେନ୍ଦ୍ର ପ୍ରତି ସମସ୍ତେ ଆକୃଷ୍ଟ ହେବେ।

- କର୍ମୀ କେନ୍ଦ୍ରରେ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବେ ଯାହାଦ୍ୱାରା ଶିଶୁମାନେ କେନ୍ଦ୍ରକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିବେ।
- କେନ୍ଦ୍ର ଗୃହର ଭିତର ଓ କେନ୍ଦ୍ରର ଚାରିକଡ଼ ପରିଷ୍କାର ରଖିବେ।
- କେନ୍ଦ୍ର ମଧ୍ୟରେ ସମସ୍ତ ଖେଳ ଜିନିଷ, ଅସବାବପତ୍ର, ପିଇବା ପାଣି ଇତ୍ୟାଦି ସଜାଡ଼ି ରଖିବେ।
- ଚାର୍ଟ, ପୋଷ୍ଟର ଇତ୍ୟାଦି କାନ୍ଥରେ ସଜାଇ ଟଙ୍ଗାଇବେ।
- ଏହି ପୁସ୍ତିକାରେ ଦିଆଯାଇଥିବା ଖସଡ଼ା ଅନୁସାରେ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବେ।

ଆଦ୍ୟ-ଶୈଶବ ଶିକ୍ଷା ସମ୍ପର୍କରେ ଯଥେଷ୍ଟ ଜନଜାଗରଣ ସୃଷ୍ଟି କରିବା ଆବଶ୍ୟକ। ଅଙ୍ଗନୱାଡି କର୍ମୀଙ୍କ ସହିତ ଅଭିଭାବକ, କିଶୋରୀ ବାଳିକା, ଛୋଟ ବାପା, ଛୋଟ ମା, ଅଜା, ଆଈ ଇତ୍ୟାଦି ଶିକ୍ଷଣ ପ୍ରକ୍ରିୟାରେ ସମ୍ପୃକ୍ତ ହେଲେ କେନ୍ଦ୍ରରେ ଉପସ୍ଥାନ ବଢ଼ିବା ସହିତ, ଏହାର ଗୁଣାତ୍ମକ ମାନ ବଢ଼ିବ।

## ଶିଶୁ ଦିବସ

ଅଙ୍ଗନୱାଡି କେନ୍ଦ୍ରରେ ୧୪ ନଭେମ୍ବର ଦିନ ଶିଶୁ ଦିବସ ପାଳନ କରାଯିବା ଅବସରରେ ନିମ୍ନଲିଖିତ କାର୍ଯ୍ୟକ୍ରମ କରାଯିବ।

- କର୍ମୀ ଓ ସହାୟିକା କେନ୍ଦ୍ରକୁ ପତ୍ର ଓ ଫୁଲରେ ସଜାଇବେ।
- ପିଲାମାନଙ୍କର ବାପା, ମା', ଅଭିଭାବକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଗାଁ କଲ୍ୟାଣ ସମିତି ସଦସ୍ୟ, ୱାର୍ଡ ମେମ୍ବର, ମାତୃ କମିଟି ଓ ଯାଞ୍ଚ କମିଟିର ସଦସ୍ୟଙ୍କୁ ଯୋଗଦେବା ପାଇଁ କର୍ମୀ ପୂର୍ବରୁ ଅନୁରୋଧ କରିଥିବେ।
- ସମସ୍ତଙ୍କ ଉପସ୍ଥିତିରେ ପିଲାମାନେ ଗୀତ, ନାଚ, କୌତୁକିଆ ଖେଳ ଇତ୍ୟାଦି ଖେଳିବେ।

## ଅଭିଭାବକଙ୍କ ସଭା (ମାର୍ଚ୍ଚ ଓ ସେପ୍ଟେମ୍ବର ମାସର ୧ ତାରିଖରେ)

ବର୍ଷକରେ ୨ଥର ଅଭିଭାବକଙ୍କର ସଭା ହେବ। କର୍ମୀ ପିଲାମାନଙ୍କର ବାପା/ମାଆ/ଅଭିଭାବକଙ୍କୁ କେନ୍ଦ୍ରକୁ ଆସିବା ପାଇଁ ଅନୁରୋଧ କରିବେ। ଏହି ସଭାରେ ଯାଞ୍ଚ କମିଟି ଓ ମାତୃ କମିଟିର ସଦସ୍ୟମାନେ ଯୋଗ ଦେବେ। ସଭାରେ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ। ପିଲାମାନଙ୍କର ଉପସ୍ଥାନ, କେନ୍ଦ୍ରକୁ ଠିକ୍ ସମୟରେ ଆସିବା, ଅକ୍ଷର ଚିହ୍ନିବା, ଉଚ୍ଚାରଣ, ଆଙ୍ଗୁଳି ଚାଳନା, ରଙ୍ଗ ଚିହ୍ନିବା, ଗାର ଟାଣିବା, ଗୀତ, ନାଚ, ଗପ ଇତ୍ୟାଦି କହି ପାରିବା ଓ କରିପାରିବା ଇତ୍ୟାଦି ବିଷୟରେ ଅଙ୍ଗନୱାଡି କର୍ମୀ ଅଭିଭାବକମାନଙ୍କୁ ଜଣାଇବେ। ଅଭିଭାବକମାନଙ୍କ ସହିତ ସୁସମ୍ପର୍କ ରଖିଲେ ସେମାନେ ଆଦ୍ୟ-ଶୈଶବ ଶିକ୍ଷାର ଉଦ୍ଦେଶ୍ୟ ବୁଝିପାରିବେ ଓ ନିୟମିତ ପିଲାଙ୍କୁ କେନ୍ଦ୍ରକୁ ପଠାଇବେ।

ଏହା ବ୍ୟତୀତ ପିଲାମାନେ ଶିଖିଥିବା ନିମ୍ନଲିଖିତ ସୁଅଭ୍ୟାସ ବିଷୟରେ କହିବେ

- ପରିଷ୍କାର ରହିବା
- ମୁଣ୍ଡ କୁଣ୍ଡାଇବା
- ନଖ କାଟିବା
- ପାଟି, ନାକ ଇତ୍ୟାଦି ସଫା ରଖିବା
- ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନରେ ହାତ ଧୋଇବା
- ପାଇଖାନାର ବ୍ୟବହାର
- ଅଙ୍ଗନୱାଡ଼ିର ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମରେ ପିଲାଙ୍କ ଅଂଶଗ୍ରହଣର ସୂଚକ ଯଥା- ଶୃଙ୍ଖଳା ରକ୍ଷା, ଭଲ ବ୍ୟବହାର, ସାଙ୍ଗମାନଙ୍କ ସହିତ ଭାବ ବିନିମୟ, ସଜାଇ କରଣୀ, ଗରମ ରନ୍ଧା ଖାଦ୍ୟ ଭୋଜନ ଇତ୍ୟାଦି ବିଷୟରେ ଆଲୋଚନା କରିବେ।
- ଶିଶୁର କାର୍ଯ୍ୟ କରିବାର ଦକ୍ଷତା ଓ ସ୍ଥିତି ବିଷୟରେ ଆଲୋଚନା କରିବେ ଏବଂ ଘରେ ଶିଶୁକୁ ସୁଅଭ୍ୟାସ ଶିଖିବା ପାଇଁ ଉତ୍ସାହିତ କରିବେ।

### ଜେଜେଙ୍କ/ଜେଜେ ମାଆଙ୍କ ଦିନ (ପ୍ରତ୍ୟେକ ମାସର ୨ ତାରିଖ)

ପିଲାମାନଙ୍କର ଜେଜେ ବାପା, ଜେଜେ ମାଆ, ଅଜା, ଆଈ ଇତ୍ୟାଦି ଗ୍ରାମର ବୟସ୍କ ଲୋକମାନଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବାକୁ ଅନୁରୋଧ କରିବେ। ସେହି ଦିନ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକ କରାଯିବ।

- ଶିଶୁ ସମ୍ପର୍କରେ କୌଣସି ସମସ୍ୟା ଥିଲେ ଏହାକୁ କିପରି ସମାଧାନ କରିବେ ତାହା ଆଲୋଚନା କରିବେ।
- ସେମାନେ ଗୀତ, ଗପ ଇତ୍ୟାଦି କହିବେ।
- ସେହି ଅଞ୍ଚଳ ଓ ଗ୍ରାମର ସଂସ୍କୃତି, କଳା, ବ୍ୟକ୍ତି ବିଶେଷ, ଜଙ୍ଗଲ ଓ ଅନ୍ୟାନ୍ୟ ବିଷୟରେ ପିଲାଙ୍କୁ କହିବେ।

### ଖେଳନା ବ୍ୟାଙ୍କ

ଆଦ୍ୟ-ଶୈଶବ ଅବସ୍ଥାରେ ଶିଶୁମାନେ ଅତ୍ୟନ୍ତ ଖେଳପ୍ରିୟ। ସେମାନେ ଖେଳ ମାଧ୍ୟମରେ ଅନେକ କଥା ଖୁବ୍ ଶୀଘ୍ର ଶିଖି ପାରନ୍ତି। ଖେଳଦ୍ୱାରା ସେମାନଙ୍କର ଶାରୀରିକ, ବୌଦ୍ଧିକ, ଭାଷାଗତ, ସାମାଜିକ ଓ ଆବେଗିକ ବିକାଶ ହୋଇଥାଏ। ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଖେଳ ଉପକରଣ ରହିବା ଆବଶ୍ୟକ। ଅଙ୍ଗନୱାଡ଼ି କେନ୍ଦ୍ରକୁ ଖେଳନା ଆଦି ଦ୍ୱାରା ଆକର୍ଷଣୀୟ କଲେ ପିତାମାତା ପିଲାମାନଙ୍କୁ କେନ୍ଦ୍ରକୁ ପଠାଇବାକୁ ଇଚ୍ଛା କରିବେ।

- କେତେକ ଖେଳ ଉପକରଣ ଅଙ୍ଗନୱାଡ଼ି କର୍ମୀ ନିଜେ ତିଆରି କରିବେ ଓ କିଛି ସଂଗ୍ରହ କରିବେ।
- ପ୍ରଶିକ୍ଷଣ ସମୟରେ ଶିଖିଥିବା ଖେଳନା ସବୁ ପରିବେଶ ସମ୍ପନ୍ନ, ଅଦରକାରୀ ଓ ସ୍ୱଳ୍ପମୂଲ୍ୟ ବସ୍ତୁ ବ୍ୟବହାର କରି ତିଆରି କରିବେ।
- କର୍ମୀ ଗ୍ରାମବାସୀ ଓ ଗୋଷ୍ଠୀ ସଦସ୍ୟଙ୍କ ଠାରୁ ନୂଆ ବା ପୁରୁଣା ଖେଳନା ସଂଗ୍ରହ କରିବେ।
- ଖେଳନା ବ୍ୟାଙ୍କରେ ସବୁ ଖେଳ ଉପକରଣ ରଖିବେ ଓ ପିଲାମାନଙ୍କୁ ଖେଳିବାକୁ ଦେବେ।

### ଅଙ୍ଗନୱାଡ଼ି କେନ୍ଦ୍ରରେ ଭିନ୍ନକ୍ଷମ ଶିଶୁଙ୍କର ଶିକ୍ଷା

ଅଙ୍ଗନୱାଡ଼ି କେନ୍ଦ୍ରରେ ୩ ରୁ ୬ ବର୍ଷ ବୟସର ଶିଶୁ ଶିକ୍ଷା ପାଇବେ। ସେମାନଙ୍କ ମଧ୍ୟରୁ କେତେକ ଶିଶୁ ଜନ୍ମରୁ ବା ପରେ ଭିନ୍ନକ୍ଷମ ହୋଇଥାନ୍ତି। ସେମାନଙ୍କ ପାଖରେ ଏକ ଭିନ୍ନ ଧରଣର ଦକ୍ଷତା ଥାଏ। ସେମାନେ ସ୍ୱତନ୍ତ୍ର ଧ୍ୟାନ ଆବଶ୍ୟକ କରନ୍ତି।

- ଅଙ୍ଗନୱାଡ଼ି କର୍ମୀ ସେମାନଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଧ୍ୟାନ ଦେବେ ଓ ସେମାନଙ୍କୁ ଅନ୍ୟମାନଙ୍କ ସହିତ କାର୍ଯ୍ୟକ୍ରମରେ ସାମିଲ କରିବେ।
- କର୍ମୀ ସେମାନଙ୍କ ପାଇଁ କାର୍ଯ୍ୟକ୍ରମଗୁଡ଼ିକୁ ଅନେକ ଥର ଉପସ୍ଥାପନ କରିବେ ଓ ତାଙ୍କୁ ବାରମ୍ବାର କରାଇବେ।
- ପିଲା କାର୍ଯ୍ୟଟିକୁ କରିବା ବେଳେ ତାଙ୍କୁ ନିଜେ ବା ଅନ୍ୟ ପିଲା ସହାୟତା କରିବେ।
- ସମସ୍ତଙ୍କ ସାଙ୍ଗରେ ବସି ଏକାଠି ଖେଳିବା ଓ କାର୍ଯ୍ୟ କରିବାକୁ ଉତ୍ସାହିତ କରିବେ।
- କୌଣସି କାର୍ଯ୍ୟ ନ ଶିଖୁଥିଲେ ବାରମ୍ବାର ଶିଖାଇବେ ଏବଂ ତାଙ୍କୁ ଘରେ କରାଇବା ପାଇଁ ଅଭିଭାବକଙ୍କୁ କହିବେ।

- ସାଥି ପିଲାଙ୍କୁ ସେହି ପିଲା ସହିତ ସହଯୋଗ କରିବା ପାଇଁ ପ୍ରବର୍ତ୍ତାଇବେ ।
- ପିଲାଙ୍କର ଅକ୍ଷମତାକୁ ଶୀଘ୍ର ଚିହ୍ନଟ କରି ଚିକିତ୍ସା ସୁବିଧା ପାଇବା ପାଇଁ କର୍ମୀ ଅଭିଭାବକଙ୍କୁ ଡାକ୍ତରଙ୍କ ପାଖକୁ ପଠାଇବେ ।

## ଅଙ୍ଗନୱାଡି ଶିଶୁଙ୍କ ପାଇଁ ୟୁନିଫର୍ମ

ୟୁନିଫର୍ମ ଶିଶୁଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ସେମାନଙ୍କର ଆତ୍ମ-ପରିଚୟ ଓ ଆତ୍ମ-ବିଶ୍ୱାସ ବୃଦ୍ଧିରେ ସହାୟକ ହୁଏ । ୟୁନିଫର୍ମ ପିନ୍ଧିବା ଫଳରେ ପିଲାମାନେ ଅଙ୍ଗନୱାଡିର ପିଲା ହିସାବରେ ଅନୁଭବ କରନ୍ତି ଓ ସହଜରେ ନିଜକୁ କେନ୍ଦ୍ରର କାର୍ଯ୍ୟକ୍ରମରେ ସାମିଲ କରନ୍ତି ଓ ସେଥିରେ ସକ୍ରିୟ ଭାଗ ନିଅନ୍ତି । ସେମାନଙ୍କର ମନ ଭିତରେ ସମାନତା ଭାବ ଆସିଥାଏ । ଏହା ଭବିଷ୍ୟତରେ ଉତ୍ତମ ବ୍ୟକ୍ତିତ୍ୱ ଗଠନ ପାଇଁ ସହାୟକ ହୁଏ ।

- କର୍ମୀ ଧ୍ୟାନ ଦେବେ ଯେ ପିଲାମାନେ ସଫା ସୁତୁରା ପୋଷାକ/ୟୁନିଫର୍ମ ପିନ୍ଧିବେ ।

## ଅଙ୍ଗନୱାଡି କେନ୍ଦ୍ରରେ ଘଣ୍ଟି

ଅଙ୍ଗନୱାଡି କେନ୍ଦ୍ରର ଘଣ୍ଟି ଏହାର ପ୍ରତୀକ ରୂପେ କାର୍ଯ୍ୟ କରେ; ଘଣ୍ଟି ବାଜିଲେ ଅଙ୍ଗନୱାଡିର କାର୍ଯ୍ୟ ବିଷୟରେ ବାର୍ତ୍ତା ଅଭିଭାବକ ଓ ଗ୍ରାମବାସୀଙ୍କ ନିକଟରେ ପହଞ୍ଚିବ । ଏହା ସମସ୍ତଙ୍କ ପାଇଁ ଘଡ଼ି ସଦୃଶ କାର୍ଯ୍ୟ କରିବ ।

**ଘଣ୍ଟି ବାଜିବା ସମୟ**

- ଅଙ୍ଗନୱାଡି ଆରମ୍ଭ ହେବା ଓ ଶେଷ ହେବା ସମୟରେ
- ସକାଳ ଜଳଖିଆ ଓ ଗରମ ରନ୍ଧା ଖାଦ୍ୟ ଦେବା ପୂର୍ବରୁ
- ମମତା ଦିବସର କାର୍ଯ୍ୟ ଆରମ୍ଭ ସମୟରେ
- ଯେକୌଣସି ବିଶେଷ ଦିବସ ପାଳନ ଅବସରରେ

## ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ (ଇସିସିଇ ଦିବସ)

ଅଙ୍ଗନୱାଡି କେନ୍ଦ୍ରରେ ପ୍ରତ୍ୟେକ ମାସ ୧୯ ତାରିଖରେ ଇସିସିଇ ଦିବସ ପାଳନ କରାଯିବ । କେନ୍ଦ୍ରକୁ ଆସୁଥିବା ସମସ୍ତ ପିଲା ଓ ୬ ବର୍ଷ ବୟସ ମଧ୍ୟରେ ଥିବା ପିଲାଙ୍କ ଅଭିଭାବକ / ଗୋଷ୍ଠୀ ଇସିସିଇ ଦିବସରେ ଅଂଶ ଗ୍ରହଣ କରିବେ । ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି :

- ଆଦ୍ୟ ଶୈଶବ ଯତ୍ନ ତଥା ଶିକ୍ଷା ବିଷୟରେ ଅଭିଭାବକ / ଗୋଷ୍ଠୀକୁ ସଚେତନ କରାଇବା
- ଆଦ୍ୟ-ଶୈଶବ ଶିକ୍ଷାର ଗୁରୁତ୍ୱ ବିଷୟରେ ଅଭିଭାବକ ଓ ଗୋଷ୍ଠୀକୁ ସୂଚନା ଦେବା ସହିତ ପିଲାର ଅଭିବୃଦ୍ଧି ଓ ବିକାଶ ସଂପର୍କରେ ଅଭିଭାବକମାନଙ୍କୁ ଜଣାଇବା
- ଅଭିଭାବକ ଓ ଗୋଷ୍ଠୀ ଯେପରି ସକ୍ରିୟ ଭାବରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କେନ୍ଦ୍ର ପରିଚାଳନା କରିବାରେ ସହାୟତା କରିବେ ସେଥିପ୍ରତି ଦୃଷ୍ଟି ଦେବା

ପିଲାମାନେ ଅଙ୍ଗନୱାଡି କେନ୍ଦ୍ରରେ କରିଥିବା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ ଓ ଇସିସିଇ ଦିବସ ପାଇଁ ନିର୍ଦ୍ଦେଶାବଳୀରେ ଦିଆଯାଇଥିବା ଆଲୋଚ୍ୟ ବିଷୟରୁ ଯେ କୌଣସି ଗୋଟିଏ ବିଷୟରେ ପ୍ରତ୍ୟେକ ମାସ ଆଲୋଚନା କରିବେ । ବିଷୟ ବସ୍ତୁ ଗୁଡିକ ହେଉଛି :

- ଆଦ୍ୟ-ଶୈଶବର ଗୁରୁତ୍ୱ
- ଅଣ ଆନୁଷ୍ଠାନିକ ପ୍ରାକ୍-ଶିକ୍ଷାର ଗୁରୁତ୍ୱ
- ଶିଶୁର ଅଭିବୃଦ୍ଧି ଓ ବିକାଶର ମାଇଲ ଖୁଣ୍ଟ
- ଆଦ୍ୟ ଉଦ୍ଦୀପନା
- ଉତ୍ତମ ପୁଷ୍ଟି
- ପରିଷ୍କାର ପରିଚ୍ଛନ୍ନତା
- ବିଦ୍ୟାଳୟ ଯିବାପାଇଁ ପ୍ରସ୍ତୁତି
- ଭଲ ଅଭ୍ୟାସ ଶିଖିବା ଓ ଦେଖାଇବା
- ଇସିସିଇ ଦିବସରେ ଅଭିଭାବକ ଓ ଗୋଷ୍ଠୀର ଦାୟିତ୍ୱ
- ଶିଶୁମାନଙ୍କର ନିରାପତ୍ତା ଓ ସୁରକ୍ଷା
- ଘରେ ଶିଶୁମାନଙ୍କର ଯତ୍ନ ନେବା

## ଶିକ୍ଷା କାର୍ଯ୍ୟକ୍ରମ ପରିଚାଳନା

- ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ ପରିଚାଳନା କରିବା ନିମନ୍ତେ ପ୍ରତ୍ୟେକ ଦିନର, ସପ୍ତାହର ଓ ବର୍ଷକ ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିବେ।
- ପିଲାମାନଙ୍କର ବୟସ ଓ ବିକାଶର ସ୍ତରକୁ ଆଖିରେ ରଖି ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବେ।
- ଆଦ୍ୟ-ଶୈଶବ ନିମିତ୍ତ କାର୍ଯ୍ୟକ୍ରମଗୁଡ଼ିକୁ କ୍ରୀଡ଼ା-ଭିତ୍ତିକ କରିବା ପାଇଁ ଯୋଜନା କରିବେ।
- ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମକୁ ଠିକ୍ ଭାବରେ ଯୋଜନା ଓ ପରିଚାଳନା କରିବା ପାଇଁ କର୍ମୀ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବେ।

**ଗୁରୁତ୍ୱର ସହିତ ବିଚାର କରନ୍ତୁ :**

- ପିଲାମାନଙ୍କର ବିକାଶଗତ ଆବଶ୍ୟକତା
- ପିଲାମାନଙ୍କର ବୟସ ଓ ବିକାଶର ସୋପାନ
- ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ସମନ୍ୱିତ କାର୍ଯ୍ୟକ୍ରମ

**ସମନ୍ୱୟ ରକ୍ଷା କରନ୍ତୁ :**

- ବ୍ୟକ୍ତିଗତ ଓ ଦଳଗତ କାର୍ଯ୍ୟକ୍ରମ
- ଭିତର ଓ ବାହାର କାର୍ଯ୍ୟକ୍ରମ
- ଚଞ୍ଚଳିଆ ଓ ନିସ୍ତଳିଆ କାର୍ଯ୍ୟକ୍ରମ
- ମୁକ୍ତ ଓ ସଙ୍ଗଠିତ କାର୍ଯ୍ୟକ୍ରମ

**ପର୍ଯ୍ୟାୟକ୍ରମେ ଅଗ୍ରସର ହୁଅନ୍ତୁ :**

- ସ୍ଥୂଳ ବାସ୍ତବ ଧାରଣାରୁ ସୂକ୍ଷ୍ମ ଅମୂର୍ତ୍ତ ଧାରଣାକୁ
- ଜଣାରୁ ଅଜଣାକୁ
- ସରଳରୁ ଜଟିଳ ଧାରଣାକୁ

**ନିମ୍ନଲିଖିତ ଧାରା ଅନୁସରଣ କରନ୍ତୁ :**

- ବାସ୍ତବ ଜୀବନ ଅନୁଭୂତି ଉପରେ ପର୍ଯ୍ୟବସିତ କାର୍ଯ୍ୟକ୍ରମ
- ପ୍ରତ୍ୟକ୍ଷ ଅନୁଭୂତି ସମ୍ପର୍କିତ ବସ୍ତୁ ଓ ଘଟଣାବଳୀର ବ୍ୟବହାର
- ବାସ୍ତବ ଅନୁଭୂତି ପ୍ରକାଶ କରୁଥିବା ଚିତ୍ର ଓ ବସ୍ତୁ ମାଧ୍ୟମରେ ଶିକ୍ଷା
- ଅକ୍ଷର ଓ ଶବ୍ଦ ପରି ପ୍ରତୀକଧର୍ମୀ ବସ୍ତୁ ସହିତ ପରିଚିତି

**ପ୍ରାକ୍-ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ଯୋଜନା ନିମିତ୍ତ କର୍ମୀଙ୍କ ପାଇଁ ସୂଚନା**

- ପିଲାମାନଙ୍କ କଥା ଶୁଣନ୍ତୁ ଓ ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ।
- ନିଜର ଭାବନା ଓ ଅନୁଭୂତିକୁ ପ୍ରକାଶ କରିବା ପାଇଁ ଓ ପ୍ରଶ୍ନ ପଚାରିବାପାଇଁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ।
- ପିଲାମାନଙ୍କୁ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଉତ୍ସାହିତ କରନ୍ତୁ ଓ ସେମାନଙ୍କର ଉଦ୍ୟମକୁ ପ୍ରଶଂସା କରନ୍ତୁ।
- ପ୍ରତ୍ୟେକ ପିଲା ଯେପରି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ବିଶେଷ କରି ଚୁପଚାପ ରହୁଥିବା ପିଲାମାନଙ୍କୁ ଅଧିକ ଧ୍ୟାନ ଓ ସୁଯୋଗ ଦିଅନ୍ତୁ।
- ଉତ୍ତମ ମନୋବୃତ୍ତି, ବ୍ୟବହାର ଓ ଅଭ୍ୟାସର ବିକାଶ ପାଇଁ ପିଲାମାନଙ୍କୁ ସାହାଯ୍ୟ କରନ୍ତୁ।
- କାର୍ଯ୍ୟକ୍ରମ ପରିଚାଳନା ସମୟରେ ପିଲାମାନଙ୍କୁ ଥରକେ ଗୋଟିଏ ଗୋଟିଏ କରି ସରଳ ଓ ସ୍ପଷ୍ଟ ନିର୍ଦ୍ଦେଶ ଦିଅନ୍ତୁ।
- ଶିଶୁର ପୂର୍ଣ୍ଣାଙ୍ଗ ବିକାଶର ସମସ୍ତ ଦିଗ ଓ ପ୍ରସଙ୍ଗକୁ ଦୃଷ୍ଟି ଦେଇ କାର୍ଯ୍ୟକ୍ରମ ପରିଚାଳନା କରନ୍ତୁ।

## ସମୟ ନିର୍ଘଣ୍ଟ ସମ୍ବନ୍ଧିତ ସୂଚନା

ଏହା ପୂର୍ବରୁ ସୂଚନା ଦିଆଯାଇଛି ଯେ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷା କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିବା ପାଇଁ କର୍ମୀ ପ୍ରତ୍ୟେକ ସପ୍ତାହ ଓ ପ୍ରତ୍ୟେକ ଦିନ ପାଇଁ ଆଗୁଆ ଯୋଜନା କରିବେ । ଏଥିପାଇଁ କର୍ମୀ ସାପ୍ତାହିକ ସମୟ ନିର୍ଘଣ୍ଟ ତିଆରି କରିବେ । ସମୟ ନିର୍ଘଣ୍ଟ ଏପରି ପ୍ରସ୍ତୁତ କରିବେ ଯେପରିକି ପ୍ରତି ମାସରେ ଦିଆଯାଇଥିବା କାର୍ଯ୍ୟକ୍ରମକୁ ସେହି ମାସର ୪ଟି ସପ୍ତାହରେ ସାରିବେ । ଏକ ପୂର୍ବ ପ୍ରସ୍ତୁତ ସମୟ ନିର୍ଘଣ୍ଟ ଅନୁସାରେ କାର୍ଯ୍ୟଗୁଡିକୁ କଲେ, ତିନି ଦିଗରୁ ଲାଭ ହେବ :

(୧) କର୍ମୀ କେଉଁ କାର୍ଯ୍ୟଟି ସପ୍ତାହର କେଉଁ ଦିନ ଓ କେତେବେଳେ କରିବେ ସେଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ରହିବେ ଓ ବାଉଳା ତାଉଳା ହେବେ ନାହିଁ;

(୨) କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ କର୍ମୀ ଆଗରୁ ଯୋଗାଡ କରି ରଖିବେ ଓ

(୩) ଶିଶୁର ସାମଗ୍ରିକ ବିକାଶ ପାଇଁ ଭିନ୍ନ ଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ପ୍ରାୟ ପ୍ରତ୍ୟେକ ଦିନ କରିବା ପାଇଁ କର୍ମୀ ଯୋଜନା କରିବେ ।

ସମୟ ନିର୍ଘଣ୍ଟ ଏପରି ହେବା ଆବଶ୍ୟକ, ଯେପରି ପ୍ରତ୍ୟେକ ଦିନ ଶିଶୁର ସମସ୍ତ ପ୍ରକାର ବିକାଶ (ଶାରୀରିକ, ବୌଦ୍ଧିକ, ଭାଷାଗତ, ସାମାଜିକ-ଆବେଗିକ ଓ ସୃଜନଶୀଳତା) ପାଇଁ କାର୍ଯ୍ୟକ୍ରମ ହେବ । କିଛି ଚଞ୍ଚଳିଆ ଓ କିଛି ନିଶ୍ଚଳିଆ କାର୍ଯ୍ୟ ହେବ । କିଛି କେନ୍ଦ୍ର ଭିତରେ ଓ କିଛି କେନ୍ଦ୍ର ବାହାରେ କାର୍ଯ୍ୟ ହେବ । କିଛି କାର୍ଯ୍ୟ ବ୍ୟକ୍ତିଗତ ସ୍ତରରେ ଓ କିଛି କାର୍ଯ୍ୟ ଦଳଗତ ସ୍ତରରେ ହେବ । ପରିଶେଷରେ କିଛି କାର୍ଯ୍ୟ ପିଲାଙ୍କୁ ମୁକ୍ତ ଭାବରେ କରିବା ପାଇଁ ସୁଯୋଗ ଦିଆଯିବ ଓ କିଛି କାର୍ଯ୍ୟ ସଂଗଠିତ ଭାବରେ ହେବ ।

କେତେଗୁଡିଏ କାର୍ଯ୍ୟକ୍ରମ, ଯଥା ପ୍ରାକ୍-ପଠନ, ପ୍ରାକ୍-ଲିଖନ, ସଂଖ୍ୟା ଗଣନ ଇତ୍ୟାଦି ୪ ରୁ ୬ ବର୍ଷ ପିଲାଙ୍କ ପାଇଁ ଉଦ୍ଦିଷ୍ଟ । କର୍ମୀ ଏହି ପିଲାମାନଙ୍କୁ ଉଚ୍ଚ ସ୍ତରର କାର୍ଯ୍ୟ କରାଉଥିବା ବେଳେ, ୩ ରୁ ୪ ବର୍ଷ ପିଲାମାନେ ବିଭିନ୍ନ କୋଣ ଗୁଡିକରେ ଖେଳିବେ । କର୍ମୀ ସମସ୍ତ ପିଲାଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବେ ଓ ଏଥିପାଇଁ ସହାୟିକା ତାଙ୍କୁ ସାହାଯ୍ୟ କରିବେ ।

ତଳେ ଏକ ନମୁନା ସାପ୍ତାହିକ ସମୟ ନିର୍ଘଣ୍ଟ ଦିଆଯାଇଛି ଯାହା ଅନୁସାରେ କର୍ମୀ ପ୍ରତି ମାସରେ ଦିଆଯାଇଥିବା କାର୍ଯ୍ୟଗୁଡିକୁ କରିପାରିବେ ।

ନିମ୍ନରେ ଦିଆଯାଇଥିବା ନମୁନା ସାପ୍ତାହିକ ସମୟ ନିର୍ଘଣ୍ଟ କର୍ମୀଙ୍କ ପାଇଁ ଏକ ମାର୍ଗଦର୍ଶିକା । ଏହା କାର୍ଯ୍ୟକ୍ରମ ଯୋଜନା କରିବାର ଏକ ଦିଗ ଦର୍ଶନ । କର୍ମୀ ଏହି ନମୁନା ପରି ମାସର ପ୍ରତ୍ୟେକ ସପ୍ତାହ ପାଇଁ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରିବେ ଓ ସେହି ଅନୁସାରେ କାର୍ଯ୍ୟକ୍ରମ କରିବେ ।

# ନମୁନା ସାପ୍ତାହିକ ସମୟ ନିର୍ଘଣ୍ଟ
## (୧ମ ମାସର ପ୍ରଥମ ସପ୍ତାହ ପାଇଁ)
### (ସକାଳ ୯ ଘଟିକାରୁ ଅପରାହ୍ନ ୨ ଘଟିକା)

(କର୍ମୀ ଏହି ଢ଼ାଞ୍ଚାରେ ପ୍ରତ୍ୟେକ ମାସ ଓ ପ୍ରତ୍ୟେକ ସପ୍ତାହ ପାଇଁ ସମୟ ନିର୍ଘଣ୍ଟ ତିଆରି କରିବେ)

| ବାର | ୨୦ ମିନିଟ | ୨୦ ମିନିଟ | ୨୦ ମିନିଟ | ୨୦ ମିନିଟ | ୨୦ ମିନିଟ | ୨୦ ମିନିଟ | ୨୦ ମିନିଟ | ୨୦ ମିନିଟ | ୨୦ ମିନିଟ | ୩୦ ମିନିଟ | ୩୦ ମିନିଟ | ୧ ଘଣ୍ଟା |
|---|---|---|---|---|---|---|---|---|---|---|---|---|
| ସୋମବାର | ସକାଳ ପ୍ରାର୍ଥନା ସଙ୍ଗୀତ ଉପସ୍ଥାନ ପରିଷ୍କାର ପରିଚ୍ଛନ୍ନତା | ସକାଳ ଜଳଖିଆ | ମୁକ୍ତ ବାର୍ତ୍ତାଳାପ ନାମ ଖେଳ | ସାମାଜିକ-ଆବେଗିକ ବିକାଶ (କେନ୍ଦ୍ର ସହିତ ପରିଚିତି) | ଶାରୀରିକ ବିକାଶ (ରେଳ ଗାଡ଼ି ମୋର ନାମ) | ବୌଦ୍ଧିକ ବିକାଶ (ରଙ୍ଗ ଧାରଣା) | ମୁକ୍ତ କାର୍ଯ୍ୟ କ୍ରମ (କର୍ଣ୍ଣେଇ ଖେଳ, ଜନାପଟାରେ ଆଙ୍କିବା, କାଗଜ ଭାଙ୍ଗିବା, କୋଣରେ ଖେଳିବା ଇତ୍ୟାଦି) | ଭାଷା ବିକାଶ ଗଳ୍ପ କଥନ (ମୀନାର ମିଠେଇ ଗୁଆ) | ସୃଜନଶୀଳତା ର ବିକାଶ (ପାଣି ଖେଳ) | ଗରମ ରନ୍ଧା ଖାଦ୍ୟ ବଣ୍ଟନ | ଖାତା ପତ୍ର ପୂରଣ | ଗୃହ ପରିଦର୍ଶନ |
| ମଙ୍ଗଳବାର | | | | ଭାଷା ବିକାଶ ଗଳ୍ପ କଥନ (ମୀନାର ମିଠେଇ ଗୁଆ) | ବୌଦ୍ଧିକ ବିକାଶ (ମୀନାର ମିଠେଇ ଗୁଆ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟ) | ଶାରୀରିକ ବିକାଶ (ଆସ ଆମେ ଚାଲିବା) | | ସାମାଜିକ-ଆବେଗିକ ବିକାଶ (ମୁକ୍ତ ବାର୍ତ୍ତାଳାପ) | ସୃଜନଶୀଳତା ର ବିକାଶ (ବାଲି ଖେଳ) | | | |
| ବୁଧବାର | | | | ଶାରୀରିକ ବିକାଶ (ଆସ ଆମେ ଖେଳିବା) | ଭାଷା ବିକାଶ (ଲକ୍ଷ୍ମୀର ଜନ୍ମଦିନ) | ବୌଦ୍ଧିକ ବିକାଶ (ସ୍ମୃତି ଖେଳ) | | ସାମାଜିକ-ଆବେଗିକ ବିକାଶ (ଦିଦି କହିଲେ) | ସୃଜନଶୀଳତା ର ବିକାଶ (ଦର୍ପଣ ଖେଳ) | | | |
| ଗୁରୁବାର | | | | ଭାଷା ବିକାଶ ଗଳ୍ପ କଥନ (ଲକ୍ଷ୍ମୀର ଜନ୍ମଦିନ) | ବୌଦ୍ଧିକ ବିକାଶ (ଲକ୍ଷ୍ମୀର ଜନ୍ମଦିନ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟ) | ଶାରୀରିକ ବିକାଶ (ସିଧା ଓ ବଙ୍କା ଗାରରେ ଚାଲିବା) | | ସୃଜନଶୀଳତାର ବିକାଶ (ମୁକ୍ତ ଭାବରେ ଗାଉଣା) | ସାମାଜିକ-ଆବେଗିକ ବିକାଶ (ଦିଦି କହିଲେ) | | | |
| ଶୁକ୍ରବାର | | | | ଶାରୀରିକ ବିକାଶ (ଆମ କୁନା ଯିବ ମାମୁଁ ଘର) | ଭାଷା ବିକାଶ ଗଳ୍ପ କଥନ (ମୀନାର ମିଠେଇ ଗୁଆ ଗପ ପିଲା କହିବେ ଓ ପ୍ରଶ୍ନୋତ୍ତର କାର୍ଯ୍ୟ) | ବୌଦ୍ଧିକ ବିକାଶ (ସ୍ମୃତି ଖେଳ) | | ସାମାଜିକ-ଆବେଗିକ ବିକାଶ (ମୁକ୍ତ ବାର୍ତ୍ତାଳାପ) | ସୃଜନଶୀଳତା ର ବିକାଶ (ମାଟି କାମ) | | | |
| ଶନିବାର | | | | ଭାଷା ବିକାଶ (ଲକ୍ଷ୍ମୀର ଜନ୍ମଦିନ ଗପ ପିଲା କହିବେ ଓ ପ୍ରଶ୍ନୋତ୍ତର କାର୍ଯ୍ୟ ) | ଶାରୀରିକ ବିକାଶ (ବଲ୍ ଫୋପାଡ଼ିବା ଓ ଧରିବା) | ବୌଦ୍ଧିକ ବିକାଶ (ପ୍ରକୃତି ପର୍ଯ୍ୟବେକ୍ଷଣ) | | ସାମାଜିକ-ଆବେଗିକ ବିକାଶ (ପ୍ରକୃତି ପର୍ଯ୍ୟବେକ୍ଷଣ) | ସୃଜନଶୀଳତା ର ବିକାଶ (ମୁକ୍ତ ଭାବରେ ଗାଉଣା) | | | |

(ବି.ଦ୍ର : ଏଇ ନିର୍ଦ୍ଦିଷ୍ଟ କାର୍ଯ୍ୟ କେବଳ ଗୋଟିଏ ପ୍ରକାରର ବିକାଶ ଯେ କରେ ତାହା ନୁହେଁ; ଯଥା 'ଆମ କୁନା ଯିବ ମାମୁଁ ଘର' ଶାରୀରିକ ବିକାଶ କରିବା ସହିତ ଭାଷାଗତ, ସାମାଜିକ-ଆବେଗିକ ଓ ବୌଦ୍ଧିକ ବିକାଶ ମଧ୍ୟ କରେ । ମୁଖ୍ୟତଃ ଏହା ଶାରୀରିକ ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ଏହାକୁ ସେହି ବିଭାଗରେ ରଖାଯାଇଛି । କିନ୍ତୁ ଏହାକୁ ଅନ୍ୟ ବିଭାଗର କାର୍ଯ୍ୟ ହିସାବରେ ମଧ୍ୟ ବ୍ୟବହାର କରିହେବ । କର୍ମୀ ଏହାକୁ ଧ୍ୟାନରେ ରଖି ସମୟ ନିର୍ଘଣ୍ଟ ତିଆରି କରିବେ ଯେପରିକି ପ୍ରତ୍ୟେକ ଦିନ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟକ୍ରମ ହେବ ଓ ମାସକର ସମସ୍ତ କାର୍ଯ୍ୟ ସେହି ନିର୍ଦ୍ଦିଷ୍ଟ ମାସରେ ସରିବ ଏବଂ ପିଲାମାନେ ଆବଶ୍ୟକୀୟ ଦକ୍ଷତା ହାସଲ କରିବେ ।)

# ପ୍ରାତଃ ସଙ୍ଗୀତ

## ତୁମେ ଗଢ଼ିଛ

ତୁମେ ଗଢ଼ିଛ ଏ ଟିକି ଚଢ଼େଇଟି,
ଟିକି ଗଛ ଡାଳେ ବସେ,
ତୁମେ ଗଢ଼ିଛ ଏ ଆକାଶ ରାଇଜ,
ଯହିଁ ଜହ୍ନମାମୁଁ ହସେ ।

ତୁମେ ଶିଖାଇଛ ଟିକି ବାଛୁରୀ କି,
ଫୁକୁରୁ ଫୁକୁରୁ ଚଲି,
ତୁମେ ଫୁଟାଇଛ ରଙ୍ଗଣୀ ଲତାରେ,
ଟିକି ଟିକି ଫୁଲ ନାଲି ।

ଟିକି ଶିଶୁ ମୁହିଁ ନ ଜାଣେ କେ ତୁମେ,
କେଉଁଠି ବା ତୁମେ ରୁହ,
ଟିକି ମନେ ମୋର ପୁରାଅ ସାହସ,
ଦୂର ହେଉ ମିଛ ଭୟ ।

## ନମସ୍କାର, ନମସ୍କାର

ମାଆଙ୍କୁ ଆମର ନମସ୍କାର
ବାପାଙ୍କୁ ଆମର ନମସ୍କାର
ନମସ୍କାର, ନମସ୍କାର ।

ଗୁରୁ, ଗୁରୁଜନ ନମସ୍କାର
ମାଟି ମାଆକୁ ବି ନମସ୍କାର
ନମସ୍କାର, ନମସ୍କାର ।

ଆକାଶକୁ କର ନମସ୍କାର
ଗଛକୁ ଆମର ନମସ୍କାର
ପାଣି ପବନକୁ ନମସ୍କାର
ନମସ୍କାର, ନମସ୍କାର ।

ଏହା ଭିତରୁ ଗୋଟିଏ ପ୍ରାତଃ ସଙ୍ଗୀତ ଦୈନିକ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ପିଲାମାନେ ଗାଇବେ । ପ୍ରଥମଟି ଭଲ ଭାବରେ ଗାଇ ସାରିଲାପରେ ଅନ୍ୟ ପ୍ରାତଃ ସଙ୍ଗୀତଟି ଗାଇବେ ।

# ସ୍ୱାଗତ ସଙ୍ଗୀତ ଓ ଜନ୍ମଦିନ ଗୀତ

## ସ୍ୱାଗତ ସଙ୍ଗୀତ

ଆସିଲା, କୁନି ଭଉଣୀ ଆସିଲା,
ଆସିଲା, କୁନା ଭାଇ ଆସିଲା ।
ହସିଲା, ଆମ କେନ୍ଦ୍ର ହସିଲା ।
ହସିଲା, ଆମ କେନ୍ଦ୍ର ହସିଲା ।

ଦିଦି ତାକୁ ସ୍ନେହ ଦେବେ
ଆମେ ସବୁ ଫୁଲ ଦେବୁ,
ଦିଦି ତାକୁ ଖେଳାଇବେ
ଆମେ ସବୁ ଖୁସି ହେବୁ,
ନୂଆ ସାଙ୍ଗ ପାଇବୁ,
କେତେ ମଜା କରିବୁ ।

(କେନ୍ଦ୍ରକୁ ବର୍ଷକ ମଧ୍ୟରେ ଯେ କୌଣସି ସମୟରେ ନୂଆ ପିଲା ଆସିଲେ, ଏହି ସ୍ୱାଗତ ସଙ୍ଗୀତଟି ବ୍ୟବହାର କରାଯିବ) ।

## ଜନ୍ମଦିନ ଗୀତ

ଆଜି ( ପିଲାର ନାମ) ଜନମ ଦିନ,
ତା' ପାଇଁ ଖୁସି ଆମରି ମନ ।

ଶୁଭ ଜନ୍ମ ଦିନ.... ଶୁଭ ଜନ୍ମ ଦିନ ! ( ୨ଥର)
ବଡମାନେ ତାକୁ ଆଶିଷ ଦେବେ
ସାଂଗମାନେ ତାକୁ ଗେଲ କରିବେ ।

ଶୁଭ ଜନ୍ମ ଦିନ.... ଶୁଭ ଜନ୍ମଦିନ । ( ୨ଥର)

(କେନ୍ଦ୍ରରେ ପିଲାର ଜନ୍ମଦିନ ପାଳନ ଅବସରରେ ଏହି ଜନ୍ମଦିନ ଗୀତଟି ବୋଲିବେ) ।

# ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ ଭାଗ୍ୟ ବିଧାତା,
ପଞ୍ଜାବ, ସିନ୍ଧୁ, ଗୁଜୁରାଟ, ମରାଠା,
ଦ୍ରାବିଡ଼, ଉତ୍କଳ, ବଙ୍ଗ,
ବିନ୍ଧ୍ୟ, ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ-ଜଳଧି-ତରଙ୍ଗ
ତବ-ଶୁଭ୍ ନାମେ ଜାଗେ
ତବ-ଶୁଭ୍ ଆଶିଷ ମାଗେ
ଗାଏ ତବ-ଜୟଗାଥା,
ଜନ-ଗଣ-ମଙ୍ଗଳ-ଦାୟକ, ଜୟ ହେ
ଭାରତ-ଭାଗ୍ୟ ବିଧାତା,
ଜୟ ହେ, ଜୟ ହେ, ଜୟ ହେ
ଜୟ ଜୟ ଜୟ ଜୟ ହେ ।

# ଉତ୍କଳ ବନ୍ଦନା

ବନ୍ଦେ ଉତ୍କଳ ଜନନୀ.....
ଚାରୁ ହାସମୟି ଚାରୁ ଭାଷମୟି
ଜନନୀ, ଜନନୀ, ଜନନୀ... ।

ପୂତ-ପୟୋଧି-ବିଧୌତ-ଶରୀରା
ତାଳ-ତମାଳ-ସୁଶୋଭିତ-ତୀରା,
ଶୁଭ୍ର ତଟିନୀ କୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ... ।

ଘନଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳକଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ... ।

# ଭାଗ -୨

## ମାସଭିତ୍ତିକ ପ୍ରସଙ୍ଗ ଓ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମ

# ମାସ ୧ - ମୁଁ ଓ ମୋ ପରିବାର



# ମାସ ୧ - ମୁଁ ଓ ମୋ ପରିବାର

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

## ସ୍ତର -୧ (୩-୪ ବର୍ଷ)

- ସାଗତ

ଅଙ୍ଗନୱାଡ଼ି କର୍ମୀ କେନ୍ଦ୍ରରେ ଥିବା ପିଲାମାନଙ୍କ ଦ୍ୱାରା ନବାଗତ ପିଲାମାନଙ୍କୁ ଫୁଲ ଦେଇ ଓ ସ୍ୱାଗତ ସଙ୍ଗୀତ ବୋଲି ସ୍ୱାଗତ କରିବେ ।

- **କେନ୍ଦ୍ର ସହିତ ପରିଚିତି**

କର୍ମୀ ମୁଖ୍ୟତଃ ନବାଗତ ପିଲାମାନଙ୍କୁ ସାଙ୍ଗରେ ନେଇ କେନ୍ଦ୍ର ପରିସରରେ ଥିବା ନଳକୂପ, ଶୌଚାଳୟ, ଖେଳପଡ଼ିଆ ଆଦି ସହିତ ପରିଚିତ କରାଇବେ । ଭିନ୍ନକ୍ଷମ ପିଲାମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି ପରିଚିତି କାର୍ଯ୍ୟକ୍ରମଟି କରିବେ । ଯଥା- ଦୃଷ୍ଟି ବାଧିତ ପିଲାଙ୍କୁ ବସ୍ତୁଗୁଡ଼ିକ ଛୁଆଁଇ, ଶ୍ରବଣବାଧିତ ପିଲାଙ୍କୁ ବଡ଼ ପାଟିରେ ବା ଠାର ମାଧ୍ୟମରେ ଓ ଶାରୀରିକ ଅକ୍ଷମ ପିଲାଙ୍କର ଯିବା ଆସିବା ପ୍ରତି ବିଶେଷ ଧ୍ୟାନ ଦେଇ କାର୍ଯ୍ୟ କରିବେ ।

- **ନାମ ଖେଳ**

କର୍ମୀ ସମସ୍ତ ପିଲାଙ୍କୁ ଅର୍ଦ୍ଧଗୋଲାକାର ଭାବରେ ବସାଇବେ ଓ ନିଜେ ପ୍ରଥମେ ନିଜର ନାମ କହି ପାଖ ପିଲାକୁ ତୁମ ନାମ କ'ଣ ବୋଲି ପଚାରିବେ । (ମୋ ନାଁଟି ..........,ତୁମ ନାମଟି କ'ଣ ?) । ଏହିପରି ଭାବେ ସମସ୍ତ ପିଲାଙ୍କ ନାମ କହିବା ପାଇଁ ଉତ୍ସାହିତ କରିବେ । ଏହାପରେ ପ୍ରତ୍ୟେକ ପିଲାଙ୍କ ନିମନ୍ତେ ନାମ କାର୍ଡ଼ ବାଣ୍ଟିବେ । ନାମ କାର୍ଡ଼ର ନମୁନା

| ରାନୀ | ★ |
|---|---|

ପ୍ରତ୍ୟେକ ପିଲାଙ୍କ ନାମ କାର୍ଡ଼ରେ ଭିନ୍ନ ଭିନ୍ନ ଚିତ୍ର ଦେବେ ।

## ସ୍ତର -୨ (୪-୫/୬ ବର୍ଷ)

- ସାଗତ

ସ୍ତର -୧ରେ ଦିଆଯାଇଛି

- **ଖେଳ** **'ରେଳ ଗାଡି ମୋର ନାମ'**

କର୍ମୀ ଦୁଇଟି ସିଗ୍ନାଲ୍ କାର୍ଡ କରିବେ ଯଥା-ସବୁଜ ଓ ନାଲି । ପିଲାମାନଙ୍କୁ ଧାଡିରେ କାନ୍ଧକୁ କାନ୍ଧଧରି ରେଳଗାଡି ପରି ଠିଆ କରାଇବେ । କର୍ମୀ କହିବେ, ''ସବୁଜ କାର୍ଡ଼ ଦେଖାଇଲେ ତୁମେ ରେଳଗାଡ଼ି ପରି ଚାଲିବ ଓ ନାଲି କାର୍ଡ଼ ଦେଖାଇଲେ ତୁମେ ରହିଯିବ ।'' ସବୁଜ ଓ ନାଲି କାର୍ଡ଼ଟି କର୍ମୀ ଦୁଇହାତରେ ଧରି ଗୀତଟି ବୋଲିବେ । (ଛୁକ୍,ଛୁକ୍, ଛୁକ୍, ରେଳଗାଡ଼ି ମୋର ନାମ, ଛୁକ୍ ଛୁକ୍ କରିବା ମୋ କାମ, ଆସରେ ପିଲାଏ ଜଲ୍‌ଦି ଆସ, ଗାଡ଼ିରେ କିଏ ବସିବ, ଆଗରେ ଷ୍ଟେସନ୍ ପଡ଼ିବ, ଇଞ୍ଜିନ୍ ଖାଦ୍ୟ ଖାଇବ, ଆମେ ବି ଖାଦ୍ୟ ଖାଇବା, ଛୁକ୍, ଛୁକ୍, ଛୁକ୍) ସବୁଜ କାର୍ଡ଼ ଦେଖାଇଲେ ପିଲାମାନେ ଚାଲିବେ । ଲାଲ୍ କାର୍ଡ଼ ଦେଖାଇଲେ ପିଲାମାନେ ରହିଯିବେ । ଏହିପରି ଖେଳଟି ଚାଲିବ ।

- **ଗଳ୍ପ କଥନ** **'ମୀନାର ମିଠେଇ ଖିଆ'**

ଦିନେ ମୀନାର ମାମୁଁ ତାଙ୍କ ଘରକୁ ଆସିଥିଲେ । ସାଙ୍ଗରେ ମିଠେଇ ଆଣିଥିଲେ । ବୋଉ ମିଠେଇ ଗୁଡ଼ିକୁ ଡବାରେ ପୁରାଇ ରଖିଦେଲେ । ମିଠେଇ ଗୁଡ଼ାକ ଦେଖି ମୀନାର ପାଟିରୁ ଲାଳ ବୋହିଲା । ଯେମିତି ବୋଉ ପୂଜା କରିବାକୁ ଯାଇଛନ୍ତି, ମୀନା ଲୁଚି ଲୁଚି ଯାଇ ଡବାରେ ହାତ ପୁରାଇଲା ଓ ଏକାବେଳକେ ଦୁଇଟି ମିଠେଇ ଆଣିବାକୁ ଚାହିଁଲା । ହେଲେ ଡବାର ତ ଛୋଟ ମୁହଁ । ଏତେ ଗୁଡ଼ିଏ ମିଠେଇ ଧରିଲେ ହାତ କ'ଣ ବାହାରିବ ? ଏତିକି ବେଳେ ଜେଜେ ସେଇବାଟ







- **ଅଭିନୟ ସଙ୍ଗୀତ** **'ଆସ ଆମେ ଚାଲିବା'**

ପିଲାମାନଙ୍କୁ ଅର୍ଦ୍ଧଗୋଲାକାର ଭାବେ ଠିଆ କରାଇ ତଳେ ଦିଆଯାଇଥିବା ଅଭିନୟ ସଙ୍ଗୀତଟିକୁ ଆବୃତ୍ତି କରି ପିଲାମାନଙ୍କ ସହିତ ମିଶି ଅଭିନୟ କରିବେ।

ଆସ ଆମେ ଚାଲିବା (୨ଥର)
ବାହାରକୁ ବାହାରକୁ ଚାଲିବା।
ଭିତରକୁ ଭିତରକୁ ଚାଲିବା
ଚାଲିଚାଲି ଆମେ ପୁଣି
ଗୋଲେଇ କରି ଚାଲିବା।

- **ଗଳ୍ପ କଥନ** **'ମୀନାର ମିଠେଇ ଖିଆ'**

ସ୍ତର-୨ରେ ଦିଆଯାଇଛି।

- **ଅଭିନୟ ସଙ୍ଗୀତ** **'ଆସ ଆମେ ଖେଳିବା'**

ସ୍ତର-୨ରେ ଦିଆଯାଇଅଛି।

- **ରଙ୍ଗ ଧାରଣା**

ପିଲାମାନଙ୍କୁ ୪ଟି ମୌଳିକ ରଙ୍ଗ କାର୍ଡ଼ (ନାଲି, ନୀଳ, ହଳଦିଆ, ସବୁଜ) ଦେଖାଇ ରଙ୍ଗ ଧାରଣା ଦେବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧, ୨ ଓ ୩ କରିବେ।**

- **ପାଣି ଖେଳ**

କର୍ମୀ କେନ୍ଦ୍ରରେ ଗୋଟିଏ ବଡ଼ ପାତ୍ରରେ ପାଣି ରଖିବେ। ବିଭିନ୍ନ ଆକାର ଯଥା- ଛୋଟ ଓ ବଡ଼ ଡବା, ଡବାଖୋଳ, ସଚ୍ଛେଇ ଇତ୍ୟାଦି ଦେଇ ମୁକ୍ତ ଭାବରେ ପାଣି ବୁଢ଼ାବୁଢ଼ି କରିବାକୁ କହିବେ। ପରିବେଶରୁ ମିଳୁଥିବା ରଙ୍ଗ ଯଥା- ଅଳତା, ନୀଳ, ହଳଦୀ ଇତ୍ୟାଦି ପାଣିରେ ମିଶାଇ ବିଭିନ୍ନ ରଙ୍ଗ କରିବେ।



ଦେଇ ଯାଉଥିଲେ। ମୀନାକୁ ଦେଖି କହିଲେ, ''ମୀନା, ଗୋଟିଏ ମିଠେଇ ଆଣ, ତୋ ହାତ ବାହାରି ଆସିବ।'' ଜେଜେଙ୍କ କଥା ମାନି ମୀନା ଯେମିତି ଗୋଟିଏ ମିଠେଇ ଧରିଛି ତାର ହାତ ବାହାରି ଆସିଲା। ପୁଣି ଆଉଥରେ ହାତ ପୁରାଇ ଆଉ ଗୋଟିଏ ମିଠେଇ ଆଣିଲା। ଏଥର ମୀନା ଦୁଇଟି ମିଠେଇ ପାଇ ଖୁବ୍ ଖୁସି ହୋଇଗଲା। ଜେଜେ କହିଲେ, '' ବୁଦ୍ଧି ଥିଲେ ଉପାୟ ଆସେ।''

ପ୍ରଶ୍ନ

- ମିଠେଇ କିଏ ଆଣିଥିଲେ ?
- ମୀନା ମିଠେଇ ଖାଇବ ବୋଲି କ'ଣ କଲା ?
- ମୀନାକୁ ଦେଖି ଜେଜେ କ'ଣ କହିଲେ ?
- ମୀନା କିପରି ଡବାରୁ ମିଠେଇ ଆଣିଲା ?

- **ଅଭିନୟ ସଙ୍ଗୀତ** **'ଆସ ଆମେ ଖେଳିବା'**

ଆସ ଆମେ ଖେଳିବା (୨ଥର)

ଦୁଇହାତ ଟେକିବା
ଦୁଇହାତ ଟେକି ଆମେ ଆକାଶକୁ ଦେଖିବା
ଆସ ଆମେ......
ମୁଣ୍ଡ ଆମ ଛୁଇଁବା, ଅଣ୍ଟା ଆମ ନଇଁବା,
ଗୋଡ଼ ଆଙ୍ଗୁଠି ହାତରେ ଛୁଇଁ ତଳକୁ ଆମେ ଚାହିଁବା
ଆସ ଆମେ......
କାନ୍ଧ ଆମ ଛୁଇଁବା ଉପରକୁ ଡେଇଁବା
ଉପରକୁ ଡେଇଁ ଆମେ ତଳେ ମାଡ଼ି ବସିବା
ଆସ ଆମେ ......

## ସ୍ତର -୧

### ୩-୪ ବର୍ଷ

- **ମୁକ୍ତ ବାର୍ତ୍ତାଳାପ**

କର୍ମୀ ପରିବାରର ଛବି ଦେଖାଇ ପରିବାର ସଂପର୍କିତ ପ୍ରଶ୍ନ ପଚାରିବେ । ଯଥା:

ଏହା ଭିତରେ ବାପା କିଏ ?

ଏହା ଭିତରେ ମାଆ କିଏ ?

ଏହା ଭିତରେ ଭାଇ କିଏ ?

ଏହା ଭିତରେ ଭଉଣୀ କିଏ ?

ଭାଇ ଭଉଣୀଙ୍କ ସାଙ୍ଗରେ ତୁମେ କ'ଣ ଖେଳ ?

ଏହା ବ୍ୟତୀତ ଶିକ୍ଷୟତ୍ରୀ ପିଲା ଉତ୍ତର ଦେଇପାରୁଥିବା ଅନ୍ୟାନ୍ୟ ପ୍ରଶ୍ନ ମଧ୍ୟ ପଚାରିବେ ।

- **ମୁକ୍ତ ଭାବରେ ଗାରେଇବା**

କର୍ମୀ ପିଲାମାନଙ୍କୁ ରଙ୍ଗ ଚକ୍ ଦେବେ ଓ ଚଟାଣରେ ବା କଳାପଟାରେ ମୁକ୍ତ ଭାବରେ ଗାରେଇବା ପାଇଁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୪ କରିବେ ।**

- **ସ୍ମୃତି ଖେଳ**

ପ୍ରଥମେ ପରିବାରର ଗୋଟିଏ ସଂପୂର୍ଣ୍ଣ ଛବି (ବାପା, ମାଆ, ଭାଇ, ଭଉଣୀ) ପିଲାମାନଙ୍କୁ ଦେଖାଇବେ । ତାପରେ କୌଣସି ଜଣେ ସଦସ୍ୟଙ୍କ ଚିତ୍ର ନଥାଇ ଆଉ ଗୋଟିଏ ଛବି ଦେଖାଇବେ ଓ କିଏ ନାହିଁ ବୋଲି ପଚାରିବେ । (ଏହିପରି କର୍ମୀ ଅନ୍ୟାନ୍ୟ ଛବି ମଧ୍ୟ ବ୍ୟବହାର କରି ପାରିବେ ।)

- **ବାଲି ଖେଳ**

କର୍ମୀ ବିଭିନ୍ନ ଡ଼ବା, ଛାଞ୍ଚ, ସଢ଼େଇ ଦେଇ ମୁକ୍ତ ଭାବରେ ବାଲି ଖେଳିବାକୁ କହିବେ । ବାଲିକୁ ଟିକିଏ ଓଦା କରିଦେଲେ ପିଲାମାନେ ଭିନ୍ନ ଭିନ୍ନ ଆକୃତି କରିପାରିବେ । ପିଲାମାନେ ଖେଳିବା ସମୟରେ କର୍ମୀ ପିଲାମାନଙ୍କୁ ଧ୍ୟାନ ଦେବେ, ଯେପରିକି ପିଲାମାନେ ବାଲି ଫୋପାଡ଼ିବେ ନାହିଁ କିମ୍ବା ସେମାନଙ୍କର ଆଖି, କାନ ବା ନାକରେ ବାଲି ପଶିଯିବ ନାହିଁ ।

## ସ୍ତର -୨

### ୪-୫/୬ ବର୍ଷ

| | |
|---|---|
| ଗୋଡ଼ ଦେବା ଲମ୍ବାଇ | ହାତ ଆଙ୍ଗୁଠି ମୁଠାଇ, |
| ଆଣ୍ଠୁରେ ମୁଣ୍ଡ ଲଗାଇ ଆମେ | ଗୋଡ଼କୁ ସିଧା ରଖିବା |
| | ଆସ ଆମେ ........ |
| ଆମେ ଚକା ପକାଇ | ତଳକୁ ମୁଣ୍ଡ ଲଗାଇ |
| ନମସ୍କାର କରି ଆମେ | ପଢ଼ିବାକୁ ବସିବା.... |
| | ଆସ ଆମେ ଖେଳିବା........ |

- **ବଲ୍ ଫୋପାଡ଼ିବା ଓ ଧରିବା**

କର୍ମୀ ପିଲାମାନଙ୍କୁ ଏକ ଧାଡ଼ିରେ ଠିଆ କରାଇବେ ଓ ନିର୍ଦ୍ଦିଷ୍ଟ ଜାଗା / ବାଲ୍‌ଟି ଭିତରକୁ ବଲ୍ ଫୋପାଡ଼ିବାକୁ କହିବେ ।

କର୍ମୀ ଗୋଟିଏ ପିଲାକୁ ବଲ୍ ଫୋପାଡ଼ିବାକୁ କହିବେ ଓ ଅନ୍ୟ ପିଲାକୁ ଧରିବାକୁ କହିବେ ।

- **ରଙ୍ଗ ଧାରଣା**

ସ୍ତର-୧ ରେ ଦିଆଯାଇଛି ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୧ , ୨ , ୩ ଓ ୪ କରିବେ ।**

- **ପାଣି ଖେଳ**

ସ୍ତର-୧ରେ ଦିଆଯାଇଛି ।

- **ମୁକ୍ତ ବାର୍ତ୍ତାଳାପ**

ସ୍ତର-୧ ରେ ଦିଆଯାଇଛି ।

ଏହା ସହିତ ଛୋଟ ଓ ବଡ଼ ପରିବାରର ଛବି ଦେଖାଇ ଛୋଟ ପରିବାର ଓ ବଡ଼ ପରିବାର ଚିହ୍ନାଇବେ ।



| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

◆ **ଦର୍ପଣ ଖେଳ**

କର୍ମୀ କେନ୍ଦ୍ରରେ ବଡ଼ ଦର୍ପଣ ସାମନାରେ ବାପା କେମିତି ରାଗନ୍ତି, ମା' କେମିତି ହସନ୍ତି କରିବାକୁ କହିବେ। ଅନ୍ୟମାନଙ୍କର ବିଭିନ୍ନ କାର୍ଯ୍ୟକୁ ଅନୁକରଣ କରି ପିଲା ତାର ଅନୁକରଣ ଗୁଡ଼ିକ ଦର୍ପଣରେ ଦେଖି ପାରିବ।

◆ **ସିଧା ଓ ବଙ୍କା ଗାରରେ ଚାଲିବା**

କର୍ମୀ ଚଟାଣରେ ସିଧା ଓ ଭିନ୍ନ ଭିନ୍ନ ପ୍ରକାରର ବଙ୍କା ଗାର ଟାଣି ପିଲାମାନଙ୍କୁ ଗାର ଉପରେ ସମନ୍ୱୟ ରକ୍ଷା କରି ଚାଲିବାକୁ କହିବେ। ଚାଲିବା ସମୟରେ ସମସ୍ତେ ତାଳି ମାରି ପିଲାଟିକୁ ଉତ୍ସାହିତ କରିବେ।

◆ **ଗଳ୍ପ କଥନ** **'ଲକ୍ଷ୍ମୀର ଜନ୍ମଦିନ'**

ଆଜି ଲକ୍ଷ୍ମୀର ଜନ୍ମଦିନ। ସକାଳୁ ଉଠି ନିତ୍ୟକର୍ମ ପରେ ଲକ୍ଷ୍ମୀ ବାପା ଆଣିଥିବା ନୂଆ ସାର୍ଟ ପ୍ୟାଣ୍ଟ ପିନ୍ଧିଲା। ଜେଜେ, ଜେଜେମା, ବାପା, ମା', ଦାଦା ଓ ଖୁଡ଼ୀଙ୍କୁ ପ୍ରଣାମ କଲା। ଜେଜେ ତାକୁ ଓ ତାର ସାନ ଭଉଣୀ କୁନିକୁ ସାଙ୍ଗରେ ନେଇ ମନ୍ଦିରକୁ ଗଲେ। ମନ୍ଦିରରୁ ଫେରି ଲକ୍ଷ୍ମୀ ତାର ସାଙ୍ଗମାନଙ୍କୁ ଡାକି ଆଣିଲା। ମାଆ ଓ ମାଉସୀ ଘରେ କରିଥିବା ପୁରୀ, ପିଠା, ଲଡୁ ଓ କ୍ଷିରୀକୁ ଲକ୍ଷ୍ମୀ, କୁନି ଓ ତା'ର ସାଂଗମାନଙ୍କୁ ଖାଇବାକୁ ଦେଲେ। ଏହି ସମୟରେ ଲକ୍ଷ୍ମୀର ମାମୁଁ ଆସି ପହଞ୍ଚିଲେ ଓ ଲକ୍ଷ୍ମୀକୁ ଏକ ବଲ୍ ଉପହାର ଦେଲେ। ଲକ୍ଷ୍ମୀ ଓ ତାର ସାଂଗମାନେ ବଲ୍ ଦେଖି ବହୁତ ଖୁସି ହୋଇଗଲେ। ସମସ୍ତେ ବଲ୍‌କୁ ନେଇ ଆନନ୍ଦରେ ଖେଳିଲେ। ଜନ୍ମ ଦିନରେ ବଲ୍ ପାଇଥିବାରୁ ଲକ୍ଷ୍ମୀ ମାମୁଁଙ୍କୁ ଧନ୍ୟବାଦ ଦେଲା।

ପ୍ରଶ୍ନ

- ଆଜି କାହାର ଜନ୍ମଦିନ ଥିଲା ?
- ଘରକୁ କିଏ ଆସିଥିଲେ ?
- ମାମୁଁ କ'ଣ ଦେଲେ ?

◆ **ଅଭିନୟ ସଙ୍ଗୀତ** **"ଆମ କୁନା ଯିବ ମାମୁଁ ଘର'**

ଆମ କୁନା ଯିବ ମାମୁଁ ଘର,
କୁଳେଇ କୁଣ୍ଢେଇ ସକଳର,
ମାମୁଁ ଘରେ କିଏ ଅଛନ୍ତି....... ଅଜା
ଧୂଳୁ ଧୂଳୁ ଦାଢ଼ି ଗଲି ତା'ର
ଚାଲୁଥାଏ ଅଜା ଚରଚର
ବସି ଥାଏ ଅଜା ଦାଣ୍ଡଘର
ଦାଢ଼ି ବଢ଼ାଇ ସରସର.....
ମାମୁଁ ଘରେ କିଏ ଅଛି....ଆଈ
ଗାଈ ଦୁହୁଁ ଥାଏ ଚର ଚର
ଦହି ମନ୍ଥୁଥାଏ ଘରଘର
ମାମୁଁ ଘରେ କିଏ ଅଛି........ମାମୁଁ
ସକାଳୁ ଉଠଇ ତରତର
ହଳ କରିବାକୁ ଆଗଭର
କାଠ ଚିରିବାକୁ ଆଗଭର
ମାମୁଁ ଘରେ କିଏ ଅଛି.........ମାଇଁ
ପିଠୋଉ ବଟାକୁ ଧଡ଼ପଡ଼
ଖଡ଼ିକାଟୀ କରେ ଖଡ଼ଖଡ଼
ଚିତଉ କରେ ସେ ବଡ଼ ବଡ଼
ଚକୁଳି କରେ ସେ ମଡ଼ ମଡ

◆ **ଖେଳ** **'ଦିଦି କହିଲେ'**

କର୍ମୀ ପିଲାମାନଙ୍କୁ ସରଳ ନିର୍ଦ୍ଦେଶ ଦେଇ ତାହା ଅନୁସରଣ କରିବାକୁ କହିବେ। ଯଥା- ମା' କେମିତି ରାଗନ୍ତି, ଅଜା କେମିତି ଚାଲନ୍ତି ଇତ୍ୟାଦି....

◆ **ମାଟି କାମ**

କେନ୍ଦ୍ର ବାହାରେ କର୍ମୀ ପିଲାମାନଙ୍କୁ ମାଟି ଚକଟି ବିଭିନ୍ନ ଜିନିଷ ଯଥା- ଗୁଳି, ଢ଼େଙ୍କଟି, ପିଠା, ଶିଳ, ବେଲଣା ପେଡ଼ି, ଚକି ବାଡ଼ି, ଫଳ ଇତ୍ୟାଦି କରିବାକୁ କହିବେ।

◆ **ଗଳ୍ପ କଥନ** **'ଲକ୍ଷ୍ମୀର ଜନ୍ମଦିନ'**

- ଲକ୍ଷ୍ମୀ କାହା ସାଙ୍ଗରେ ମନ୍ଦିରକୁ ଗଲା ?
- ଲକ୍ଷ୍ମୀ ଜନ୍ମଦିନରେ କ'ଣ ଖାଇଲା ?
- ମାମୁଁ ବଲ୍ ଦେବାରୁ ଲକ୍ଷ୍ମୀ ତାଙ୍କୁ କ'ଣ କହିଲା ?

# ମାସ ୨ - ମୋ ଶରୀର



# ମାସ ୨ - ମୋ ଶରୀର

## ସ୍ତର -୧

### ୩-୪ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡି କର୍ମୀ ପିଲାମାନଙ୍କୁ ନିଜର ଶରୀର ଦେଖାଇ / ଚିତ୍ର ଦେଖାଇ ଶରୀରର ବିଭିନ୍ନ ଅଙ୍ଗର ନାମ ଜଣାଇବେ । (ଭିନ୍ନକ୍ଷମ ପିଲାମାନଙ୍କୁ ଶରୀରର ଅଙ୍ଗ ଛୁଆଁଇ, ସାଙ୍କେତିକ ଭାଷା, ଠାର ମାଧ୍ୟମରେ ନାମ କହିବାକୁ କହିବେ)

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୫ କରିବେ ।**

❑ **ଦୌଡ଼ିବା କାର୍ଯ୍ୟକ୍ରମ**

କର୍ମୀ ପିଲାମାନଙ୍କୁ ଛୋଟ ଛୋଟ ଦଳରେ ଭାଗକରି ଥରକେ ଗୋଟିଏ ଦଳର ପିଲାଙ୍କୁ ଠିଆ କରିବେ ଓ ପ୍ରାୟ ୨୦/୩୦ ଫୁଟ ଦୂରରେ ପ୍ରତ୍ୟେକ ପିଲାପାଇଁ ଗୋଟିଏ ଲେଖାଏଁ ବଲ୍ /ଫୁଲ/ ଆକର୍ଷଣୀୟ ବସ୍ତୁକୁ ରଖିବେ ଏବଂ ପିଲାଙ୍କୁ ଏକା ଥରେ ଦୌଡ଼ିଯାଇ ଜିନିଷ ଆଣି ନିଜ ଜାଗାକୁ ଫେରି ଆସିବାକୁ କହିବେ ।

❑ **ପଜଲ୍ (କଟା ଚିତ୍ର ଯୋଡିବା)**

କର୍ମୀ ଗୋଟିଏ ସଂପୂର୍ଣ୍ଣ ଶରୀରର ଚିତ୍ରକୁ ୩/୪ ଖଣ୍ଡ କରି କାଟି ପିଲାମାନଙ୍କୁ ଯୋଡ଼ିବା ପାଇଁ ଦେବେ । ଏହିପରି ଭିନ୍ନ ଭିନ୍ନ ଭାବରେ କାଟି ଅନେକ ପଜଲ୍ ତିଆରି କରିପାରିବେ ।

❑ **ବଲ୍ ଫୋପାଡ଼ିବା**

କର୍ମୀ ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଜାଗା ବା ବାଲ୍ଟି ଭିତରକୁ ବଲ୍ ଫୋପାଡ଼ିବାକୁ କହିବେ ।

❑ **ଅଭିନୟ ସଙ୍ଗୀତ** **'ଏଇତ ମୋର ମଥା'**

ସ୍ତର-୨ ରେ ଗୀତଟି ଦିଆଯାଇଛି ।

## ସ୍ତର -୨

### ୪-୫/୬ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

କର୍ମୀ ନିଜର ଶରୀର ଦେଖାଇ /ଚିତ୍ର ଦେଖାଇ ବିଭିନ୍ନ ଅଙ୍ଗର ନାମ କହିବାକୁ କହିବେ (ଯଥା- ଭ୍ରୂଲତା, ଆଖି, ନଖ, ଆଙ୍ଗୁଠି, ଆଣ୍ଠୁ, କହୁଣି,କାନ୍ଧ, ଓଠ, ଜିଭ, ଦାନ୍ତ, ଇତ୍ୟାଦି)

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫ ଓ ୬ କରିବେ ।**

❑ **ସମନ୍ୱୟ ରକ୍ଷା କରବା**

କର୍ମୀ ପିଲାମାନଙ୍କୁ ସିଧା ଗାରରେ ଠିଆ କରାଇବେ । ମୁଣ୍ଡରେ/ହାତରେ ବିନ୍‌ବ୍ୟାଗ୍ ଧରି ୧୦/୨୦ ଫୁଟ୍‌ରେ ଗାର ଦେଇ ସେହି ପର୍ଯ୍ୟନ୍ତ ଚାଲିବାକୁ କହିବେ ।

❑ **କୌତୁକ ପ୍ରଶ୍ନ**

ସବୁ ଜାଣି ପାରେ, ଶରୀର ଉପରେ ଥାଏ
କହିଲ ପିଲାଏ ମୁଁ କିଏ ?.........(ମୁଣ୍ଡ)
ପାଟି ଭିତରେ ଥାଏ, ଯାହା ମୁଁ ଖାଏ, ପେଷି ଦିଏ
କହିଲ ଦେଖି ମୁଁ କିଏ ? .........(ଦାନ୍ତ)

❑ **ଅଭିନୟ ସଙ୍ଗୀତ** **'ଏଇତ ମୋର ମଥା'**

ଏଇତ ମୋର ମଥା,
ଖରା ବରଷା ଦାଉ ସହେରେ, ଧରଇ ଯେବେ ଛତା
ମୁଁ ଧରଇ ଯେବେ ଛତା....
ଏଇତ ମୋର ଆଖି
ଆଖି ଖୋଲିଲେ ଦେଖେ ମୁଁ ସବୁ, ରହେନା କିଛି ବାକି
ମୋର ରହେନା କିଛି ବାକି .......



❑ **ରଙ୍ଗ ଦେବା**

କର୍ମୀ ପିଲାମାନଙ୍କୁ ଶରୀରର ବିଭିନ୍ନ ଅଙ୍ଗ ଚଟାଣରେ ଆଙ୍କି ରଙ୍ଗ ଚକ୍ ଦେଇ ମୁକ୍ତ ଭାବରେ ରଙ୍ଗ ଦେବାକୁ କହିବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୧ ର ପୃଷ୍ଠା ୬ କରିବେ ।

❑ **ଗଳ୍ପ କଥନ 'ମାଙ୍କଡ଼ ଓ ଟୋପି ବାଲା'**

ଧୂ ଧୂ ଖରାବେଳ । ଗୋଟିଏ ଟୋପି ବିକାଳି ଟୋକେଇରେ ଟୋପି ରଖି ବିକିବା ପାଇଁ ଯାଉଥିଲା । ଖରାରେ ଚାଲିଚାଲି ତାକୁ ଭାରି ହାଲିଆ ଲାଗିଲା । ଯାଉ ଯାଉ ବାଟରେ ଗୋଟିଏ ବଡ଼ ବରଗଛ ପଡ଼ିଲା । ସେ ସେହି ଗଛ ମୂଳରେ ଟୋପି ଟୋକେଇ ରଖି ଟିକିଏ ଥକ୍କା ମାରି ବସି ପଡ଼ିଲା । ଗଛ ଛାଇରେ ଝୁଲୁଝୁଲିଆ ପବନରେ ଟୋପିବାଲାଟି ନିଦରେ ଶୋଇ ପଡ଼ିଲା । ସେହି ଗଛ ଉପରେ ବହୁତ ଗୁଡ଼ାଏ ମାଙ୍କଡ଼ ବସିଥିଲେ । ଟୋପି ବାଲାଟି ଶୋଇ ପଡ଼ିବା ଦେଖି, ମାଙ୍କଡ଼ମାନେ ଚୁପ୍‌ଚାପ୍ ଆସି ତା ଟୋକେଇରୁ ସବୁ ଟୋପି ନେଇ ମୁଣ୍ଡରେ ଲଗାଇ ଗଛଉପରେ ଯାଇ ବସି ପଡ଼ିଲେ । କିଛି ସମୟ ପରେ ଟୋପିବାଲାର ନିଦ ଭାଙ୍ଗିଗଲା । ଦେଖିଲା, ତା' ଟୋକେଇରେ ଗୋଟିଏ ହେଲେ ଟୋପି ନାହିଁ । କୁଆଡ଼େ ଗଲା ? ଉପରକୁ ଚାହିଁ ଦେଖିଲା, ସବୁ ମାଙ୍କଡ଼ ମାନେ ତା ଟୋପି ନେଇ ପିନ୍ଧି ଗଛରେ ବସିଛନ୍ତି । ସେ ବିକଳ ହୋଇ, ''ମୋ ଟୋପି ଦିଅ'' ବୋଲି ମାଗିଲା । ମାଙ୍କଡ଼ ମାନେ ଶୁଣିଲେନି । ଟୋପିବାଲା ଗୋଟିଏ ବୁଦ୍ଧି ପାଞ୍ଚିଲା । ତା' ମୁଣ୍ଡରେ ପିନ୍ଧିଥିବା ଟୋପିଟିକୁ ବାହାର କରି ଫୋପାଡ଼ି ଦେଲା । ଏହା ଦେଖି ମାଙ୍କଡ଼ମାନେ ପିନ୍ଧିଥିବା ଟୋପି ସବୁ ତଳେ ଫୋପାଡ଼ି ଦେଲେ । ଟୋପିବାଲା ଖୁସି ହୋଇ ସବୁ ଟୋପି ଟୋକେଇରେ ରଖି ବିକିବାକୁ ଚାଲିଗଲା ।

(ବୁଦ୍ଧି ଥିଲେ ଉପାୟ ଆସେ)

ପ୍ରଶ୍ନ

- ଟୋପିବାଲା କୁଆଡ଼େ ଯାଉଥିଲା ?
- ମାଙ୍କଡ଼ମାନେ କେଉଁଠି ଥିଲେ ?
- ମାଙ୍କଡ଼ମାନେ ଟୋପି ନେଇ କ'ଣ କଲେ ?
- ଟୋପିବାଲା ତା' ଟୋପିସବୁ କିପରି ଫେରି ପାଇଲା ?



ଏଇତ ମୋର ନାକ,
ଯିବା ଆସିବା କରେ ପବନ, ଏଇଠି ଜୀବନ ଯାକ
ମୋର ଏଇଠି ଜୀବନ ଯାକ..... ।
ଏଇତ ମୋର ପାଟି
ଯାହା ମୁଁ ଖାଏ, ଚୋବାଏ ଦାନ୍ତ, ଦିଅଇ ସବୁ ବାଟି
ସେ ଦିଅଇ ସବୁ ବାଟି..... ।
କାନ ଦିଓଟି ପୁଣି
ପତର ଟିଏ ପଡ଼ିଲେ ତଳେ ପାରଇ ମୁହିଁ ଶୁଣି
ଯାହା ପାରଇ ମୁହିଁ ଶୁଣି ..... ।
ଏଇତ ମୋର ପେଟ
ଯାହା ମୁଁ ଖାଏ, ଯାହା ମୁଁ ପିଏ, ସବୁ ଏଇଠି ଭେଟ
ମୋର ସବୁ ଏଇଠି ଭେଟ..... ।
ପାଦ ଦୁଇଟି ଏଇ......
ଦୁନିଆଁ ସାରା ବୁଲଇ ମୁହିଁ ପାଦରେ ଭରା ଦେଇ
ମୋର ପାଦରେ ଭରା ଦେଇ ...... ।
ଏଇ ଯେ ମୋର ହାତ,
ବାଁ ହାତରେ ଉଡାଏ ମାଛି
ଡାହାଣେ ଖାଏ ଭାତ

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ୨ ର ପୃଷ୍ଠା ୭ କରିବେ ।

❑ **ଖେଳ 'ବାଘ ମାମୁଁ . ବାଘ ମାମୁଁ ସମୟ କ'ଣ ପାଇଁ ?'**

ସ୍ତର-୧ ରେ ଦିଆଯାଇଛି

## ସ୍ତର -୧

### ୩-୪ ବର୍ଷ

**❑ ଖେଳ 'ବାଘ ମାମୁଁ, ବାଘ ମାମୁଁ, ସମୟ କ'ଣ ପାଇଁ ?'**

ଜଣେ ପିଲା ବାଘ ମାମୁଁ ହୋଇ ଗୋଟେ ପଟେ ରହିବ। ଅନ୍ୟ ପିଲାମାନେ ଧାଡ଼ି କରି ଅନ୍ୟ ପଟେ ଠିଆ ହେବେ। ବାଘ ମାମୁଁଙ୍କୁ ପିଲାମାନେ ପଚାରିବେ, ''ବାଘ ମାମୁଁ, ବାଘ ମାମୁଁ, ସମୟ କ'ଣ ପାଇଁ ?'' ବାଘ ମାମୁଁ କହିବ, ''ଶୋଇବା ପାଇଁରେ ଭାଇ, ଶୋଇବା ପାଇଁ''। ପିଲାମାନେ ଶୋଇବା ଅଭିନୟ କରିବେ। ଏହିପରି ଉଠିବା, ମୁହଁ ଧୋଇବା, ଦାନ୍ତ ଘଷିବା, ଗାଧୋଇବା, ଜାମା ପିନ୍ଧିବା ଇତ୍ୟାଦି କହିବେ। ଯେତେବେଳେ ବାଘ ମାମୁଁ ଖାଇବା ପାଇଁ କହିବ, ସେତେବେଳେ ପିଲାମାନଙ୍କୁ ବାଘମାମୁଁ ଗୋଡ଼ାଇବ ଓ ଯାହାକୁ ଛୁଇଁବ ସେ ବାଘ ହେବ। ଏହିପରି ଖେଳ ଦ୍ୱାରା ପିଲାମାନେ ସମସ୍ତ ପ୍ରକାର କାମର ଅଭିନୟ କରିବେ।

**❑ ଅଭିନୟ ସଙ୍ଗୀତ 'ସକାଳୁ ଉଠି ମୁଁ ଘଷିବି ଦାନ୍ତ'**

ସ୍ତର- ୨ ରେ ଦିଆଯାଇଛି।

**❑ କାଗଜ ଭାଙ୍ଗିବା, ଚିରିବା ଓ ସଜାଡ଼ିବା**

କର୍ମୀ ପିଲାମାନଙ୍କୁ ଛୋଟ ଦଳରେ ବିଭକ୍ତ କରି ଗୋଟିଏ ଦଳକୁ କିଛି କାଗଜ ଦେଇ ଟିକି ଟିକି କରି ଚିରିବାକୁ କହିବେ। ଅନ୍ୟ ଦଳକୁ କାଗଜ ଭାଙ୍ଗିବା, କାଗଜରେ ପକ୍ଷୀ କରିବାକୁ କହିବେ। ଆଉ ଏକ ଦଳକୁ ଚଟାଣରେ ଅଙ୍କା ଯାଇଥିବା ବିଭିନ୍ନ ଆକାରରେ ଟିକିଟିକି କାଗଜ, ଫୁଲ, ପତ୍ର, ଗୋଡ଼ି ଇତ୍ୟାଦି ଦେଇ ସଜାଡ଼ିବାକୁ କହିବେ।

**❑ କୋଲାଜ୍**

କର୍ମୀ ମଣିଷ ଶରୀରର ବଡ଼ ଚିତ୍ର ଦେବେ। ରଙ୍ଗୀନ୍ କାଗଜକୁ ଚିରି ଛୋଟ ଛୋଟ ଖଣ୍ଡ କରି ଅଠାଦେଇ ଶରୀର ଚିତ୍ର ମଧ୍ୟରେ ଲଗାଇବାକୁ ପିଲାମାନଙ୍କୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ ୧ ର ପୃଷ୍ଠା ୭ କରିବେ।**

**❑ କେଉଁଟି ଅଲଗା ବାଛ**

କର୍ମୀ ପିଲାମାନଙ୍କୁ କେତେଗୁଡ଼ିଏ କାର୍ଡ଼ ଦେଖାଇବେ। ପ୍ରତ୍ୟେକ କାର୍ଡ଼ରେ ୪ଟି ଚିତ୍ର ଥିବ ଯେଉଁଥିରୁ ଗୋଟିକରେ କାନ ନଥିବ ବା ନାକ ନଥିବ

## ସ୍ତର -୨

### ୪-୫/୬ ବର୍ଷ

**❑ ଅଭିନୟ ସଙ୍ଗୀତ 'ସକାଳୁ ଉଠି ମୁଁ ଘଷିବି ଦାନ୍ତ'**

ସକାଳୁ ଉଠି ମୁଁ ଘଷିବି ଦାନ୍ତ    ଖାଇବା ଆଗରୁ ଧୋଇବି ହାତ।
ଆସନ ଉପରେ ଖୁସିରେ ବସି    ଯାହା ଦେବେ ମା ଖାଇବି ବସି।
ଖାଇବା ଦରବ ଫିଙ୍ଗିବି ନାହିଁ    ବେଶୀ ଥିବ ଯାହା ଦେବି ଫେରାଇ।
ଖାଦ୍ୟରେ ବସାଇ ନଦେବି ମାଛି    ଲୁଗା ସଫା ମୁହିଁ କରିବି କାଚି।
ବଢ଼ାଇବି ନାହିଁ ନଖ ମୋହର    ନଖର ମଇଳା ରୋଗର ଘର।
ମୁହଁରେ ନଦେବି ଅସନା ପାଣି    ପାଣିକୁ ସିଝାଇ ପିଇବି ଛାଣି।
ବ୍ୟାୟାମ କରିବି ସଂଜ ସକାଳେ    ଖେଳିବି ବୁଲିବି ସାଥୀଙ୍କ ମେଳେ।
ଯେତେବେଳେ ଯେଉଁ କାମ ମୋହରି    ସାରିବି ନିତି ମୁଁ ହେଳା ନ କରି।

(ଭିନ୍ନକ୍ଷମ ପିଲାମାନଙ୍କୁ ଜାମା ପିନ୍ଧିବା, ଦାନ୍ତ ଘଷିବା ଇତ୍ୟାଦି ଅଭିନୟ କରି, ଛୁଆଁଇ ଦେଖାଇବେ।)

**❑ ଧାରାବାହିକ ଚିନ୍ତନ**

କର୍ମୀ ପିଲାମାନଙ୍କୁ ସୁ-ଅଭ୍ୟାସ ଚିତ୍ରଥିବା କେତେକ କାର୍ଡ଼ (୪-୫) ଦେଇ ଓ ଦିନରେ କାହାପରେ କ'ଣ କାର୍ଯ୍ୟକ୍ରମ ହୁଏ ସେଇ ଅନୁସାରେ ଧାରାବାହିକ ଭାବେ ସଜାଇବାକୁ କହିବେ।

**❑ ସାପ ସିଡ଼ି ଖେଳ**

କର୍ମୀ ପିଲାମାନଙ୍କୁ ସୁ-ଅଭ୍ୟାସ ଓ କୁ-ଅଭ୍ୟାସ ଚିତ୍ର ଥିବା ବୋର୍ଡ଼ ଦେବେ। ପିଲାମାନେ ଗୋଟି ପକାଇ ଖେଳ ଚଳାଇବେ। ଯେଉଁଠି ସୁ-ଅଭ୍ୟାସ ପଡ଼ିବ, ସେଠାରେ ସିଡ଼ିରେ ଉଠିବେ ଏବଂ ଯେଉଁଠି କୁ-ଅଭ୍ୟାସ ପଡ଼ିବ ସେଠାରେ ସାପ ଖାଇବ। ଏହିପରି ଖେଳ ଚାଲିବ।





## ସ୍ତର -୧

### ୩-୪ ବର୍ଷ

ବା ପାଟି ନଥିବ ବା ଆଖି ନଥିବ। ସେଥିରୁ କେଉଁଟି ଅଲଗା ପ୍ରତ୍ୟେକ ପିଲାଙ୍କୁ ବାଛିବାକୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ ୧ ର ପୃଷ୍ଠା ୮ କରିବେ।**

- ❑ **ଗଳ୍ପ କଥନ** **'କିଏ ବଡ଼ ?'**

ଥରେ ହାତ, ଗୋଡ଼ ଓ ପେଟ ନିଜ ନିଜ ଭିତରେ କଳି ଲାଗିଲେ। ହାତ କହିଲା, ''ମୁଁ ବଡ଼।'' ଗୋଡ଼ କହିଲା, ''ମୁଁ ବଡ଼''। ପେଟ କହିଲା, ''ମୁଁ ବଡ଼ କାରଣ ମୁଁ ଖାଦ୍ୟ ହଜମ କରି ବଳ ଯୋଗାଇଲେ ଯାଇ ତୁମେ ମାନେ କାମ କରିପାରୁଛ। ତେଣୁ ମୁଁ ସବୁଠାରୁ ବଡ଼।'' ଏହା ଶୁଣି ହାତ କହିଲା, ''ନାହିଁ ନାହିଁ, ମୁଁ ସବୁଠୁଁ ବଡ଼, କାରଣ ମୁଁ କାମ କଲେ, ଭାତ, ରୁଟି, ପାଟି ପାଖକୁ ନେଲେ ଯାଇ ପେଟ ଖାଦ୍ୟ ପାଉଛି। ମୁଁ ଯଦି ଖାଇବାକୁ ନ ଦିଏ, ତେବେ ପେଟ ତ ଭୋକରେ ରହିଯିବ, ତେଣୁ ମୁଁ ବଡ଼।'' ତା'ପରେ ଗୋଡ଼ କହିଲା, ''ନାହିଁ, ନାହିଁ ମୁଁ ବଡ଼, କାରଣ ମୁଁ ଚଲାବୁଲା କରିବା ଫଳରେ ମଣିଷ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇ ପାରୁଛି। ମୁଁ ଯଦି ଚଲାବୁଲା ନ କରିବି, ହାତ ଭାତ ବା ରୁଟି ଆଣିପାରିବ ନାହିଁ, ପେଟ ମଧ୍ୟ ଖାଦ୍ୟ ପାଇପାରିବ ନାହିଁ, ତେଣୁ ମୁଁ ହିଁ ବଡ଼।'' ଏହାପରେ ହାତ ଓ ଗୋଡ଼ ମିଶି କିଛି କାମ ନକରି ପେଟକୁ ଉଚିତ୍ ଶିକ୍ଷା ଦେବା ପାଇଁ ଭାବିଲେ। ତେଣୁ ତା'ପର ଦିନ ହାତ ଓ ଗୋଡ଼ କିଛି କାମ କଲେ ନାହିଁ। ତେଣୁ ପେଟ ବି ଖାଦ୍ୟ ପାଇ ପାରିଲା ନାହିଁ, କି ହଜମ କରି ଦେହକୁ ବଳ ଯୋଗାଇ ପାରିଲା ନାହିଁ। ଗୋଟିଏ ଦିନ ପରେ ହାତ ଗୋଡ଼ ଆଉ ନିଜ ସ୍ଥାନରୁ ଉଠିପାରିଲେ ନାହିଁ। ହାତ ଗୋଡ଼କୁ କହିଲା, ''କ'ଣ କରିବା, ଆମେ କ'ଣ ଚଳପ୍ରଚଳ ହୋଇପାରିବା ନାହିଁ ?'' ଗୋଡ଼ କହିଲା, ''ଆମେ କ'ଣ କରିବା ?'' ଏହା ଶୁଣି ପେଟ ଟିକେ ମୁରୁକି ହସି କହିଲା, ''ଆରେ ଭାଇ, ସମସ୍ତେ ମିଳିମିଶି କାମ କଲେ ସମସ୍ତେ ନିଜ ନିଜ ସ୍ଥାନରେ ବଡ଼ ହୋଇ ରହି ପାରିବା। ଗୋଡ଼ ଚଲାବୁଲା କରିବ, ହାତ କାମ କରି ଭାତ, ରୁଟି ପାଟି ପାଖକୁ ଆଣିବ ଏବଂ ମୁଁ ତାକୁ ହଜମ କରି ବଳ ଯୋଗାଇଲେ ସମସ୍ତେ ଚଳ ପ୍ରଚଳ ହେବେ। ତେଣୁ ବଡ଼ କିଏ କହି କଳି ନ କରି ସମସ୍ତେ ମିଳିମିଶି କାମ କରିବା ଭଲ !'' ହାତ, ଗୋଡ଼ ମଧ୍ୟ ପେଟ ସହ ଏକମତ ହେଲେ। ସେବେଠାରୁ ଆଉ କଳି କଲେ ନାହିଁ।

## ସ୍ତର -୨

### ୪-୫/୬ ବର୍ଷ

- ❑ **ଆବଦ୍ଧ କ୍ଷେତ୍ରରେ ଗାର ଓ ଅଙ୍କା ବଙ୍କା ଗାର ଟାଣିବା**

କର୍ମୀ ଚଟାଣରେ ବିଭିନ୍ନ ଆକାରର ଚିତ୍ର ଆଙ୍କି ପିଲାମାନଙ୍କୁ ତା' ଭିତରେ ଅଙ୍କା ବଙ୍କା ଗାର ଟାଣିବାକୁ କହିବେ।

- ❑ **ଅବସ୍ଥାନ ଧାରଣା**

କର୍ମୀ ଶରୀରର ଛବି ଦେଖାଇ କେଉଁ ଅଙ୍ଗ ଉପରେ ଅଛି, କେଉଁ ଅଙ୍ଗ ତଳେ ଅଛି ପିଲାମାନଙ୍କୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ ୨ ର ପୃଷ୍ଠା ୮ କରିବେ।**

- ❑ **ଗଳ୍ପ କଥନ** **'କିଏ ବଡ଼ ?'**

ସ୍ତର -୧ ରେ ଦିଆଯାଇଅଛି।

କର୍ମୀ ଗଳ୍ପ କହି ସାରିଲା ପରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ସମସ୍ତ ପିଲାମାନଙ୍କୁ ପଚାରିବେ।

**ପ୍ରଶ୍ନ**

- କିଏ କିଏ କଳି ଲାଗିଲେ ?
- ପେଟ କ'ଣ କହିଲା ?
- ହାତ କ'ଣ କହିଲା ?
- ଗୋଡ଼ କ'ଣ କହିଲା ?
- ଏହି ଗପରୁ ତୁମେ କ'ଣ ଶିଖିଲ ?

- ❑ **ଅଭିନୟ ସଙ୍ଗୀତ** **'ଘୋ ଘୋ ରାଣୀ'**

ଏତେ ଏତେ ପାଣି ଘୋ ଘୋ ରାଣୀ।
ପାଦେ ପାଦେ ପାଣି, ଘୋ ଘୋ ରାଣୀ।
ଆଣ୍ଠୁଏ ଆଣ୍ଠୁଏ ପାଣି ଘୋ ଘୋ ରାଣୀ।
ଅଣ୍ଟେ ଅଣ୍ଟେ ପାଣି ଘୋ ଘୋ ରାଣୀ।
ଛାତିଏ ଛାତିଏ ପାଣି ଘୋ ଘୋ ରାଣୀ।
ବେକେ ବେକେ ପାଣି ଘୋ ଘୋ ରାଣୀ।

# ମାସ ୩ - ପଶୁ ପକ୍ଷୀ



# ମାସ ୩ - ପଶୁ ପକ୍ଷୀ

## ସ୍ତର -୧

### ୩-୪ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡି କର୍ମୀ ୫ଟି ପଶୁପକ୍ଷୀଙ୍କ ବଡ଼ ଚିତ୍ର ସୋଲ ବା ହାର୍ଡ଼ ବୋର୍ଡ଼ରେ ମାରି ଗାଈ, କୁକୁର, କୁକୁଡ଼ା, ବତକ, ବିଲେଇର ନାମ ଜଣାଇବେ।

ଦୃଷ୍ଟିବାଧିତ ପିଲାଙ୍କୁ କାର୍ଡ଼ ଗୁଡ଼ିକ ଛୁଆଁଇ ପଶୁପକ୍ଷୀଙ୍କ ନାମ ଜଣାଇବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୯ କରିବେ।**

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ବାହାରକୁ ବୁଲାଇ ନେଇ ପଶୁପକ୍ଷୀଙ୍କୁ ଚିହ୍ନାଇବେ ଓ ତାଙ୍କ ଶବ୍ଦ ଓ ରଙ୍ଗ ଜଣାଇବେ।

ଶ୍ରବଣ ବାଧିତ ଓ ବାକ୍‌ଶକ୍ତି ହୀନ ପିଲାଙ୍କୁ ଠାର ମାଧ୍ୟମରେ ପରିବେଶ ବିଷୟରେ ପ୍ରତ୍ୟକ୍ଷ ଅଭିଜ୍ଞତା ଦେବେ।

ଦୃଷ୍ଟି ବାଧିତ ପିଲାଙ୍କୁ ଯେତେଦୂର ସମ୍ଭବ ପଶୁପକ୍ଷୀ ମାନଙ୍କୁ ଛୁଆଁଇ ଓ ସେମାନଙ୍କର ବର୍ଣ୍ଣନା କରି ଧାରଣା ଦେବେ।

❑ **ଖେଳ** **'କୁମ୍ଭୀର ତୋ ପାଣିକୁ ଆସିଛି'**

କର୍ମୀ ପିଲାମାନଙ୍କୁ ଏକ ଗୋଲେଇରେ ଠିଆ କରାଇବେ। ମଝିରେ ଏକ ପିଲାକୁ ଠିଆ କରିବେ ଯିଏକି କୁମ୍ଭୀର ହେବ। ଅନ୍ୟ ପିଲାମାନେ ଗୋଲ ମଝିକୁ ଆସି ''କୁମ୍ଭୀର ତୋ ପାଣିକୁ ଆସିଛି'' କହିବେ। କୁମ୍ଭୀର ହୋଇଥିବା ପିଲା ଯାହାକୁ ଛୁଇଁବ ସେ ପୁଣି କୁମ୍ଭୀର ହେବ।

## ସ୍ତର -୨

### ୪-୫/୬ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

କର୍ମୀ ୧୦ଟି ପଶୁ ଓ ପକ୍ଷୀଙ୍କ ଚିତ୍ର ସୋଲ ବା ହାର୍ଡ଼ବୋର୍ଡ଼ରେ ମାରି ଗାଈ, କୁକୁର, କୁକୁଡ଼ା, ବିଲେଇ, ଘୋଡ଼ା, ବାଘ, ମୟୂର, ଛେଳି, ହାତୀ, ମାଙ୍କଡ଼ ଚିହ୍ନାଇବେ ଓ ନାମ ଜଣାଇବେ ଏବଂ ଜାତୀୟ ପଶୁପକ୍ଷୀଙ୍କ ଚିତ୍ର ଦେଖାଇ ନାମ ଜଣାଇବେ ଓ ଚିହ୍ନାଇବେ।

ଦୃଷ୍ଟିବାଧିତ ପିଲାଙ୍କୁ କାର୍ଡ଼ ଗୁଡ଼ିକ ଛୁଆଁଇ ପଶୁ ପକ୍ଷୀଙ୍କ ନାମ ଜଣାଇବେ।

କର୍ମୀ ଜାତୀୟ ପଶୁପକ୍ଷୀଙ୍କ ସମ୍ପର୍କରେ ଧାରଣା ଦେବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୨ର ପୃଷ୍ଠା ୯ କରିବେ।**

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ବାହାର ପରିବେଶକୁ ବୁଲାଇ ନେଇ ପଶୁ ପକ୍ଷୀଙ୍କୁ ଚିହ୍ନାଇବେ ଓ ତାଙ୍କ ଶବ୍ଦ, କିଏ କେଉଁଠି ରୁହେ, କିଏ କ'ଣ ଖାଆନ୍ତି ଇତ୍ୟାଦି ଜଣାଇବେ।

ଶ୍ରବଣବାଧିତ ଓ ବାକ୍‌ଶକ୍ତିହୀନ ପିଲାଙ୍କୁ ଠାରରେ ପରିବେଶରୁ ପ୍ରତ୍ୟକ୍ଷ ଅଭିଜ୍ଞତା ଦେବେ।

ଦୃଷ୍ଟିବାଧିତ ପିଲାଙ୍କୁ ଯେତେଦୂର ସମ୍ଭବ ପଶୁପକ୍ଷୀ ମାନଙ୍କୁ ଛୁଆଁଇ ଓ ସେମାନଙ୍କର ବର୍ଣ୍ଣନା କରି ଧାରଣା ଦେବେ।

❑ **କାହାର ଛୁଆ କିଏ ?**

କର୍ମୀ ୧୦ଟି ପଶୁ ଓ ପକ୍ଷୀ ଯଥା:- ଗାଈ, କୁକୁର, କୁକୁଡ଼ା, ବତକ, ବିଲେଇ, ବାଘ, ହାତୀ, ଛେଳି, ମାଙ୍କଡ଼, ଘୋଡ଼ାଙ୍କ ଚିତ୍ର ଓ ସେମାନଙ୍କ ଛୁଆର ଚିତ୍ର ଦୁଇ ଧାଡ଼ିରେ ରଖି ଯୋଡ଼ି ବାଛିବାକୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୨ର ପୃଷ୍ଠା ୧୦ କରିବେ।**

- ଗଳ୍ପ କଥନ 'ବିଲେଇର ପିଠାଖିଆ'

ଓଲେଇ ଓ ଦୁଲେଇ ନାଁରେ ଦୁଇଟି ବିଲେଇ ଥିଲେ। ଦିନେ ଦୁହେଁ ମାଲିକଙ୍କ ଘରୁ ପିଠାଟିଏ ଉଠେଇ ନେଲେ। ଦୁହେଁ ପିଠାଟିକୁ ନେଇ ଗୋଟିଏ ଗଛ ମୂଳେ ପହଁଞ୍ଚିଲେ। ହେଲେ, ଖାଇବେ କେମିତି? ଓଲେଇ କହିଲା, ''ମୁଁ ବଡ଼ଖଣ୍ଡ ନେବି।'' ଦୁଲେଇ କହିଲା, ''ମୁଁ ବଡଖଣ୍ଡ ନେବି।'' ଭାଗ କେମିତି କରିବେ ଭାବେଣି ପଡ଼ିଲା। ଗଛ ଉପରେ ମାଙ୍କଡ଼ ବିଲେଇ ଦୁହିଁଙ୍କ କଳି ଦେଖୁଥିଲା। ମାଙ୍କଡ଼ ପାଟିରୁ ଲାଳ ବୋହିଲା। କେମିତି ପିଠାଟିକୁ ଖାଇବ। ମାଙ୍କଡ଼ ତଳକୁ ଓହ୍ଲାଇ ଆସିଲା। ବିଲେଇ ଦୁହିଁଙ୍କୁ କହିଲା, ''ତୁମେ ଦୁହେଁ ମୋ ପାଖକୁ ନିକିତିଟିଏ ନେଇ ଆସ, ମୁଁ ପିଠାଟିକୁ ସମାନ ଭାଗ କରି ଦେବି।'' ବିଲେଇମାନେ ନିକିତିଟିଏ ଆଣି ମାଙ୍କଡ଼କୁ ଦେଲେ। ମାଙ୍କଡ଼ ପିଠାଟିକୁ ଦୁଇଖଣ୍ଡ କରି ନିକିତିର ଦୁଇପଟେ ରଖିଲା। ଗୋଟିଏ ପଟେ ବଡ଼ ଖଣ୍ଡ ପିଠା ରହିବାରୁ ଓଜନିଆ ହୋଇ ତଳକୁ ଆସିଲା। ମାଙ୍କଡ଼ ଚଟ୍‌କିନା ସେଥିରୁ ଖଣ୍ଡେ ଛିଣ୍ଡେଇ ପାଟିକୁ ପକେଇ ଦେଲା। ପୁଣି ଆର ପଲାଟି ପୁଣି ଓଜନିଆ ହୋଇ ତଳକୁ ଆସିଲା। ସେ ପୁଣି ଖଣ୍ଡେ ଖାଇଦେଲା। ଏହି ପରି ଖାଇ ଖାଇ ସବୁତକ ପିଠା ଖାଇଦେଇ ଗଛ ଉପରକୁ ଚଢ଼ିଗଲା। ଓଲେଇ ଦୁଲେଇ କାନମୁଣ୍ଡା ଆଉଁସି ମନ ଦୁଃଖରେ ଘରକୁ ଫେରିଲେ।

- ଅଭିନୟ ସଙ୍ଗୀତ 'କିଏ କେଉଁଠି ରହେ ?'

ସ୍ତର - ୨ରେ ଦିଆଯାଇଛି।

- ଖେଳ 'କିଏ କେଉଁଠି ରହେ ?'

କର୍ମୀ ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରିବେ। ବଡ଼ ପିଲାମାନଙ୍କୁ ପଶୁ ପକ୍ଷୀଙ୍କ ଚିତ୍ର କାର୍ଡ଼ ଦେବେ ଓ ଛୋଟ ପିଲାମାନଙ୍କୁ ତାଙ୍କର ବାସଗୃହର ଚିତ୍ର କାର୍ଡ଼ ଦେବେ। ବଡ଼ ପିଲାମାନଙ୍କୁ ପଶୁପକ୍ଷୀଙ୍କ ବାସ ଗୃହକୁ ବାଛିବାକୁ କହିବେ। ସେମାନେ ଛୋଟ ପିଲାମାନେ ଧରିଥିବା ବାସଗୃହ ଚିତ୍ର ଥିବା କାର୍ଡ଼ ସହିତ ଯୋଡ଼ି ବାଛିବେ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୧ ର ପୃଷ୍ଠା ୧୦ କରିବେ।



- କିଏ କ'ଣ ଖାଏ ?

କର୍ମୀ ପିଲାମାନଙ୍କୁ ପଶୁପକ୍ଷୀଙ୍କ ଚିତ୍ର ଓ ଖାଦ୍ୟର ଚିତ୍ର ଦେଖାଇ କିଏ କ'ଣ ଖାଏ ଜଣାଇବେ।

- ଗଳ୍ପ କଥନ 'ବିଲେଇର ପିଠାଖିଆ'

ସ୍ତର- ୧ ରେ ଦିଆଯାଇଅଛି।

**ପ୍ରଶ୍ନ**

- କେଉଁମାନେ ପିଠା ଆଣିଥିଲେ ?
- ସେମାନେ ପିଠାକୁ ଦେଖି କ'ଣ କଲେ ?
- ମାଙ୍କଡ଼ କେଉଁଥିରେ ପିଠାକୁ ଭାଗ କଲା ?
- ଶେଷରେ ମାଙ୍କଡ଼ କଣ କଲା ?

- ଶ୍ରେଣୀ ବିଭାଗୀକରଣ

କର୍ମୀ ପିଲାମାନଙ୍କୁ ତିନୋଟି ଦଳରେ ବିଭକ୍ତ କରିବେ ଓ ୫ଟି ଜଙ୍ଗଲି ପଶୁ, ୫ଟି ଗୃହପାଳିତ ପଶୁ, ଜାତୀୟ ପଶୁ ଓ ପକ୍ଷୀ ଚିତ୍ର ଦେଇ ଗୋଟିଏ ଦଳକୁ ଜଙ୍ଗଲି ପଶୁ, ଆଉ ଗୋଟିଏ ଦଳକୁ ଗୃହପାଳିତ ପଶୁ ଏବଂ ଆଉ ଗୋଟିଏ ଦଳକୁ ଜାତୀୟ ପଶୁ ପକ୍ଷୀଙ୍କ ଚିତ୍ର ବାଛିବାକୁ କହିବେ।

- କେଉଁଟି ନାହିଁ ?

କର୍ମୀ ପିଲାମାନଙ୍କୁ ୧୦ଟି ପଶୁପକ୍ଷୀଙ୍କ ଚିତ୍ରରେ ବିଭିନ୍ନ ଅଙ୍ଗ ନଥିବା ଚିତ୍ର ଦେବେ। କେଉଁ ଅଙ୍ଗ ନାହିଁ ପଚାରିବେ ଏବଂ ଉତ୍ତର ଦେବାରେ ସହାୟତା କରିବେ।

- ବିନ୍ଦୁ ଯୋଡ଼ିବା

କର୍ମୀ ପଶୁପକ୍ଷୀଙ୍କ ସରଳ ଚିତ୍ରରେ ବିନ୍ଦୁ ଦେଇ ବାମରୁ ଡାହାଣକୁ ଯୋଡ଼ିବାକୁ ସାହାଯ୍ୟ କରିବେ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୨ ର ପୃଷ୍ଠା ୧୧ କରିବେ।

## ସ୍ତର -୧

### ୩-୪ ବର୍ଷ

❑ **ଛାପା କାମ**

ପଶୁପକ୍ଷୀଙ୍କ ବଡ଼ ଚିତ୍ର କାଗଜରେ ଦେଇ ଆଙ୍ଗୁଠି, ପତ୍ର, ଫୁଲ ବା ପରିବାରେ ଛାପା ଦେବା ପାଇଁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୧ର ପୃଷ୍ଠା ୧୧ କରିବେ।**

❑ **ପଜଲ୍**

କର୍ମୀ ବିଭିନ୍ନ ଆକାର ଖଣ୍ଡ ପିଲାମାନଙ୍କୁ ଦେଇ ଯୋଡ଼ି ପକ୍ଷୀ କରିବାକୁ କହିବେ ଓ ସେଥିରେ ସହାୟତା କରିବେ।

❑ **ବଡ଼-ଛୋଟ ଧାରଣା**

କର୍ମୀ ପଶୁପକ୍ଷୀଙ୍କ ଚିତ୍ର ଦେଖାଇ ବଡ଼-ଛୋଟ ଧାରଣା ଦେବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୧ର ପୃଷ୍ଠା ୧୨ କରିବେ।**

❑ **ସ୍ପର୍ଶ କାର୍ଡ଼**

କର୍ମୀ ସ୍ପର୍ଶ କାର୍ଡ଼ ମାଧ୍ୟମରେ ନରମ-ଟାଣ, ପାଲିସ-ଖଦଡ଼ ଇତ୍ୟାଦି ପିଲାଙ୍କୁ ଛୁଆଁଇ ଜଣାଇବେ।

❑ **ଅଭିନୟ ସଙ୍ଗୀତ 'ଠେକୁଆ ଭାଇରେ, ଠେକୁଆ ଭାଇ'**

ଠେକୁଆ ଭାଇରେ, ଠେକୁଆ ଭାଇ ,
କାନ ଦୁଇଟିକୁ କରି ତୁ ଠିଆ, ଖୁପୁରୁ ଖୁପୁରୁ ମାରୁତୁ ଡିଆଁ
ତୁଙ୍କି ଦେଉଥାଉ କଅଁଳ ଘାସ, ଆଡ଼ିକି ସାଡ଼ିକି ଚହିଁ ଚହିଁକା।
ଟିକିଏ ଶବଦ ଶୁଣୁଣୁ ଯେବେ, ବୁଦା ମୂଳେ ଯାଉ ଲୁଚି ଲୁଚିକା।
ବଡ଼ ଡରୁଆ ତୁ ବଡ଼ ଡରକା ସବୁବେଳେ ଯାଉ ଡେଇଁ ଡେଇଁକା।
ଠେକୁଆ ଭାଇରେ........

❑ **ଗଳ୍ପ କଥନ 'ଦଳର ବଳ'**

ଶିକାରୀଟିଏ ଶିକାର କରିବା ପାଇଁ ଜଙ୍ଗଲ ଭିତରକୁ ଗଲା। ସେ ଜାଲକୁ ବିଛାଇ ଦେଲା, ତା' ଉପରେ ଚାଉଳ ବୁଣିଦେଲା। ତା'ପରେ ଗଛ ପଛପଟେ ଲୁଚିଗଲା। ଦଳେ ପାରା ସେଇ ବାଟ ଦେଇ ଉଡ଼ି ଯାଉଥିଲେ। ତଳେ ଏତେ ଚାଉଳ ପଡ଼ିଥିବା ଦେଖି ସେମାନଙ୍କର ଲୋଭ ହେଲା। କିନ୍ତୁ ପାରା ରାଜା କହିଲା, ''ଚାଉଳ

## ସ୍ତର -୨

### ୪-୫/୬ ବର୍ଷ

❑ **ବହୁତ -କମ୍**

କର୍ମୀ କେତେକ ପଶୁପକ୍ଷୀଙ୍କର ଚିତ୍ର କାର୍ଡ଼କୁ ବହୁତ ଓ କମ୍ ଅନୁସାରେ ରଖି କେଉଁଟି ବହୁତ ଓ କେଉଁଟି କମ୍ ବାଛିବାକୁ କହିବେ ଓ ବାଛିବାରେ ସହାୟତା କରିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ -୨ର ପୃଷ୍ଠା ୧୨ ଓ ୧୩ କରିବେ।**

❑ **ଅଭିନୟ ସଙ୍ଗୀତ 'କିଏ କେଉଁଠି ରହେ ?'**

ଗାଈ ଛେଳି ଗୁହାଳେ, ବାଘ ହାତୀ ବଣରେ
ଘୋଡ଼ା ରହେ ଘୋଡ଼ା ଶାଳେ, ପୁଷିଥାଏ ଘରେ
ପକ୍ଷୀ ଗଛଡ଼ାଳରେ, ମାଛ ରହେ ଜଳରେ
ମୁନି ରହି ମା' କୋଳେ, ଜହ୍ନ ମାମୁଁ ଦେଖେରେ
ଘରେ ଥାଏ କୁକୁର , ଅଟେ ବଡ଼ ହୁସିଆର
ଅଜଣା ଲୋକକୁ ସିଏ, କରେ ଘରୁ ବାହାର

❑ **ଗଳ୍ପ କଥନ 'ବଉଳା ଗାଈ'**

ଗାଈଟିଏ, ନାଁ ତା'ର ବଉଳା। ସବୁଦିନ ବଣକୁ ଘାସ ଚରିବାକୁ ଯାଏ। ଦିନେ ସେ ବଣରେ ବୁଲୁ ବୁଲୁ ମହାବଳ ବାଘ ହାବୁଡ଼ରେ ପଡ଼ିଗଲା। ବାଘ କହିଲା ''ବଉଳା, ଆଜି ମୁଁ ତୋତେ ଖାଇବି।'' ବଉଳା କିନ୍ତୁ ଡରିଲା ନାହିଁ, ସେ କହିଲା, ''ବାଘ ମାମୁଁ, ମୋ ଛୁଆ ମୋ ଫେରିବା ବାଟକୁ ଚାହିଁ ରହିଥିବ। ମୋତେ ଛାଡ଼ିଦିଅ, ମୁଁ ତାକୁ କ୍ଷୀର ଦେଇ ଫେରି ଆସିବି।'' ବାଘ କହିଲା, ''ତୁ ସତ କହୁଛୁ ତ, ଫେରି ଆସିବୁ ? ତେବେ ତୁ ଘରକୁ ଯା।'' ବଉଳା ଘରକୁ ଫେରି ବାଛୁରୀକୁ କ୍ଷୀର ପିଆଇଲା। ତା' ଆଖିରୁ ଲୁହ ବୋହି ଯାଉଥାଏ, ସେ କେବଳ ବାଛୁରୀକୁ ଚାହୁଁଥାଏ। ଛୁଆକୁ କ୍ଷୀର ଖୁଆଇ ସାରି ବଉଳା ବଣକୁ ଫେରି ଆସିଲା। ବଉଳାକୁ ଦେଖି ବାଘର ଦୟା ହେଲା। ସେ କହିଲା, ''ଧନ୍ୟ ବଉଳା, ତୁ ସତ୍ୟ ରକ୍ଷା କରି ଫେରି ଆସିଲୁ। ତେଣୁ ମୁଁ ତୋତେ ଖାଇବି ନାହିଁ। ଯା, ତୁ ତୋ ଛୁଆ ସାଙ୍ଗରେ ଖୁସିରେ ରହିବୁ।'' (ସତ କହିଲେ ଜୀବନ ରକ୍ଷା ହୁଏ)

ଖାଇବାକୁ ଲୋଭ କରନାହିଁ। ଶିକାରୀ ଆମକୁ ଧରିବାକୁ ଜାଲ ବିଛାଇଛି। ତା'ଉପରେ ଚାଉଳ ପକାଇଛି। ନ ହେଲେ ଜଙ୍ଗଲ ଭିତରକୁ ଚାଉଳ ଆସିଲା କେମିତି ?'' ପାରାମାନଙ୍କୁ ଲୋଭ ହେଉଥିଲା। ଚାଉଳକୁ ଦେଖି ତାଙ୍କର ଲୋଭ ହେଲା। ତେଣୁ ସେମାନେ ପାରା ରାଜା କଥା ନ ମାନି ଚାଉଳ ଖାଇବାକୁ ବସି ପଡ଼ିଲେ। ଶିକାରୀ ଜାଲ ଦଉଡ଼ି ଟାଣିଦେଲା। ପାରାମାନଙ୍କର ଗୋଡ଼ ଜାଲରେ ଛନ୍ଦି ହୋଇଗଲା। ସେମାନେ ଜାଲ ଭିତରୁ ବାହାରି ପାରିଲେ ନାହିଁ। ପାରା ରାଜା କହିଲେ, ''ଜଣେ ଜଣେ ହୋଇ ଉଡ଼ିବାକୁ ଚେଷ୍ଟା କଲେ ଯାଇ ପାରିବା ନାହିଁ। ଚାଲ, ଏକାଠି ହୋଇ ଉଡ଼ିବା।''

ପାରା ରାଜା କଥା ମାନି ସବୁପାରା ଏକା ଥରକେ ଡେଣା ମେଲାଇ ଉଡ଼ିଲେ। ସେମାନେ ମିଳିମିଶି ଉଡ଼ିବାରୁ ଜାଲଟିକୁ ଉଡ଼ାଇ ନେଇ ଦୂରକୁ ଚାଲିଗଲେ। ଶିକାରୀ ବିଚରା ସେମାନଙ୍କୁ ଧରିପାରିଲା ନାହିଁ। ପାରାମାନେ ଯାଇ ପାହାଡ଼ ପାଖରେ ପହଞ୍ଚିଲେ। ପାରା ରାଜାର ସାଙ୍ଗ ମୂଷା ସେଠାରେ ଗାତ କରି ରହୁଥିଲା। ପାରା ରାଜା ତାକୁ ଡାକିଲା। ମୂଷା ବାହାରକୁ ଆସିଲା, ତାର ମୁନିଆ ଦାନ୍ତରେ ଜାଲକୁ ଟିକିଟିକି କରି କାଟିଦେଲା। ପାରାମାନେ ଜାଲରୁ ଖସିଗଲେ, ମୂଷା ଉପକାର କରିଥିବାରୁ ତାକୁ ଧନ୍ୟବାଦ ଦେଲେ।

ପ୍ରଶ୍ନ

- ପାରାମାନେ ଜଙ୍ଗଲରେ କ'ଣ ଦେଖିଲେ ?
- ପାରାମାନେ ଚାଉଳ ଦେଖି କ'ଣ କଲେ ?
- ପାରା ରାଜା କ'ଣ କହିଲେ ?
- ପାରା ମାନେ କିପରି ରକ୍ଷା ପାଇଲେ ?

ପ୍ରଶ୍ନ

- ବଉଳା ଗାଈ କେଉଁଠିକୁ ଚରିବାକୁ ଯାଇଥିଲା ?
- ଜଙ୍ଗଲରେ ବଉଳା କାହାକୁ ଭେଟିଲା ?
- ବଉଳା ବାଘକୁ କ'ଣ କହିଲା ?
- ବାଘ ବଉଳା କୁ କ'ଣ କହିଲା ?
- ବଉଳା ଫେରି ଆସିବାରୁ ବାଘ କ'ଣ କହିଲା ?

❑ **ଖେଳ** **'ବିଲୁଆ ନନା, ବିଲୁଆ ନନା'**

କର୍ମୀ ଜଣେ ପିଲାକୁ ବିଲୁଆ ନନା ରୋଲ୍ ଦେବେ। ଅନ୍ୟ ପିଲାମାନେ ତା'କୁ ଗୋଡ଼ାଇ ଗୋଡ଼ାଇ, ''ବିଲୁଆ ନନା, ବିଲୁଆ ନନା, ଘର ପୋଡ଼ିଗଲା ପଛକୁ ଅନା'' କହିବେ। ବିଲୁଆ ନନା ହୋଇଥିବା ପିଲାଟି ହଠାତ୍ ପଛକୁ ବୁଲିପଡ଼ି ଅନ୍ୟ କାହାକୁ ଗୋଡ଼ାଇବ। ପିଲାମାନେ ଦୌଡ଼ିବେ। ବିଲୁଆ ନନା ଯାହାକୁ ଛୁଇଁବ, ସେ ପୁଣି ବିଲୁଆ ନନା ହେବ। ଖେଳ ଏହିପରି ଚାଲୁରହିବ।

❑ **ଅଭିନୟ ସଙ୍ଗୀତ** **'ଝୁମୁରୁ ଝାଇଁ'**

ଝୁମୁରୁ ଝାଇଁ, ଝୁମୁରୁ ଝାଇଁ, କହିଲା ଆସି ବଉଳା ଗାଈ
କେତେଏ ଘାସ ଦିଅ, ଦେଉଛି କ୍ଷୀର ନିଅ.....
ମାଙ୍କଡ଼ ଧରି କାକୁଡ଼ି କଷି, କହିଲା ଆସି ଗାଈକୁ ହସି
କାକୁଡ଼ି ମୋର ନିଅ କ୍ଷୀର ଟୋପାଏ ଦିଅ....
କହିଲା ତାକୁ ବଉଳା ଗାଈ କ୍ଷୀର ତୋ ପାଇଁ ନାହିଁରେ ନାହିଁ
ଧୋଉନୁ ମୁହଁ ହାତ, କ୍ଷୀର ପାଇଁକୁ ଆସିବୁ ଯଦି
ପାଇବୁ ଦୁଇ ନାତ....

# ସୂଚକ

## ୩ ମାସ ଶେଷରେ ପିଲାଟି ତଳେ ଦିଆଯାଇଥିବା ଦକ୍ଷତା ହାସଲ କରିବ

### ୩-୪ ବର୍ଷ

- ❑ ସିଧା ଗାରରେ ସମନ୍ୱୟ ରକ୍ଷା କରି ଚାଲି ପାରିବ, ଦୌଡି ପାରିବ ଓ ନିଜର ଗତିକୁ ବଢାଇ ପାରିବ ଓ କମାଇ ପାରିବ।
- ❑ ନିଜର ନାମ-କାର୍ଡ ଚିହ୍ନି ପାରିବ।
- ❑ ନିଜର ନାମ ଓ ପରିବାର ଲୋକଙ୍କର ନାମ କହିପାରିବ।
- ❑ ଶରୀରର ମୁଖ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକର ନାମ ଓ କାର୍ଯ୍ୟ କହିପାରିବ।
- ❑ ଚାରୋଟି ମୌଳିକ ରଙ୍ଗକୁ ଚିହ୍ନଟ କରିପାରିବ।
- ❑ ଗୋଟିଏ ଛୋଟ ଗପକୁ ମନ ଦେଇ ଶୁଣି ପାରିବ ଓ କହିପାରିବ।
- ❑ ଗୋଟିଏ ଅଭିନୟ ସଙ୍ଗୀତକୁ ଅଙ୍ଗକିଛି ଅଭିନୟ ମାଧ୍ୟମରେ ଆବୃତ୍ତି କରିପାରିବ।
- ❑ ଅତି କମ୍‌ରେ ୫ଟି ପଶୁପକ୍ଷୀଙ୍କ ନାମ କହିପାରିବ ଓ ସେମାନଙ୍କର ଶବ୍ଦ ଅନୁକରଣ କରିପାରିବ।
- ❑ ନରମ-ଟାଣ, ଖଦଡ-ପାଲିସ୍ ଓ ବଡ-ଛୋଟ ଧାରଣା ବସ୍ତୁ ଚିହ୍ନଟ କରି ଦର୍ଶାଇ ପାରିବ।
- ❑ କେତୋଟି ସୁ-ଅଭ୍ୟାସ ଓ କୁ-ଅଭ୍ୟାସ ଚିତ୍ର କାର୍ଡରେ ଚିହ୍ନଟ କରିପାରିବ।
- ❑ ମାଟି / କାଦୁଅରେ ଗୋଳି କରିପାରୁଥିବ।

### ୪-୫/୬ ବର୍ଷ

- ❑ ସମନ୍ୱୟ ରଖି ସହଜରେ ଆଗକୁ ଓ ପଛକୁ ଚାଲିପାରିବ ଓ ଚାଲିବାର ଗତିକୁ ନିୟନ୍ତ୍ରଣ କରିପାରିବ।
- ❑ କେନ୍ଦ୍ରର ଅନ୍ୟ ପିଲାମାନଙ୍କର ନାମ-କାର୍ଡ ଚିହ୍ନି ପାରିବ।
- ❑ ନିଜର ପରିବାରର ସମସ୍ତ ସଦସ୍ୟଙ୍କ ନାମ ଓ କେନ୍ଦ୍ରର ଅନ୍ୟ ଶିଶୁମାନଙ୍କର ନାମ କହିପାରିବ।
- ❑ ଶରୀରର ସୂକ୍ଷ୍ମ ଅଙ୍ଗପ୍ରତ୍ୟଙ୍ଗଗୁଡିକର ନାମ ଓ କାର୍ଯ୍ୟ କହିପାରିବ।
- ❑ ଗାଢ ଓ ହାଲ୍‌କା ରଙ୍ଗ ଚିହ୍ନି ପାରିବ।
- ❑ ଗପକୁ ମନ ଦେଇ ଶୁଣି ପାରିବ ଓ ଦୁଇଟି ଗପ କହିପାରିବ।
- ❑ ଦୁଇଟି ଅଭିନୟ ସଙ୍ଗୀତ ସଠିକ୍ ନାଟକୀୟ ଭଙ୍ଗୀରେ ଆବୃତ୍ତି କରିପାରିବ।
- ❑ ଅତି କମ୍‌ରେ ୧୦ଟି ପଶୁପକ୍ଷୀଙ୍କ ନାମ କହି ପାରିବ।
- ❑ ନରମ-ଟାଣ, ଖଦଡ-ପାଲିସ୍, ବଡ-ଛୋଟ, ବହୁତ-କମ୍ ସମ୍ବନ୍ଧୀୟ ଧାରଣା କରିପାରିବ ଓ ବସ୍ତୁ ଚିହ୍ନଟ କରି ଦର୍ଶାଇ ପାରିବ।
- ❑ ଅନେକ ସୁ-ଅଭ୍ୟାସ ଓ କୁ-ଅଭ୍ୟାସ ଜାଣିପାରିବ, କହିପାରିବ ଓ ଚିତ୍ରରେ ଏବଂ ବାସ୍ତବ ଜୀବନରେ ଦର୍ଶାଇ ପାରିବ।
- ❑ ମାଟି କାଦୁଅରେ ନିର୍ଦ୍ଦିଷ୍ଟ ଆକୃତି ଗଠନ କରିପାରିବ।

# ମାସ ୪ – ଗଛ, ପତ୍ର, ଫୁଲ ଓ ଫଳ



# ମାସ ୪ - ଗଛ, ପତ୍ର, ଫୁଲ ଓ ଫଳ

## ସ୍ତମ୍ଭ -୧

### ୩-୪ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡ଼ି କର୍ମୀ ପିଲାମାନଙ୍କୁ ଗଛ, ପତ୍ର, ଫୁଲ, ଫଳ ଓ ପରିବା ଚିତ୍ର ଦେଖାଇ ସେଗୁଡ଼ିକର ନାମ ଜଣାଇବେ ଓ ସେ ବିଷୟରେ କଥା ବାର୍ତ୍ତାହେବେ।

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ନିକଟସ୍ଥ ପ୍ରାକୃତିକ ପରିବେଶକୁ ପର୍ଯ୍ୟବେକ୍ଷଣ ନିମନ୍ତେ ନେବେ ଓ ପ୍ରକୃତିରୁ ଛୋଟ ଛୋଟ ଗଛ, ପତ୍ର, ଫୁଲ, ଫଳ ସଂଗ୍ରହ କରି ଆଣିବାକୁ କହିବେ। ପ୍ରକୃତି ପର୍ଯ୍ୟବେକ୍ଷଣରୁ ଫେରିବାପରେ କ'ଣ ଦେଖିଲେ, ଯଥା-କେଉଁ ଗଛ, କେଉଁ ଫୁଲ, କେଉଁ ପତ୍ର ଇତ୍ୟାଦି ପଚାରିବେ ଓ ତାର ନାମ କହିବେ। ଭିନ୍ନକ୍ଷମ ପିଲାମାନଙ୍କୁ ପତ୍ର, ଫୁଲ ଓ ଫଳ ଛୁଆଇଁ ତାର ନାମ ଜଣାଇବେ। ଦୃଷ୍ଟିବାଧିତ ପିଲାଙ୍କୁ ବସ୍ତୁଗୁଡିକ ଛୁଁଆଇ ଓ ବର୍ଣ୍ଣନାକରି ଧାରଣା ଦେବେ।

❑ **ଅଭିନୟ ସଙ୍ଗୀତ** **'ଗଛ କହିଲା'**

ସ୍ତମ୍ଭ- ୨ ରେ ଦିଆଯାଇଛି

❑ **ଖେଳ** **'ଚଢ଼ିବା ଓ ଖସିବା'**

କର୍ମୀ ପିଲାମାନଙ୍କୁ ନେଇ ପାଖ ସ୍କୁଲକୁ ଯିବେ। ପିଲାମାନେ ପାଖ ସ୍କୁଲର ପାହାଚ ଚଢ଼ିବେ ଏବଂ ଓହ୍ଲାଇବେ। ଖସଡାରେ ଚଢ଼ିବେ ଏବଂ ଖସିବେ। କର୍ମୀ ପିଲାଙ୍କୁ କାର୍ଯ୍ୟକ୍ରମ କରାଇବା ସମୟରେ ସତର୍କତା ଅବଲମ୍ବନ କରିବେ।

❑ **କାଳ୍ପନିକ ଖେଳ**

କର୍ମୀ ପିଲାମାନଙ୍କୁ କହିବେ, ''ମୁଁ ଯେମିତି କହିବି, ତୁମେ ସେମିତି କରିବ।'' କର୍ମୀ କହିବେ, ''ଆମେସବୁ ଆସ ମଞ୍ଜି ହୋଇଯିବା।'' ସମସ୍ତେ ମଞ୍ଜି ପରି ଅଭିନୟ କରିବେ। ''ମଞ୍ଜିରେ ପାଣି ପଡ଼ିଲା... ଖରା ପଡ଼ିଲା.... ଚାଲ, ଆମେ ଗଜା ହୋଇଯିବା.... ଗଜାରୁ ୨ ପତ୍ର ହେବା.... ତାପରେ ଗଛ ହେବା.... ପବନ ହେଲା.... ଗଛ ହୋଇ ଧିରେ, ଧିରେ ହଲିବା.... ଜୋର୍‌ରେ ପବନ ହେଲା....

## ସ୍ତମ୍ଭ -୨

### ୪-୫/୬ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

କର୍ମୀ ପିଲାମାନଙ୍କୁ ଗଛ, ପତ୍ର, ଫୁଲ, ଫଳ ଓ ପରିବା ଇତ୍ୟାଦିର ଚିତ୍ର ଦେଖାଇ ତାକୁ ଜଣାଇବେ ଓ ସେ ବିଷୟରେ କଥା ବାର୍ତ୍ତା ହେବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧୪ କରିବେ।**

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

ସ୍ତମ୍ଭ- ୧ ରେ ଦିଆଯାଇଛି

❑ **ଅଭିନୟ ସଙ୍ଗୀତ** **'ଗଛ କହିଲା'**

ଗଛ କହିଲା କାଟନି ମୋତେ    ଖରା ବରଷାରୁ ରଖିବି ତୋତେ
ଖାଇବୁ ତୁହି ଫଳ ମୁଁ ଦେବି    ଫୁଲରେ ତୋତେ ସଜେଇ ଦେବି
ମଞ୍ଜିରୁ ହୁଏ ଗଛରେ ଭାଇ    ଗଛରେ ହୁଏ ଫୁଲ
ଫୁଲରୁ ହୁଏ ଆମ ପାଇଁ କି    ଜାତି ଜାତିକା ଫଳ
ସପେଟା, ଆମ୍ବ, ପିଜୁଳି, ଜାମୁ,    ସପୁରି, ଲିଚୁକୋଳି
କାକୁଡ଼ି, ଭଣ୍ଡା, ଖଜୁରୀ, ତାଳ,    କମଳା ଖାଇ ତୋଳି
ଫଳଟି ସତେ ସୁଆଦ ଭାରି    ଦେହକୁ ଦିଏ ବଳ
ପୋତିଲେ ଗଛ ଫଳିବ ସିନା    ଯୋଗାଇ ଦେବ ଫଳ।

❑ **ଖେଳ** **'ଲାଲଜୀ କି ଲଡୁ'**

କର୍ମୀ ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରି ଦୁଇଟି ଧାଡ଼ିରେ ଠିଆ କରାଇବେ। ମଝିରେ ଏକ ବଲ୍ ଥୋଇବେ। ଦୁଇଟି ଧାଡ଼ିର ପିଲାମାନଙ୍କୁ ଗଛ,

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

ଗଳ ଜୋର୍ ଜୋର୍ ହଲିବା...'' ପିଲାମାନେ ସମସ୍ତେ ଜୋର୍ ଜୋର୍ ହଲିବେ।

### ❑ ଛାପା କାମ

କର୍ମୀ ପିଲାମାନଙ୍କୁ ୨/୩ଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ ବଡ ଗଛର ଚିତ୍ର ଦେଇ ପିଲାମାନଙ୍କୁ ଟିପ ଚିହ୍ନ, ପତ୍ର ଛାପ, ଫୁଲ ଛାପ ଦେବାପାଇଁ କହିବେ ଓ କରାଇବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୧୩ କରିବେ।**

### ❑ ଲେସିଙ୍ଗ୍ ସେପ୍ (କଣାରେ ସୂତା ପୁରାଇବା)

ଗଛ, ପତ୍ର, ଫୁଲ, ଫଳ ଓ ପରିବାର ଚିତ୍ର ଆକୃତିର ରେକ୍ସିନ୍ / ହାର୍ଡ ବୋର୍ଡରେ ଛୋଟ ଛୋଟ କଣା କରି ଯୋତାର ଲେସ୍ ନେଇ ସେହି କଣାରେ ମୁକ୍ତଭାବରେ ପୁରାଇବା ପାଇଁ ପିଲାମାନଙ୍କୁ କହିବେ।

### ❑ ବାସ୍ନା ଓ ସାଦ ଧାରଣା

ସ୍ତର-୨ରେ ଦିଆଯାଇଛି।

### ❑ ଅଭିନୟ ସଙ୍ଗୀତ 'ଚିନି ମିଠା, ଗୁଡ଼ ମିଠା'

ଚିନି ମିଠା, ଗୁଡ ମିଠା ମିଠା ଲାଗେ ମହୁ,
ଜିଭରେ ଥରେ ଲାଗିଲେ ମହୁ ସଭିଏଁ ଖୁସି ହେଉ।
ଲେମ୍ବୁ ଖଟା, କଇଁଆ ଖଟା ଲାଗଇ ଖଟା ଓଉ,
ଦେଖିଲେ ଥରେ ପାଟିକୁ ଲାଳ ଟାକରା ମାରି ଖାଉ।
କଲରା ପିତା, ନଳିତା ପିତା ଲାଗଇ ନିମପିତା,
ଦେହ ପାଇଁ ତ ବହୁତ ହିତ ପାଟିକୁ ଲାଗେ ପିତା।
ଲାଗଇ ରାଗ ଗୋଲ ମରିଚ ଆହୁରି ରାଗ ଲଙ୍କା,
ବାଜିବ ଯେବେ ପାଟିରେ ଥରେ ରାଗରେ ମୁହଁ ବଙ୍କା।

ପତ୍ର, ଫୁଲ, ଫଳ, ପରିବା ର ନାମ ପ୍ରତ୍ୟେକ ପିଲାଙ୍କୁ ଦେବେ। ଶିକ୍ଷୟିତ୍ରୀ ତାଳି ବଜାଇବେ ବା ବାଜା ବଜାଇବେ, ତା'ପରେ ଗୋଟିଏ ଦିଆଯାଇଥିବା ଫୁଲ ବା ଫଳର ନାମକୁ ଡାକିବେ। ଦୂରଧାଡିର ଯେଉଁ ପିଲାମାନଙ୍କୁ ସେହି ନାମ ଦିଆଯାଇଥିବ, ସେମାନେ ଦୌଡି ଆସି ବଲ୍‌ଟିକୁ ନେବେ। ଯିଏ ଆଗ ନେବ ସେ ଜିତିବ।

### ❑ କୋଲାଜ୍

କର୍ମୀ ପିଲାମାନଙ୍କୁ ପତ୍ର, ଫୁଲ ଦେବେ ଓ ତାକୁ ଛିଣ୍ଡାଇ କାଗଜ ଉପରେ ଅଠା ଲଗାଇ ସେଗୁଡ଼ିକୁ ଯୋଡ଼ି ଏକ ଆକାର ଦେବାକୁ କହିବେ। ବିଭିନ୍ନ ମଞ୍ଜି ସଂଗ୍ରହ କରି ମଞ୍ଜିରେ ଅଠା ମାରି ବିଭିନ୍ନ ଗଛ, ପତ୍ର ଓ ଫୁଲର ଚିତ୍ରରେ ଲଗାଇବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୧୫ କରିବେ।**

### ❑ ବୈଜ୍ଞାନିକ ଧାରଣା

କର୍ମୀ ଗୋଟିଏ ଛୋଟ ପେଟି ବା ଡାବଲରେ ମାଟି ଦେଇ ମଞ୍ଜି ଲଗାଇ, ପାଣିଦେଇ, ଗଛ ହେବାର ପିଲାମାନଙ୍କୁ ଦେଖାଇବେ।

### ❑ ଲେସିଙ୍ଗ୍ ସେପ୍

ସ୍ତର-୧ ରେ ଦିଆଯାଇଥିବା କାର୍ଯ୍ୟକ୍ରମ କରିବେ। ଏହା ସହିତ ପିଲାମାନଙ୍କୁ କ୍ରମାନ୍ୱୟରେ ଲେସ୍ ପୁରାଇ ପୁରା ଆକାରକୁ ସଂପୂର୍ଣ୍ଣ କରିବା ପାଇଁ କର୍ମୀ ସାହାଯ୍ୟ କରିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୧୬ କରିବେ।**

### ❑ ବାସ୍ନା ଓ ସାଦ ଧାରଣା

କର୍ମୀ ପିଲାମାନଙ୍କୁ ପ୍ରକୃତିରୁ ସଂଗୃହିତ କିଛି ଫୁଲ, ପତ୍ର, ଫଳ, ଯଥା-ତୁଳସୀ ପତ୍ର, ବେଲ, ମଲ୍ଲିଫୁଲ, ଗୋଲାପ ଫୁଲ, ପଯାରୁଣିପତ୍ର, ଲେମ୍ବୁପତ୍ରକୁ ଶୁଙ୍ଘାଇ ବାସ୍ନା ଜଣାଇବେ।

ପିଲାମାନଙ୍କୁ ବେଲପତ୍ର, ତୁଳସୀପତ୍ର, ନିମ୍ବପତ୍ର, ତେନ୍ତୁଳି, ଲେମ୍ବୁ ଇତ୍ୟାଦିକୁ ଚାଖାଇବାକୁ ଦେଇ ସ୍ୱାଦ ଜଣାଇବେ।

## ସ୍ତର -୧

### ୩-୪ ବର୍ଷ

- **ପଜଲ୍**
  କର୍ମୀ ଗଛ, ଫୁଲ, ଫଳ ଓ ପରିବା ଚିତ୍ରର କଟାଖଣ୍ଡ ଦେଇ ଯୋଡିବାକୁ କହିବେ ।
- **ଗୁରା ରୋପଣ**
  ମୁଗ, ବୁଟ, ଧାନ ଇତ୍ୟାଦି ମଂଜି ପୋତିବେ ।
- **ଶ୍ରେଣୀ ବିଭାଗୀକରଣ**
  କର୍ମୀ ପିଲାମାନଙ୍କୁ ୫ଟି ଫୁଲ, ଫଳ ଓ ପରିବାର ଚିତ୍ରକାର୍ଡ ଦେଇ ତାକୁ ଅଲଗା ବାଛିବାକୁ କହିବେ। ପ୍ରକୃତିରୁ ସଂଗୃହିତ ପତ୍ର, ଫୁଲ, ଫଳ, ପରିବାକୁ ଅଲଗା ଅଲଗା ବାଛିବାକୁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧୪ କରିବେ ।**

- **ବାଲି ଖେଳ**
  କର୍ମୀ ପିଲାମାନଙ୍କୁ ଫୁଲ, ପତ୍ର ଦେଇ ବାଲିରେ ମୁକ୍ତ ଭାବରେ ଖେଳିବାକୁ କହିବେ- ଘର କରିବା, ପତ୍ର ସଜାଇବା ଇତ୍ୟାଦି ।
- **ଅଭିନୟ ସଙ୍ଗୀତ 'ବରଷା କହେ'**
  ସ୍ତର -୨ରେ ଦିଆଯାଇଛି ।
- **ଗଳ୍ପ କଥନ 'କଇଁଛ ଓ ଠେକୁଆ'**
  କଇଁଛଟିଏ ଓ ଠେକୁଆଟିଏ । ଦୁହେଁ ସାଙ୍ଗ ହୋଇ ଖେଳନ୍ତି। ଦିନେ ଠେକୁଆ କହିଲା, ''ସଙ୍ଗୀତ, ଆଜି ଆମେ ଦୌଡା ଦୌଡି ଖେଳ ଖେଳିବା। ଆଗରେ ତାଳ ଗଛ ଦେଖାଯାଉଛି, ତାକୁ ଯିଏ ଆଗ ଛୁଇଁବ, ସେ ଜିତିବ।'' କଇଁଛ ଧୀରେ ଧିରେ ଚାଲୁଥିବାରୁ ଠେକୁଆ ମନେ ମନେ ହସୁଥାଏ। ଦୌଡ ଆରମ୍ଭ ହେଲା। ଠେକୁଆ ଖୁବ୍ ଜୋର୍‌ରେ କିଛି ଦୂର ଦୌଡିଗଲା, ଟିକିଏ ପଛକୁ ଚାହିଁ ଦେଖିଲା କଇଁଛ ବହୁତ ପଛରେ ଅଛି। ଠେକୁଆ ମନେ ମନେ ଭାବିଲା କଇଁଛ ତ ଧିରେ ଚାଲୁଛି, ଏତେ ପଛରେ ଅଛି, ମୁଁ ଟିକିଏ ଗଛ ଛାଇରେ ବସିପଡେ। ତା' ପରେ

## ସ୍ତର -୨

### ୪-୫/୬ ବର୍ଷ

- **ଅଭିନୟ ସଙ୍ଗୀତ 'ଚିନି ମିଠା, ଗୁଡ ମିଠା'**
  ସ୍ତର -୧ରେ ଦିଆଯାଇଛି
  ଏହା ସହିତ କର୍ମୀ ପ୍ରକୃତିରୁ ସଂଗୃହିତ ବିଭିନ୍ନ ଫଳ ଚଖାଇ ସ୍ୱାଦର ପ୍ରତ୍ୟକ୍ଷ ଧାରଣା ଦେବେ ।
- **ଗୁରା ରୋପଣ**
  ମଂଜି ପୋତିବେ, ଡାଳ ଓ ଗଛ ପୋତିବେ ।
- **ଅଧିକ ଓ କମ୍ ଧାରଣା**
  କର୍ମୀ ପ୍ରକୃତିରୁ ସଂଗୃହିତ ଫଳ, ଫୁଲ, ପତ୍ର, ପରିବାକୁ ଅଧିକ ଓ କମ୍ ଭାବରେ ରଖି ପିଲାମାନଙ୍କୁ କେଉଁଟି ଅଧିକ ଓ କେଉଁଟି କମ୍ ବାଛିବାକୁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୧୬ କରିବେ ।**

- **ସ୍ପର୍ଶ ଧାରଣା**
  କର୍ମୀ ପିଲାମାନଙ୍କୁ ପ୍ରକୃତିରୁ ସଂଗୃହିତ ବିଭିନ୍ନ ଦ୍ରବ୍ୟ ଯଥା- ଫୁଲ, ଫଳ, ଢିପି, ନଡ଼ିଆ ଗଛ ଢାଲି, ପତ୍ର, ଗଛର ବକଳ କୁ ଛୁଆଁଇ ଖଦଡ-ପାଲିସ, ନରମ-ଟାଣ ଜଣାଇବେ ।
- **ଅଭିନୟ ସଙ୍ଗୀତ 'ବରଷା କହେ'**

ବରଷା କହେ ମାଟିରେ     ତୁ ବତୁରି ବତୁରି ଯା,
ମାଟି କହେ ଗଜାରେ     ତୁ ଉଠୁରି ଉଠୁରି ଯା ।
ଗଜା କହେ ପତ୍ରରେ     ତୁ ପତୁରି ପତୁରି ଯା,
ପତ୍ର କହେ ଗଛରେ     ତୁ ଉଠି ଉଠି ଯା ।
ଗଛ କହେ ଫୁଲରେ     ତୁ ଫୁଟି ଫୁଟି ଯା,
ଫୁଲ କହେ ଫଳରେ     ତୁ କଷି ଧରି ଯା ।
ମା କହେ ଫଳରେ     ତୁ ବଢ଼ି ବଢ଼ି ଯା,
ବଢ଼ିଲେ ତୁ ଖାଇବେ ପିଲେ     କରି ଏତେ ହାଁ ।

## ସ୍ତର -୧

### ୩-୪ ବର୍ଷ

ଏକା ଦୌଡ଼ରେ ତାଳ ଗଛ ପାଖରେ ପହଞ୍ଚି ଯିବି । ଏହି କଥା ଭାବି ଠେକୁଆ ଗଛ ଛାଇତଳେ ବସି ପଡିଲା । ଥଣ୍ଡା ପବନ ବହୁଥାଏ । ଠେକୁଆକୁ ନିଦ ଲାଗିଲା । ସେ ବସୁ ବସୁ ଶୋଇପଡିଲା । କଇଁଛ ଧୀରେ ଧୀରେ ଚାଲିଥାଏ । ଯେତେବେଳେ ଠେକୁଆର ନିଦ ଭାଙ୍ଗିଲା, ସେ ପଛକୁ ଚାହିଁ ଦେଖିଲା, କଇଁଛ ନାହିଁ । ସେ ଧଡପଡ ହୋଇ ଆଗକୁ ଦୌଡିଲା, ହେଲେ ପାରିଲା ନାହିଁ । ସେତେବେଳକୁ କଇଁଛ ତାଳଗଛ ପାଖରେ ପହଞ୍ଚି ସାରିଥିଲା । ଠେକୁଆ ହାରିଲା, କଇଁଛ ଜିତିଲା ।

ପ୍ରଶ୍ନ

- ଠେକୁଆ ଓ କଇଁଛ କ'ଣ କରିବେ ବୋଲି ଠିକ୍ କଲେ ?
- ଠେକୁଆ କିପରି ଚାଲେ ?
- କଇଁଛ କିପରି ଚାଲେ ?
- ଠେକୁଆ ଆଗରେ ଦୌଡି ଯାଇ କ'ଣ କଲା ?
- ଠେକୁଆ ନିଦରୁ ଉଠି କ'ଣ ଦେଖିଲା ?
- କିଏ ଜିତିଲା ?

❑ **ସଂଖ୍ୟା ଗଣନା**

କର୍ମୀ ପିଲାମାନଙ୍କୁ ପ୍ରକୃତିରୁ ସଂଗୃହିତ ଫୁଲ, ପତ୍ର, ଫଳ, ପରିବାକୁ ୧, ୨, ୩, କ୍ରମରେ ରଖିବେ ଓ ପିଲାମାନଙ୍କୁ ସେହିପରି ରଖିବାକୁ କହିବେ ।

## ସ୍ତର -୨

### ୪-୫/୬ ବର୍ଷ

❑ **ଗଳ୍ପ କଥନ** **'କଇଁଛ ଓ ଠେକୁଆ'**

ସ୍ତର -୧ ରେ ଦିଆଯାଇଛି ।

❑ **ସଂଖ୍ୟା ଗଣନା**

କର୍ମୀ ପିଲାମାନଙ୍କୁ ପ୍ରକୃତିରୁ ସଂଗୃହିତ ଫୁଲ, ଫଳ, ପତ୍ର, ପରିବା ଦେଇ କହିବେ ଗୋଟିଏ ଲେଖାଏଁ ଫୁଲ ବାଛ- ୨ ଟି ଲେଖାଏ ପତ୍ର ବାଛ- ଏହିପରି ୫ ଟି ପର୍ଯ୍ୟନ୍ତ.... ।

❑ **ଧାରାବାହିକ ଚିନ୍ତନ**

କର୍ମୀ ପିଲାମାନଙ୍କୁ ବଡରୁ ଛୋଟ ପତ୍ର ଓ ଫୁଲ ଦେଇ ବଡ଼ରୁ ଛୋଟ କ୍ରମରେ ସଜାଡିବାକୁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୧୮ କରିବେ ।**

❑ **ଗଳ୍ପ କଥନ** **'ପିମ୍ପୁଡି ଉପକାର ସୁଝିଲା'**

ଜଙ୍ଗଲ ଭିତରେ ନଈଟିଏ ଥିଲା । ନଈ କୂଳରେ ଥିବା ଗୋଟିଏ ବଡ ଗଛରେ ଚଢ଼େଇଟିଏ ବସାବାନ୍ଧି ରହୁଥିଲା । ଦିନେ ଚଢ଼େଇଟି ତା' ବସାରୁ ତଳକୁ ଚାହିଁ ଦେଖିଲା, ପାଣି ସୁଅରେ ପିମ୍ପୁଡିଟିଏ ଭାସି ଯାଉଛି, କୂଳକୁ ଆସି ପାରୁ ନାହିଁ । ପିମ୍ପୁଡିର ଏ କଷ୍ଟ ଦେଖି ଚଢ଼େଇ ମନରେ ଦୟା ଆସିଲା । ଗଛରୁ ପତ୍ରଟିଏ ଥଣ୍ଟରେ ଛିଣ୍ଡାଇ ପିମ୍ପୁଡି ଆଗରେ ପକାଇ ଦେଲା । ଆଗରେ ପତ୍ରଟି ଦେଖି ପିମ୍ପୁଡି ତା' ଉପରକୁ ଚଢ଼ିଗଲା । ପତ୍ରଟି ପାଣି ସୁଅରେ ଭାସିଯାଇ କୂଳରେ ଲାଗିଲା । ପିମ୍ପୁଡିଟି ପାଣିରୁ ବାହାରି ଆସିଲା । ସେହିଦିନଠାରୁ ପିମ୍ପୁଡି ଓ ଚଢ଼େଇ ସାଙ୍ଗ ହୋଇଗଲେ । ଦିନକର କଥା । ଗୋଟିଏ ବାଣୁଆ ଧନୁରେ ତୀର ଚଢ଼ାଇ ଚଢ଼େଇଟିକୁ ମାରିବାକୁ ଯାଉଥିଲା । ଏତିକି ବେଳକୁ ପିମ୍ପୁଡିଟି ସେହି ବାଟରେ ଯାଉଥିଲା । ସେ ବାଣୁଆକୁ ଦେଖି ଖୁବ୍ ଜୋର୍‌ରେ ରାଗିଗଲା । ଆସ୍ତେ ଆସ୍ତେ ବାଣୁଆ ପାଖକୁ ଯାଇ ତା'ର ଗୋଡକୁ କୁଟ୍ କିନା କାମୁଡିଦେଲା । ବାଣୁଆ ଚମକି ପଡିଲା । ତା' ହାତ ହଲିଗଲା । ହାତ ହଲିଯିବାରୁ ତୀରଟି ଚଢ଼େଇ ଦେହରେ ନ ବାଜି ଗଛ ଡାଳରେ ବାଜିଲା । ଶବ୍ଦ ଶୁଣି ଚଢ଼େଇଟି ଫୁର୍‌କିନା ଉଡିଗଲା ।

## ସ୍ତର -୧

### ୩-୪ ବର୍ଷ

❑ **ଗଳ୍ପ କଥନ** **'ପିମ୍ପୁଡ଼ି ଉପକାର ଶୁଝିଲା'**

ସ୍ତର- ୨ରେ ଦିଆଯାଇଛି ।

**ପ୍ରଶ୍ନ**

- ଚଢ଼େଇଟି କେଉଁଠି ରହୁଥିଲା ?
- ପିମ୍ପୁଡ଼ି କିପରି ପାଣିରୁ ବାହାରିଲା ?
- କିଏ ଚଢ଼େଇକୁ ମାରିବାକୁ ଯାଉଥିଲା ?

❑ **ଡେଙ୍ଗା-ଗେଡା ଧାରଣା**

କର୍ମୀ ଡେଙ୍ଗାଗଛ ଯଥା- ନଡ଼ିଆ ଗଛ, ତାଳଗଛ, ଖଜୁରୀ ଗଛ ଏବଂ ଗେଡାଗଛ- ପଣସ ଗଛ, ଆମ୍ବ ଗଛ, ପିଜୁଳିଗଛର ଚିତ୍ର ଦେଖାଇ ଡ଼େଙ୍ଗା-ଗେଡା ଜଣାଇବେ । ପ୍ରକୃତିକୁ ନେଇ ମଧ୍ୟ ପ୍ରତ୍ୟକ୍ଷ ଭାବେ ଡ଼େଙ୍ଗା ଗଛ ଓ ଗେଡା ଗଛ ଦେଖାଇ ଅନୁଭୂତି ଦେଇ ପାରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧୫ କରିବେ ।**

❑ **ପାଖ-ଦୂର ଧାରଣା**

କର୍ମୀ ଗଛ, ଫୁଲ, ପତ୍ର ଇତ୍ୟାଦି ପାଖରେ କ'ଣ ଅଛି ଓ ଦୂରରେ କ'ଣ ଅଛି ଦେଖାଇ ପାଖଦୂର ଧାରଣା ଦେବେ ଏବଂ ପିଲାମାନଙ୍କୁ ଛବି କାର୍ଡ଼ ଦେଖାଇ ଫୁଲ, ଫଳ ଓ ପତ୍ର ଦ୍ୱାରା ପାଖ-ଦୂର ଧାରଣା ଦେବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧୬ କରିବେ ।**

## ସ୍ତର -୨

### ୪-୫/୬ ବର୍ଷ

**ପ୍ରଶ୍ନ**

- ଚଢ଼େଇଟି ନଦୀ ପାଣିରେ କ'ଣ ଦେଖିଲା ?
- ଚଢ଼େଇ ପିମ୍ପୁଡ଼ି ଆଗରେ କ'ଣ ପକାଇଲା ?
- ପିମ୍ପୁଡ଼ି କିପରି ପାଣିରୁ ଉପରକୁ ଆସିଲା ?
- ବାଣୁଆ କ'ଣ କରୁଥିଲା ?
- ପିମ୍ପୁଡ଼ି ବାଣୁଆକୁ କ'ଣ କଲା ?
- ବାଣୁଆର ତୀର କେଉଁଠି ବାଜିଲା ?
- ଶବ୍ଦ ଶୁଣି ଚଢ଼େଇ କ'ଣ କଲା ?

❑ **ଜାତୀୟ ଫୁଲ, ଫଳ ଓ ଗଛ ଧାରଣା**

କର୍ମୀ ପିଲାମାନଙ୍କୁ ପଦ୍ମଫୁଲ, ଆମ୍ବ ଓ ବରଗଛର ଚିତ୍ର ଦେଖାଇ ଜାତୀୟ ଫୁଲ, ଫଳ, ଗଛ ସମ୍ବନ୍ଧରେ ଜଣାଇବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୧୯ ଓ ୨୦ କରିବେ ।**

❑ **ଖେଳ** **'ଫୁଲ ଫୁଲ, କି ଫୁଲ ?'**

ପିଲାମାନଙ୍କ ଭିତରୁ ଜଣେ ଅଲଗା ରହିବ । ଅନ୍ୟମାନେ ଦଳରେ ଗୋଟିଏ ଫୁଲର ନାମ ଦେବେ, ଯଥା- ମନ୍ଦାର । ସେମାନେ ସମସ୍ତେ ସେହି ଅଲଗା ଥିବା ପିଲାକୁ ପଚାରିବେ, ''ଫୁଲ ଫୁଲ, କି ଫୁଲ ?'' ଅଲଗା ଥିବା ପିଲାଟି ଫୁଲର ନାମ କହିଚାଲିବ । ଏମାନେ 'ନା' ବୋଲି କହୁଥିବେ । ଯେତେବେଳେ ସେ, ମନ୍ଦାର ବୋଲି କହିବ । ସେତେବେଳେ ପିଲାମାନେ 'ହଁ' କହି ଦୌଡ଼ିବେ । ଅଲଗା ଥିବା ପିଲାଟି ଦୌଡ଼ି ଯାହାକୁ ଛୁଇଁବ, ସେ ପୁଣି ଚୋର ହେବ । ଏହିପରି ଖେଳ ଚାଲିବ ।

# ମାସ ୫ - ଘର ଓ ଆସବାବ ପତ୍ର











# ମାସ ୫ - ଘର ଓ ଆସବାବ ପତ୍ର

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

## ❑ ମୁକ୍ତ ବାର୍ତ୍ତାଳାପ

ଅଙ୍ଗନୱାଡି କର୍ମୀ ବିଭିନ୍ନ ପ୍ରକାର ଘରର ଚିତ୍ର (ଛାତଘର, ଚାଳଘର, ଆଜବେଷ୍ଟସ୍ ଘର, ଖପରଘର ଓ ଘରର ଅଂଶ, ବାରଣ୍ଡା, ରୋଷେଇଘର, ଶୋଇବା ଘର) ଚିତ୍ର ଦେଖାଇ ଘର ସମ୍ବନ୍ଧରେ ଜଣାଇବେ।

✎ ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧୭ କରିବେ।

## ❑ ଖେଳ 'ତୁମ ଘରକୁ ଖୋଜ / ପାରାଭାଡ଼ି'

କର୍ମୀ ଦୁଇଟି ପିଲାଙ୍କୁ ହାତ ଧରାଧରି କରି ଘର କରିବାକୁ କହିବେ। ଉଦାହରଣ ସ୍ୱରୂପ ଦୌଡ଼ିବା ପାଇଁ ୫ଟି ପିଲା ଥିଲେ ୪ଟି ଘର କରିବେ (୪ଟି ଘର ପାଇଁ ୮ଟି ପିଲା ରହିବେ) କର୍ମୀ ତାଳି ମାରିଲେ ଘର ତିଆରି କରିଥିବା ପିଲା ବା ଭାଡ଼ି ତିଆରି କରିଥିବା ପିଲା ସେମିତି ଠିଆ ହେବେ ଓ ଅନ୍ୟ ପିଲାମାନେ ତାଙ୍କ ଚାରିପଟେ ବୁଲିବେ ଯେତେବେଳେ ତାଳି ବନ୍ଦ ହେବ, ଦୌଡୁଥିବା ପିଲା ଘର ଭାଡ଼ି ଭିତରକୁ ପଶିବେ। ଯେଉଁ ପିଲାଟି ରହିଗଲା ସେ ପୁଣି ଘର/ ଭାଡ଼ି ତିଆରିରେ ମିଶିବ।

## ❑ ବଡ଼ରୁ ସାନକ୍ରମରେ ସଜାଡ଼ିବା

କର୍ମୀ ପିଲାମାନଙ୍କୁ ଘରର ତିନୋଟି ଛବି କାର୍ଡ଼ ଦେଇ ବଡ଼ରୁ ସାନକ୍ରମରେ ସଜାଡ଼ିବାକୁ କହିବେ ଓ କର୍ମୀ ଏଥିରେ ସହାୟତା କରିବେ।

✎ ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧୮ କରିବେ।

## ❑ ପ୍ରକୃତି ପର୍ଯ୍ୟବେକ୍ଷଣ

କର୍ମୀ ପିଲାମାନଙ୍କୁ ବାହାର ପରିବେଶକୁ ବୁଲାଇ ନେଇ ବିଭିନ୍ନ ପ୍ରକାର ଘର ଦେଖାଇବେ ଓ କେନ୍ଦ୍ରକୁ ଆସି କ'ଣ ଦେଖିଲେ ଓ କ'ଣ ଶୁଣିଲେ ପଚାରିବେ।

## ❑ ମୁକ୍ତ ବାର୍ତ୍ତାଳାପ

କର୍ମୀ ବିଭିନ୍ନ ପ୍ରକାର ଘରର ଚିତ୍ର ଓ ଘରର ଆସବାବ ପତ୍ର (ଟେବୁଲ, ଚୌକି, ଖଟ, ବେଞ୍ଚ, ବାଲଟି, ମଗ, ଡେକ୍‌ଚି ଇତ୍ୟାଦି) ଚିତ୍ର ଦେଖାଇ ତାହା ପିଲାମାନଙ୍କୁ ଚିହ୍ନାଇବେ ଓ ତା'ର ବ୍ୟବହାର ଜଣାଇ ନିମ୍ନଲିଖିତ ପ୍ରଶ୍ନ ପଚାରିବେ।

ପ୍ରଶ୍ନ

- ୫ଟି ଆସବାବ ପତ୍ରର ନାଁ କୁହ।
- ୫ପ୍ରକାର ଘରର ନାଁ କୁହ। (ଛାତଘର, ଚାଳଘର, ଖପର ଘର, ଟାଇଲଘର, ଟିଣ ଘର, ଆଜବେଷ୍ଟସ୍ ଘର ଇତ୍ୟାଦି)

## ❑ ଖେଳ 'ଭିତର-ବାହାର ଖେଳ'

କର୍ମୀ ଚଟାଣରେ ଗୋଟିଏ ଗୋଲ ଆଙ୍କିବେ ଓ ପିଲାମାନଙ୍କୁ ଧାଡ଼ିରେ ଠିଆ କରାଇବେ ଏବଂ କହିବେ ''ମୁଁ ଭିତର କହିଲେ, ତୁମେ ଗୋଲ ଭିତରକୁ ଡ଼େଇଁବ ଓ ବାହାର କହିଲେ, ଗୋଲ ବାହାରକୁ ଡ଼େଇଁବ।'' ବାହାର କହିଲେ, ଯେଉଁ ପିଲା ଭିତରକୁ ଡ଼େଇଁବ, ତାକୁ ଅନ୍ୟ ପିଲାମାନେ ଯାହା କହିବେ ସେ ତାହା କରିବ। କର୍ମୀ ଏଥିରେ ପିଲାମାନଙ୍କୁ ସହାୟତା କରିବେ।

## ❑ ଯୋଡ଼ି ବାଛିବା

କର୍ମୀ ପିଲାମାନଙ୍କୁ ୧୦ଟି ଆସବାବ ପତ୍ରର କାର୍ଡ଼ ଦେବେ ଯଥା- କଡ଼େଇ-ପିଠା ଖଡ଼ିକା, ବାଲଟି-ମଗ, କବାଟ-ଝରକା, ଚେୟାର- ଟେବୁଲ, କପ୍-ପ୍ଲେଟ ଆଦି ମେଳକ କରି ଯୋଡ଼ି କରିବାକୁ କହିବେ।

✎ ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୨୧ କରିବେ।

## ସ୍ତର -୧

### ୩-୪ ବର୍ଷ

❑ **ପଜଲ୍**

କର୍ମୀ ବିଭିନ୍ନ ଆକାର ଖଣ୍ଡ ପିଲାମାନଙ୍କୁ ଦେବେ ଓ ତାକୁ ଯୋଡ଼ି ଘର କରିବାକୁ କହିବେ । ଏଥିରେ ସେ ପିଲାମାନଙ୍କୁ ସାହାଯ୍ୟ କରିବେ ।

❑ **ବାଲି ଖେଳ**

କର୍ମୀ ପିଲାମାନଙ୍କୁ ବିଭିନ୍ନ ଡ଼ବା, ଡ଼ବାଖୋଳ ସହେଇ ତଥା ପ୍ଲାଷ୍ଟିକ ବା ମାଟିର ଆସବାବପତ୍ର ଦେଇ ମୁକ୍ତଭାବରେ ବାଲି ଖେଳିବାକୁ ଛାଡ଼ିବେ । କର୍ମୀ ଏହି କାର୍ଯ୍ୟକ୍ରମ ବେଳେ ପିଲାମାନଙ୍କୁ ଧ୍ୟାନ ଦେବେ ଯେପରି କି ସେମାନେ ନିଜ ଭିତରେ କଳି ନକରନ୍ତି ବା ବାଡ଼ିଆ ପିଟା ନହୁଅନ୍ତି ।

❑ **ଛବି ବହି / ଚାର୍ଟ ପଠନ**

ଗୋଟିଏ ଗାଁର ଚିତ୍ର ଦେଖାଇ କ'ଣ କ'ଣ ଦେଖୁଛନ୍ତି ପଚାରିବେ ଏବଂ ବର୍ଣ୍ଣନା କରିବାକୁ କହିବେ ।

❑ **ରଙ୍ଗ ଦେବା**

ଜାତୀୟ ପତାକାରେ ରଙ୍ଗ ଦେବାକୁ କହିବେ ଓ କର୍ମୀ ସମସ୍ତ ପିଲାଙ୍କୁ ଗୋଲରେ ବସାଇ, ପ୍ରତ୍ୟେକ ପିଲାଙ୍କ ସମ୍ମୁଖରେ ଘରର ସରଳ ଚିତ୍ର ଆଙ୍କିବେ ଓ ରଙ୍ଗ ଚକ୍ ଦେଇ ପିଲାମାନଙ୍କୁ ରଙ୍ଗ ଦେବା ପାଇଁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୧୯ କରିବେ ।**

❑ **ଅଭିନୟ ସଙ୍ଗୀତ** **'ଦେଖ ରେ ଦେଖ'**

ଦେଖରେ ଦେଖ, ଦେଖ,
ଆମ ଜାତୀୟ ପତାକା ଦେଖ,
ତିନି ରଙ୍ଗରେ ହୋଇଛି ଠିଆ,
ମଝିରେ ଅଶୋକ ଚକ୍ର,
ଉପରେ ଅଛି କମଳା ରଙ୍ଗ,
ସବୁଜ ରଙ୍ଗ ତଳେ,
ଧଳା ରଙ୍ଗଟି ମଝିରେ ଥାଇ,
ଦିଶଇ କେଡ଼େ ଭଲ,
ଦେଖରେ ଦେଖ ଦେଖ ।

## ସ୍ତର -୨

### ୪-୫/୬ ବର୍ଷ

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ପରିବେଶକୁ ବୁଲାଇ ନେଇ ବିଭିନ୍ନ ଘର ଦେଖାଇବେ ଓ କେନ୍ଦ୍ରକୁ ଆସି କ'ଣ ଦେଖିଲେ ଓ କ'ଣ ଶୁଣିଲେ ପଚାରିବେ ।

❑ **କୋଲାଜ୍**

କର୍ମୀ ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରି ୨ଟି ବଡ଼ ଘରର ଚିତ୍ର ଦେବେ ଓ କିଛି ରଙ୍ଗୀନ୍ କାଗଜ ବା ପୁରୁଣା ଖବର କାଗଜ ଦେବେ । କାଗଜ ଛୋଟ ଛୋଟ କରି ଅଠା ଲଗାଇ ଘର ମାନଙ୍କରେ ଲଗାଇବାକୁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୨୨ କରିବେ ।**

❑ **ମାଟି କାମ**

କର୍ମୀ ପିଲାମାନଙ୍କୁ ମାଟି ଚକଟିବାକୁ କହି ଗୋଲି, ଦୀପ ଇତ୍ୟାଦି କରିବାକୁ କହିବେ । ରୋଷେଇରେ ବ୍ୟବହୃତ ହାଣ୍ଡି, ଚଟୁ ଓ ବାସନ ଆଦି ମାଟିରେ କରିବା ପାଇଁ କହିବେ ।

❑ **ମ୍ୟାଚିଂ କାର୍ଡ଼**

କର୍ମୀ ଅକ୍ଷର ସଂକେତ ସହିତ ଛବି କାର୍ଡ଼ ପିଲାମାନଙ୍କୁ ଦେବେ ଓ ଯୋଡ଼ି ବାଛିବାରେ ସାହାଯ୍ୟ କରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୨୩ କରିବେ ।'**

❑ **ରଙ୍ଗୋଲି**

କର୍ମୀ ପିଲାମାନଙ୍କ ସମ୍ମୁଖରେ ଚଟାଣରେ ଘରର ଚିତ୍ର ଆଙ୍କି ମୁରୁଜରେ ରଙ୍ଗୋଲି କରିବାକୁ କହିବେ । (କୋଇଲା ଗୁଣ୍ଡ, ଇଟାଗୁଣ୍ଡ, କଞ୍ଚାପତ୍ର ଶୁଖାଇ ଗୁଣ୍ଡ, ହଳଦୀ ଗୁଣ୍ଡ, ଚାଉଳ ଗୁଣ୍ଡ ବା ମୁରୁଜ ବ୍ୟବହାର କରିବେ)

❑ **ଅଭିନୟ ସଂଗୀତ** **'କୁଆ ରାବିଲେ କାଆ'**

କୁଆ ରାବିଲେ କାଆ,
ଉଠି ପଡ଼ିଲେ ଜୁଆ,
ଝରକା ଖୋଲି ଦେଖିଲେ ଚାହିଁ,
ସକାଳ ହେଲା ନୂଆ ।

❑ **ଅଭିନୟ ସଙ୍ଗୀତ** **'ଆମ ପତାକା'**

ଆମ ପତାକା ତିନି ରଙ୍ଗିଆ
ଉଡ଼ଇ ଧିରେ ଧିରେ
ଉପରେ ନାରଙ୍ଗୀ ମଝିରେ ଧଳା
ଶାଗୁଆ ସବା ତଳେ ।
ଧଳା ଭିତରେ ଚକଟି ଥାଏ
ଦିଶଇ ଜକ ଜକ
ଭାରତ ଆମ ଜନ୍ମଭୂମି
ପତାକା ତାର ଟେକ ।

❑ **ସଂଖ୍ୟା ଗଣନା**

କର୍ମୀ ଗୋଟିଏ ବଡ଼ ଘରର ଚିତ୍ର ଦେଖାଇ ଘରେ କେତୋଟି କବାଟ ଅଛି, କେତୋଟି ଝରକା ଅଛି, କେତୋଟି ରେଲିଂ ଅଛି ପଚାରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୨୦ କରିବେ ।**

❑ **ପର୍ବପର୍ବାଣୀ ପାଳନ**

କେନ୍ଦ୍ରରେ ଯେଉଁ ମାସରେ ଯେଉଁ ପର୍ବପର୍ବାଣୀ ପଡ଼ିବ, କର୍ମୀ ସେହି ପର୍ବପର୍ବାଣୀ ବିଷୟରେ ପିଲାମାନଙ୍କୁ ଜଣାଇବେ ଓ କେନ୍ଦ୍ରରେ ପାଳନ କରିବେ ।

ନାଲି ସୁରୁଜ ଆସେ, ଝରକା ବାଟେ ହସେ,
ଆଲୁଅ ପଡ଼ି ଘରଟା ସାରା, ଘରଟା କେଡ଼େ ଦିଶେ ।
ଏଇ ଝରକା ବାଟେ, ଖୋଲା ପବନ ଛୁଟେ,
ଘର ଭିତର ଲାଗଇ ଭଲ, ଦେହ ଉଲ୍ଲସି ଉଠେ ।
ହେଲେ ବରଷା ଝଡ଼ି, ଆସେ ପବନ ମାଡ଼ି,
ଘରଟା ସାରା ହୁଅଇ ଓଦା, ପାଣି ଛିଟିକା ପଡ଼ି ।
ପୁନେଇଁ ଯେବେ ଆସେ, ଗୋଲ ଜହ୍ନ ଦିଶେ,
ଝରକା ବାଟେ ଦେଖରେ ଦେଖ, ଜହ୍ନ ମାମୁଁ ହସେ ।

❑ **ସଂଖ୍ୟା ଖେଳ**

କର୍ମୀ ପିଲାମାନଙ୍କୁ ଗୋଲାକାରରେ ବସାଇବେ ଓ ସଂଖ୍ୟା ଗଣିବାକୁ କହିବେ । ୫ ପର୍ଯ୍ୟନ୍ତ ଗଣିବା ପରେ ଷଷ୍ଠ ପିଲା ଚୁପ୍ କହିବ । ଯେପରିକି ପ୍ରଥମ ପିଲା -ଏକ ଦ୍ୱିତୀୟ ପିଲା- ଦୁଇ, ତୃତୀୟ ପିଲା- ତିନି, ଚତୁର୍ଥ ପିଲା -ଚାରି , ପଞ୍ଚମ ପିଲା - ପାଞ୍ଚ, ଷଷ୍ଠ ପିଲା- ଚୁପ୍ ବୋଲି କହିବ । ପୁଣି ସପ୍ତମ ପିଲା-ଏକରୁ ଆରମ୍ଭ କରିବ । ଏହିପରି ଖେଳ ଚାଲିବ । ଯିଏ କହି ପାରିବ ନାହିଁ କର୍ମୀ ସହାୟତା କରିବେ ।

❑ **ସ୍ମୃତି ଓ ପର୍ଯ୍ୟବେକ୍ଷଣ**

କର୍ମୀ ଘରର ଦୁଇଟି ଚିତ୍ର କାର୍ଡ଼ ନେବେ । ପ୍ରଥମ ଚିତ୍ରରେ ଘରର କବାଟ, ଝରକା, ଖଟ, ଟେବୁଲ, ଚେୟାର ଥିବ ଓ ଦ୍ୱିତୀୟ ଘର ଚିତ୍ରରେ ଗୋଟିଏ ଜିନିଷ ଯଥା କବାଟ ବା ଝରକା ନଥିବ । କର୍ମୀ ଚିତ୍ରଟିକୁ ପିଲାମାନଙ୍କୁ ଦେଖାଇ କେଉଁଟି ନାହିଁ ପଚାରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୨୪ କରିବେ ।**

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

❑ **ଗଳ୍ପ କଥନ** **'ବଗ ବିଲୁଆ'**

ଗୋଟିଏ ଜଙ୍ଗଲରେ ବଗ ଓ ବିଲୁଆ ବହୁତ ସାଙ୍ଗ ହେଉଥିଲେ। ଦିନେ ବିଲୁଆର ଜନ୍ମଦିନ ଆସିଲା। ସେ ବଗକୁ ନିମନ୍ତ୍ରଣ କଲା ଓ କହିଲା, ''ମିତ, କାଲି ଆମ ଘରକୁ ଆସିବ। ମୁଁ ମାଂସ ତରକାରୀ କରିଥିବି, ଦୁହେଁ ମିଶି ଖାଇବା।'' ତା' ଆରଦିନ ବଗ ସଫାସୁତୁରା ହୋଇ ଜନ୍ମଦିନ ପାଳନ ପାଇଁ ଫୁଲ ତୋଡ଼ାଟେ ଧରି ମିତ ଘରକୁ ଚାଲିଲା। ମିତ ଘରେ ଗୋଡ଼ ରଖିବା ମାତ୍ରେ ମାଂସ ବାସ୍ନାରେ ବଗକୁ ବହୁତ ଭୋକ କଲା, ସେ ମିତକୁ ଫୁଲ ତୋଡ଼ାଟି ଦେଇ ବଧାଇ ଜଣାଇଲା। ବିଲୁଆ କହିଲା ''ମିତ, ଆସ ଖାଇବା, ନହେଲେ ମାଂସ ତରକାରୀ ଅଣ୍ଡା ହୋଇଯିବ।'' ଦୁହେଁ ଖାଇ ବସିଲେ। ବିଲୁଆ ଗୋଟେ ଥାଳିରେ ମାଂସ ତରକାରୀ ଆଣିଲା। ବଗର ଥଣ୍ଟ ତ ଗୋଳିଆ, ସେ ଥାଳିରୁ ମାଂସ ଖାଇ ପାରିଲାନି। କିନ୍ତୁ ବିଲୁଆ ଚାଟି ଚାଟି ସବୁ ତରକାରୀ ଖାଇଦେଲା। ବଗ ଭାବିଲା ରହରେ ବିଲୁଆ, ତତେ ଦେଉଚି ପାନେ। ସେ କହିଲା, ''ମିତ, ମୋର କାଲି ଜନ୍ମଦିନ। ତୁମେ ଆମ ଘରକୁ ଆସିବ, ମୁଁ ମାଂସ ତରକାରୀ କରିଥିବି।'' ବିଲୁଆ ତା'ପର ଦିନ ବଗ ଘରକୁ ଫୁଲତୋଡ଼ା ନେଇଗଲା। ବଗ ମାଂସ ତରକାରୀ କୁ ଗୋଟେ ସରୁ ମୁହାଁ ମାଠିଆରେ ଆଣି କହିଲା ''ଆସ ମିତ ଖାଇବା।'' ବିଲୁଆର ମୁହଁ ତ ମାଠିଆରେ ଗଳିବନି, ସେ ଖାଲି ପାଟିରୁ ଲାଳ ବୁହାଇଲା ଓ କାନମୁଣ୍ଡା ଆଉଁସି ଘରକୁ ଫେରିଲା।

(ବନ୍ଧୁକୁ ହଇରାଣ କରିବା ଭଲ ନୁହେଁ)

**ପ୍ରଶ୍ନ**

- କେଉଁମାନେ ସାଙ୍ଗ ଥିଲେ ?
- ବିଲୁଆ କେଉଁଥିରେ ମାଂସ ତରକାରୀ ଦେଲା ?
- ବଗ କେଉଁଥିରେ ମାଂସ ତରକାରୀ ଦେଲା ?
- ବଗ କାହିଁକି ବିଲୁଆ ଘରକୁ ଯାଇଥିଲା ?
- ବିଲୁଆ କାହିଁକି ବଗ ଘରକୁ ଯାଇଥିଲା ?

❑ **ଗଳ୍ପ କଥନ.** **''ବେଙ୍ଗ ଓ ବିଲୁଆ''**

ସନ୍ଧ୍ୟାବେଳେ ବେଙ୍ଗଟିଏ ପଥର ତଳୁ ବାହାରି ଫକ୍ ଫକ୍ ଡ଼େଇଁଥାଏ। ଏତିକିବେଳେ ପାଖ ଗାତରୁ ବିଲୁଆଟିଏ ବାହାରି ତା' ପାଖ ଦେଇ ଚାଲିଗଲା। ବିଲୁଆକୁ ଦେଖି ବେଙ୍ଗ ତା ଆଗରେ ଆହୁରି ଟିକିଏ ଡ଼େଇଁଲା। ବିଲୁଆ ବେଙ୍ଗକୁ ଦେଖି ହସିହସି କହିଲା, ''ଡ଼େଇଁ ଡ଼େଇଁ ମୋତେ ଟପିଯିବୁ ବୋଲି ଭାବୁଛୁକି ବେଙ୍ଗ ? ଜାଣିଛୁ ମୁଁ କେତେ ଜୋର୍‌ରେ ଦୌଡ଼େ ?'' ବେଙ୍ଗ କହିଲା, ''ତୁମେ ଜୋରରେ ଦୌଡ଼ିଲେ, ମୁଁ ଜୋରରେ ଡ଼ିଏଁ।'' ବେଙ୍ଗ କଥା ଶୁଣି, ବିଲୁଆକୁ ଖରାପ ଲାଗିଲା। ସେ କହିଲା, ''ହଉ ଏବେ ପରୀକ୍ଷା ହୋଇଯାଉ। ଚାଲ, ଆଗରେ ଯେଉଁ ବରଗଛ ଅଛି, ସେ ପର୍ଯ୍ୟନ୍ତ ଦୌଡ଼ିବା, କିଏ ଆଗ ପହଞ୍ଚୁଛି, ଦେଖିବା।'' ବିଲୁଆ କଥା ଶୁଣି, ବେଙ୍ଗ ରାଜି ହେଲା। ଦୁହେଁ ପାଖାପାଖି ଠିଆ ହେଲେ। ବେଙ୍ଗ କହିଲା ''ଏକ, ଦୁଇ, ତିନି।'' ବେଙ୍ଗ ତିନ୍ ଯେମିତି କହିଛି, ବିଲୁଆ ଦୌଡ଼ିବା ଆରମ୍ଭ କଲା। ବେଙ୍ଗ ଝପ୍ କରି ତା' ପିଠି ଉପରକୁ ଡ଼େଇଁ ପଡ଼ିଲା। ବିଲୁଆ ତ ଶୀଘ୍ର ପହଞ୍ଚିବ ବୋଲି ଧାଇଁଥାଏ। ତାକୁ ଲାଗିଲା ତା ପିଠି ଉପରେ କ'ଣ ଗୋଟିଏ ପଡ଼ିଗଲା। ବରଗଛ ପାଖାପାଖି ପହଞ୍ଚି ବିଲୁଆ ଟିକିଏ ରହିଯାଇ ପଛକୁ ଚାହିଁଲା, ବେଙ୍ଗ କେତେବାଟରେ ଅଛି ଦେଖିବ ବୋଲି। ଏତିକି ବେଳେ ବେଙ୍ଗ ବିଲୁଆ ପିଠିରୁ ଫକ୍ କରି ଡ଼େଇଁ ବରଗଛ ପାଖରେ ପହଞ୍ଚିଲା। ବିଲୁଆକୁ ଦିନା ସମସ୍ତେ ବୁଦ୍ଧିଆ କୁହନ୍ତି ହେଲେ ବେଙ୍ଗ ତାକୁ ଠକିଦେଲା। (ବୁଦ୍ଧି ଯାହାର, ବଳ ତାହାର।) (ଗଳ୍ପ କହିବା ସମୟରେ କର୍ମୀ ପପେଟ୍ ବ୍ୟବହାର କରିବେ।)

**ପ୍ରଶ୍ନ**

- ବିଲୁଆ କେଉଁଠି ରହୁଥିଲା ?
- କିଏ କିଏ ଦୌଡ଼ ପ୍ରତିଯୋଗିତା କଲେ ?
- କିଏ ବରଗଛ ପାଖରେ ଆଗେ ପହଞ୍ଚିଲା ?
- ବେଙ୍ଗ କେମିତି ବରଗଛ ପାଖରେ ପହଞ୍ଚିଲା ?

# ମାସ ୬ - ଯାନବାହନ



# ମାସ ୬ - ଯାନବାହନ

## ସ୍ତମ୍ଭ -୧

### ୩-୪ ବର୍ଷ

- **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡି କର୍ମୀ 'ଯାନବାହାନ'ର ବାର୍ତ୍ତାଳାପ ଚାର୍ଟ ଦେଖାଇ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଯାନବାହାନ ଯଥା- ସଡ଼କ, ରେଳପଥ, ଆକାଶପଥ ଓ ଜଳପଥରେ ଚାଲୁଥିବା ଯାନବାହାନ ସମ୍ବନ୍ଧରେ ଜଣାଇବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୨୧ କରିବେ ।**

- **ଅଭିନୟ ସଙ୍ଗୀତ 'ଚକଲ ଘାଇଁ'**

ଚକଲ ଘାଇଁ, ଚକଲ ଘାଇଁ
ଜୁନାମୁନା ଯିବେ, ବୁଲିବା ପାଇଁ,
କିଏ କିଏ ଯିବ, ସଅଳ ଆସ,
ସଜବାଜ ହୋଇ, ଶଗଡ଼େ ବସ,
ଶଗଡ଼ ଚାଲିବ କେଁ କଟର, ଗାଁ ସାରା ବୁଲି ଫେରିବେ ଘର
ଚକଲ ଘାଇଁ ..... ଚକଲ ଘାଇଁ ।

ସହର ବାଟ ତ ବହୁତ ଦୂର,
ମୋଟର ଗାଡ଼ିଟି, ଲୋଡ଼ା ଏଥର,
ମୋଟର ନହେଲେ, ରେଳରେ ଯିବା,
ଦୂର ସହରରେ ବୁଲିଆସିବା ।
ଚକଲ ଘାଇଁ .... ଚକଲ ଘାଇଁ ।

ଉଡ଼ାଜାହାଜରେ ଉଡ଼ି ଉଡ଼ିବା,
ପାଣି ଜାହାଜରେ ଭାସି ଭାସିବା,
ଦେଶ ବିଦେଶର ଖବର ପାଇ,

## ସ୍ତମ୍ଭ -୨

### ୪-୫/୬ ବର୍ଷ

- **ମୁକ୍ତ ବାର୍ତ୍ତା ଳାପ**

କର୍ମୀ ପିଲାମାନଙ୍କୁ ଯାନବାହାନ ଓ ଗ୍ରାଫିକ୍ ଚିତ୍ର ଦେଖାଇ ଯାନ ବାହାନ ଚିହ୍ନଟ କରାଇବେ ଓ କିଏ କେଉଁଠି ଚାଲେ ଜଣାଇବେ ।

- **ଅଭିନୟ ସଙ୍ଗୀତ 'ଚକଲ ଘାଇଁ'**

ସ୍ତମ୍ଭ-୧ ରେ ଦିଆଯାଇଛି

- **ଖେଳ 'ଦିଦି ଗୋ ଦିଦି, କୁଆଡ଼େ ଯାଉଛ ?'**

ପିଲାମାନେ ଗୋଲାକାରରେ ଠିଆ ହେବେ ଓ କର୍ମୀ ଗୋଲେଇ ମଝିରେ ଠିଆ ହେବେ । ପିଲାମାନେ ପଚାରିବେ, ''ଦିଦି ଗୋ ଦିଦି କୁଆଡ଼େ ଯାଉଛ ?'' ଦିଦି କହିବେ, ''ହାଟକୁ ଯାଉଛି ।'' 'ତା'ପରେ ପିଲାମାନେ 'କେଉଁଥିରେ ଯାଉଛ ?' କହିଲେ, ଦିଦି ଯେଉଁ ଯାନବାହାନର ନାମ କହିବେ, ସେହି ଯାନବାହାନର ଶବ୍ଦକୁ ଅନୁକରଣ କରି, ପିଲାମାନେ ଗାଡ଼ି ଚଲାଇବାର ଅଭିନୟ କରିବେ । ପୁଣି ପିଲାମାନେ କର୍ମୀଙ୍କୁ କହିବେ ''ଆମ ପାଇଁ କ'ଣ ଆଣିବ ?'' କର୍ମୀ ଯେଉଁ ଜିନିଷ କହିବେ, ତାହା କେତୋଟି ଆଣିବ ବୋଲି ପିଲାମାନେ ପଚାରିବେ । କର୍ମୀ ଯେତୋଟି କୈଣାର୍ଯ୍ୟ କହିବେ, ସେତିକି ସେତିକି ଭାଗ ହେବେ । (୨ କହିଲେ ୨, ୩ କହିଲେ ୩) ।

- **କୋଲାଜ୍**

ପିଲାମାନଙ୍କୁ ବଡ଼ ଆକାରର ଡଙ୍ଗାର ଚିତ୍ର ଦେଇ ତା ଉପରେ କାଗଜ ଚିରି ଅଠା ଲଗାଇବାକୁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ପୃଷ୍ଠା ୨୫ କରିବେ ।**

- **ବଡ଼-ସାନ ଧାରଣା**

ବଡ଼ ଓ ଛୋଟ ଯାନବାହାନର ଚିତ୍ର ଦେଖାଇ ବଡ଼ ଓ ସାନ ଧାରଣା ଦେବେ ।



ସାଙ୍ଗ ସାଥି ମେଳେ କହିବା ପାଇଁ ।
ଚକଲ ଘାଇଁ...... ଚକଲ ଘାଇଁ ।

ଚକଲ ଘାଇଁ, ଚକଲ ଘାଇଁ,
ଜହ୍ନମାମୁଁ ଦେଶ, ବୁଲିବା ପାଇଁ,
ଜାହାଜ ନାହିଁକି, ମୋଟର ନାହିଁ,
ଉଡ଼ିବ ରକେଟ୍, ସାଇଁକି ସାଇଁ ।
ଚକଲ ଘାଇଁ.....ଚକଲ ଘାଇଁ ।

❑ **ଖେଳ 'ସିଗ୍‌ନାଲ ଖେଳ'**

ପିଲାମାନେ ଧାଡ଼ିବାନ୍ଧି ଦୌଡ଼ିବେ । ଜଣେ ପିଲା ସବୁଜ ପତାକା ଦେଖାଇଲେ, ଧାଡ଼ିରେ ଥିବା ପିଲାମାନେ ଛୁକ୍ ଛୁକ୍ ଛୁକ୍... ଶବ୍ଦ କରି ରେଳଗାଡ଼ି ପରି ଅଙ୍କା ବଙ୍କା ରେଖାରେ ଦୌଡ଼ିବେ । ଅନ୍ୟ ଜଣେ ପିଲା ଲାଲ ପତାକା ଦେଖାଇଲେ ଗାଡ଼ି ବନ୍ଦ ହୋଇଯିବ । ଏହିପରି ଖେଳ ଚାଲିବ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୨୨ କରିବେ ।**

❑ **କଟା ଚିତ୍ର ଯୋଡ଼ିବା (ପଜଲ୍)**

ବସ୍, କାର, ଉଡ଼ାଜାହାଜ, ଟ୍ରେନ୍ ର ଚିତ୍ରକାର୍ଡ଼କୁ ୨/୩ ଖଣ୍ଡରେ କଟାଯାଇଥିବ ଏବଂ ବିଭିନ୍ନ ଖଣ୍ଡ ଗୁଡ଼ିକ ମିଶାଇ ରଖାଯାଇଥିବ । ପିଲାମାନେ ସେଥିରୁ ବାଛି ଯେଉଁ ଅଂଶ ଯାହାର ଯୋଡ଼ି ବାଛିବେ । କିମ୍ବା ବ୍ଲକ୍ ବା ହାର୍ଡ଼ବୋର୍ଡ଼ରେ ଯାନବାହାନର ବିଭିନ୍ନ ଅଂଶ ଯଥା - ଚକ, ଗାଡ଼ିର ଉପର ପଟ, ତଳପଟ, ଆଗପଟ ଓ ପଛପଟ ଇତ୍ୟାଦି କଟାଯାଇଥିବ । ସେଗୁଡ଼ିକୁ ଯୋଡ଼ି ସମ୍ପୂର୍ଣ୍ଣ ଚିତ୍ର କରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୨୩ କରିବେ ।**

❑ **ଖେଳ 'ଦିଦି ଗୋ ଦିଦି, କୁଆଡ଼େ ଯାଉଛ ?'**

ସ୍ତର- ୨ରେ ଦିଆଯାଇଛି



❑ **ଟ୍ରାଫିକ୍ ର ନିୟମ**

କର୍ମୀ ଟ୍ରାଫିକ୍ ର ଚିତ୍ର ଦେଖାଇ ବିଭିନ୍ନ ଲାଇଟ୍‌ର କାମ, ଟ୍ରାଫିକ୍ ପୁଲିସର କାମ ଓ ରାସ୍ତାର ନିୟମ ସମ୍ବନ୍ଧରେ ଜଣାଇବେ । (ରାସ୍ତାର ବାମ କଡ଼ରେ ଚାଲିବା, ରାସ୍ତା ପାର ହେବା ସମୟରେ ଆଗ ପଛକୁ ବୁଲି ଦେଖିବା ଇତ୍ୟାଦି) ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୨୬ କରିବେ ।**

❑ **ଅଭିନୟ ସଙ୍ଗୀତ "ମୁଁ ହେଉଛି ଗାଡ଼ି"**

ମୁଁ ହେଉଛି ଗାଡ଼ି, ବାଆଁ କଡ଼କୁ ମାଡ଼ି,
ଜଡ଼କେ ଯାଏ ଗଡ଼ି ।
ଦେଖିଲି ନାଲି ବତି,
କମାଇ ଦେଲି ଗତି,
ଏଇଠି ହେଲି ଠିଆ,
ଜଳିଲା ହଳଦିଆ ।
ଘୁଇଁ, ଘୁଇଁ, ଘୁଇଁ.....
ଜଳିଲା ଦେଖ ଶାଗୁଆ ବତି
ଚାଲିଲି ଏବେ ମୁଁ.....

❑ **ଶ୍ରେଣୀ ବିଭାଗୀକରଣ**

କର୍ମୀ ପିଲାମାନଙ୍କୁ ସ୍ଥଳଭାଗରେ, ଆକାଶ ମାର୍ଗରେ ଓ ଜଳଭାଗରେ ଚାଲୁଥିବା ଯାନର ଚିତ୍ର କାର୍ଡ଼ ଦେବେ ଏବଂ ଅଲଗା ଅଲଗା ବାଛିବାକୁ କହିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୨୭ କରିବେ ।**

❑ **କାଗଜ ଭାଙ୍ଗିବା**

କର୍ମୀ ପିଲାମାନଙ୍କୁ କାଗଜ ଭାଙ୍ଗି ଡଙ୍ଗା, ରକେଟ୍ ଇତ୍ୟାଦି ତିଆରି କରିବା ଶିଖାଇବେ ।

❑ **ଖେଳ 'ସିଗନାଲ୍ ଖେଳ'**

ସ୍ତର- ୧ରେ ଦିଆଯାଇଛି ।

## ସ୍ତର -୧

### ୩-୪ ବର୍ଷ

- ❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ବାହାରର ପରିବେଶକୁ ନେଇ ବିଭିନ୍ନ ଯାନବାହାନ ପ୍ରତ୍ୟକ୍ଷରେ ଦେଖାଇବେ ଏବଂ ରାସ୍ତାର ନିୟମ ଜଣାଇବେ।

- ❑ **ଗଳ୍ପ କଥନ** **'କୁନି ଓ ମୁନାର ଯାତ୍ରା ଦେଖା'**

କୁନି ବୋଲି ଝିଅଟିଏ ଥାଏ, ତା'ର ସାନଭାଇର ନାମ ମୁନା। ଭାଇ ଭଉଣୀ ଦୁହେଁ ସବୁବେଳେ ଏକାଠି ବସନ୍ତି, ଏକାଠି ଖାଆନ୍ତି ଏବଂ ଏକାଠି ଶୁଅନ୍ତି। ଦିନେ ସେମାନଙ୍କ ମାମୁଁ ଆସି ପହଞ୍ଚିଲେ ଏବଂ ସେମାନଙ୍କୁ ସାଥିରେ ନେଇ ଯାତ୍ରା ଦେଖାଇଆଣିବେ ବୋଲି କହିଲେ। କୁନି ଓ ମୁନା ବହୁତ ଖୁସି ହୋଇଗଲେ ଏବଂ ତରବରରେ ନିଜ ନିଜର ଜାମା ପ୍ୟାଣ୍ଟ ପିନ୍ଧି ସଜବାଜ ହୋଇ ବାହାରି ପଡ଼ିଲେ। ମାମୁଁ ସେମାନଙ୍କୁ ତାଙ୍କ ମଟର ସାଇକେଲ୍‌ରେ ନେଇଯିବାକୁ ଭାବିଥିଲେ, ହେଲେ ଦେଖିଲାବେଳକୁ ମଟର ସାଇକେଲର ଆଗ ଚକଟି ଫାଟି ଯାଇଛି। ତେଣୁ ବାଧ ହୋଇ ମାମୁଁ କୁନି ଓ ମୁନାଙ୍କୁ ତାଙ୍କ ବାପାଙ୍କ ସାଇକେଲ୍‌ରେ ନେଇ ବସଷ୍ଟାଣ୍ଡକୁ ଚାଲିଲେ। ସେଠାରୁ ବସ୍‌ରେ ବସି ମାମୁଁଙ୍କ ସହିତ ଦୂର ସହରକୁ ଗଲେ। ବସ୍‌ରେ ଗଲାବେଳେ ବାଟରେ କୁନି ଓ ମୁନା ରାସ୍ତାର ଦୁଇକଡ଼କୁ ଚାହିଁ ଚାହିଁ ଯାଉଥାଆନ୍ତି। ହଠାତ୍ ମୁନାପାଟି କରି କହିଲା, "ହେଇରେ ରେଳଗାଡ଼ି, ଅପା, ଦେଖ୍ ଦେଖ୍ !" କୁନି ଓ ମୁନା ରେଳଗାଡ଼ି ଦେଖି ଖୁସିହେଲେ। ତା ପରେ ସେମାନେ ଯାଉଥିବା ସହର ଆସିଗଲା, ତେଣୁ ସେମାନେ ମାମୁଁଙ୍କ ସଙ୍ଗରେ ବସରୁ ଓହ୍ଲାଇ ଯାତ୍ରା ପଡ଼ିଆକୁ ରିକ୍ସାରେ ବସି ଗଲେ। ଏତେ ବଡ଼ ଯାତ୍ରା ଆଗରୁ ସେମାନେ ଦେଖିନଥିଲେ, ତେଣୁ ଦେଖି ବହୁତ ଖୁସି ହେଲେ। ମାମୁଁ ସେମାନଙ୍କୁ ବହୁତ ଗୁଡ଼ିଏ ଖେଳନା କିଣିଦେଲେ, ବେଲୁନ୍ ଓ ପେଁକାଳୀ ମଧ୍ୟ କିଣିଦେଲେ। ଯାତ୍ରା ପଡ଼ିଆରେ ବୁଲି ବୁଲି, ସେମାନେ ପେଁକାଳୀ ବଜାଇ ବଜାଇ ମାମୁଁଙ୍କ ସହ ଯାତ୍ରା ଦେଖିଲେ। ଚକ୍ରୀ ଦୋଳିରେ ବସି ଖେଳିଲେ। ଶେଷରେ ଜଳଖିଆ ଦୋକାନରେ ଜିଲାପି, ଲଡୁ ଓ ରସଗୋଲା ଖାଇ ମାମୁଁଙ୍କ ସାଙ୍ଗରେ ବସ୍‌ରେ ବସି ଗାଁକୁ ଫେରିଲେ।

## ସ୍ତର -୨

### ୪-୫/୬ ବର୍ଷ

- ❑ **ଅଭିନୟ ସଙ୍ଗୀତ** **'କେଁ କଟର ଶଗଡ଼ ଗାଡ଼ି'**

କେଁ କଟର, କେଁ କଟର, ଚାଲେ ବଳଦଗାଡ଼ି
ଘୁଁ ଘୁଁ ଉଡ଼ାଜାହାଜ, ଆକାଶେ ଯାଏ ଉଡ଼ି,
ସାଇକେଲ୍‌ଟି ସର୍‌ର ସର୍‌ର, ମୋଟର ଚାଲେ ଘର୍‌ର ଘର୍‌ର
ଭୁଁ, ଭୁଁ, ଭୁଁ ଜାହାଜ ଚାଲେ, ପାଣିରେ ଧୂଆଁ ଛାଡ଼ି।

- ❑ **ଖେଳ** **'କେଉଁଟି ନାହିଁ ?'**

କର୍ମୀ କେତେଗୁଡ଼ିଏ ଯାନବାହାନର ସମ୍ପୂର୍ଣ୍ଣ ଚିତ୍ର ଏବଂ ଅନ୍ୟ କେତେକ ଯାନବାହାନର କୌଣସି ଏକ ଅଂଶ ଯଥା : ଚକ, ହ୍ୟାଣ୍ଡଲ୍, ଉଡ଼ାଜାହାଜର ଡେଣା ଇତ୍ୟାଦି ନ ଥିବା ଚିତ୍ର ଦେଖାଇ ପିଲାଙ୍କୁ କେଉଁଟି ନାହିଁ ପଚାରିବେ ଓ ପରେ ଜଣାଇଦେବେ।

✎ ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୨୮ କରିବେ।

- ❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ବାହାର ପରିବେଶକୁ ନେଇ ବିଭିନ୍ନ ଯାନବାହାନକୁ ପ୍ରତ୍ୟକ୍ଷ ଭାବରେ ଦେଖାଇବେ ଓ ରାସ୍ତାର ନିୟମ ଜଣାଇବେ।

- ❑ **ସରଳ ସମସ୍ୟାର ସମାଧାନ** **'ଡୋମିନୋ'**

କର୍ମୀ ଯାନବାହାନର ଡୋମିନୋ କାର୍ଡ଼ଗୁଡ଼ିକୁ ପିଲାମାନଙ୍କ ମଧ୍ୟରେ ବାଣ୍ଟିବେ। ଗୋଟିଏ ପିଲାକୁ କାର୍ଡ଼ ଆଣି ରଖିବାକୁ କହିବେ ଏବଂ ସେହି କାର୍ଡ଼ରେ କେଉଁ ଯାନ ଅଛି ବୋଲି ପଚାରିବେ। ପିଲାଟି କାର୍ଡ଼ରେ ଥିବା ୨ଟି ଯାନର ନାମ କହିସାରିବା ପରେ ଶେଷ ଯାନର ଛବି କାହା ପାଖରେ ଅଛି, ଆସ ଯୋଡ଼ିବା ବୋଲି କର୍ମୀ କହିବେ।

### ପ୍ରଶ୍ନ

- ମାମୁଁଙ୍କ ସହିତ କିଏ କିଏ ଯାତ୍ରା ଦେଖି ଗଲେ ?
- ମାମୁଁ ତା'ଙ୍କ ପାଇଁ କ'ଣ କ'ଣ କିଣି ଦେଲେ ?
- ସେମାନେ ପ୍ରଥମେ କେଉଁ ଯାନରେ ଗଲେ ?
- ଜଳଖିଆ ଦୋକାନରେ ସେମାନେ କ'ଣ ଖାଇଲେ ?
- ବସ୍‌ରେ ଗଲାବେଳେ ସେମାନେ କ'ଣ ଦେଖିଲେ ?

### ❑ ରଙ୍ଗ ଦେବା

କର୍ମୀ ପିଲାମାନଙ୍କୁ ବିଭିନ୍ନ ଯାନବାହନର ଚିତ୍ର ଦେଇ ରଙ୍ଗ କରିବାକୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୨୪ କରିବେ।**

### ❑ ଅଲଗା ବାଛ

କର୍ମୀ ଚାରି ପାଞ୍ଚୋଟି 'କେଉଁଟି ଅଲଗା ବାଛ କାର୍ଡ଼' ଦେଇ କେଉଁ ଚିତ୍ରଟି ଅଲଗା ଚିହ୍ନଟ କରିବାକୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୨୫ କରିବେ।**

### ❑ ଗଳ୍ପ କଥନ 'ଲାଲୁ ପାଇଲା ପୁରସ୍କାର'

ସ୍ତର-୨ ରେ ଦିଆଯାଇଛି।



### ❑ ଗଳ୍ପ କଥନ 'ଲାଲୁ ପାଇଲା ପୁରସ୍କାର'

ଗୋଟିଏ ଜଙ୍ଗଲ ଥିଲା। ଜଙ୍ଗଲ ମଝିରେ ରାସ୍ତା। ରାସ୍ତାରେ ସବୁବେଳେ ଲୋକ ଓ ଗାଡ଼ିମଟର। ରାସ୍ତା ପାଖ ଆମ୍ବଗଛ ପାଖରେ ଗୋଟିଏ ମାଆ ଠେକୁଆ ରହୁଥିଲା। ତାର ଦୁଇଟି ପିଲା -ଗୋଟିଏ ଲାଲୁ ଓ ଆରଟି କାଲୁ।

ଦିନେ ଉପର ବେଳା ମାଆ ଠେକୁଆ କହିଲା, "ମୁଁ ଯାଉଛି ମାଙ୍କଡ଼ ଅଜାଙ୍କ ଦୋକାନରୁ ଆତ, କଦଳୀ ଓ ଜାମୁକୋଳି ଆଣିବି। ତୁମେ ବାହାରକୁ ଯିବନି, ରାସ୍ତା ଆରପଟ ବୁଦାରେ ଅଜଗର ସାପ ଅଛି। ମାଆ ଗଲାପରେ ଲାଲୁର ମନହେଲା ବୁଲିବାକୁ। ଲାଲୁ ଓ କାଲୁ ଦୁହେଁ ବୁଲି ବାହାରିଲେ। ଗାଡ଼ି ମଟର ପେଁ ପାଁ କରି ରାସ୍ତା ଉପରେ ଚାଲୁଥାନ୍ତି। ଲାଲୁ ପାରି ହୋଇ ରାସ୍ତା ଆରପଟକୁ ଗଲା। ଅଜଗରଟି କାଠଗଡ଼ ପରି ବୁଦା ମୂଳରେ ଶୋଇଥିଲା। ଲାଲୁ ନଜାଣିପାରି ତା ଉପରେ ଡିଆଁ ଡେଙ୍ଗ କଲାରୁ ଅଜଗର ନିଦ ଭାଙ୍ଗିଗଲା। ସଁ ସଁ ଶବ୍ଦ କରି ଅଜଗର କହିଲା, "ଆରେ ଠେକୁଆ, ତୋର ଏଡ଼େ ସାହସ, ତୋତେ ଗିଳିଦେବି।" ଲାଲୁ ଭାରି ବୁଦ୍ଧିଆ। ଲାଲୁ କହିଲା, ''ମୋତେ ଖାଇଲେ କଣ ତୋର ପେଟ ପୂରିବ ? ରାସ୍ତା ଆରପଟ ଜଙ୍ଗଲରେ ହରିଣ ଅଛନ୍ତି, ମୋ ସାଙ୍ଗରେ ଧୀରେ ଧୀରେ ଚାଲ, ମୁଁ ହରିଣ ଦେଖାଇଦେବି।" ଲାଲୁ ରାସ୍ତାକୁ ଡେଇଁ ଡେଇଁ ଚାଲିଗଲା। ଅଜଗର ଘୁସୁରି ଘୁସୁରି ରାସ୍ତା ପାରିହେଲା ବେଳକୁ ଗୋଟିଏ ଟ୍ରକ ମାଡ଼ିଗଲା ତା' ଉପରେ, ଅଜଗର ସେଇଠି ମରିଗଲା।

ଲାଲୁ ଖୁସିରେ ଘରେ ହାଜର। ମାଆକୁ ସବୁ କଥା କହିଲା। ସାଇ ପଡ଼ିଶା ଲୋକ ଶୁଣି ଲାଲୁର ବୁଦ୍ଧିକୁ ପ୍ରଶଂସା କଲେ।

ସଂଧ୍ୟାବେଳେ ପଶୁମାନଙ୍କର ସଭା ବସିଲା। ଭାଲୁ, ମାଙ୍କଡ଼, ହାତୀ, ହରିଣ, ଠେକୁଆ, ବାଘ, ସିଂହ ସମସ୍ତେ ଆସିଲେ। ଜଙ୍ଗଲର ରାଜା ସିଂହ ଲାଲୁ ବେକରେ ଗୋଟିଏ ନାଲି ରିବନ୍ ବାନ୍ଧିଦେଲେ। ସମସ୍ତେ ତାଳି ମାରିଲେ। ହାତୀ ଲାଲୁକୁ ପିଠିରେ ବସାଇ ଜଙ୍ଗଲ ଗୋଟାକ ବୁଲାଇ ଆଣିଲା। ସମସ୍ତେ କହିଲେ ଲାଲୁ ଭାରି ବୁଦ୍ଧିଆ।

#### ପ୍ରଶ୍ନ

- ଠେକୁଆ ଛୁଆମାନଙ୍କର ନାମ କ'ଣ ଥିଲା ?
- ଅଜଗର ଲାଲୁକୁ କ'ଣ କହିଲା ?
- ଠେକୁଆ କିପରି ରକ୍ଷା ପାଇଲା ?

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

## ❑ ଅଭିନୟ ସଙ୍ଗୀତ "ଅକ୍ଷର ଗୀତ"

(ପ୍ରତି ମାସରେ ୫ଟି ଲେଖାଏଁ ଅକ୍ଷର ଗୀତ ଶିଖିବେ)

କର୍ମୀ ଏହି ଅକ୍ଷର ଗୀତକୁ ଆବୃତ୍ତି କରିବେ ଏବଂ ପିଲାମାନଙ୍କୁ ଆବୃତ୍ତି କରିବାକୁ କହିବେ। କର୍ମୀ ଯେଉଁ ଅକ୍ଷର ଚିହ୍ନିବା ଶିଖାଇବେ, ସେହି ଅଂଶଟିକୁ ବାରମ୍ବାର ଆବୃତ୍ତି କରିବା ଶିଖାଇବେ।

| | |
|---|---|
| ଅ | ଅଜା ଆଇ ଗଲେ ବଜାର ବୁଲି |
| ଆ | ଆଇ କହେ, ମୁହିଁ ନ ପାରେ ଚାଲି |
| ଇ | ଇଟା ନେଇ, ଆମେ ତୋଳିବା ଘର |
| ଉ | ଉଲି ବାଟି, ମାଛ ତିଅଣ କର। |
| ଏ | ଏକ ଥିଲା ବିଲେଇ |
| | ନାଆଁ ତାର ଓଲେଇ |
| ଓ | ଓଠ ଚାଟି ଓଲେଇ |
| | ଖାଏ କ୍ଷୀର ମଲେଇ |
| କ | କଲରା ପତର କୁଣ୍ଡି କୁଣ୍ଡିକାରେ |
| | ଭାଜିଲେ ଲାଗଇ ମଜା |
| ଖ | ଖଟରେ ଶୋଇଛି, ବିଲେଇ ନାନୀଲୋ |
| | ମଶାରି ହୋଇଛି ସଜା |
| ଗ | ଗଛ ଲଗାଇବା, ଫଳିବ ଫଳ |
| ଘ | ଘଡ଼ି ଦେଖି, ଆମେ ଜାଣିବା ବେଳ |
| ଚ | ଚପଲ ପାଦରେ, ହାତରେ ବାଡ଼ି |
| ଛ | ଛତାକୁ ଧରିଛି, ଦେଖୁଛି ଘଡ଼ି |
| ଜ | ଜହ୍ନ ଆକାଶରେ ଦିଶଇ ତୋଫା |
| ଝ | ଝରଣାର ଜଳ ଦିଶଇ ସଫା |

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୨୬ କରିବେ।

| | |
|---|---|
| ଟ | ଟଗର ଫୁଲର ଗଜରା ହାର |
| ଠ | ଠଣାରେ ପଇସା ରଖିବି ମୋର |
| ଡ | ଡଙ୍ଗା ଗଲା ଭାସି ଭାସି ମହାନଦୀ ଜଳେ |
| ଢ | ଢମଣାଟି ଯାଏ ଚାଲି ହିଡ଼ ତଳେ ତଳେ |
| ତ | ତରଭୁଜ କିଏ ଖାଇବ ଖାଅ |
| ଥ | ଥଳି ଧରି ବେଗେ ହାଟକୁ ଯାଅ |
| ଦ | ଦମକଳ ଆସି ଲିଭାଏ ନିଆଁ |
| ଧ | ଧନୁ ଧରି ପିଲା ମାରଇ ଡିଆଁ |
| ନ | ନଡ଼ିଆ ସାଥିରେ ଗରମ ମୁଢ଼ି |
| ପ | ପଟିଆରେ ବସି ଖାଉଛି ବୁଢ଼ି |
| ଫ | ଫଣା ଟେକି ଟେକି ଖେଳଇ ନାଗ |
| ବ | ବଗ ଚାଲୁଥାଏ ଡଅଗ ଡଗ |
| ଭ | ଭଅଁର ଉଡ଼ଇ ଫୁଲରୁ ଫୁଲେ |
| ମ | ମୟୂର ନାଚଇ ପାହାଡ଼ ତଳେ |
| ଯ | ଯଅ ଚାଷ ହୁଏ ବିଲ ମାଳରେ |
| ର | ରଥ ଟଣା ହୁଏ ଲୋକ ବଳରେ |
| ଶ | ଶଗଡ଼ ଚାଲଇ କେଁ କଟର |
| ସ | ସପୁରି ଉପରେ ଥାଏ ପତର |
| ହ | ହରିଣ ଛୁଆଟି ମାରଇ ଡିଆଁ |
| ଲ | ଲଟା ଗହଳରେ ଲୁଚେ ବିଲୁଆ |

# ସୂଚକ

## ୬ ମାସ ଶେଷରେ ପିଲାଟି ତଳେ ଦିଆଯାଇଥିବା ଦକ୍ଷତା ହାସଲ କରିବ

### ୩-୪ ବର୍ଷ

- ୫ଟି ଗଛ, ୫ଟି ଫୁଲ, ୫ଟି ଫଳ ଓ ୫ଟି ପରିବାର ନାମ କହିପାରିବ ଓ ଚିତ୍ରରୁ ଚିହ୍ନଟ କରିପାରିବ
- ବାସ୍ନା ଶୁଂଘି ବା ସ୍ୱାଦ ଚାଖି ୫ଟି ଫଳ ଓ ଫୁଲକୁ ଚିହ୍ନି ପାରିବ
- ୫ଟି ଯାନବାହନର ନାମ କହିପାରିବ: ଆକାଶରେ, ଭୂଇଁରେ ଓ ପାଣିରେ ଚାଲୁଥିବା ଯାନବାହାନର ନାମ କହିପାରିବ ଓ ଚିତ୍ରରେ ଚିହ୍ନଟ କରିପାରିବ
- ନିଜର ବାମ ଓ ଡାହାଣ ଅଙ୍ଗ ଦେଖାଇ ପାରିବ
- ୩ଟି ଜିନିଷକୁ ସାନରୁ ବଡ଼ କ୍ରମରେ ସଜାଇ ପାରିବ
- ଡେଙ୍ଗା-ଗେଡା, କମ୍-ବେଶୀ ଓ ନରମ-ଟାଣ ଧାରଣା ଚିତ୍ର ବା ବସ୍ତୁ ଚିହ୍ନଟ କରି ଦର୍ଶାଇପାରିବ
- ଗତ ତିନି ମାସରେ କୁହାଯାଇଥିବା କୌଣସି ଗୋଟିଏ ଗପ କହିପାରିବ
- ଗତ ତିନି ମାସରେ ହୋଇଥିବା କୌଣସି ଗୋଟିଏ ଅଭିନୟ ସଙ୍ଗୀତକୁ କିଛି ଅଭିନୟ ସହ ଆବୃତ୍ତି କରିପାରିବ

### ୪-୫/୬ ବର୍ଷ

- ଅନ୍ତତଃ ୧୦ଟି ଗଛ, ୧୦ଟି ଫୁଲ, ୧୦ଟି ଫଳ ଓ ୧୦ଟି ପରିବାର ନାମ କହି ପାରିବ ଓ ଚିତ୍ରରୁ ଚିହ୍ନଟ କରିପାରିବ
- ବାସ୍ନା ଶୁଂଘି ବା ସ୍ୱାଦ ଚାଖି ଅତି କମ୍‌ରେ ୭ଟି ଫଳ ଓ ଫୁଲକୁ ଚିହ୍ନିପାରିବ
- ଅନ୍ତତଃ ୮ଟି ଯାନବାହାନର ନାମ କହିପାରିବ, ଆକାଶରେ, ଭୂଇଁରେ ଓ ପାଣିରେ ଚାଲୁଥିବା ଯାନବାହାନର ନାମ କହିପାରିବ ଓ ଚିତ୍ରରେ ଚିହ୍ନଟ କରିପାରିବ
- ରାସ୍ତାର ବାମ ଓ ଡାହାଣ ପଟ ଦେଖାଇ କେଉଁପଟେ ଚାଲିବା ଉଚିତ କହିପାରିବ
- ୪ରୁ ୫ଟି ଜିନିଷକୁ ସାନରୁ ବଡ କ୍ରମରେ ସଜାଇ ପାରିବ
- ଡେଙ୍ଗା-ଗେଡା, କମ୍-ବେଶୀ, ନରମ-ଟାଣ ଓ ପାଖ-ଦୂର ଧାରଣା ଚିତ୍ର ବା ବସ୍ତୁ ଚିହ୍ନଟ କରି ଦର୍ଶାଇ ପାରିବ
- ପାଞ୍ଚୋଟି ଅକ୍ଷର ଚିହ୍ନଟ କରି, ଅକ୍ଷର ସମ୍ବନ୍ଧୀୟ ଗୀତ ବୋଲି ପାରିବ
- ଗତ ତିନି ମାସରେ କୁହାଯାଇଥିବା କୌଣସି ଗୋଟିଏ ଗପ ଚିତ୍ର ଦେଖି କହିପାରିବ।
- ଗତ ତିନି ମାସରେ ହୋଇଥିବା କୌଣସି ଗୋଟିଏ ଅଭିନୟ ସଙ୍ଗୀତ ସଠିକ୍ ନାଟକୀୟ ଭଙ୍ଗୀରେ ଆବୃତ୍ତି କରିପାରିବ

# ମାସ ୭ - ଗୋଷ୍ଠୀ ସହାୟକ ବ୍ୟକ୍ତି



# ମାସ ୭ - ଗୋଷ୍ଠୀ ସହାୟକ ବ୍ୟକ୍ତି

## ସ୍ତର -୧

### ୩-୪ ବର୍ଷ

- **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡି କର୍ମୀ ବାର୍ତ୍ତାଳାପ ଚାର୍ଟ ଦେଖାଇ ଗୋଷ୍ଠୀ ସହାୟକ ବ୍ୟକ୍ତି ଯଥା- ବଢ଼େଇ, ଧୋବା, ଭଣ୍ଡାରି, କମାର, କୁମ୍ଭାର, ମୋଚି, ଦରଜି ଇତ୍ୟାଦିଙ୍କ କାମ ବିଷୟରେ ଜଣାଇବେ ।

- **କାଳ୍ପନିକ ଖେଳ**

କର୍ମୀ ଗୋଷ୍ଠୀ ସହାୟକ ବ୍ୟକ୍ତିମାନେ ବ୍ୟବହାର କରୁଥିବା ଉପକରଣର ଛବିକାର୍ଡ଼ ଯଥା-ହାତୁଡ଼ି, ବ୍ରସ, ଜାମା ଇତ୍ୟାଦି ପିଲାମାନଙ୍କୁ ଦେଖାଇ ତାହାର ବ୍ୟବହାରର ଭୂମିକା ଅଭିନୟ କରିବାକୁ ଜଣ ଜଣ କରି ଡ଼ାକି କହିବେ ଓ ଅନ୍ୟ ପିଲାମାନେ ସେହି ପିଲାଟି କେଉଁ ବ୍ୟକ୍ତିର ଭୂମିକା ଅଭିନୟ କରୁଛି ତା'ର ନାମ କହିବେ ।

- **ବାମ-ଡାହାଣ ଧାରଣା**

କର୍ମୀ ଗୋଷ୍ଠୀ ସହାୟକ ବ୍ୟକ୍ତିମାନେ ବ୍ୟବହାର କରୁଥିବା ଉପକରଣର ଚିତ୍ରକୁ ପିଲାମାନଙ୍କୁ ବାମ ହାତରେ ଗୋଟିଏ ଓ ଡ଼ାହାଣ ହାତରେ ଗୋଟିଏ ଚିତ୍ର ଧରିବାକୁ କହିବେ ଓ ବାମ ହାତରେ କ'ଣ ଚିତ୍ର ଅଛି ଓ ଡ଼ାହାଣ ହାତରେ କ'ଣ ଚିତ୍ରଅଛି କହିବାକୁ କହିବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୨୭ କରିବେ ।

- **ସଂଖ୍ୟା ଧାରଣା ୧-୫ ପର୍ଯ୍ୟନ୍ତ**

କର୍ମୀ ସଂଖ୍ୟା କାର୍ଡ଼ ଯଥା : ୧ଟି କଇଁଚି, ୨ଟି ହାତୁଡ଼ି, ୩ଟି ମାଠିଆ ଦେଇ ଏହାକୁ କେଉଁମାନେ ବ୍ୟବହାର କରନ୍ତି ଓ କେତୋଟି ଲେଖାଏଁ କାର୍ଡ଼ରେ ଅଛି ପିଲାମାନଙ୍କୁ ଜଣାଇବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୨୮ ଓ ୨୯ କରିବେ ।

## ସ୍ତର -୨

### ୪-୫/୬ ବର୍ଷ

- **ମୁକ୍ତ ବାର୍ତ୍ତାଳାପ**

କର୍ମୀ ବାର୍ତ୍ତାଳାପ ଚାର୍ଟ ଦେଖାଇ ଗୋଷ୍ଠୀ ସହାୟକ ବ୍ୟକ୍ତି ଯଥା:- ବଢ଼େଇ, ଧୋବା, ଭଣ୍ଡାରି, ମୋଚି, ଦରଜି ଇତ୍ୟାଦିଙ୍କ କାମ ବିଷୟରେ ପିଲାମାନଙ୍କୁ ଜଣାଇବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୨୯ କରିବେ ।

- **ଶ୍ରେଣୀ ବିଭାଗୀକରଣ**

କର୍ମୀ ବିଭିନ୍ନ ଗୋଷ୍ଠୀ ସାହାଯ୍ୟକାରୀ ବ୍ୟକ୍ତିମାନଙ୍କ କାର୍ଯ୍ୟକୁ ନେଇ ଛବିକାର୍ଡ଼ ପ୍ରସ୍ତୁତ କରିବେ ଓ ତା' ସହିତ ଅନ୍ୟାନ୍ୟ ଛବିକାର୍ଡ଼ ଯଥା ଯାନବାହନ, ପଶୁ, ପକ୍ଷୀଙ୍କ କାର୍ଡ଼ ମିଶାଇ ପିଲାମାନଙ୍କୁ ଦେଇ ଗୋଷ୍ଠୀ ସାହାଯ୍ୟକାରୀ ବ୍ୟକ୍ତିଙ୍କ କାର୍ଯ୍ୟର ଛବିକାର୍ଡ଼କୁ ବାଛିବାକୁ କହିବେ ।

- **ସଂଖ୍ୟା ଧାରଣା ୧-୧୦ ପର୍ଯ୍ୟନ୍ତ**

କର୍ମୀ ପିଲାମାନଙ୍କୁ ୧ ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ସଙ୍କେତ ଥିବା କାର୍ଡ଼ ଓ ଚିତ୍ରକାର୍ଡ଼, ୧ଟି କଇଁଚି, ୨ଟି ହାତୁଡ଼ି, ୩ଟି ମାଠିଆ, ୪ଟି କରତ, ୫ଟି ଜୋତା ଇତ୍ୟାଦି ଦେଇ ଏହାକୁ କେଉଁମାନେ ବ୍ୟବହାର କରନ୍ତି ପଚାରିବେ ଓ ସଂଖ୍ୟା ସହିତ ଚିତ୍ରର ଯୋଡ଼ି ବାଛିବାକୁ କହିବେ ।

- **ଅବସ୍ଥାନ ଧାରଣା**

ପିଲାମାନଙ୍କୁ ବିଭିନ୍ନ ଅବସ୍ଥାନ ଜଣାଇବା ପାଇଁ କର୍ମୀ ଛବିକାର୍ଡ଼ ଦେଖାଇବେ । ଯଥା, ଟେବୁଲ ତଳେ, ଟେବୁଲ ଉପରେ, ଗଛ ପଛରେ, ଗଛ ଆଗରେ , ବ୍ୟକ୍ତିର ବାମରେ ଓ ଡାହାଣରେ କେଉଁ ଜିନିଷ ଅଛି ଜଣାଇବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୩୦ କରିବେ ।

## ସ୍ତର - ୧

### ୩-୪ ବର୍ଷ

❑ **ଅଭିନୟ ସଙ୍ଗୀତ** **'କୁମ୍ଭାର ଭାଇ ବୁଲାଇ ଚକି'**

କୁମ୍ଭାର ଭାଇ ବୁଲାଇ ଚକି
ଗଢୁଛ କେତେ ହାଣ୍ଡି ଓ ଠେକି
ପଇସା ଗୋଟିଏ ନେବ କି ?
ହାଣ୍ଡି ଗୋଟିଏ ଦେବ କି ?

କମାର ଭାଇ କରୁଛ ଶାଳ
ଗମ୍ ଗମ୍ ବହୁଛି ଝାଳ
ଟାଇଁ ଟାଇଁ ପିଟୁଛ ଲୁହା
ଗଢୁଛ କୋଡ଼ି, କୋଦାଳ, ଦାଆ ।

❑ **ଖେଳ** **'ସୂଚନା ଅନୁସରଣ'**

କର୍ମୀ ପିଲାମାନଙ୍କୁ ଅର୍ଦ୍ଧବୃତ୍ତାକାରରେ ବସିବାକୁ କହି କେତେକ ଅବସ୍ଥାନ ସମ୍ପର୍କିତ ଧାରଣା ଦେବା ନିମନ୍ତେ ପ୍ରତ୍ୟେକ ପିଲାଙ୍କୁ ସୂଚନା ଦେବେ ଯଥା:-

- ହାତୁଡ଼ି ଚିତ୍ରଟି ଟେବୁଲ ଉପରେ ରଖ
- ଯୋତା ଚିତ୍ରଟି ତଳେ ରଖ
- କାଠ ଖଣ୍ଡଟି ମିତାର ବାମ ପଟେ ରଖ
- କରତ ଚିତ୍ରଟି ଟେବୁଲ ଆଗରେ ରଖ ଇତ୍ୟାଦି

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୦ କରିବେ ।**

❑ **ସ୍ପର୍ଶ ଧାରଣା**

ଏକ ଅନୁଭୂତି ମୁଣା (Feely Bag) ତିଆରି କରି ସେଥିରେ ବିଭିନ୍ନ ଆକାର ଓ ସ୍ପର୍ଶଥିବା ବସ୍ତୁ ଯଥା:- କାଠଖଣ୍ଡ, କନାଖଣ୍ଡ, ଝାଡ଼ୁମାଞ୍ଜି, ମାଟିଗୋଲି ଇତ୍ୟାଦି ଯାହା ନିଜ ପରିବେଶରେ ମିଳୁଛି ତାହା ମୁଣାଭିତରେ ରଖି ପିଲାମାନଙ୍କୁ ଜଣଜଣ କରି ଡାକି ମୁଣାରେ ହାତ ଭର୍ତ୍ତି କରି ମୁଣାରେ ଥିବା ବସ୍ତୁକୁ ନଦେଖି, କେବଳ ଛୁଇଁ, ତାର ନାମ କହିବାକୁ ଉତ୍ସାହିତ କରିବେ ।

## ସ୍ତର - ୨

### ୪-୫/୬ ବର୍ଷ

❑ **ଅଭିନୟ ସଂଗୀତ** **'ଚାଲ ଦେଶ ପାଇଁରେ'**

ଚାଲ ଦେଶ ପାଇଁରେ - ଆମେ କରିବା କାମ
କୋଡ଼ିଧରି ମାଟି ହାଣି - ମଞ୍ଜି ବୁଣିବା
ଗଦାଗଦା ଶସ୍ୟ ଆମେ ଲୋକଙ୍କୁ ଦେବା - ଆମେ ହେବାରେ ଚାଷୀ
ଚାଲ ଦେଶ ପାଇଁ ରେ-----
ଜଙ୍ଗଲ କୁଆଡ଼ି ମାଇ ଯତନେ ଗଢ଼ି-ଦେଶ ସେବାରେ ନିଜକୁ ଦେବାରେ ବଳି
ଆମେ ହେବା ବଢ଼େଇ । ଚାଲ ଦେଶ ପାଇଁରେ-----
ରଂଗ ଆଉ ତୂଳି ନେଇ ଏ ଦେଶ ଛବି, ଆଙ୍କିବାରେ ଏ ଦେଶକୁ ମନରୁ ଭାବି
ଆମେ ହେବାରେ ଶିଳ୍ପୀ । ଚାଲ ଦେଶ ପାଇଁରେ-----
ଆମେ ସବୁ ଏ ଦେଶର ଟିକି ପଇକ
ଗଢ଼ିବାରେ ଏ ଦେଶକୁ ରାମ ରାଇଜ । ଆମେ ହେବା ସୈନିକ
ଚାଲ ଦେଶ ପାଇଁ ରେ------

❑ **ସ୍ମୃତି ଓ ପର୍ଯ୍ୟବେକ୍ଷଣ**

କର୍ମୀ ଗୋଷ୍ଠୀରେ ସାହାଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ୪-୫ଟି ଚିତ୍ର ପିଲାମାନଙ୍କୁ ଦେଖାଇ, ସେଥିରୁ ଗୋଟିଏ ଲୁଚାଇ ଦେଇ କେଉଁ ଜଣକ ନାହାନ୍ତି ପଚାରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୩୧ ଓ ୩୨ କରିବେ ।**

❑ **ସ୍ପର୍ଶ ଧାରଣା**

ସ୍ତର - ୧ ରେ ଦିଆଯାଇଛି

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

❑ **ଗଳ୍ପକଥନ** **'କଲୁରୀ ବେଣ୍ଟ କଥା'**

ଗୋଟିଏ ଗାଁ ରେ ବୁଢ଼ିଟିଏ ଥିଲା । ସେ ଥରେ ବାଟରେ ଯାଉଯାଉ ଏକ କଲରା ମଞ୍ଜି ପାଇଲା । ସେହି କଲରା ମଞ୍ଜିକୁ ବାଡ଼ିପଟେ ଲଗାଇ ବୁଢ଼ି ମାଉସୀ କହିଲା, ''ମଞ୍ଜିରେ, ମଞ୍ଜି କାଲିକୁ ଯଦି ଗଛ ନହେବୁ, ତେବେ କମାର ଘର କଟୁରୀରେ ହାଣିଦେବି ।''

ସତକୁ ସତ ମଞ୍ଜି ଫୁଟିଯାଇ ତା' ପରଦିନ ଗଛ ହୋଇଗଲା । ପୁଣି ବୁଢ଼ି ମାଉସୀ ଆସି କହିଲା, ''କାଲିକୁ ଯଦି ଗଛ ହୋଇନଥିବୁ ତେବେ କମାର ଘର ଦା' ଆଣି କାଟିଦେବି ।''

ସତକୁ ସତ ତା' ପରଦିନ ବୁଢ଼ି ମାଉସୀ ଦେଖିଲା ବେଳକୁ ଗଛରେ ଫୁଲ, ଫଳ ହୋଇଛି ଓ ୫ଟି କଲରା ପାଚି ଲାଲ୍ ଟୁକ୍ ଟୁକ୍ ହୋଇଛି । ବୁଢ଼ି ମାଉସୀ କଲରାକୁ ଜଗି ବସିଲା । ଏତିକିବେଳେ ଗୋଟିଏ କାଉ ସେଇପଟେ ଯାଉଥିଲା । ପାଚିଲା କଲରାକୁ ଦେଖି ତା' ପାଟିରୁ ଲାଳ ବୋହିଲା । ସେ ବୁଢ଼ି ମାଉସୀକୁ କହିଲା, "ମାଉସୀ, ମୋତେ ଗୋଟିଏ ପାଚିଲା କଲରା ଦେ ।" ମାଉସୀ କହିଲା, ''ନେବୁଯେ, ଯା ଆଗ ନୂଆ କୂଅରୁ ପାଣି ଆଣି ଥଣ୍ଟଟା ଧୋଇ ଦେବୁ ।'' କାଉ ଉଡ଼ି ଉଡ଼ି କୂଅ ପାଖକୁ ଗଲା ଓ କହିଲା, "ଦେ କୂଅ, ଦେ ପାଣି, ଧୁଏ ଥଣ୍ଟ, ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।"

କୂଅ କହିଲା, ''ପାଣି ଦେବି ଯେ, ଯା କୁମ୍ଭାର ଘରୁ ଗୋଟିଏ ମାଠିଆ ଆଣିବୁ ।'' କାଉ ଉଡ଼ିଉଡ଼ି କୁମ୍ଭାର ଘରକୁ ଗଲା ଓ କହିଲା, ''ଦେ କୁମ୍ଭାର, ଦେ ମାଠିଆ,... ଆଣେ ପାଣି, ଧୁଏ ଥଣ୍ଟ, ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।'' କୁମ୍ଭାର କହିଲା, ଦେବି ଯେ, ମୋ ପାଖରେ ମାଟିନାହିଁ, ଯା, ମାଟି ଆଣିବୁ, ମୁଁ ମାଠିଆ ତିଆରି କରି ତୋତେ ଦେବି ।'' କାଉ ପୁଣି ଉଡ଼ିଉଡ଼ି କମାର ପାଖକୁ ଗଲା ଓ କହିଲା, ''ଦେ କମାର, ଦେ କୋଦାଳ, ଖୋଳୁ ମାଟି, ଗଢୁ କୁମ୍ଭାର କଳସ ଗୋଟି, କାଢ଼େ ପାଣି, ଧୁଏ ଥଣ୍ଟ, ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।'' କମାର କାଉକୁ କୋଦାଳ ଦେଲା ।

❑ **ଚକୋଲେଟ୍ ଛୁଆ ଖେଳ**

କର୍ମୀ ୪ ରୁ ୫ ଫୁଟ ଉଚ୍ଚରେ କିଛି ଚକ୍‌ଲେଟ ଟାଙ୍ଗି ଦେବେ ଓ ପିଲାମାନଙ୍କୁ ଡେଇଁକରି ପାଟିରେ ଚକୋଲେଟ୍ ଛିଣ୍ଡାଇ ଆଣିବାକୁ କହିବେ ।

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ଏହି ମାସରେ ପିଲାମାନଙ୍କୁ ବାସ୍ତବ ଅନୁଭୂତି ଦେବା ନିମନ୍ତେ ସପ୍ତାହକୁ ଥରେ ଗାଁରେ ଥିବା ବିଭିନ୍ନ ଗୋଷ୍ଠୀ ସହାୟକ ବ୍ୟକ୍ତିଙ୍କ କର୍ମଶାଳାକୁ ବୁଲାଇ ନେବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୩୩ କରିବେ ।**

❑ **ଅଭିନୟ**

ବୁଢ଼ିଯାଉଥିବା ଲୋକଙ୍କୁ କିପରି ସାହାଯ୍ୟ କରିବା, ତାହା ଅଭିନୟ କରିବାକୁ କର୍ମୀ ପିଲାମାନଙ୍କୁ କହିବେ ।

କାହା ଦେହରେ ନିଆଁ ଲାଗିଗଲେ କ'ଣ କରିବ ? ଅଭିନୟ କରିବାକୁ କହିବେ ।

❑ **କିଏ କଣ କରନ୍ତି**

ପିଲାମାନଙ୍କୁ ବଢ଼େଇ, କୁମ୍ଭାର, ମୋଚି, ଦରଜି, କମାର ଇତ୍ୟାଦି ଶବ୍ଦ କହିବେ ଓ ସେମାନେ ସେଇ ଶବ୍ଦକୁ ନେଇ ବାକ୍ୟ ଗଠନ କରିବାକୁ କହିବେ । ଯଥା- କୁମ୍ଭାର ହାଣ୍ଡିଗଢ଼େ, ମୋଚି ଯୋତା ସିଲାଇ କରେ ।

❑ **ମାଟି କାମ**

କର୍ମୀ ପିଲାମାନଙ୍କୁ ମାଟି ବା ଅଟା ଚକଟା ଦେଇ ବିଭିନ୍ନ ଜିନିଷ ମୁକ୍ତ ଭାବରେ ତିଆରି କରିବାକୁ କହିବେ । ଯଥା - ହାଣ୍ଡି, ମାଠିଆ ଇତ୍ୟାଦି ।

## ସ୍ତର -୧
### ୩-୪ ବର୍ଷ

ପ୍ରଶ୍ନ

- କାଉ କୋଦାଳ ନେଇ କ'ଣ କଲା ?
- ମାଟି ନେଇ କାଉ କାହାକୁ ଦେଲା ?
- ମାଟି ନେଇ କୁମ୍ଭାର କ'ଣ କଲା ?
- ମାଠିଆ ନେଇ କାଉ କ'ଣ କଲା ?

ଏହିପରି ଗଳ୍ପଟିକୁ ଧାରାବାହିକ ଭାବେ ମନେପକାଇବେ ।

### ❑ ଚକୋଲେଟ୍ ଶିଆ ଖେଳ

କର୍ମୀ ପ୍ରାୟ ୩ ରୁ ୪ ଫୁଟ ଉଚ୍ଚରେ କିଛି ଚକୋଲେଟ ଟାଙ୍ଗିଦେବେ ଓ ପିଲାମାନଙ୍କୁ ଡେଇଁକରି ପାଟିରେ ଚକୋଲେଟ୍ ଛିଣ୍ଡାଇ ଆଣିବାକୁ କହିବେ ।

### ❑ ପ୍ରକୃତି ପର୍ଯ୍ୟବେକ୍ଷଣ

କର୍ମୀ ପିଲାମାନଙ୍କୁ ସପ୍ତାହକୁ ଥରେ ବାସ୍ତବ ଅନୁଭୂତି ଦେବା ନିମନ୍ତେ ଗାଁରେ ବା ପାଖରେ ଥିବା ବିଭିନ୍ନ ଗୋଷ୍ଠୀ ସହାୟକ ବାଣିଜ୍ୟିକ କର୍ମଶାଳାକୁ ବୁଲାଇ ନେବେ ।

### ❑ ପ୍ରାକ୍-ଲିଖନ

ପିଲାମାନଙ୍କୁ ଚଟାଣରେ ଗୋଡ଼ି ବା ଚକ୍ ସାହାଯ୍ୟରେ ବିଭିନ୍ନ ଗାର ଟାଣିବାକୁ କହିବେ ।



ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୧ କରିବେ ।

## ସ୍ତର -୨
### ୪-୫/୬ ବର୍ଷ

### ❑ ଗଳ୍ପ କଥନ 'କଲୁରୀ ବେଣ୍ଟ କଥା'

ସ୍ତର- ୧ ରେ ଦିଆଯାଇଛି ।

ଗଳ୍ପଟି କହିସାରିବା ପରେ କର୍ମୀ ନିମ୍ନଲିଖିତ ପ୍ରଶ୍ନ ପଚାରିବେ ।

ପ୍ରଶ୍ନ

- କାଉ କୋଦାଳ ନେଇ କ'ଣ କଲା ?
- ମାଟି ନେଇ କାଉ କାହାକୁ ଦେଲା ?
- ମାଟି ନେଇ କୁମ୍ଭାର କ'ଣ କଲା ?
- ମାଠିଆ ନେଇ କାଉ କ'ଣ କଲା ?

### ❑ ପ୍ରାକ୍-ଲିଖନ (ଚିତ୍ରକୁ ସମ୍ପୂର୍ଣ୍ଣ କର)

କର୍ମୀ ଚଟାଣରେ ଅଧା ଚିତ୍ର ଆଙ୍କିବେ ଯଥା : ଚକ୍, ଇଟା, ଟେବୁଲ ଇତ୍ୟାଦି ଏବଂ ପିଲାମାନଙ୍କୁ ସମ୍ପୂର୍ଣ୍ଣ କରିବାକୁ କହିବେ ।



ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୩୪ ଓ ୩୫ କରିବେ ।

# ମାସ ୮ - ଭିନ୍ନ ଭିନ୍ନ ବୃତ୍ତି ଓ ଅନୁଷ୍ଠାନ



# ମାସ ୮ - ଭିନ୍ନ ଭିନ୍ନ ବୃତ୍ତି ଓ ଅନୁଷ୍ଠାନ

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

❑ **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନବାଡ଼ି କର୍ମୀ ପିଲାମାନଙ୍କୁ ବାର୍ତ୍ତାଳାପ ଚାର୍ଟ ଦେଖାଇ ସ୍କୁଲ, ଡ଼ାକ୍ତରଖାନା, ପଞ୍ଚାୟତ, ପୋଷ୍ଟ ଅଫିସ, ହାଟରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନାଇବେ।

❑ **କାଳ୍ପନିକ ଖେଳ**

କର୍ମୀ ପିଲାମାନଙ୍କୁ କେତେଗୁଡ଼ିଏ ଉପକରଣ ଯଥା ଷ୍ଟେଥୋ, ନିକିତି ଇତ୍ୟାଦି ଦେବେ ଓ ପିଲାମାନଙ୍କୁ ଡ଼ାକ୍ତର-ରୋଗୀ, ଦୋକାନୀ-ଗ୍ରାହକ ହୋଇ ଅଭିନୟ କରିବାକୁ କହିବେ ଏବଂ ଏଥିରେ ପିଲାମାନଙ୍କୁ ସହାୟତା କରିବେ।

❑ **ଖେଳ       'ଆଖି ବନ୍ଦକର'**

ଗୋଟିଏ ଲାଇନ୍‌ରେ ଠିଆ କରି କର୍ମୀ ପିଲାମାନଙ୍କୁ ଆଖି ବନ୍ଦ କରିବାକୁ କହିବେ ଓ

ଆଗକୁ ୧ ପାଦ ଯାଅ

ପଛକୁ ୧ ପାଦ ଯାଅ

ଆଗକୁ ୨ ପାଦ ଯାଅ

ପଛକୁ ୨ ପାଦ ଯାଅ

ଏହିପରି ବିଭିନ୍ନ ନିର୍ଦ୍ଦେଶ ଦେବେ ଓ ପିଲାମାନେ ତାହା ଅନୁସରଣ କରିବାକୁ ସହାୟତା କରିବେ।

❑ **ପଜଲ୍**

ବଡ଼ ପୋଷ୍ଟବାକ୍ସର ଚିତ୍ରକୁ ୪ ଖଣ୍ଡ କରି କାଟି ପିଲାମାନଙ୍କୁ ଯୋଡ଼ିବାକୁ କହିବେ ଓ ତାହା କେଉଁ ଚିତ୍ର ପିଲାମାନଙ୍କୁ ପଚାରିବେ।

✎ ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୨ କରିବେ।

❑ **ମୁକ୍ତ ବାର୍ତ୍ତାଳାପ**

କର୍ମୀ ପିଲାମାନଙ୍କୁ ବାର୍ତ୍ତାଳାପ ଚାର୍ଟ ଦେଖାଇ ଡ଼ାକ୍ତର, ଶିକ୍ଷକ, ପୋଷ୍ଟମ୍ୟାନ, ଦୋକାନୀ, ସରପଞ୍ଚ ଆମକୁ କିପରି ସାହାଯ୍ୟ କରନ୍ତି ଜଣାଇବେ।

❑ **କାଳ୍ପନିକ ଖେଳ 'ଡ଼ାକବାଲା'**

ପିଲାମାନଙ୍କ ମଧ୍ୟରୁ ଜଣେ ପୋଷ୍ଟମ୍ୟାନ୍ ହେବେ। ସେ ଡାକି ଡାକି ଯିବେ, ''ମୁଁ ଡ଼ାକବାଲା, ମୁଁ ଡ଼ାକବାଲା'' ଅନ୍ୟ ପିଲାମାନେ କହିବେ, ''କେଉଁଠିକୁ ଯିବ ?'' ଡ଼ାକବାଲା ହୋଇଥିବା ପିଲା କହିବ, ''ମଝିସାହିକୁ'' / ''ତଳ ସାହିକୁ'' / ''ଉପର ସାହିକୁ''। ପୁଣି ପିଲାମାନେ ପଚାରିବେ, ''କ'ଣ ଆଣିଛ ?'' ଡ଼ାକବାଲା କହିବ, ''ଚିଠି ବା ଟଙ୍କା ବା ରାକ୍ଷୀ'' ଇତ୍ୟାଦି । ତା'ପରେ ପିଲାମାନେ କହିବେ, ''ଦେଇକି ଯାଅ।'' ଡ଼ାକବାଲା, କହିବ, ''ନାହିଁ, ଯାହାର ଜିନିଷ ତାକୁ ଦେବି।'' ପୁଣି ସେ 'ମୁଁ ଡ଼ାକବାଲା ମୁଁ ଡ଼ାକବାଲା' କହି ଯିବ। କର୍ମୀ ସମସ୍ତ ବଡ଼ ପିଲାମାନଙ୍କୁ ଡ଼ାକବାଲା ହେବାପାଇଁ ସୁଯୋଗ ଦେବେ।

❑ **ଖେଳ       'ଇଟା ଖଣ୍ଡରେ ଚାଲିବା'**

କର୍ମୀ ମଝିରେ କିଛି କିଛି ଜାଗା ଛାଡ଼ି ଗୋଟିଏ ସିଧା ଧାଡ଼ିରେ ଇଟାଖଣ୍ଡ ରଖି ପିଲାମାନଙ୍କୁ ସେହି ଇଟା ଉପରେ ଚାଲିବାକୁ କହିବେ।

❑ **କେଉଁଟି ଅଲଗା ବାଛ**

କର୍ମୀ କେଉଁଟି ଅଲଗା ବାଛ କାର୍ଡ ପିଲାମାନଙ୍କୁ ଦେବେ ଯେଉଁଥିରେ କି ଷ୍ଟେଥୋ, ଇଞ୍ଜେକ୍‌ସନ୍, ଥର୍ମୋମିଟର ସାଙ୍ଗରେ ପୋଷ୍ଟବାକ୍ସର ଚିତ୍ର ଦେଇ କେଉଁଟି ଅଲଗା ବାଛିବାକୁ କହିବେ। ଏହିପରି ୪/୫ଟି ଚିତ୍ରକାର୍ଡ଼ (କେଉଁଟି ଅଲଗା ବାଛ କାର୍ଡ଼) ପିଲାମାନଙ୍କୁ ଦେଇ ଚିହ୍ନାଇବେ।



## ସ୍ତର -୧

### ୩-୪ ବର୍ଷ

### ❑ ପ୍ରତ୍ୟାଶାମୂଳକ ପ୍ରଶ୍ନ

କର୍ମୀ ଶିକ୍ଷକ, ଡ଼ାକ୍ତର, ପୋଷ୍ଟମ୍ୟାନ୍, ଦୋକାନୀଙ୍କ ଚିତ୍ର ଦେଖାଇ ପ୍ରତ୍ୟାଶାମୂଳକ ପ୍ରଶ୍ନ ପଚାରିବେ ।

- ଶିକ୍ଷକ କ'ଣ କରୁଛନ୍ତି ?
- ତୁମକୁ ଜ୍ୱର ହେଲେ ବାପା / ମା କେଉଁଠିକୁ ନିଅନ୍ତି ?
- ତୁମର ଜିନିଷ ଆଣିବାକୁ ହେଲେ କେଉଁଠିକୁ ଯାଅ ?
- ଚିଠି ପତ୍ର ଆମକୁ କିଏ ଆଣି ଦିଅନ୍ତି ?

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୩ କରିବେ ।**

### ❑ ମେଳ କରିବା

କର୍ମୀ ୩ ଟି ଚିତ୍ର କାର୍ଡ଼ କରିବେ ଓ ଏକା ପ୍ରକାର ଆଦ୍ୟ ଧ୍ୱନିଥିବା ଚିତ୍ରକୁ ବାଛିବାକୁ ପିଲାମାନଙ୍କୁ କହିବେ ।

୧ ମ କାର୍ଡ଼ - ମାଛ, ମଠିଆ, ମହି

୨ ୟ କାର୍ଡ଼ - ଚକ, ପଣସ, ଚପଲ

୩ୟ କାର୍ଡ଼- ପୋଷ୍ଟବାକ୍ସ, କଲମ, କଳସ

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୪ କରିବେ । ୟ

### ❑ ଅଭିନୟ ସଙ୍ଗୀତ 'ବଡ଼ ହେଲେ ମୁଁ ଡାକ୍ତର ହେବି'

ବଡ଼ ହେଲେ ମୁଁ, ଡ଼ାକ୍ତର ହେବି ।
ରୋଗୀ ଦେଖିବି, ଔଷଧ ଦେବି,
ରୋଗକୁ ଦେବି ତଡ଼ି
ଆଉରେ ମୋର ବାତ ବେମାର ଜର କି କଫ
ସଭିଏଁ ଯିବେ ଭଡ଼ି ।

## ସ୍ତର -୨

### ୪-୫/୬ ବର୍ଷ

### ❑ ଖେଳ

କର୍ମୀ ପିଲାମାନଙ୍କୁ ୨ଟି ଦଳରେ ବିଭକ୍ତ କରିବେ । ଗୋଟିଏ ଦଳ, ଡ଼ାକ୍ତର, ପୋଷ୍ଟମ୍ୟାନ୍, ଦୋକାନୀ ଇତ୍ୟାଦିର ଅଭିନୟ କରିବେ ଓ ଅନ୍ୟ ଦଳ, ପ୍ରଥମ ଦଳ କି ଅଭିନୟ କରୁଛନ୍ତି କହିବେ ।

### ❑ କେଉଁଟି ଅଲଗା ବାଛ

କର୍ମୀ ପିଲାମାନଙ୍କୁ ବିଭିନ୍ନ ଅକ୍ଷର ସଂକେତ ଚିହ୍ନାଇବା ପାଇଁ ଅକ୍ଷର କାର୍ଡ କରିବେ ଓ କେଉଁଟି ଅଲଗା, ତାହା ବାଛିବା ପାଇଁ ପିଲାମାନଙ୍କୁ ଦେବେ

ଚ ଚ ଋ ଚ
ଠ ଗ ଗ ଗ
ଭ ର ର ଠ
ଭ ଠ ଠ ଠ

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୩୬ କରିବେ ।**

### ❑ ଅଭିନୟ ସଙ୍ଗୀତ 'ତୋଟାରେ ବସିଛି ହାଟ'

ତୋଟାରେ ବସିଛି ଆମ ଗାଁ ହାଟ
ଆମ ଗାଁ ହାଟକୁ ଏଇତ ବାଟ ।
ଚାଳଘର ଛିଡ଼ା ଧାଡ଼ି କି ଧାଡ଼ି
ପରିବା ଆସୁଛି ଗାଡ଼ିକି ଗାଡ଼ି ।
ଏପାଖରେ ଆମ୍ବ ପଣସ କୋଷ
ସେ ପାଖରେ ଲୁଗା ଦୋକାନ ସଜ ।
ଏ ପାଖରେ ଜାତ ବିକେ କାତରା,
ସେ ପାଖରେ ସଜ ଦହି ପସରା ।
ଖୁଣ୍ଟୁଆ ହାଟରେ ବଡ଼ ଗହଳ

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

❑ **ଖେଳ 'ନ ଦେଖି ଗଣିବା'**

ପିଲାମାନେ ହାତ ପଛକୁ କରି ଗୋଲାକାରରେ ଠିଆ ହେବେ। ଗୋଟିଏ ବଡ଼ ପିଲା ପିଲିବ୍ୟାଗରେ ବା ଯେ କୌଣସି ମୁଣିରେ ୨-୩ଟି ଜିନିଷ ଧରି ସମସ୍ତଙ୍କ ହାତରେ ରଖି ରଖି ଯିବ। ପ୍ରତି ପିଲା ସେଗୁଡ଼ିକ ନ ଦେଖି ଗଣି କରି କହିବେ। ତାପରେ ଜିନିଷ ଧରିଥିବା ପିଲାଟି ସମସ୍ତଙ୍କ ସମ୍ମୁଖରେ ଜିନିଷ ଗୁଡ଼ିକ ଦେଖାଇବ।

❑ **ଡାକ୍ତର-ରୋଗୀ ଅଭିନୟ**

ଗୋଟିଏ ବଡ଼ ପିଲା ଡ଼ାକ୍ତର ହେବ ଓ ଛୋଟ ପିଲାଟିଏ ତରଳ ଝାଡ଼ା ହେଉଥିବା ରୋଗୀ ହେବ। ଡାକ୍ତର ନାଡ଼ି ଦେଖିବେ। ଛାତିରେ ଷ୍ଟେଥୋ ପକାଇବେ। ଖେଳନା ଥର୍ମୋମିଟର ଭିତରେ ଦେବେ ଓ ଜଳଶୂନ୍ୟତା ହୋଇଛି କହିବେ ଓ ଓ.ଆର୍.ଏସ୍. ପ୍ରସ୍ତୁତ କରିବା ଶିଖାଇବେ। କର୍ମୀ ପିଲାମାନଙ୍କୁ ଅଭିନୟରେ ସହାୟତା କରିବେ।

❑ **ଅଭିନୟ ସଙ୍ଗୀତ 'ଆସିଲାରେ ଦେଖ ପରିବା ବାଲା'**

ଆସିଲା ରେ ଦେଖ ପରିବା ବାଲା,

ଆଣିଛି କଖାରୁ ଆଉ କଲରା

ପରିବାରେ ଭରା ତାର ପସରା

ଗ୍ରାହକର ଭିଡ଼ ଲାଗିଛି ପରା।

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ବାସ୍ତବ ଅନୁଭୂତି ଦେବା ନିମନ୍ତେ ସ୍କୁଲ, ଡାକ୍ତରଖାନା, ପଞ୍ଚାୟତ, ପୋଷ୍ଟଅଫିସ୍, ହାଟକୁ ବୁଲାଇ ନେଇ, ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ କାମକୁ ଜଣାଇବେ। ଛୋଟ ପିଲାମାନେ ଆଙ୍କିଥିବା ଛବିରେ କର୍ମୀ ଠିକଣା ଲେଖିଦେବେ ଓ ଲଫାପାରେ ରଖି ଷ୍ଟାମ୍ପ ମାରି ପୋଷ୍ଟବାକ୍ସରେ ପକାଇବାକୁ କହିବେ।

ବିକା କିଣା ଲାଗି ପଡ଼େ ଚହଳ

ଗରମ ଗରମ ଘୁଗୁନି ଖାଇ

ହାଟ ସାରା ଚାଲ ବୁଲିବା ଭାଇ

❑ **ଖେଳ 'ଅନୁମାନ କରି ସଂଖ୍ୟା କହିବା'**

ସ୍କୁଲ, ପୋଷ୍ଟଅଫିସ୍, ଡ଼ାକ୍ତରଖାନା, ପଞ୍ଚାୟତ, ହାଟର ଚିତ୍ର କାର୍ଡ଼ (୩" x ୩" କାର୍ଡ) ବା ବ୍ଲାକ୍‌ବୋର୍ଡ଼, ଥର୍ମୋମିଟର, ପୋଷ୍ଟବକ୍ସ, ଷ୍ଟେଥୋ, ଡ଼ଷ୍ଟରର ଚିତ୍ର କାର୍ଡ (ସେହି ୩" x ୩" କାର୍ଡ) କରି ସବୁ ପିଲାଙ୍କ ସାମନାରେ ରଖିବେ। କିଛି ସମୟ ପାଇଁ କର୍ମୀ ସେମାନଙ୍କୁ ଦେଖିବାକୁ ସୁଯୋଗ ଦେବେ। ତା ପରେ ସେହି କାର୍ଡ଼ ଗୁଡ଼ିକୁ ମୁଣିରେ ପୁରାଇବେ ବା କନାରେ ଘୋଡ଼ାଇ ଦେବେ ଏବଂ ପ୍ରଶ୍ନ ପଚାରିବେ।

କେତୋଟି ଜିନିଷ ଥିଲା ?

କେତୋଟି ଚିତ୍ର ଥିଲା ?

କ'ଣ କ'ଣ ଥିଲା ?

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୩୭ କରିବେ।

❑ **ଡୋମିନୋ**

ସରପଞ୍ଚଙ୍କ କାମ, ଡ଼ାକ୍ତରଙ୍କ କାମ, ଶିକ୍ଷକଙ୍କ କାମର ୧୦ ଟି ଚିତ୍ର ନେଇ ଡ଼ୋମିନୋ କାର୍ଡ଼ ପ୍ରସ୍ତୁତ କରିବେ ଓ ପିଲାମାନଙ୍କ ମଧ୍ୟରେ ଉକ୍ତ କାର୍ଡ଼କୁ ବାଣ୍ଟିବେ। ଜଣେ ପିଲା ଗୋଟିଏ କାର୍ଡ଼ ଆଣି ମଝିରେ ରଖିବ ଓ କେଉଁ କେଉଁ କାମର ଚିତ୍ର ଦିଆ ଯାଇଛି ଓ କାହାର କାମ କହିବ। ଦ୍ୱିତୀୟ ଚିତ୍ର ସହିତ ସାମଞ୍ଜସ୍ୟଥିବା କାର୍ଡ଼ ଯାହା ପାଖରେ ଥିବ, ସେ ପୁଣି ସେହି କାର୍ଡ଼ଆଣି ମଝିରେ ରଖିବ ଓ କେଉଁ କେଉଁ ଚିତ୍ର ଅଛି କହିବ। ଏହି ପରି ୧୦ଟି ପିଲା ୧୦ଟି କାର୍ଡ଼ ଆଣି ରଖିବେ ଓ କାର୍ଡ଼ରେ ଥିବା ବ୍ୟକ୍ତି ଓ ତାଙ୍କ କାମକୁ ବର୍ଣ୍ଣନା କରିବେ।



| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

❑ **ଗଳ୍ପ କଥନ 'କୋଳିବାଲି ବୁଦ୍ଧି ଶିଖିଲା'**

ମୀନା ବହୁତ୍ ଚାଲାକ୍ ଝିଅ ଥିଲା। ଥରେ କୋଳିବାଲିଠୁ ସେ କୋଳି କିଣିଲା। କୋଳିବାଲି ନିକିତିରେ କୋଳି ଓଜନ କଲା। କୋଳି ଯେଉଁ ପଲାରେ ରଖିଲା ତାହା ଉପରକୁ ହେଲା ଓ ବଟକରା ପଟ ତଳକୁ ହେଲା। କୋଳିବାଲି କୋଳି ଦେଲା। ମୀନା ଲକ୍ଷ୍ୟରଖିଥିଲା। କହିଲା ମାଉସୀ, ''ମୋତେ କାହିଁକି କମ୍ କୋଳି ଦେଲ ?'' କୋଳିବାଲି କହିଲା, ''କମ୍ ହେଲେ ତୋତେ ନବାକୁ ସୁବିଧା ହେବ।'' ମୀନା କିଛି ପଇସା କୋଳିବାଲିକୁ ଦେଲା। କୋଳିବାଲି ପଇସା ଗଣିଲା, ଦେଖିଲା କମ୍ ପଇସା ଅଛି। ସେ ମୀନାକୁ କହିଲା, ''ତୁମେ କମ୍ ପଇସା ଦେଉଛ।'' ମୀନା କହିଲା, ''କମ୍ ପଇସା ଗଣିବା ସହଜ ନୁହେଁକି ମାଉସୀ ?'' କୋଳିବାଲି ବୁଦ୍ଧି ଶିଖିଲା। ସେ କେବେ ଆଉ କାହାକୁ କମ୍ କୋଳି ଦେଲା ନାହିଁ।

**ପ୍ରଶ୍ନ**

- ମୀନା କ'ଣ କିଣିଲା ?
- କୋଳିବାଲି କେଉଁଥିରେ କୋଳି ଓଜନ କଲା ?
- କୋଳିବାଲି ମୀନାକୁ କେତେ କୋଳି ଦେଲା ?
- ମୀନା କେତେ ପଇସା ଦେଲା ?
- କୋଳିବାଲି କ'ଣ ଶିଖିଲା ?

❑ **ଓଜନିଆ-ହାଲୁକା ଧାରଣା**

କର୍ମୀ ପିଲାମାନଙ୍କୁ ଏକ ଖେଳନା ନିକିତି ଦେଇ ଗୋଟେ ପଟେ ଗୋଡ଼ି ଓ ଆରପଟେ ଫୁଲ ଓ ପତ୍ର ରଖି ତଳକୁ ଯେଉଁପଟ ହେଉଛି ତାହା ଓଜନିଆ ଓ ଉପରକୁ ଯେଉଁପଟ ହେଉଛି ତାହା ହାଲୁକା ଜଣାଇବେ।

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ବାସ୍ତବ ଅନୁଭୂତି ଦେବା ନିମନ୍ତେ ସ୍କୁଲ, ଡାକ୍ତରଖାନା, ପୋଷ୍ଟଅଫିସ, ହାଟକୁ ବୁଲାଇ ନେବେ ଓ ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ କାମକୁ ଜଣାଇବେ। ପିଲାମାନେ ନିଜେ କରିଥିବା ଛାପାକାମ, କୋଲାଜରେ କର୍ମୀ ଠିକଣା ଲେଖିଦେବେ ଓ ଷ୍ଟାମ୍ପମାରି ପୋଷ୍ଟବାକ୍ସରେ ଗଳାଇବାକୁ କହିବେ।

❑ **ଗଳ୍ପକଥନ 'ମିତାର ଫ୍ରକ୍ କିଣା'**

ଗୋଟିଏ ଗାଁରେ ମିତା ନାମରେ ଛୋଟ ଝିଅଟିଏ ଥିଲା। ପ୍ରଥମାଷ୍ଟମି ପାଇଁ ତା ମାମୁଁ ଟଙ୍କା ପଠାଇଲେ। ସେଇ ପଇସାରେ ତାର ଫ୍ରକ୍ କିଣାଯିବ। ମାମୁଁ ଫୋନ୍‌ରେ କହିଲେ, ''ମିତା, ତୋ ପାଇଁ ମୁଁ ଡ଼ାକରେ ପଇସା ପଠାଇଛି।'' ମିତାର ବାପା ଘରେ ନଥିଲେ, ସେ କାମକୁ ଯାଇଥିଲେ। ବାପା ଘରେ ପହଞ୍ଚିବା କ୍ଷଣି ମିତା କହିଲା, ''ବାପା, ମାମୁଁ ଡ଼ାକରେ ଟଙ୍କା ପଠାଇଛନ୍ତି।'' ମିତା ପଚାରିଲା, ''କ'ଣ ଡ଼ାକବାଲା ଯାଇ ମାମୁଁଙ୍କ ପାଖରୁ ଟଙ୍କା ଆଣି ଆସିଲେ ?'' ବାପା କହିଲେ, ''କାଲି ମୁଁ ତୋତେ ଡ଼ାକଘରକୁ ନେଇ ଯିବି। ସେଠି କେମିତି ଟଙ୍କା ଆସେ କହିବି।'' ସେ ବାପାଙ୍କ ସାଙ୍ଗରେ ଡ଼ାକଘରକୁ ଗଲା। ଲୋକମାନେ ଟଙ୍କା କେମିତି ଦେଉଥିଲେ ଦେଖିଲା। ବାପା କହିଲେ, ''ମାମୁଁ ଏମିତି ସେଠାକାର ଡାକଘରେ ତୋ ନାଁରେ ଟଙ୍କା ଦେଇଥିବେ। ଆମ ଡ଼ାକବାଲା ତୋ ନାଁ ଦେଖି ତୋତେ ଆଣି ଟଙ୍କା ଦେବ।'' ମିତା ଖୁସିହେଲା । ଡ଼ାକବାଲା ସେତିକି ବେଳେ ତାକୁ ପଇସା ଆଣିଦେଲେ। ମିତାର ଫ୍ରକ୍ କିଣା ଗଲା।

## ସ୍ତର -୧

### ୩-୪ ବର୍ଷ

- ❑ **ପାଣି ଖେଳ** **'ବୈଜ୍ଞାନିକ ଧାରଣା'**

ଏକ ବଡ଼ ପାତ୍ର ବା ବାଲଟିରେ କର୍ମୀ କେନ୍ଦ୍ରରେ ପାଣି ରଖିବେ । ଭାସୁଥିବା ଓ ବୁଡ଼ିଯାଉଥିବା ବସ୍ତୁ ଯଥା ଗୋଡ଼ି, ପତ୍ର, ଫୁଲ, ସୋଲ, କାଠଖଣ୍ଡ ଇତ୍ୟାଦି ପିଲାଙ୍କୁ ଦେଇ ପରୀକ୍ଷା କରି ଦେଖିବାକୁ ପିଲାଙ୍କୁ ସୁଯୋଗ ଦେବେ ।

- ❑ **ଗରମ-ଥଣ୍ଡା, ନରମ-ଟାଣ ଧାରଣା**

କର୍ମୀ ପିଲାମାନଙ୍କୁ କେନ୍ଦ୍ରରେ ଏକ ପାତ୍ରରେ ପାଣି ରଖି ଛୁଆଁଇ ଥଣ୍ଡା ଓ ଖରାରେ ପାଣିରଖି ତାକୁ ଛୁଆଁଇ ଗରମ ଧାରଣା ଦେବେ ।

କର୍ମୀ ହାଟକୁ ବୁଲାଇ ନେବା ବେଳେ ଫଳ, ପନିପରିବା, ଜାମା ଇତ୍ୟାଦି ଛୁଆଁଇ ନରମ-ଟାଣ ଧାରଣା ଦେବେ ।

କର୍ମୀ ପିଲାମାନଙ୍କୁ ଖେଳନା ଥର୍ମୋମିଟର ଦେଖାଇ ତାର ବ୍ୟବହାର ଜଣାଇବେ ।

- ❑ **ଖେଳ** **'ଡେଙ୍ଗା-ଗେଡ଼ା ଧାରଣା'**

ସ୍ତର -୨ରେ ଦିଆଯାଇଛି ।

✎ ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୫ କରିବେ ।

## ସ୍ତର -୨

### ୪-୫/୬ ବର୍ଷ

ପ୍ରଶ୍ନ

- ମିତା ପାଇଁ କିଏ ପଇସା ପଠାଇଥିଲେ ?
- ମିତା ବାପାଙ୍କ ସଙ୍ଗେ କେଉଁଠିକୁ ଗଲା ?
- ମିତାକୁ ଟଙ୍କା କିଏ ଦେଲେ ?
- ଟଙ୍କାରେ ମିତା କ'ଣ କିଣିଲା ?

- ❑ **ଗରମ-ଥଣ୍ଡା, ନରମ-ଟାଣ ଧାରଣା**

ସ୍ତର - ୧ ରେ ଦିଆଯାଇଛି ।

- ❑ **ଖେଳ** **'ଡେଙ୍ଗା-ଗେଡ଼ା ଧାରଣା'**

ଏକ ସମୟରେ କର୍ମୀ ୫ଟି ପିଲାଙ୍କୁ ନେବେ । କର୍ମୀ ତାଳି ମାରିଲେ ପିଲାମାନେ କର୍ମୀ ଚାରିପଟେ ବୁଲିବେ । ସେ ତାଳି ବନ୍ଦକଲେ ପିଲା ମାନେ ଛୋଟରୁ ବଡ଼ ହିସାବରେ ଏକ ଲାଇନ୍‌ରେ ଠିଆ ହେବେ । ପୁଣି କର୍ମୀ ବଡ଼ରୁ ସାନ କ୍ରମରେ ଠିଆହେବା ପାଇଁ ଖେଳ ଖେଳାଇବେ ।

✎ ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୩୮ ଓ ୩୯ କରିବେ ।

# ମାସ ୯ - କୀଟପତଙ୍ଗ ଓ ସରୀସୃପ



# ମାସ ୯ - କୀଟପତଙ୍ଗ ଓ ସରୀସୃପ

## ସ୍ତର -୧

### ୩-୪ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡି କର୍ମୀ 'କୀଟପତଙ୍ଗର ଛବି କାର୍ଡ଼' ଦେଖାଇ ପରିବେଶରେ ଥିବା କୀଟପତଙ୍ଗମାନଙ୍କୁ ପିଲାମାନଙ୍କୁ ଚିହ୍ନାଇବେ, ଯଥା :- ପିମ୍ପୁଡ଼ି, ଜନ୍ଦା, ମାଛି, ମଶା, ପ୍ରଜାପତି ଓ ମହୁମାଛି । କର୍ମୀ କୀଟପତଙ୍ଗମାନଙ୍କ ଉପରେ ପିଲାମାନଙ୍କୁ ସରଳ ପ୍ରଶ୍ନ ପଚାରିବେ । ଯଥା :

- ତୁମେ ସବୁ ପିମ୍ପୁଡ଼ି ଦେଖିଛ ?
- ତୁମକୁ କେବେ ପିମ୍ପୁଡ଼ି, ଜନ୍ଦା, ମଶା କାମୁଡ଼ିଛି କି ?
- ତୁମ ଭିତରୁ କିଏ ପ୍ରଜାପତି ଦେଖିଛ ? କିଏ ପ୍ରଜାପତି ଧରିଛ କି ?
- ପ୍ରଜାପତି କାହା ଉପରେ ବସେ ?..... ଇତ୍ୟାଦି ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୬ କରିବେ ।**

❑ **ଅଭିନୟ ସଙ୍ଗୀତ 'ଆମେ ସବୁ ମଶା'**

ଆମେ ସବୁ ମଶା, ଆମେ ସବୁ ମଶା
ଯେଉଁଠି ପାଣି ଜମି ରହେ, ସେଇଠି ଆମ ବସା ।
ଆମେ ସବୁ ମଶା......
ସଞ୍ଜ ହେଲେ ଗୁଣୁ ଗୁଣୁ କରି, ମଣିଷଙ୍କୁ ଦେଉ ଶୁଣ୍ଢରେ ଫୋଡ଼ି
ଆମେ ସବୁ ମଶା, ଆମେ ସବୁ ମଶା ।
(ପିଲାମାନେ ମଶାର ମୁଖା ପିନ୍ଧି ଏକା ସାଙ୍ଗରେ ଗୁଣୁଗୁଣୁ ହେବେ)

## ସ୍ତର -୨

### ୪-୫/୬ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

କର୍ମୀ କୀଟପତଙ୍ଗର କାର୍ଡ଼ ଦେଖାଇ ପିଲାମାନଙ୍କୁ ମହୁମାଛି, ପ୍ରଜାପତି, କଙ୍କି, ଝିଣ୍ଟିକା, ସାଧବବୋହୂ, ପିମ୍ପୁଡ଼ି, ଜନ୍ଦା, ଉଈ, ଉକୁଣି - ଏମାନେ ଆମର ଉପକାର କି ଅପକାର କରନ୍ତି, କହିବେ । କୀଟପତଙ୍ଗମାନଙ୍କ ଉପରେ ପିଲାମାନଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରିବେ । ଯଥା :

- ମହୁମାଛି ଆମକୁ କ'ଣ ଦିଏ ?
- ମହୁମାଛିର ଘରକୁ କ'ଣ କହନ୍ତି ?
- ଉଈ ଆମର କି ଅପକାର କରେ ?
- ମଶା ଆମର କି ଅପକାର କରେ ?
- ମାଛି ଆମ ଖାଇବା ଜିନିଷରେ ବସିଲେ ଭଲ ନା ଖରାପ ?

ପିଲାମାନେ ଯାହା ଉତ୍ତରରେ କହିବେ, ସେ ସମ୍ବନ୍ଧରେ କର୍ମୀ ସେମାନଙ୍କ ସହିତ ଆଲୋଚନା କରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୪୦ କରିବେ ।**

❑ **ଅଭିନୟ ସଙ୍ଗୀତ 'ମେଲେରିଆ ପୁଣି ବାତଜର'**

କର୍ମୀ ଓ ପିଲାମାନେ ମଶାର ମୁଖା ପିନ୍ଧି ଏହି ଅଭିନୟ ସଙ୍ଗୀତ ଆବୃତ୍ତି କରି ବୋଲିବେ ।

ମେଲେରିଆ ପୁଣି ବାତଜର
କମ୍ପୁଥାଇ ଦିହ ଥର ଥର,
ମଣିଷଙ୍କୁ କରୁ କଲବଲ
ଆମର ଏଇ ଗୁଣ ଅସଲ

## ❑ ପ୍ରକୃତି ପର୍ଯ୍ୟବେକ୍ଷଣ

କର୍ମୀ ପିଲାମାନଙ୍କୁ ସାଙ୍ଗରେ ନେଇ ପ୍ରତ୍ୟକ୍ଷ ଭାବରେ କୀଟପତଙ୍ଗମାନଙ୍କୁ ଦେଖାଇବେ ଓ ତା' ସହିତ ଉଇହୁଙ୍କା, ସାପଗାତ, ପିମ୍ପୁଡ଼ିଗାତ ଇତ୍ୟାଦି ଦେଖାଇବେ।

## ❑ ବିନ୍ଦୁକୁ ବିନ୍ଦୁ ଯୋଡ଼ି ଚିତ୍ର କରିବା

କର୍ମୀ ବିନ୍ଦୁ ଥିବା ଚିତ୍ର ପିଲାମାନଙ୍କୁ ଦେଇ ବିନ୍ଦୁକୁ ବିନ୍ଦୁ ଯୋଡ଼ି ଚିତ୍ର କରିବା ପାଇଁ ପିଲାମାନଙ୍କୁ ଶିଖାଇବେ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୩୭ କରିବେ।

## ❑ ଗଳ୍ପକଥନ 'ଅଳସୁଆ ଦୁଃଖ ପାଏ'

ଖରାଦିନ ସକାଳ, କଅଁଳିଆ ଖରା ଘାସ ଉପରେ ପଡ଼ି ଚିକ୍ ଚିକ୍ କରୁଥାଏ। ଝିଣ୍ଟିକାଟିଏ ଖୁସି ମନରେ ଘାସ ଉପରେ ଡେଇଁ ବୁଲୁଥାଏ। ତା' ସହିତ ଖେଳିବା ପାଇଁ ସାଙ୍ଗଟିଏ ଖୋଜୁଥାଏ। ଏତିକିବେଳେ ପିମ୍ପୁଡ଼ିଟିଏ ଖାଦ୍ୟ ସଂଗ୍ରହ କରିବା ପାଇଁ ବାହାରିଥାଏ। ଝିଣ୍ଟିକା କହିଲା, ''ପିମ୍ପୁଡ଼ି ଭାଇ! ଏତେ ସୁନ୍ଦର ଖରା ହୋଇଛି, ତୁମର ଖେଳିବା ପାଇଁ ମନ ହେଉନି, ଆସ ସାଙ୍ଗ ହୋଇ ଖେଳିବା।'' ପିମ୍ପୁଡ଼ି କହିଲା, ''ନାଇଁ, ଝିଣ୍ଟିକା ଭାଇ! ମୋତେ ବେଳ ନାହିଁ। ମୁଁ ଯାଉଛି ଖାଦ୍ୟ ସଂଗ୍ରହ କରି ଆସନ୍ତା ଦିନ ପାଇଁ ସାଇତି ରଖିବି।'' ଏହା କହି ପିମ୍ପୁଡ଼ି ତା' ବାଟରେ ଚାଲିଗଲା, ଝିଣ୍ଟିକା ତା' କଥାକୁ ହସରେ ଉଡ଼େଇ ଦେଲା। ଭାବିଲା, ପିମ୍ପୁଡ଼ିଟା ସତରେ କେଡେ ବୋକା! ଏତେ ସୁନ୍ଦର ପାଗରେ ନ ଖେଳି କାମ କରୁଛି?

ଏମିତି କେତେଦିନ ବିତିଗଲା, ବର୍ଷାଦିନ ଆସିଗଲା। କେତେଦିନ ଧରି ଝଡ଼ ଲାଗି ରହିଲା। ଝିଣ୍ଟିକାଟିର ଖାଦ୍ୟ ନଥାଏ। କ'ଣ କରିବ। ବର୍ଷାରେ ଓଦା ହୋଇ ବହୁ କଷ୍ଟରେ ପିମ୍ପୁଡ଼ି ପାଖରେ ପହଞ୍ଚିଲା। କହିଲା, ''ପିମ୍ପୁଡ଼ି ଭାଇ, ମୁଁ ଦୁଇଦିନ ଧରି କିଛି ଖାଇ ନାହିଁ। ତୁମେ ତ ଖାଦ୍ୟ ସଂଗ୍ରହ କରି ରଖିଛ, ମତେ ଦୟାକରି କିଛି ଦିଅ।'' ପିମ୍ପୁଡ଼ି ତାକୁ ଦୟାକରି କିଛି ଖାଦ୍ୟ ଦେଲା ଓ ବୁଝାଇ କରି କହିଲା, ''ମୁଁ



ଆସରେ ଆସରେ ଜଲ୍‌ଦି ଜଲ୍‌ଦି
ମାରିବା ମଶାମାନଙ୍କୁ,
ଛିଞ୍ଚିବା ଯେବେ ଔଷଧ ଆଣ,
ମଶାମାନଙ୍କ ହେବ ମରଣ,
ସଫା ରଖିବା ଗାଁକୁ,
ଆସରେ କହିବା ସଭିଙ୍କୁ,
ଆଲୁଅ ପବନ ଘରେ ବାହାରେ,
ମଶାରି ଟାଙ୍ଗି ଶୋଇବା ଘରେ
ମଶାଟି ଆମର ବୈରୀ ଜାଣ,
କହିବା ଏହା ସଭିଙ୍କୁ।

## ❑ ଚିତ୍ରାଙ୍କନ ଓ ରଙ୍ଗଦେବା କାର୍ଯ୍ୟକ୍ରମ

କର୍ମୀ ପିଲାମାନଙ୍କୁ କାଗଜ ଓ କ୍ରେୟନ ଦେଇ ପ୍ରଜାପତି, ଅସରପା ଓ ଝିଟିପିଟି ଚିତ୍ର ଆଙ୍କିବାକୁ କହିବେ ଏବଂ କ୍ରେୟନ ସାହାଯ୍ୟରେ ରଙ୍ଗ କରିବାକୁ କହିବେ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୪୧ କରିବେ।

## ❑ ତଳ-ଉପର ଧାରଣା

କେଉଁ କେଉଁ କୀଟପତଙ୍ଗ ଓ ସରୀସୃପ ମାଟି ତଳେ ଏବଂ କେଉଁ କେଉଁ କୀଟପତଙ୍ଗ ମାଟି ଉପରେ ରହନ୍ତି ସେ ବିଷୟରେ କର୍ମୀ ପିଲାମାନଙ୍କୁ କହିବେ।

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

ଯେତେବେଳେ କହୁଥିଲି କିଛି ଖାଦ୍ୟ ସଂଗ୍ରହ କରିବା, ସେତେବେଳେ ମୋ' କଥା ହସରେ ଉଡ଼େଇ ଦେଇ ଓ ମୋତେ ବୋକା ଭାବିଥିଲ। ଏବେ ଜାଣିଲ ପ୍ରକୃତରେ ବୋକା କିଏ ?''

ପ୍ରଶ୍ନ

- ଝିଣ୍ଟିକା ଖୁସି ମନରେ କ'ଣ କରୁଥିଲା ?
- ଝିଣ୍ଟିକା କାହାକୁ ଖାଦ୍ୟ ମାଗିଲା ?
- ପିମ୍ପୁଡ଼ି ତାକୁ କ'ଣ କହିଲା ?
- ପ୍ରକୃତରେ ବୋକା କିଏ ?

### ❑ ଅଭିନୟ ସଙ୍ଗୀତ 'ମୁଁ ଟିକି ପରଜାପତି'

ମୁଁ ଟିକି ପରଜାପତି
ଟିକି ଫୁଲ ମୋ ସାଥୀ
ରାତି ପାହିଲେ ଫୁଲ ଫୁଟିଲେ
ଖେଳରେ ଯାଏ ମାତି।
ଫୁଲ ବଗିଚା କୋଳେ
ମନ ଖୁସିରେ ଖେଳେ
ଡାଳରୁ ଡାଳ ଝୁଲି ଝୁଲିକା
ପବନ ଖାଇ ଫୁଲେ।

କର୍ମୀ ତିଆରି କରିଥିବା ପ୍ରଜାପତିକୁ ହାତରେ ଧରି ଅଭିନୟ ସଙ୍ଗୀତ ବୋଲିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୩୮ କରିବେ।**

### ❑ ତଳ-ଉପର ଧାରଣା

କର୍ମୀ ସରୀସୃପ ଓ କୀଟ ପତଙ୍ଗର ଚାର୍ଟ ଦେଖାଇ କିଏ ମାଟିତଳେ ରହନ୍ତି, କିଏ ମାଟି ଉପରେ ରହନ୍ତି ବୋଲି ପିଲାମାନଙ୍କୁ ପଚାରିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୩୯ କରିବେ।**

### ❑ ଯୋଡ଼ି ବାଛିବା

କର୍ମୀ ପିଲାମାନଙ୍କୁ ଦୁଇ ଭାଗରେ ବିଭକ୍ତ କରିବେ। ଗୋଟିଏ ଲାଇନ୍‌ରେ ଅକ୍ଷର କାର୍ଡ଼ ବାଣ୍ଟିବେ ଏବଂ ଅନ୍ୟ ଲାଇନ୍‌ରେ ସେହି ଅକ୍ଷର ସମ୍ବନ୍ଧୀୟ ଚିତ୍ର କାର୍ଡ଼ ଦେଇ ପିଲାମାନଙ୍କୁ ଯୋଡ଼ିବାଛିବାକୁ କହିବେ।




### ❑ ସଂଖ୍ୟା ଧାରଣା

କର୍ମୀ ୧୦ ପର୍ଯ୍ୟନ୍ତ ସଂଖ୍ୟା ଓ କୀଟପତଙ୍ଗ ଓ ସରୀସୃପ ଚିତ୍ରର ଯୋଡ଼ି ବାଛିବାକୁ ଦେଇ ପିଲାମାନଙ୍କୁ ସଂଖ୍ୟା ଧାରଣା ଦେବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୪୨ କରିବେ।**

### ❑ ବଡ଼-ଛୋଟ ଧାରଣା ଦେବା

କର୍ମୀ ବଡ଼ ଓ ଛୋଟ କୀଟପତଙ୍ଗ ଓ ସରୀସୃପର ଚିତ୍ର କାର୍ଡ଼ ପିଲାମାନଙ୍କ ମଧ୍ୟରେ ବାଣ୍ଟିବେ। ୨ଟି ପିଲାଙ୍କୁ ନିଜ କାର୍ଡ଼ ଧରି ମଝିକୁ ଆସିବାକୁ କହିବେ ଓ ସେମାନେ ଧରିଥିବା ଚିତ୍ରରେ କେଉଁଟି ବଡ଼ କୀଟ, କେଉଁଟି ଛୋଟ କୀଟ ପଚାରିବେ ଓ ଉତ୍ତର ଦେବାରେ ସାହାଯ୍ୟ କରିବେ।

### ❑ ଧାରାବାହିକ ଚିନ୍ତନ

କର୍ମୀ 'ଶୁଁଆଳୁଆ ରୁ ପ୍ରଜାପତି' ଏହି କ୍ରମବିକାଶକୁ ୪ଟି ଚିତ୍ରରେ ଦର୍ଶାଇ ପିଲାମାନଙ୍କୁ ଶୁଁଆଳୁଆରୁ ପ୍ରଜାପତି ଏବଂ ପ୍ରଜାପତିରୁ ଶୁଁଆଳୁଆ ଏହି ଜୀବନଚକ୍ର ଧାରାବାହିକ ଭାବରେ ଜଣାଇବେ, ତାପରେ ସେଗୁଡ଼ିକୁ ମିଶାଇ ଦେଇ କ୍ରମାନୁସାରେ ରଖିବା ପାଇଁ ପିଲାମାନଙ୍କୁ କହିବେ।

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

### ❑ ଶ୍ରେଣୀ ବିଭାଗୀକରଣ

କର୍ମୀ ବିଭିନ୍ନ ସରୀସୃପ ଓ କୀଟପତଙ୍ଗ ଚିତ୍ର କାର୍ଡ଼ ଦେଇ ସରୀସୃପ ଓ କୀଟ ପତଙ୍ଗଙ୍କୁ ଅଲଗା ବାଛିବାକୁ ପିଲାମାନଙ୍କୁ କହିବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୪୦ କରିବେ ।

### ❑ ସଂଖ୍ୟା ଧାରଣା

କର୍ମୀ ୭ ପର୍ଯ୍ୟନ୍ତ କୀଟପତଙ୍ଗର କାର୍ଡ଼ ସହିତ ସଂଖ୍ୟା କାର୍ଡ଼ କରି ଯୋଡ଼ି ବାଛିବାକୁ କହିବେ ।

- ଗୋଟିଏ ସାପର ଚିତ୍ର
- ଦୁଇଟି ଝିଟିପିଟିର ଚିତ୍ର
- ତିନୋଟି କୁମ୍ଭୀରର ଚିତ୍ର
- ଚାରିଟି ବୁଢ଼ିଆଣୀର ଚିତ୍ର

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୪୧ କରିବେ ।

### ❑ ଅଭିନୟ ପପେଟ୍ ସୋ 'ଆମେ ସବୁ ମାଛି'

କର୍ମୀ ପିଲାମାନଙ୍କୁ ମାଛି ଚିତ୍ର ଥିବା ଆଙ୍ଗୁଠି କଣ୍ଢେଇ ଦେଇ ଗୀତ ବୋଲି ଅଭିନୟ କରିବାକୁ କହିବେ ।

ଆମେ ସବୁ ମାଛି, ଆମେ ସବୁ ମାଛି
ଅଳିଆ ଗଦା, ଝାଡ଼ାବାନ୍ତି, ବସୁ ବାଛି ବାଛି ।
ଆମେ ସବୁ ମାଛି......
କୃମି ରୋଗ, ଝାଡ଼ା ବାନ୍ତି
ବିହନ ଦେଉ ବିଞ୍ଚି ।
ଆମେ ସବୁ ମାଛି...... ।

### ❑ ଅଭିନୟ ସଙ୍ଗୀତ 'କୁହୁ କୁହିଆରେ'

କୁହୁକୁହିଆରେ କୁହୁକୁହିଆ
ଝରକା ପାଖରେ ଥାଉ,
କାହିଁକି ମୋର କଣ୍ଢେଇ ଆଡ଼େ
କୁହୁ କୁହୁ କରି ଗାହୁଁ ।

କର୍ମୀ ପିଲାମାନଙ୍କୁ ଅଭିନୟ ସଙ୍ଗୀତଟିକୁ ଅଭିନୟ କରି ବୋଲାଇବେ ।

### ❑ ଅଭିନୟ ସଙ୍ଗୀତ 'ମୁଁ ଟିକି ପରଜାପତି'

ସ୍ତର-୧ ରେ ଦିଆଯାଇଛି

କର୍ମୀ ଏହି ଅଭିନୟ ସଙ୍ଗୀତଟିକୁ ପିଲାମାନଙ୍କୁ ଅଭିନୟ କରି ବୋଲାଇବେ ।

### ❑ ଗଳ୍ପକଥନ 'ଅଳସୁଆ ଦୁଃଖ ପାଏ'

ସ୍ତର-୧ ରେ ଦିଆଯାଇଛି ।

ପ୍ରଶ୍ନ

- ଝିଣ୍ଟିକା ପିମ୍ପୁଡ଼ିକୁ କ'ଣ କହିଲା ?
- ଗଳ୍ପଟିରେ ଅଳସୁଆ କିଏ ?
- ଅଳସୁଆ ହେବାରୁ କ'ଣ ହେଲା ?

### ❑ କୋଲାଜ୍ କାର୍ଯ୍ୟକ୍ରମ

କର୍ମୀ ପ୍ରଜାପତି ଚିତ୍ର ଉପରେ ଅଠା ଦେଇ ପିଲାମାନଙ୍କୁ ଗୋଡ଼ି ସଜାଇବାକୁ କହିବେ ।

## ସ୍ତର -୧

### ୩-୪ ବର୍ଷ

❑ **କୋଲାଜ୍**

କାଗଜ ଚିରି ଚିରି ଚିରି, କୁମ୍ଭୀର ଚିତ୍ର ଉପରେ ଅଠା ଦେଇ ଲଗାଇବେ। କିମ୍ବା କାଗଜ ଉପରେ ବାଲି, ଗୋଡ଼ି ଅଠା ଦେଇ ଲଗାଇବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୪୨ କରିବେ।**

❑ **ବାଲି ଖେଳ**

କର୍ମୀ ପିଲାମାନଙ୍କୁ ବାଲି ଉପରେ ପ୍ରଜାପତିର ଚିତ୍ର ଆଙ୍କିବା ପାଇଁ ଓ ଜଙ୍କିର ଚିତ୍ର ଆଙ୍କିବା ପାଇଁ କହିବେ।

❑ **ପ୍ରତ୍ୟାଶାମୂଳକ ପ୍ରଶ୍ନ**

କର୍ମୀ ପିଲାମାନଙ୍କୁ ସରୀସୃପର ଚାର୍ଟ ଦେଖାଇ, ଯଥା- ସାପ, ଗୋଧି, ବେଙ୍ଗ, ଝିଟିପିଟି ଇତ୍ୟାଦି, ସେମାନଙ୍କ ନାମ ଜଣାଇବେ। କର୍ମୀ ସରୀସୃପମାନଙ୍କ ବିଷୟରେ ସରଳ ପ୍ରଶ୍ନ ପଚାରିବେ।

- ତୁମ ଭିତରୁ କିଏ ସାପ ଦେଖିଛ ?
- ତୁମ ଭିତରୁ କିଏ ଗୋଧି ଦେଖିଛ ?
- ସରୀସୃପ କେମିତି ଚାଲେ ?
- ଝିଟିପିଟି ଦେଖିଲେ କାହାକୁ ଡ଼ରଲାଗେ ?

❑ **ଚିତ୍ର ଆଙ୍କିବା**

କର୍ମୀ ପିଲାମାନଙ୍କୁ ଚକ୍ ଦେଇ ଚଟାଣରେ ସାପ ଚିତ୍ର ଆଙ୍କିବାକୁ କହିବେ।

❑ **ଗଳ୍ପକଥନ 'ମାଙ୍କଡ଼ର ପାଣିପିଆ'**

ଗୋଟିଏ ଜଙ୍ଗଲରେ ବଡ଼ ପୋଖରୀଟିଏ ଥାଏ। ପୋଖରୀରୁ ସମସ୍ତ ଜନ୍ତୁ ଆସି ପାଣି ପିଅନ୍ତି। ସେ ପୋଖରୀରେ ଗୋଟିଏ କୁମ୍ଭୀର ଥାଏ। ବେଳେ ବେଳେ

## ସ୍ତର -୨

### ୪-୫/୬ ବର୍ଷ

❑ **ଅଭିନୟ ସଙ୍ଗୀତ 'ସାଧବ ବୋହୂ'**

ନାଲି ଗୁଲୁ ଗୁଲୁ ସାଧବ ବୋହୂ,
ଝଡ଼ିବରଷାରେ କାହିଁକି ଧାଉଁ,
ନାଲି ଦେହ ତୋ'ର ସୁନ୍ଦର ଦିଶେ,
କେଉଁଠି ରହୁ ତୁ ବରଷା ଶେଷେ ?
ଝଡ଼ି ବରଷାରେ ଖସନ୍ତା ବାଟ
ଗୋଡ଼ ଖସିଯିବ, କାଦୁଅ ହେବ
ତୋର ଝିଲିମିଲି ନାଲିଆ ପାଟ।

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ସାଥିରେ ନେଇ ପ୍ରକୃତିରୁ ଉଈ, ପିମ୍ପୁଡ଼ି, ଜଦା, ସାପଗାତ, ବେଙ୍ଗ, ବିଛା (ବର୍ଷାଦିନେ ଝଡ଼ିପୋକ, ସାଧବବୋହୂ) ଇତ୍ୟାଦି ଦେଖାଇ ପ୍ରତ୍ୟକ୍ଷ ଅନୁଭୂତି ଦେବେ।

❑ **ପ୍ରତ୍ୟାଶା ମୂଳକ ପ୍ରଶ୍ନ**

ବିଛା କାମୁଡ଼ିଲେ, ସାପ କାମୁଡ଼ିଲେ, ମହୁମାଛି କାମୁଡ଼ିଲେ ବା ଦେହରେ ସିଁବାଳୁଆ ଲାଗିଗଲେ କ'ଣ କରିବାକୁ ହେବ କର୍ମୀ ପିଲାମାନଙ୍କୁ ଆଗ ପଚାରିବେ ଓ ପରେ ଜଣାଇବେ। ମୁଣ୍ଡରେ ଉକୁଣି ରହିଲେ କ'ଣ ହୁଏ ଓ ଆମେ ମୁଣ୍ଡର ବୁଟି କିପରି ସଫା ରଖିଲେ ଉକୁଣି ହେବନାହିଁ - ଇତ୍ୟାଦି କର୍ମୀ ପିଲାମାନଙ୍କୁ ଜଣାଇବେ।

ପୋଖରୀକୁ ପାଣି ପିଇବାକୁ ଆସୁଥିବା ଛୋଟ ଜୀବଙ୍କୁ ସେ ଖାଏ। ଦିନେ ମାଙ୍କଡ଼ଟିଏ ପାଣି ପିଇବାକୁ ଆସିଲା। ତାକୁ ଖୁବ୍ ଶୋଷ ହେଉଥାଏ। କୂଳକୁ ଆସି ଦେଖିଲା, ପାଣି ତଳେ କୁମ୍ଭୀର ଲୁଚି ରହିଛି। ପାଣିକି ଗଲେ ତ ଧରି ପକାଇବ। ଏଣେ ପାଣି ନ ପିଇଲେ ନ ଚଳେ। କୂଳରେ କିଛି ସମୟ ବସି ମାଙ୍କଡ଼ଟି ଗଛ ଉପରକୁ ଚଢ଼ିଗଲା। ସେଠାରୁ ଦେଖିଲା, ଗୋଟିଏ ଡାଳ ପାଣି ଉପରକୁ ନଇଁ ପଡ଼ିଛି। ସେ ଡାଳକୁ ଡେଇଁପଡ଼ି ଦେଖିଲା କୁମ୍ଭୀର ଯାଇ ସେଠାରେ ହାଜର। ଡେଇଁପଡ଼ି ପାଣି ପିଇଲେ ଧରି ପକାଇବ। ମନ ଦୁଃଖରେ ଏଣେ ତେଣେ ଚାହୁଁ ଚାହୁଁ ଦେଖିଲା, ଡାଳ ପାଖରେ କଇଁ ଫୁଲଟିଏ ଉପରକୁ ଉଠିଛି। ସେ ଗୋଟିଏ ହାତରେ ଡାଳ ଧରି ଆର ହାତରେ କଇଁ ଫୁଲକୁ ନାଡ଼ ସହ ଟାଣି ଆସିଲା। କଇଁ ନାଡ଼ଟି ବେଶ୍ ଲମ୍ବା। ମାଙ୍କଡ଼ ଫୁଲଟିକୁ ଛିଣ୍ଡାଇ କଇଁ ନାଡ଼କୁ ପାଣି ଭିତରକୁ ବଢ଼ାଇ ଦେଲା। ନାଡ଼ର ଆରପଟକୁ ପାଟିରେ ଧରି ଶୋଷି ଦେବାରୁ ପାଣି ପାଟି ଭିତରକୁ ପଶି ଆସିଲା। ମାଙ୍କଡ଼ ଗଛ ଡାଳରେ ବସି, ଶୋଷି ଶୋଷି ପେଟେ ପାଣି ପିଇଲା। ତା'ପରେ ଖୁସିରେ ଗଛରୁ ଗଛକୁ ଡେଇଁ ଡେଇଁ ଜଙ୍ଗଲକୁ ଚାଲିଗଲା। ବିଚରା କୁମ୍ଭୀର କାନମୁଣ୍ଡା ଆଉଁସି ରହିଲା।

❑ **ସାନରୁ ବଡ଼ କ୍ରମରେ ସଜାଡ଼ିବେ**

କର୍ମୀ ହାର୍ଡ଼ବୋର୍ଡ଼ରେ ବିଭିନ୍ନ ଆକାରର ପ୍ରଜାପତି ତିଆରି କରି ପିଲାମାନଙ୍କୁ ସାନରୁ ବଡ଼ କ୍ରମରେ ସଜାଡ଼ିବାକୁ କହିବେ।

❑ **ଖେଳ** **'ବଗିଚା ଫୁଲ'**

ସ୍ତର- ୨ ରେ ଦିଆଯାଇଅଛି।



❑ **ଖେଳ** **'ବଗିଚା ଫୁଲ'**

କର୍ମୀ ପିଲାମାନଙ୍କୁ ବିଭିନ୍ନ ଫୁଲର ନାମ ଦେବେ। ବାହାରେ କିଛି କିଛି ଦୂରତାରେ ବଡ଼ ବଡ଼ ଗୋଲ ଆଙ୍କି ସେଥିରେ କିଛି କିଛି ପିଲାଙ୍କୁ ଠିଆ କରାଇବେ। ଚାରୋଟି ପିଲାଙ୍କୁ ପ୍ରଜାପତି କରିବେ। ଯେଉଁମାନେ ଗୋଲ୍ ବାହାରେ ଠିଆ ହେବେ, କର୍ମୀ ହୁଇସିଲ୍ ଦେବା ମାତ୍ରେ ଫୁଲ ହୋଇଥିବା ପିଲାମାନେ ଏ ଗୋଲରୁ ସେ ଗୋଲକୁ ଦୌଡ଼ିବେ। ଯେତେବେଳେ କର୍ମୀ କହିବେ ବଗିଚାରେ ୩ ଜଣ ଲେଖାଏଁ ଠିଆ ହୁଅ, ପିଲାମାନେ ଠିଆ ହେବେ। ଗୋଲ ବାହାରେ ରହିଥିବା ପିଲାମାନଙ୍କୁ ପ୍ରଜାପତି ହୋଇଥିବା ପିଲାମାନେ ଗୋଡ଼ାଇ ଧରିବାକୁ ଚେଷ୍ଟା କରିବେ। ଯିଏ ଧରାପଡ଼ିବ, ସିଏ ପ୍ରଜାପତି ହେବ ଏବଂ ପ୍ରଜାପତି ଭଳି ଅଭିନୟ କରିବ। ଏହିପରି ଖେଳ ଚାଲୁ ରହିବ।

❑ **ଶ୍ରେଣୀ ବିଭାଗୀକରଣ**

କୀଟପତଙ୍ଗ ଓ ସରୀସୃପର ଚିତ୍ରକାର୍ଡ଼ ଦେଇ ସରୀସୃପ ଓ କୀଟପତଙ୍ଗଙ୍କୁ ଅଲଗା ଅଲଗା ବାଛିବାକୁ କର୍ମୀ ପିଲାମାନଙ୍କୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୪୩ ଓ ୪୪ କରିବେ।**

❑ **ଗଳ୍ପକଥନ** **'ମାଙ୍କଡ଼ର ପାଣି ପିଆ'**

ସ୍ତର- ୧ ରେ ଦିଆଯାଇଛି।

**ପ୍ରଶ୍ନ**

- କୁମ୍ଭୀରଟି କେଉଁଠି ରହୁଥିଲା ?
- ପାଣି ପିଇବାକୁ ଜନ୍ତୁମାନେ ଗଲାବେଳେ କୁମ୍ଭୀରଟି କ'ଣ କରୁଥିଲା ?
- ମାଙ୍କଡ଼ କେମିତି ପାଣି ପିଇଲା ?
- ଗଳ୍ପଟିରୁ ତୁମେ କ'ଣ ଶିଖିଲ ?

# ସୂଚକ

## ୯ ମାସ ଶେଷରେ ପିଲାଟି ତଳେ ଦିଆଯାଇଥିବା ଦକ୍ଷତା ହାସଲ କରିବ

### ୩-୪ ବର୍ଷ

- ୫ଟି ଗୋଷ୍ଠୀ-ସହାୟକ ବ୍ୟକ୍ତିଙ୍କ ନାମ କହିପାରିବ ଓ ସେମାନଙ୍କୁ ଚିତ୍ରରେ ଓ ବାସ୍ତବ କ୍ଷେତ୍ରରେ ଚିହ୍ନଟ କରିପାରିବ।
- ୫ ପର୍ଯ୍ୟନ୍ତ ସଂଖ୍ୟା ଗଣିପାରିବ ଓ ୧-୫ ସଂଖ୍ୟକ ପର୍ଯ୍ୟନ୍ତ ଚିତ୍ର ଥିବା କାର୍ଡ ଦେଖି ସେଥିରେ କେତୋଟି ଚିତ୍ର ଅଛି କହିପାରିବ।
- ୫ଟି କୀଟପତଙ୍ଗ ଓ ୫ଟି ସରୀସୃପଙ୍କ ନାମ କହିପାରିବ ଓ ଚିତ୍ରରେ ଚିହ୍ନଟ କରିପାରିବ।
- ଗତ ତିନି ମାସରେ ହୋଇଥିବା କୌଣସି ଗୋଟିଏ ଅଭିନୟ ସଙ୍ଗୀତକୁ କିଛି ଅଭିନୟ କରି ଆବୃତ୍ତି କରିପାରିବ।
- ଗତ ତିନି ମାସରେ କୁହାଯାଇଥିବା କୌଣସି ଗୋଟିଏ ଗପ କହିପାରିବ।
- ବଡ-ଛୋଟ, ଡେଙ୍ଗା-ଗେଡା, କମ୍-ବେଶୀ, ଗରମ-ଥଣ୍ଡା, ନରମ-ଟାଣ ଓ ଓଜନିଆ-ହାଲୁକା ସମ୍ପର୍କିତ ଧାରଣା ଚିତ୍ର ବା ବସ୍ତୁ ଚିହ୍ନଟ କରି ଦର୍ଶାଇପାରିବ।
- ସମ ପଦାର୍ଥ ଚିହ୍ନଟ କରିପାରୁଥିବ ଏବଂ ପୃଥକ୍ କରିପାରୁଥିବ।

### ୪-୫/୬ ବର୍ଷ

- ୫ଟି ଗୋଷ୍ଠୀ-ସହାୟକ ବ୍ୟକ୍ତିଙ୍କ ନାମ କହିପାରିବ, ସେମାନଙ୍କୁ ଚିତ୍ର ଓ ବାସ୍ତବ କ୍ଷେତ୍ରରେ ଚିହ୍ନଟ କରିପାରିବ ଓ ସେମାନଙ୍କର କାର୍ଯ୍ୟ କହିପାରିବ।
- ୧୦ ପର୍ଯ୍ୟନ୍ତ ସଂଖ୍ୟା ଗଣିପାରିବ ଓ ୧-୭ ସଂଖ୍ୟକ ପର୍ଯ୍ୟନ୍ତ ଚିତ୍ର ଥିବା କାର୍ଡ ଦେଖି ସେଥିରେ କେତୋଟି ଚିତ୍ର ଅଛି କହିପାରିବ।
- ୭ଟି କୀଟପତଙ୍ଗ ଓ ୭ଟି ସରୀସୃପଙ୍କ ନାମ କହିପାରିବ ଓ ଚିତ୍ରରେ ଚିହ୍ନଟ କରିପାରିବ।
- ଗତ ତିନି ମାସରେ ହୋଇଥିବା କୌଣସି ଗୋଟିଏ ଅଭିନୟ ସଙ୍ଗୀତକୁ ସଠିକ୍ ନାଟକୀୟ ଭଙ୍ଗୀରେ ଆବୃତ୍ତି କରିପାରିବ।
- ଗତ ତିନି ମାସ ମଧ୍ୟରେ କୁହାଯାଇଥିବା କୌଣସି ଗୋଟିଏ ଗପ କହିପାରିବ।
- ବଡ-ଛୋଟ, ଡେଙ୍ଗା-ଗେଡା, କମ୍-ବେଶୀ, ଉପର-ତଳ, ଆଗ-ପଛ, ଭିତର-ବାହାର ଓ ଓଜନିଆ-ହାଲୁକା ସମ୍ପର୍କିତ ଧାରଣା ଚିତ୍ର ବା ବସ୍ତୁ ଚିହ୍ନଟ କରି ଦର୍ଶାଇ ପାରିବ।
- ଡାକ୍ତର-ରୋଗୀ, ଦୋକାନୀ-ଗ୍ରାହକ ଓ ଶିକ୍ଷକ-ଛାତ୍ର ସମ୍ପର୍କିତ ସରଳ ଅଭିନୟ କରିପାରିବ।
- ବୁଡିଯିବା ଓ ନିଆଁ ଲାଗିଯିବା ଘଟଣା ସ୍ଥଳରେ କ'ଣ କରିବ, ତାହା କହିପାରିବ।
- ଅକ୍ଷର କାର୍ଡ ବ୍ୟବହାର କରି ସରଳ ବାକ୍ୟ ଗଠନ କରିପାରିବ।

# ମାସ ୧୦ - ମାଟି, ପାଣି ଓ ପବନ



# ମାସ ୧୦ - ମାଟି, ପାଣି ଓ ପବନ

## ସ୍ତର -୧

### ୩-୪ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡ଼ି କର୍ମୀ ପିଲାମାନଙ୍କୁ ଛବି ଦେଖାଇ ପାଣି, ପବନ, ଓ ମାଟିର ଉପଯୋଗିତା ସମ୍ପର୍କରେ ଆଲୋଚନା କରିବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୪୩ କରିବେ ।

❑ **ଅଭିନୟ ସଙ୍ଗୀତ 'କହିଲା ଦିନେ ବେଙ୍ଗୁଲି ନାନୀ'**

କହିଲା ଦିନେ ବେଙ୍ଗୁଲିନାନୀ
କହରେ ମେଘ କହ,
ତୋ' ଦେହେ ଏତେ ପାଣି କୁଆଡୁ
ଆସୁଛି ମୋତେ କହ ।
କହିଲା ମେଘ ଶୁଣୁ ନାନୀ
ନଈ ପୋଖରୀ ପାଣି,
ଖରାରେ ଶୁଖି ବାଷ୍ପ ହୋଇ
ରହେ ମୋ ଦେହେ ପୁଣି ।
ମେଘରେ ମେଘ ବାଡେଇ ହେଲେ
ବିଜୁଳି ଚମକଇ,
ଘଡ଼ ଘଡ଼ିର ଶବଦ ଶୁଭେ
ବରଷା ସାଥିହୋଇ ।
ଥଣ୍ଡା ପବନ ବାଜିଲେ ମେଘେ
ଝରେ ବରଷା ହୋଇ,
ଭିଜାଇ ଦିଏ ଗଛ ପତର
ପାହାଡ଼ ଆଉ ଭୂଇଁ ।
କହିଲା ବେଙ୍ଗ ଜାଣିଲି ଆଜି,
ମୁଁ ତୋ କୁହୁକ
ବରଷା ପାଣି ପଡ଼ିଲେ ଦେହେ
ଦେଖାଏ ମୁହିଁ ନାଚ ।

## ସ୍ତର -୨

### ୪-୫/୬ ବର୍ଷ

❑ **ମୁକ୍ତ ବାର୍ତ୍ତାଳାପ**

କର୍ମୀ ପିଲାମାନଙ୍କୁ ଛବି ଦେଖାଇ ପାଣି, ପବନ ଓ ମାଟିର ଉପଯୋଗିତା ସମ୍ପର୍କରେ ଜଣାଇବେ ।

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୪୫ କରିବେ ।

❑ **ଅଭିନୟ ସଙ୍ଗୀତ 'ସାଗର ସାଗର, ନୀଳ ସାଗର'**

ସାଗର ସାଗର ନୀଳ ସାଗର
କହରେ ମାଛ କେତେରେ ପାଣି
ଏତେ ରେ ପାଣି, ଏତେ ରେ ପାଣି
ପାଦରେ ପାଣି, ପାଦରେ ପାଣି ।
ସାଗର ସାଗର ନୀଳ ସାଗର
କହରେ ମାଛ କେତେରେ ପାଣି
ଏତେ ରେ ପାଣି, ଏତେ ରେ ପାଣି
ଆଣ୍ଠୁଏ ପାଣି, ଆଣ୍ଠୁଏ ପାଣି ।
ସାଗର ସାଗର ନୀଳ ସାଗର
କହରେ ମାଛ କେତେରେ ପାଣି
ଏତେ ରେ ପାଣି, ଏତେ ରେ ପାଣି
ଅଣ୍ଟାଏ ପାଣି, ଅଣ୍ଟାଏ ପାଣି ।
ସାଗର ସାଗର ନୀଳ ସାଗର
କହରେ ମାଛ କେତେରେ ପାଣି
ଏତେ ରେ ପାଣି, ଏତେ ରେ ପାଣି
କାନ୍ଧରେ ପାଣି, କାନ୍ଧରେ ପାଣି ।

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

## ❑ ବେଲୁନ୍ ଫୁଙ୍କିବା କାର୍ଯ୍ୟକ୍ରମ

ପିଲାମାନଙ୍କୁ ମିଛି ମିଛିକା ବେଲୁନ୍ ଫୁଙ୍କିବାକୁ କର୍ମୀ କହିବେ । ଗୋଟିଏ ଫୁଙ୍କି ତଳେ ରଖ, ଦ୍ୱିତୀୟଟି ଫୁଙ୍କି ତଳେ ରଖ- ଏମିତି ପାଞ୍ଚୋଟି ବେଲୁନ୍ ଫୁଙ୍କି ତଳେ ରଖିବାକୁ କର୍ମୀ ପିଲାମାନଙ୍କୁ କହିବେ ଏବଂ ପୁଣି ପ୍ରଥମ ବେଲୁନ୍ ଆଣି ଫୁଟାଇବା, ଦ୍ୱିତୀୟଟି ଫୁଟାଇବା ଏପରି ୫ଟି ବେଲୁନ୍ ଫୁଟାଇବାକୁ କର୍ମୀ ପିଲାଙ୍କୁ କହିବେ ।

## ❑ ପାଣି ଖେଳ

ପିଲାମାନେ ନିଜ ଇଚ୍ଛା ଅନୁସାରେ ପାଣିଥିବା ଛୋଟ କୁଣ୍ଡରେ ଖେଳିବା ପାଇଁ କର୍ମୀ ଆୟୋଜନ କରିବେ । ପିଲାମାନଙ୍କୁ କଣାଥିବା ଭିନ୍ନ ଭିନ୍ନ ଆକାରର ପାତ୍ର ଦେଇ ନିଜେ ପରୀକ୍ଷା କରିବାକୁ ସୁଯୋଗ ଦେବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୪୪ କରିବେ ।**

## ❑ ବୈଜ୍ଞାନିକ ଧାରଣା

ଲଞ୍ଜା, ଚୁନା, କନା ଇତ୍ୟାଦି ପିଲାମାନଙ୍କୁ ଦେଇ ଓଦା କରିବାକୁ କହିବେ ଓ ଓଦା ହେଲେ ସେଗୁଡ଼ିକ କିପରି ଓଜନିଆ ହୋଇଯାଉଛି ପରୀକ୍ଷା କରି କର୍ମୀ ପିଲାମାନଙ୍କୁ ଦେଖାଇବେ ଏବଂ ତା'ପରେ ପିଲାମାନେ ନିଜେ ପରୀକ୍ଷା କରିବେ ।

କେତେକ ଜିନିଷ (ଲୁଣ, ଚିନି, ମାଟି) ପାଣିରେ ମିଶିଯାଏ ଓ କେତେକ ଜିନିଷ (କାଠଖଣ୍ଡ, ଲୁହାଖଣ୍ଡ) ପାଣିରେ ମିଶେ ନାହିଁ ତାହା ପିଲାମାନଙ୍କୁ କର୍ମୀ ଦେଖାଇବେ ।

ସାଗର ସାଗର ନୀଳ ସାଗର
କହରେ ମାଛ କେତେରେ ପାଣି
ଏତେ ରେ ପାଣି, ଏତେ ରେ ପାଣି
ମୁଣ୍ଡରେ ପାଣି, ମୁଣ୍ଡରେ ପାଣି ।

ସାଗର ସାଗର ନୀଳ ସାଗର
କହରେ ମାଛ କେତେ ରେ ପାଣି
ଏତେରେ ପାଣି, ଏତେରେ ପାଣି
ପୁରୁଷେ ପାଣି, ପୁରୁଷେ ପାଣି

## ❑ ବେଲୁନ୍ ଫୁଙ୍କିବା କାର୍ଯ୍ୟକ୍ରମ

ପିଲାମାନଙ୍କୁ ମିଛିମିଛିକା ଭାବେ ବେଲୁନ୍ ଫୁଙ୍କିବାକୁ କର୍ମୀ କହିବେ । ଗୋଟିଏ ଫୁଙ୍କି ତଳେ ରଖ, ଦ୍ୱିତୀୟଟି ଫୁଙ୍କି ତଳେ ରଖ- ଏମିତି ୭ଟି ବେଲୁନ୍ ଫୁଙ୍କି ତଳେ ରଖିବାକୁ ପିଲାମାନଙ୍କୁ କର୍ମୀ କହିବେ ଏବଂ ପୁଣି ପ୍ରଥମ ବେଲୁନ୍ ଆଣି ଫୁଟାଇବା, ଦ୍ୱିତୀୟଟି ଫୁଟାଇବା-ଏପରି ୭ଟି ବେଲୁନ୍ ଫୁଟାଇବାକୁ କର୍ମୀ ପିଲାଙ୍କୁ କହିବେ ।

## ❑ ବୈଜ୍ଞାନିକ ଧାରଣା 'ଭାସିବା ଓ ବୁଡ଼ିବା'

ଜଳଥିବା ଛୋଟ ପାତ୍ରଟିଏ ଦେଇ ସାଧାରଣ ଭାବେ ମିଳୁଥିବା ଓ ହାତରେ ଧରି ହେଉଥିବା ବିଭିନ୍ନ ବସ୍ତୁ ଯଥା : ଗୋଡ଼ି, କାଠଖଣ୍ଡ, ପର, ଚୁନା, ମୁଦ୍ରା ଇତ୍ୟାଦି ଦେଇ ପାଣିକୁଣ୍ଡକୁ ପକାଇବାକୁ କହିବେ ଓ କେଉଁଟି ଭାସେ ଓ କେଉଁଟି ବୁଡ଼ିଯାଏ ପିଲାମାନେ ଲକ୍ଷ୍ୟ କରିବେ ।

ପିଲାମାନେ ଭିନ୍ନ ଭିନ୍ନ ରଙ୍ଗ ନେଇ ଜଳରେ ମିଶାଇବେ ଓ ଜଳର ଯେ ନିଜର ରଙ୍ଗ ଓ ଆକାର ନାହିଁ, ପିଲାମାନେ ଲକ୍ଷ୍ୟ କରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୪୬ କରିବେ ।**

## ସ୍ତର -୧

### ୩-୪ ବର୍ଷ

❑ **ଗଳ୍ପ କଥନ** **'ଦୁଇ ଯୋଡି ଛେଳି'**

ଗୋଟିଏ ଗାଁରେ ଝରଣାଟିଏ ଥିଲା । ତା' ଉପରେ ପଟାଟିଏ ପଡିଥିଲା ଯିବା ଆସିବା ପାଇଁ । ଦିନେ ଗୋଟିଏ କଳା ଛେଳି ସେଇବାଟ ଦେଇ ଚରିବାକୁ ଯାଉଥିଲା । ଆରପଟରୁ ଆଉ ଏକ ମାଟିଆ ଛେଳି ଘରକୁ ଫେରୁଥିଲା । ଅଣଓସାରିଆ ଛୋଟ ପଟାଟିଏ । ଦୁଇଜଣଯାକ ଏକାବେଳେ ପାର ହୋଇ ପାରିବେନାହିଁ । କଳାଛେଳି କହିଲା, ''ତୁ ପଛକୁ ଯାଆ, ମୁଁ ଗଲାପରେ ତୁ ଆସିବୁ ।'' ମାଟିଆ ଛେଳି କହିଲା, ''କାହିଁ, ତୁ ପଛକୁ ଯାଆ, ମୁଁ ଗଲାପରେ ତୁ ଆସିବୁ ।'' ଏହିପରି କହି କହୁ କହୁ ଦୁଇଜଣଙ୍କ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଗଲା । ଛୋଟ ପଟାଟି ଉପରେ ମାରପିଟ୍ ହେବାରୁ ଦୁଇଜଣଯାକ ପଟାରୁ ତଳକୁ ଖସିପଡିଲେ ଓ ପାଣିରେ ପଡି ବୁଡିଗଲେ ।

ଆଉଦିନେ ସେଇପଟେ ଆଉ ଏକ ଯୋଡି ଛେଳି ମୁହାଁମୁହିଁ ଭେଟ ହେଲେ । ଦୁହେଁ ଚିନ୍ତା କଲେ କେମିତି ପାର ହେବେ । ଗୋଟିଏ ଛେଳି ବସି ପଡିଲା, ଆଉ ଜଣକ ତାକୁ ଡେଇଁ ପାରି ହେଲା, ଦୁହେଁ ସୁରୁଖୁରୁ ରେ ଘରକୁ ଗଲେ ।

**ପ୍ରଶ୍ନ**

- ଛେଳିମାନେ କାହିଁକି ମାରପିଟ୍ ହେଲେ ?
- ଛେଳିମାନେ ମାରପିଟ୍ ହେବାରୁ କ'ଣ ହେଲା ?

❑ **ସାଧାରଣ ଜ୍ଞାନ**

କର୍ମୀ ପିଲାମାନଙ୍କୁ ସାଧାରଣ ଜ୍ଞାନ ଦେବା ପାଇଁ ନିମ୍ନଲିଖିତ ପ୍ରତ୍ୟାଶା ମୂଳକ ପ୍ରଶ୍ନ ପଚାରିବେ ।

- ତୁମ ବାପାଙ୍କ ନାମ କ'ଣ ?
- ତୁମ ଗାଁ ନାମ କ'ଣ ?
- ତୁମ ରାଜ୍ୟର ନାମ କ'ଣ ?

## ସ୍ତର -୨

### ୪-୫/୬ ବର୍ଷ

❑ **ଅକ୍ଷର ସଂକେତ ଚିହ୍ନଟ କରିବା**

୬ଟି ଅକ୍ଷର ଯଥା : ଅ ଇ ଉ ଋ ଏ ଓ ଚଟାଣରେ ଲେଖି, ତା' ଉପରେ ବାମରୁ ଡାହାଣ କୁ ଗୋଡି / ବାଲି / ଫୁଲ / ପତ୍ର ସଜାଡିବାକୁ କହିବେ ।

ଅକ୍ଷର ସଙ୍କେତ ସହ ଚିତ୍ର ଯୋଡି ବାଛିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୪୭ କରିବେ ।**

❑ **ସଂଖ୍ୟା ଧାରଣା** **'ଡୋମିନୋ'**

କର୍ମୀ ସଂଖ୍ୟା ଡୋମିନୋ ମାଧ୍ୟମରେ ୧ ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ଗଣନା ପିଲାଙ୍କୁ ଜଣାଇବେ । କାର୍ଡ ଗୁଡିକରେ ଏହିପରି ସଙ୍କେତ ଥିବା ଚିତ୍ରଦେବେ (୬" x ୩"କାର୍ଡ଼) ଓ କର୍ମୀ ଏହିପରି ୧୦ଟି ଚିତ୍ର ପିଲାମାନଙ୍କୁ ଯୋଡ଼ିବାକୁ କହିବେ ।

| ୦ | ୦୦ |
|---|---|

| ୦୦ | ୦୦୦ |
|---|---|

| ୦୦୦ | ୦୦୦୦ |
|---|---|

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୪୮ କରିବେ ।**

❑ **ସାଧାରଣ ଜ୍ଞାନ**

କର୍ମୀ ପିଲାମାନଙ୍କୁ ସାଧାରଣ ଜ୍ଞାନ ଦେବାପାଇଁ ନିମ୍ନଲିଖିତ ପ୍ରତ୍ୟାଶା ମୂଳକ ପ୍ରଶ୍ନ ପଚାରିବେ -

- ତୁମ ପଞ୍ଚାୟତର ନାମ କ'ଣ ?
- ତୁମ ଜିଲ୍ଲାର ନାମ କ'ଣ ?
- ଆମ ରାଜ୍ୟର ନାମ କ'ଣ ?
- ଆମ ଦେଶର ନାମ କ'ଣ ?
- ତୁମ ଗାଁ ହାଟ କେଉଁଠି ବସେ ?

## ସ୍ତର -୧

### ୩-୪ ବର୍ଷ

❑ **ପ୍ରତ୍ୟାଶାମୂଳକ ପ୍ରଶ୍ନ**

କର୍ମୀ ପିଲାମାନଙ୍କୁ ନିଜ ପାପୁଲିରେ ପବନ ଫୁଙ୍କି ସେମାନଙ୍କ ଚାରିପାଖରେ ପବନ ଅଛି ବୋଲି ଅନୁଭବ କରାଇବେ ଓ ପ୍ରଶ୍ନ ପଚାରିବେ ।

- ପବନ ବହିଲେ କେମିତି ଲାଗେ ?
- ପାଣି ନଥିଲେ କ'ଣ ହେବ ?
- ମାଟି ଆମର କି କାମରେ ଆସେ ?

❑ **ଅଭିନୟ ଖେଳ**

କର୍ମୀ ପିଲାମାନଙ୍କୁ ଦୁଇ ଦଳରେ ବିଭକ୍ତ କରିବେ । ବଡ଼ ପିଲାମାନଙ୍କୁ ପାଣିର ବିଭିନ୍ନ ଉପଯୋଗ ସଂପର୍କରେ କିଛି ପିଲାମାନଙ୍କୁ ଅଭିନୟ କରିବାକୁ କହିବେ (ପିଇବା, ଗାଧୋଇବା, ଦାନ୍ତ ଘଷିବା, ଲୁଗାସଫା କରିବା ଇତ୍ୟାଦି) ଓ ସାନ ପିଲାମାନଙ୍କୁ ଏମାନେ କି ଅଭିନୟ କରୁଛନ୍ତି ପଚାରିବେ ।

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ପ୍ରତ୍ୟକ୍ଷ ଅଭିଜ୍ଞତା ଦେବାକୁ ବାହାର ପରିବେଶକୁ ବୁଲାଇ ନେଇ କୂଅ, ପୋଖରୀ, ନଦୀ, ନାଳ ଦେଖାଇବେ ଓ ଚାରିପଟେ ପବନ ବୋହିବା ଅନୁଭବ କରାଇବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୪୫ କରିବେ ।**

❑ **ଖେଳ ‘କୁମ୍ଭୀର ତୋ ପାଣିକୁ ଆସିଛୁ’**

କର୍ମୀ ପିଲାମାନଙ୍କୁ ଗୋଟିଏ ଗୋଲରେ ଠିଆ କରାଇବେ ଓ ମଝିରେ ଗୋଟିଏ ପିଲା କୁମ୍ଭୀର ହୋଇ ଠିଆ ହେବ । ଅନ୍ୟ ପିଲାମାନେ ‘କୁମ୍ଭୀର ତୋ ପାଣିକୁ ଆସିଛୁ’ କହି ଭିତରକୁ ଡେଇଁବେ । କୁମ୍ଭୀର ହୋଇଥିବା ପିଲା ଯାହାକୁ ଛୁଇଁବ, ସେ ପୁଣି କୁମ୍ଭୀର ହେବ ।

## ସ୍ତର -୨

### ୪-୫/୬ ବର୍ଷ

❑ **ପ୍ରତ୍ୟାଶାମୂଳକ ପ୍ରଶ୍ନ**

କର୍ମୀ ପିଲାମାନଙ୍କୁ ପ୍ରଶ୍ୱାସ ପାଇଁ ପବନର ଆବଶ୍ୟକତା ଜଣାଇବେ । ପିଲାମାନଙ୍କୁ ନାକ ଓ ପାଟି ବନ୍ଦକରି କ'ଣ ହେଉଛି ବୋଲି ପଚାରିବେ ।

- ପବନ ନଥିଲେ କ'ଣ ହେବ ?
- ବେଶୀ ପାଣି ହେଲେ କ'ଣ ହେବ ?
- ମାଟି ନଥିଲେ କ'ଣ ହୁଅନ୍ତା ?
- ପଙ୍ଖାତଳେ କାଗଜଟି ରଖିଲେ କ'ଣ ହେବ ?
- ବେଲୁନ୍‌କୁ କଣା କଲେ କ'ଣ ହେବ ?

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

ପିଲାମାନଙ୍କୁ ପ୍ରତ୍ୟକ୍ଷ ଅଭିଜ୍ଞତା ଦେବାକୁ ବାହାର ପରିବେଶକୁ ବୁଲାଇ ନେବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୪୯ କରିବେ ।**

❑ **ଖେଳ ‘କୁମ୍ଭୀର ତୋ ପାଣିକୁ ଆସିଛୁ’**

ସ୍ତର -୧ରେ ଦିଆଯାଇଛି ।

❑ **ଖେଳ ‘ନଦୀ-କୂଳ’**

କର୍ମୀ ପିଲାମାନଙ୍କୁ ଏକ ଗୋଲରେ ଠିଆ କରାଇବେ ଓ କହିବେ, ''ନଦୀ କହିଲେ ଭିତରକୁ ଡେଇଁବ, କୂଳ କହିଲେ ଗୋଲ ବାହାରକୁ ଡେଇଁବ । ଯେଉଁ ପିଲା ଓଲଟା କରିବ, ତାକୁ ଅନ୍ୟ ପିଲାମାନେ ଯାହା କହିବେ, ସେ କରିବ ଯେପରି ବେଙ୍ଗପରି ଡେଇଁବ, ଠେକୁଆ ପରି ଡେଇଁବ ଇତ୍ୟାଦି ।''

# ମାସ ୧୧ - ବିଭିନ୍ନ ରତୁ



# ମାସ ୧୧ - ବିଭିନ୍ନ ଋତୁ

## ସ୍ତର -୧

### ୩-୪ ବର୍ଷ

- ❑ **ମୁକ୍ତ ବାର୍ତ୍ତାଳାପ**

ଅଙ୍ଗନୱାଡି କର୍ମୀ ପିଲାମାନଙ୍କୁ ଋତୁ ଚାର୍ଟ ଦେଖାଇ ଖରା, ବର୍ଷା, ଶୀତ ଋତୁ ବିଷୟରେ ଜଣାଇବେ। ୧୨ ମାସ ଓ ୭ ବାର ବିଷୟରେ ଜଣାଇବେ।

- ❑ **ଛାପା କାମ**

କର୍ମୀ ପିଲାମାନଙ୍କୁ ଭେଣ୍ଡି, ପିଆଜ, ଆଳୁ, ପତ୍ର, ପେଡ଼ି ପେଡ଼ିକା ଫଳ, ସୂତା, କଞ୍ଚା ଓ ଚାଂଙ୍ଗ ଅଳତା, ନୀଳ, ଇତ୍ୟାଦି ଦେବେ ଏବଂ କାଗଜ ଦେଇ ଛାପା କାମ କରିବାକୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୪୬ କରିବେ।**

- ❑ **ଖେଳ** **'ଗିଂଗିଂ ଗେଟାଗେଟିସ୍'**

କର୍ମୀ ପିଲାମାନଙ୍କୁ ଗୋଲକରି ବସାଇବେ ଓ ଗୀତଟି ଗାଇବେ, ପିଲାମାନେ ପୁନରାବୃତ୍ତି କରିବେ 'ଗିଂଗିଂ ଗେଟାଗେଟିସ, କହିପାରିବକି ଦିନର ନାମ ?'

ପ୍ରଥମ ଶିଶୁ-ସୋମବାର, ଦ୍ୱିତୀୟ ଶିଶୁ- ମଙ୍ଗଳବାର ଏହି ପରି ରବିବାର ଯାଏ କହିବେ। ଏପରି ଖେଳ ମାଧ୍ୟମରେ କହିବାକୁ ପିଲାଙ୍କୁ ଉତ୍ସାହିତ କରିବେ। ମଝିରେ ପିଲା କହି ନ ପାରିଲେ କର୍ମୀ ସହାୟତା କରିବେ।

- ❑ **ପ୍ରତ୍ୟାଶାମୂଳକ ପ୍ରଶ୍ନ**
  - ଶୀତ ଦିନେ ଆମେ କ'ଣ ପିନ୍ଧୁ ?
  - ଆଇସକ୍ରିମ୍ ଦେଲେ ତୁମକୁ କେମିତି ଲାଗିବ ?
  - ବର୍ଷା ହେଲେ କ'ଣ ହୁଏ ?
  - ବର୍ଷା ଦିନେ ଆମେ କ'ଣ ପିନ୍ଧିବା ?

## ସ୍ତର -୨

### ୪-୫/୬ ବର୍ଷ

- ❑ **ମୁକ୍ତ ବାର୍ତ୍ତାଳାପ**

କର୍ମୀ ପିଲାମାନଙ୍କୁ ଖରା, ବର୍ଷା, ଶୀତ ସମ୍ବନ୍ଧରେ ଋତୁ ଚାର୍ଟ ଦେଖାଇ ଜଣାଇବେ ଓ ସେଇ ଋତୁରେ କେମିତି ଲାଗେ ଓ ଆମେ କଣ ପିନ୍ଧୁ ପିଲାମାନଙ୍କୁ ଜଣାଇବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫୦ କରିବେ।**

- ❑ **ଯୋଡ଼ି ବାଛିବା**

କର୍ମୀ ବିଭିନ୍ନ ଋତୁର କାର୍ଡ଼ ଓ ସେହିଋତୁରେ ହେଉଥିବା ଫଳ, ଯଥା: କରକୋଳି, ଆମ୍ବ, ଆତ ଇତ୍ୟାଦିର ଚିତ୍ର କାର୍ଡ଼ ପିଲାଙ୍କ ମଧ୍ୟରେ ବାଣ୍ଟିବେ ଓ ଋତୁ ସାଙ୍ଗରେ ଫଳର ଯୋଡ଼ି ବାଛିବାରେ ପିଲାମାନଙ୍କୁ ସହାୟତା କରିବେ।

- ❑ **ଖେଳ** **'ଜିନିଷଟି କାହା ପାଖରେ ଅଛି ?'**

କର୍ମୀ ପିଲାମାନଙ୍କୁ ଗୋଲରେ ବସାଇବେ। ଜଣେ ପିଲା ବାହାରକୁ ଯିବ, ଭିତରେ ଥିବା ପିଲାଙ୍କ ମଧ୍ୟରେ ଏକ ଋତୁର କାର୍ଡ଼ ଦେଇ ଲୁଚାଇବାକୁ କହିବେ। ଭିତରେ ଥିବା ପିଲା ମାନେ ତାଳି ମାରିବେ। ବାହାରେ ଥିବା ପିଲାଟି କିଏ କାର୍ଡ଼ ରଖିଛି ଖୋଜିବ। ଯେଉଁ ପିଲା ଚିତ୍ରଟିକୁ ଧରିଛି ତା ପାଖକୁ ଗଲାବେଳେ ପିଲାମାନେ ଜୋରରେ ତାଳି ମାରିବେ ଓ ତା ଠାରୁ ଦୂରକୁ ଆସିଲେ ଅନ୍ୟ ପିଲା ମାନେ ଧିରେ ଧିରେ ତାଳି ମାରିବେ। ପିଲାଟି ଏହି ସୂଚନା ପାଇ ଚିତ୍ରଟି ଖୋଜିବେ। ଯେଉଁ ପିଲା ଚିତ୍ର ଧରିଥିବ ତାକୁ ପାଇଲା ପରେ, ସେହି ପିଲା ବାହାରକୁ ଯିବ।

- ❑ **ପ୍ରତ୍ୟାଶାମୂଳକ ପ୍ରଶ୍ନ**
  - ଖରା ଦିନେ ଆମକୁ କେମିତି ଲାଗେ ?
  - ଝାଳ ବୋହିଲେ ଆମର କ'ଣ ହୁଏ ?
  - ଖରାଦିନେ ଆମେ କ'ଣ ଖାଇବା ?
  - ଓ.ଆର.ଏସ୍ ଆମେ କାହିଁକି ପିଇବା ?

## ସ୍ତର -୧

### ୩-୪ ବର୍ଷ

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ପ୍ରତ୍ୟେକ ଋତୁରେ ବାହାରକୁ ନେବେ ଓ ବିଭିନ୍ନ ଋତୁକାଳୀନ ଫଳ, ଫୁଲ, ପରିବା ଦେଖିବାକୁ କହିବେ ଓ କ'ଣ ଦେଖିଲେ ପଚାରିବେ।

❑ **ପପେଟ୍ ସୋ**

କର୍ମୀ ଫଳ, ଫୁଲ, ପରିବା ଇତ୍ୟାଦିର କାଠି କଣ୍ଢେଇ ତିଆରି କରି ତାର ଉପକାରିତା ଶିଶୁମାନଙ୍କୁ ଜଣାଇବେ ଯେପରିକି

ନାଁଟି ମୋର ଆମ୍ବ      ନାଁଟି ମୋର ଆମ୍ବ

ଦେହକୁ ରଖେ ଦମ୍ଭ

ସତେଜ ରଖେ      ମୁହଁ ଆଖିକୁ

ରଖେ ଚକ୍ ଚକ୍ ଚର୍ମ

❑ **ଅଭିନୟ ସଙ୍ଗୀତ      'ପବନ ବହେ ଥିରି ଥିରି'**

ପବନ ବହେ ଥିରି ଥିରି- ପ୍ରଥମ ମାସ ଜାନୁଆରୀ
ଝରଣା ବହେ ଝରି ଝରି- ଦ୍ୱିତୀୟ ମାସ ଫେବୃୟାରୀ
କର ନାହିଁ ତୁମେ ବାଜେ ଖର୍ଚ୍ଚ - ତୃତୀୟ ମାସ ମାର୍ଚ୍ଚ
ପୂଜାରେ ସହର ଝିଲିମିଲି- ଚତୁର୍ଥମାସ ଏପ୍ରିଲ୍
ମେଣ୍ଢା ବୋବାଏ ମେଁ ମେଁ- ପଞ୍ଚମ ମାସ ମେ
ପାଠରେ ନ ରଖ ତୁମେ ଶୁନ୍ - ଷଷ୍ଠ ମାସ ଜୁନ୍
ପାଠ ପଢ଼ ମନ ଲଗାଇ- ସପ୍ତମ ମାସ ଜୁଲାଇ
କାହା ମନରେ ନଦିଅ କଷ୍ଟ- ଅଷ୍ଟମ ମାସ ଅଗଷ୍ଟ

## ସ୍ତର -୨

### ୪-୫/୬ ବର୍ଷ

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ପ୍ରତ୍ୟେକ ଋତୁରେ ବାହାରକୁ ନେବେ ଓ ବିଭିନ୍ନ ଋତୁକାଳୀନ ଫଳ, ଫୁଲ, ପରିବା ଦେଖିବାକୁ କହିବେ ଏବଂ କେନ୍ଦ୍ରକୁ ଆସି କ'ଣ ଦେଖିଲେ ପଚାରିବେ ଏବଂ ସଂଗୃହିତ ଦ୍ରବ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରିବେ।

❑ **ଅଭିନୟ**

କର୍ମୀ କଲରା, ପିଜୁଳି, ଅମୃତଭଣ୍ଡା, କଦଳୀ, ଆମ୍ବ, କଖାରୁ, ଶାଗ ଇତ୍ୟାଦିର ମୁଖା ବା ମୁକୁଟ ତିଆରି କରି ପିଲାମାନଙ୍କୁ ପିନ୍ଧାଇବେ ଓ ତାର ଉପକାରିତା ସମ୍ବନ୍ଧରେ ଅଭିନୟ କରି ପିଲାମାନଙ୍କୁ ଜଣାଇବେ।

❑ **ଆଗ- ପଛ- ମଝି ଧାରଣା**

କର୍ମୀ ଗୋଟିଏ ଋତୁର କାର୍ଡ଼ ସବୁ ପିଲାଙ୍କ ମଝିରେ ରଖିବେ ଓ ଏହା କେଉଁ ଋତୁ ପଚାରିବେ, ଏବଂ ଏହା ପୂର୍ବରୁ କେଉଁ ଋତୁଥିଲା ପଚାରି ଉତ୍ତର ଆଦାୟ କରିସାରିବା ପରେ ସେହି ଋତୁରେ କାର୍ଡ଼ ତା ପଛକୁ ରଖିବାକୁ ପିଲାଙ୍କୁ କହିବେ। ସେହି ପରି ସେହି ଋତୁର ପରେ କେଉଁ ଋତୁ ଆସିବ ପଚାରି ସେହି ଋତୁର କାର୍ଡ଼ ତା ଆଗରେ ରଖିବାକୁ କହିବେ। ଏହିପରି କର୍ମୀ ସବୁ ପିଲାଙ୍କୁ କାର୍ଡ଼ ବିତ୍ତରଣ କରି ଆଗ, ପଛ, ମଝି, ଧାରଣା ଦେବେ।

✎ **ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫୧ କରିବେ।**

❑ **ଅଭିନୟ ସଙ୍ଗୀତ      'ବଇଶାଖ ଟାଣ ଖରା'**

ବଇଶାଖ ଟାଣ ଖରା- ଲାଗେ ପିନ୍ ପିନ୍
ଆଇସକ୍ରିମ୍ ଡ଼ାକ ଦିଏ- ମୋତେ କିଣ୍ କିଣ୍
ଜୋଷ୍ଠରେ ଝିଙ୍କାରି ଡ଼ାକେ - ଚାଷି ଶୁଣ୍ ଶୁଣ୍
ଯୋଗ ଦେଖି ପାଗ ଦେଖି- ଧାନ ବୁଣ୍ ବୁଣ୍

## ସ୍ତର -୧

### ୩-୪ ବର୍ଷ

କାମରେ ନହୁଅ ତର ତର- ନବମ ମାସ ସେପ୍ଟେମ୍ବର
କୁହାଟି ଥରେ ଥର ଥର - ଦଶମ ମାସଟି ଅକ୍ଟୋବର
ବଗପକ୍ଷୀ ଧୋବ ଫର ଫର- ଏକାଦଶ ମାସ ନଭେମ୍ବର
ସୁନା ହଳଦୀ ଗରଗର - ଦ୍ୱାଦଶ ମାସଟି ଡ଼ିସେମ୍ବର

❑ **ସମୟ ଧାରଣା 'ଆଜି-ଗତକାଲି-ଆସନ୍ତାକାଲି'**

କର୍ମୀ ପିଲାମାନଙ୍କୁ ଗତକାଲି କ'ଣ ଖେଳିଥିଲେ, ଖାଇଥିଲେ, ଦେଖିଥିଲେ ମନେ ପକାଇବେ ଓ ଆଜି କ'ଣ କରିବା ବୋଲି ପିଲାଙ୍କୁ ପଚାରିବେ । ସେହିଦିନ ଆସନ୍ତାକାଲି କ'ଣ ଖାଇବା, କ'ଣ ଖେଳିବା ଇତ୍ୟାଦି ପଚାରିବେ ।
କେନ୍ଦ୍ରରେ ଦିଆଯାଉଥିବା ସାପ୍ତାହିକ ଖାଦ୍ୟର ପ୍ରକାର ପିଲାମାନଙ୍କୁ ଜଣାଇବା ପାଇଁ ଆଜି କେଉଁବାର, କ'ଣ ଆମ କେନ୍ଦ୍ରରେ ଖାଇବା, ଗତକାଲି କେଉଁ ବାର ଥିଲା, ଆମେ କ'ଣ ଖାଇଥିଲୁ ମନେ ପକାଇବେ ଏବଂ ଆସନ୍ତାକାଲି କେଉଁ ବାର, ଆମେ କ'ଣ ଖାଇବା ଜଣାଇବେ ।

କର୍ମୀ ପିଲାମାନଙ୍କୁ ଦିନର ଭିନ୍ନ ଭିନ୍ନ ସମୟ (ଯଥା-ସକାଳ, ଦ୍ୱିପହର, ଅପରବେଳା, ସଂଧ୍ୟା, ରାତି ବିଷୟରେ ଧାରଣା ଦେବେ ।

❑ **ଯୋଡ଼ି ବାଛିବା**

କର୍ମୀ ଋତୁ ଚିତ୍ରକାର୍ଡ଼ ଓ ପୋଷାକର ଚିତ୍ରକାର୍ଡ଼ ପିଲାମାନଙ୍କ ମଧ୍ୟରେ ବାଣ୍ଟିବେ । ଜଣେ ପିଲା ଗୋଟିଏ ଋତୁର କାର୍ଡ଼ ଆଣି ରଖିଲେ, ସେହି ଋତୁରେ ବ୍ୟବହାର ହେଉଥିବା ପୋଷାକର କାର୍ଡ଼ ଯାହା ପାଖରେ ଥିବ, ସେ ସେହି କାର୍ଡ଼କୁ ଆଣି ଋତୁ ପାଖରେ ଯୋଡ଼ିବ । କର୍ମୀ ଏଥିରେ ସହାୟତା କରିବେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୪୭ କରିବେ ।**

## ସ୍ତର -୨

### ୪-୫/୬ ବର୍ଷ

ଆଷାଢ଼ରେ ନୂଆ ପାଣି- ପଡ଼େ ଝର୍ ଝର୍

ଶ୍ରାବଣରେ ଋଷି କାମ- ଲାଗେ ତର୍ ତର୍

ଭାଦ୍ରବରେ ଗାଁ ଦାଣ୍ଡ- କାଦୁଅରେ ପଚ ପଚ

ଆଶ୍ୱିନରେ ଆକାଶଟା - ନେଳି ମଚ ମଚ

କାର୍ତ୍ତିକରେ ହୁଏ ପୂଜା - ବାଣ ଠୋ ଠୋ

ମାର୍ଗଶିରେ ଋଷି ଆଣେ - ଧାନ ଗଦା ଗଦା

ପୌଷରେ ଭାରି ଶୀତ - ଦାନ୍ତ ଠକ୍ ଠକ୍

ମାଘ ମାସେ ଅଗିଜଳା -ନିଆଁ ଧପ୍ ଧପ୍

ଫାଲ୍ଗୁନରେ ଆମ୍ବକଷି - ବାସେ ମହ ମହ

ଚୈତ୍ରରେ ମଲ୍ଲିଫୁଲ - ଧୋବ ଫର୍ ଫର୍

ବେଙ୍ଗ କହେ ବେଙ୍ଗୁଲିଲୋ- ଡ଼େଇଁ ଫକ୍ ଫକ୍

ବାର ମାସେ ବାରନିଁ- ମନେ ରଖ ରଖ ।

❑ **କାଗଜ ଭାଙ୍ଗିବା**

କର୍ମୀ ପିଲାମାନଙ୍କୁ ରଙ୍ଗୀନ କାଗଜ ଦେଇ ଡଙ୍ଗା, ପଙ୍ଖା, ନିକିତି ଇତ୍ୟାଦି କାଗଜ ଭାଙ୍ଗି ତିଆରି କରିବାକୁ ଶିଖାଇବେ ।

## ସ୍ତର -୧

### ୩-୪ ବର୍ଷ

❑ **ସଂଖ୍ୟା ଧାରଣା  ଅଭିନୟ ସଙ୍ଗୀତ**

**'ଏକ ଗଲା ଶିକାର କରି'**

କର୍ମୀ ପିଲାମାନଙ୍କୁ ସଂଖ୍ୟା କାର୍ଡ଼ ଦେଖାଇ ୧ରୁ ୧୦ ପର୍ଯ୍ୟନ୍ତ ସଂକେତ ଚିହ୍ନାଇବେ ଓ ଅଭିନୟ ସଙ୍ଗୀତଟି ଆବୃତ୍ତି କରି ପିଲାମାନଙ୍କୁ ଶିଖାଇବେ ।

ଏକ ଗଲା ଶିକାର କରି, ଦୁଇଥିଲା ସାଥେ
ତିନି ତାଙ୍କର ପଛରେ ଗଲା, ବାଘ ଦେଖିଲା ବାଟେ ।
ଚାରି ଚଢ଼ିଲା ଆମ୍ବ ଗଛରେ, ପାଞ୍ଚ ପଡ଼ିଲା ତଳେ,
ଛଅ ଦେଖି ତା ହସୁଥିଲା, ଦୋଳି ଖେଳିଣ ଡ଼ାଳେ ।
ସାତ ଆସିଲା ଗୁଣ୍ଡୁର ପିଛି, ଆଠ ଗାଇଲା ଗୀତ,
ନଅ ଚଳିଲା ନୌକା ଧରି, ଦଶ ମାରୁଥିଲା ହାତ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୪୮ କରିବେ ।**

❑ **ସାଧାରଣ ଜ୍ଞାନ**

- ତୁମ ଗାଁ ନାଁ କ'ଣ ?
- ତୁମ ଦିଦିଙ୍କ ନାମ କ'ଣ ?
- ତୁମ ନାମ କ'ଣ ?
- ତୁମ ବାପାଙ୍କ ନାମ କ'ଣ ?
- ତୁମ ମା'ଙ୍କ ନାମ କ'ଣ ?
- ତୁମ ରାଜ୍ୟର ନାମ କ'ଣ ?

❑ **କାଳ୍ପନିକ ଖେଳ  'ବାର ଧାରଣା'**

କର୍ମୀ ପିଲାମାନଙ୍କ ସହିତ ବିଭିନ୍ନ ବାର ବିଷୟରେ ବାର୍ତ୍ତାଳାପ କରିବେ । ଆଜି କେଉଁ ବାର ପଚାରିବେ । କାଲି କେଉଁବାର ଥିଲା ପଚାରିବେ ଓ କହିବାରେ ସହାୟତା କରିବେ । କାଳ୍ପନିକ ବେଲୁନ୍ ଫୁଙ୍କିବାକୁ କହିବେ । ଯଦି ଆଜି

## ସ୍ତର -୨

### ୪-୫/୬ ବର୍ଷ

❑ **ସଂଖ୍ୟା ଧାରଣା  ଅଭିନୟ ସଙ୍ଗୀତ**

**'ରୁମକୁ ଝୁମା ରୁମକୁ ଝୁମା'**

କର୍ମୀ ପିଲାମାନଙ୍କୁ ସଂଖ୍ୟା କାର୍ଡ଼ ଦେଖାଇ ୧ ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ସଂକେତ ଚିହ୍ନାଇବେ ଓ ଅଭିନୟ ସଙ୍ଗୀତଟି ଶିଖାଇବେ ।

ରୁମକୁ ଝୁମା ରୁମକୁ ଝୁମା- ରୁମକୁ ଝୁମାରେ
ଆମେ ନାଚିବା ଆମେ ଗାଇବା- ମୋର ଉଦୁରୁଦୁମାରେ
ଏକ ଏକ ହୋଇ ଆସ- ଦୁଇ ଦୁଇ କରି ବସ
ତିନି ବଜା ଗିନି- ମୋର ଉଦୁରୁଦୁମାରେ
ରୁମକୁ ଝୁମା ରୁମକୁ ଝୁମା- ରୁମକୁ ଝୁମାରେ
ଚାରି ଚାରି କ୍ଷୀରୀ ପୁରୀ -ଖାଇବା ମିଳି ମିଶି କରି
ପାଞ୍ଚ ଗଡ଼ ଛାଞ୍ଚ- ମୋର ଉଦୁରୁଦୁମାରେ
ରୁମକୁ ଝୁମା ରୁମକୁ ଝୁମା- ରୁମକୁ ଝୁମାରେ
ଛଅ ଛଅ ସତ କହ- ସାତ ବସ ମିତ
ଆଠକୁ ପଢ଼ ପାଠ- ମୋର ଉଦୁରୁଦୁମାରେ
ରୁମକୁ ଝୁମା ରୁମକୁ ଝୁମା- ରୁମକୁ ଝୁମାରେ
ନଅ ନଅ ନକର ଭୟ - ପାଠ ପଢ଼ାରେ ଦିଅ ଲୟ,
ଦଶ ଟିକେ ହସ- ମୋର ଉଦୁରୁଦୁମାରେ ।
ରୁମକୁ ଝୁମା ରୁମକୁ ଝୁମା- ରୁମକୁ ଝୁମାରେ ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫୨ କରିବେ ।**



ବୁଧବାର ଥିବ ତେବେ ସୋମବାରର ବେଲୁନ୍, ମଙ୍ଗଳବାରର ବେଲୁନ୍ ପୁଣି ବୁଧବାରର ବେଲୁନ୍ କାଳ୍ପନିକ ଭାବେ ଫୁଙ୍କିବାକୁ କହିବେ ଓ ତାକୁ ଫୁଟାଇବାକୁ କହିବେ।

❑ **ଅକ୍ଷର ସଙ୍କେତ**

- କର୍ମୀ ଚଟାଣ ଉପରେ ଅକ୍ଷର ସଙ୍କେତ ଲେଖିଦେବେ ଓ ତା ଉପରେ ଗୋଡ଼ି, ବାଲି, ଫୁଲ ଦେଇ ସଜାଇବାକୁ ପିଲାଙ୍କୁ କହିବେ।
- କର୍ମୀ ନିମ୍ନଲିଖିତ ପ୍ରକାରେ ଗାର ଟାଣିବାକୁ ପିଲାମାନଙ୍କୁ କହିବେ।



❑ **ଗଳ୍ପ କଥନ 'ତୁଳସୀ ଦୁଇ ପତ୍ରରୁ ବାସେ'**

ବର୍ଷାଦିନ ହୋଇଥାଏ। ସତ୍ୟଭାମାପୁର ଗାଁରେ ତୁମ ପରି ଛୋଟ ପିଲାଟିଏ ଥିଲା। ସେ ଦିନେ ସ୍କୁଲକୁ ଯାଉଥିଲା। ବର୍ଷାରେ ରାସ୍ତାଘାଟ କାଦୁଅ ହୋଇଥାଏ। ତେଣୁ ପିଲାଟିର ଗୋଡ଼ ରାସ୍ତାରେ ଖସିଗଲା। ତାର ଜାମା, ପ୍ୟାଣ୍ଟ କାଦୁଅ ହୋଇଗଲା। ତା ପରେ ଦଶହରା ଛୁଟି ହେଲା। ପିଲାଟି ଗାଁର ସମସ୍ତ ପିଲାଙ୍କୁ ଏକାଠି କରି ବାଲି, ଗୋଡ଼ି, ଗାଁ ଦାଣ୍ଡରେ ପକାଇ ରାସ୍ତାଟିକୁ ସମାନ କଲା, ଯେପରି ବର୍ଷାରେ ଗାଁ ଦାଣ୍ଡ କାଦୁଅ ହେବନି ଓ କେହି ପିଲା ତା ପରି ସ୍କୁଲକୁ ଗଲାବେଳେ ପଡ଼ି ଯିବେନି। ସ୍କୁଲ୍ ଖୋଲିଲା ପରେ ଗାଁ ଲୋକେ ଓ ସ୍କୁଲ୍ ଶିକ୍ଷକ ଗାଁର ସମସ୍ତ ପିଲାଙ୍କୁ ସାବାସ୍ କହିଲେ। ସେହି ପିଲାଟି କିଏ ଜାଣିଛ ? ସେ ହେଉଛନ୍ତି ଆମ ଓଡ଼ିଶାର ମଧୁବାବୁ। ସେ ଓଡ଼ିଶାର ଉନ୍ନତି ପାଇଁ କାମ କରୁଥିଲେ। ତେଣୁ ଲୋକେ କହନ୍ତି:



❑ **ବୈଜ୍ଞାନିକ ଧାରଣା**

କର୍ମୀ ପିଲାମାନଙ୍କୁ ମର୍ଜିଙ୍ଗ୍ କଣ୍ଢେଇ ଦେଇ ତାକୁ ଘୂରାଇ ଦେଖିବାକୁ କହିବେ।

ଡ୍ରଇଁ କାଗଜକୁ ଗୋଲକରି ୨ ଖଣ୍ଡ କରି କାଟି ଗୋଲ ମଝିରେ ଖଡ଼ିକା କାଠି ଲଗାଇବେ। ଗୋଲ କାଗଜରେ ଉପର ପଟେ ଛତା ର ଉପର, ମଣିଷ ଦେହ, ଫୁଲଗଛ କରିବେ ଏବଂ ଗୋଲ କାଗଜର ପଛ ପଟେ ତଳକୁ ଛତା ବେଣ୍ଟ, ମଣିଷ ଦେହ, ଫୁଲ କୁଣ୍ଡ କରିବେ।

❑ **ଅକ୍ଷର ସଙ୍କେତ**

କର୍ମୀ ସ,ଧ,ନ,ପ,ଫ,ଅ ଇତ୍ୟାଦି ଅକ୍ଷର ସଂକେତ ଦେଖାଇ ସେଇ ସ୍ୱର ଥିବା ବିଭିନ୍ନ ଶବ୍ଦ ସହିତ ପିଲାମାନଙ୍କୁ ଉଚ୍ଚାରଣ କରି ପରିଚିତ କରାଇବେ ଯଥା,
ସ - ସପୁରୀ, ସନ୍ଦେଶ    ଅ - ଅଳି, ଅଣ୍ଟା।

❑ **ଗଳ୍ପ କଥନ 'ଗପୁଡ଼ି କଇଁଛ'**

ଗୋଟିଏ ବଡ଼ ପୋଖରୀ ଥିଲା। ପୋଖରୀରେ ଅନେକ ମାଛ, କଇଁଛ, ବେଙ୍ଗ ଓ କଙ୍କଡ଼ା ରହୁଥିଲେ। ଦୁଇଟି ହଂସ ପ୍ରତିଦିନ ସେହି ପୋଖରୀକୁ ଆସୁଥିଲେ। ହଂସ ଦୁଇଟି ଗୋଟିଏ କଇଁଛ ସହିତ ସାଙ୍ଗ ହୋଇଥିଲେ।

ଥରେ ଅନେକ ଦିନ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ। ନଈ, ନାଳ, ପୋଖରୀରୁ ସବୁ ପାଣି ଶୁଖିଗଲା। ପୋଖରୀରୁ ପାଣି ଶୁଖିଯିବାରୁ ତିନିବନ୍ଧୁ ବଡ଼ ଚିନ୍ତାରେ ପଡ଼ିଲେ। ହଂସମାନଙ୍କର ଡେଣା ଅଛି। ସେମାନେ ସିନା ଉଡ଼ି ଚାଲିଯିବେ, ହେଲେ କଇଁଛ ବିଚରା କ'ଣ କରିବ ?

ଶେଷରେ ସେମାନେ ଗୋଟିଏ ଉପାୟ କଲେ। ହଂସ ଯୋଡ଼ିକ ଖଣ୍ଡେ ବାଡ଼ି ଆଣିଲେ। ବାଡ଼ିର ଦୁଇ ମୁଣ୍ଡକୁ ହଂସ ଦୁଇଟି କାମୁଡ଼ି ଧରିଲେ, ବାଡ଼ି ଖଣ୍ଡକର ମଝିକୁ କଇଁଛ କାମୁଡ଼ି ଧରିଲା। ହଂସମାନେ ଗୋଟିଏ ବଡ଼ ପୋଖରୀ ଆଡ଼କୁ ଉଡ଼ି ଉଡ଼ି ଗଲେ।

### ସ୍ତର -୧

### ୩-୪ ବର୍ଷ

'ଭଲ ପାଠ ପଢ଼ିବୁ ,
କଳା ଘୋଡ଼ାରେ ଚଢ଼ିବୁ
ମଧୁବାବୁ ସାଙ୍ଗେ ଲଢ଼ିବୁ ।'

❑ **ଅଭିନୟ ସଙ୍ଗୀତ 'ରବିବାରେ ମାଙ୍କଡ଼ ଏକ'**

କର୍ମୀ ବଡ଼ ଓ ଛୋଟ ସମସ୍ତ ପିଲାଙ୍କୁ ଅଭିନୟ ସଙ୍ଗୀତଟି ଆବୃତ୍ତି କରି ଅଭିନୟ କରିବାକୁ ଶିଖାଇବେ ।

ରବିବାରେ ମାଙ୍କଡ଼ ଏକ - ଗାଁ ରେ ଗଲା ପଶି ।
ସୋମବାରେ କୁନି ଘର - ଉଳେ ବସିଲା ଆସି ।
ମଙ୍ଗଳବାରେ ମାଙ୍କଡ଼ର - ସାହାସ ଗଲା ବଢ଼ି ।
ବୁଧବାରେ ଦାନ୍ତ ଦେଖାଇ - ପିଲାଙ୍କୁ ଦେଲା ତଡ଼ି ।
ଗୁରୁବାରେ ମାଙ୍କଡ଼ ଯେ - କଲା ଉତ୍ପାତ
ଶୁକ୍ରବାରେ କୁନିଘରେ - ବସି ଖାଇଲା ଭାତ
ଶନିବାରେ ଲୋକମାନେ - ମାଙ୍କଡ଼କୁ ଧରି,
ବଣ ଭିତରେ ନେଇ ଛାଡ଼ିଲେ ତାକୁ ବାନ୍ଧି କରି ।

❑ **ଗଳ୍ପ କଥନ 'ଗପୁଡ଼ି କଇଁଛ'**

ସ୍ତର- ୨ରେ ଦିଆଯାଇଛି ।

**ପ୍ରଶ୍ନ**

- ହଂସ ଓ କଇଁଛ କେଉଁଠି ରହୁଥିଲେ ?
- ହଂସମାନେ ବାଡ଼ି କାମୁଡ଼ି କେଉଁ ଆଡ଼େ ଗଲେ ?

### ସ୍ତର -୨

### ୪-୫/୬ ବର୍ଷ

ସେମାନେ ଯାଉ ଯାଉ ବାଟରେ ଗୋଟିଏ ପଡ଼ିଆ ପଡ଼ିଲା । ପଡ଼ିଆରେ ଗାଈଆଳ ପିଲାମାନେ ଗାଈ ଗୋରୁ ଚରାଉଥିଲେ । ଆକାଶରେ କଇଁଛ ଟିଏ ଯାଉଥିବାର ଦେଖି ଜଣେ ପିଲା କହିଲା, ''ଏଇ କଇଁଛଟା ପଡ଼ିଯାଆନ୍ତା କି, ମୁଁ ପୋଡ଼ି ଖାଆନ୍ତି ।''

ଗାଈଆଳ ପିଲାର କଥା ଶୁଣି କଇଁଛ ଖୁବ୍ ଜୋର୍‌ରେ ରାଗିଗଲା । ''ଗାଳି ଦେଇ କହିଲା, ତୋର ତ ଭାରି ସାହାସ, ମୁଁ ଆକାଶରେ ଯାଉଛି, ଦେଖି ପାରୁନୁ ? ମୋତେ କ'ଣ ଖାଇବୁ ।''

କଇଁଛ ଗାଳି ଦେଇ କଥା କହିବାରୁ ବାଡ଼ିଟି ତା ପାଟିରୁ ଖସିଗଲା । ସେ ତଳେ ପଡ଼ି ଖଣ୍ଡିଆ ଖାବରା ହେଲା । କଇଁଛ ରାଗିଯିବାରୁ ତାର ଏ ଦଶା ହେଲା ।

**ପ୍ରଶ୍ନ**

- କିଏ କିଏ ସାଙ୍ଗଥିଲେ ?
- ସେମାନେ ପୋଖରୀରୁ ପାଣି ଶୁଖି ଯିବାରୁ କ'ଣ ଚିନ୍ତା କଲେ ?
- ହଂସମାନେ କଇଁଛକୁ କେମିତି ନେଲେ ?

❑ **ଅଭିନୟ ସଙ୍ଗୀତ 'ଖରାଦିନେ ସପୁରୀ ପାଚେ'**

ଖରାଦିନ ହେଲେ ସପୁରି ପାଚେ - କଳା ମେଘ ଦେଖି ମୟୁର ନାଚେ
ଚୈତ୍ର ବୈଶାଖ ଟାଣ ଖରା - ଅତି ତପତ ହୁଏ ଧରା
ପୌଷ ମାସରେ ବଡ଼ ଶୀତ - ଧାନ କାଟି ଚଷା ଗାଉଛି ଗୀତ

❑ **ସାଧାରଣ ଜ୍ଞାନ**

- ଆମ ରାଜ୍ୟ / ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ନାମ କ'ଣ ?
- ଆମ ଭାରତ ଦେଶର ପ୍ରଧାନମନ୍ତ୍ରୀଙ୍କ ନାମ କ'ଣ ?
- ଆମର ଜାତୀୟ ପତାକା ପଶୁ, ପକ୍ଷୀ, ଖେଳ, ଫଳ ଓ ଫୁଲର ନାମ କୁହ ?
- ଆମ ପଞ୍ଚାୟତର ସରପଞ୍ଚଙ୍କ ନାମ କ'ଣ ?

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୫୩ ଓ ୫୪ କରିବେ ।**

# ମାସ ୧୨ - ସୂର୍ଯ୍ୟ , ଚନ୍ଦ୍ର ଓ ତାରା



# ମାସ ୧୨ - ସୂର୍ଯ୍ୟ, ଚନ୍ଦ୍ର ଓ ତାରା

| ସ୍ତର -୧ | ସ୍ତର -୨ |
|---|---|
| ୩-୪ ବର୍ଷ | ୪-୫/୬ ବର୍ଷ |

## ସ୍ତର -୧ (୩-୪ ବର୍ଷ)

### ❑ ମୁକ୍ତ ବାର୍ତ୍ତାଳାପ

କର୍ମୀ ବାର୍ତ୍ତାଳାପ ଚାର୍ଟ ଦେଖାଇ ସୂର୍ଯ୍ୟ, ଚନ୍ଦ୍ର, ତାରା ଇତ୍ୟାଦି କେଉଁଠି ଅଛନ୍ତି ଏବଂ ସେମାନେ ଆକାଶରେ କେତେବେଳେ ଦେଖାଯାଆନ୍ତି ତାହା ଜଣାଇବେ ।

ପ୍ରଶ୍ନ

- ସୂର୍ଯ୍ୟ କେଉଁ ଦିଗରେ ଉଦୟ ହୁଅନ୍ତି ?
- ସୂର୍ଯ୍ୟ କେଉଁ ଦିଗରେ ଅସ୍ତ ଯାଆନ୍ତି ?

### ❑ ଅଭିନୟ ସଙ୍ଗୀତ 'ନୀଳ ଆକାଶରେ'

ନୀଳ ଆକାଶରେ ସୂର୍ଯ୍ୟ ଯହିଁ ହସେରେ
ଜହ୍ନମାମୁଁ ଦେଶରେ ଆମେ ବୁଲିଯିବା ଆସରେ
ରକେଟ୍ ଚଢ଼ି ବସରେ ....
ଡାହାଣ ହାତ ଆଗକୁ ନିଅ
ଡାହାଣ ହାତ ପଛକୁ ନିଅ
ଥରି ଥରି ହଲାଇ ଦିଅ,
ତୁମେ ଥରେ ଘୁରିଯାଅ...
ଡାହାଣ ଗୋଡ ଆଗକୁ ନିଅ
ଡାହାଣ ଗୋଡ ପଛକୁ ନିଅ
ଥରି ଥରି ହଲାଇ ଦିଅ,
ପୁଣି ଥରେ ଘୁରିଯାଅ.....
ବାମହାତ ଆଗକୁ ନିଅ
ବାମ ହାତ ପଛକୁ ନିଅ

## ସ୍ତର -୨ (୪-୫/୬ ବର୍ଷ)

### ❑ ମୁକ୍ତ ବାର୍ତ୍ତାଳାପ

କର୍ମୀ ବାର୍ତ୍ତାଳାପ ଚାର୍ଟ ଦେଖାଇ ସୂର୍ଯ୍ୟ, ଚନ୍ଦ୍ର, ତାରା ଇତ୍ୟାଦି କେଉଁଠି ଅଛନ୍ତି ଏବଂ ସେମାନେ ଆକାଶରେ କେତେବେଳେ ଦେଖାଯାଆନ୍ତି, ପିଲାମାନଙ୍କୁ ଜଣାଇବେ ।

ପ୍ରଶ୍ନ

- ଚନ୍ଦ୍ର କେତେବେଳେ ଦେଖାଯାଆନ୍ତି ?
- ତାରାମାନେ କେଉଁଠି ଥାଆନ୍ତି ?

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫୫ କରିବେ ।**

### ❑ ଅଭିନୟ ସଙ୍ଗୀତ 'ବାଘ ନିସ ହନାଲା'

କର୍ମୀ ଫିଲ୍ଟର ପେପର (ରଙ୍ଗକଣି) ବ୍ୟବହାର କରି ୭ଟି ରଙ୍ଗ ଧାରଣା ପିଲାମାନଙ୍କୁ ଦେବେ । ପ୍ରଥମେ ପ୍ରତ୍ୟକ୍ଷ ଭାବେ ୭ଟି ରଙ୍ଗ ଚିହ୍ନାଇବେ ଓ ରଙ୍ଗ କାର୍ଡ ବା ବିଭିନ୍ନ ରଙ୍ଗର କରି କାଗଜ ଦେଖାଇ ଅଭିନୟ ସଙ୍ଗୀତଟି ପିଲାମାନଙ୍କୁ ଆବୃତ୍ତି କରାଇବେ ।

ବାଘ ନୀସ ହନାଲା
ଇନ୍ଦ୍ରଧନୁର ସାତଟି ରଙ୍ଗ
ତାକୁଥରେ ଦେଖନା, ଦେଖନା, ଦେଖନା
ନା.... ନା..... ବା ଘ ନି ସ ହ ନା ଲା
ବା ରେ ହେଲା ବାଇଗଣି
ଘ ରେ ହେଲା ଘନନୀଳ
ନୀ ରେ ହେଲା ନୀଳ

## ସ୍ତର -୧

### ୩-୪ ବର୍ଷ

ଥିରି ଥିରି ହଲାଇ ଦିଅ, ପୁଣି ଥରେ ଘୁରିଯାଅ.....

ବାମ ଗୋଡ ଆଗକୁ ନିଅ

ବାମ ଗୋଡ ପଛକୁ ନିଅ

ଥିରି ଥିରି ହଲାଇ ଦିଅ, ପୁଣିଥରେ ଘୁରିଯାଅ...

ଦେହଟା ସାରା ଆଗକୁ ନିଅ

ଦେହଟା ସାରା ପଛକୁ ନିଅ

ଥିରି ଥିରି ହଲାଇ ଦିଅ, ପୁଣିଥରେ ଘୁରିଯାଅ...

- **ଛାଇ ଖେଳ**

ପିଲାମାନଙ୍କୁ କର୍ମୀ ଖରାକୁ ନେଇ ହାତ ଓ ଆଙ୍ଗୁଠିରେ ବିଭିନ୍ନ ରଚନା କରି ବିଭିନ୍ନ ଛାଇ କରିବାକୁ କହିବେ ଓ ଅନ୍ୟ ପିଲାଙ୍କୁ ଏହା କାହାର ଛାଇ ବୋଲି ପଚାରିବେ।

- **ଅଭିନୟ ସଙ୍ଗୀତ 'ଯେଉଁ ଦିଗ ଆଡୁ ଉଅଁଇ ସୂରୁଜ'**

ଯେଉଁ ଦିଗ ଆଡୁ ଉଅଁଇ ସୂରୁଜ

ପୂରୁବ ଦିଗଟି ଜାଣ।

ତାଙ୍କ ଆଡ଼େ ମୁହଁ କରି ଛିଡା ହେଲେ

ପଛ ହୋଇବ ପଶ୍ଚିମ।

ବାମ ପଟ ତୁମ ଉତ୍ତର ହୋଇବ

ଡାହାଣ ହେବ ଦକ୍ଷିଣ।

- **ସମୟ ଧାରଣା**

କର୍ମୀ ଦୈନନ୍ଦିନ ନିତ୍ୟକର୍ମର ଚିତ୍ରକାର୍ଡ ଓ ସୂର୍ଯ୍ୟ ଉଦୟ, ଦ୍ୱିପ୍ରହର, ସଂଧ୍ୟାବେଳ, ରାତିର ଚିତ୍ର ଦେଇ ଯୋଡି ବାଛିବାକୁ କହିବେ ଓ ନିଜେ ସାହାଯ୍ୟ କରିବେ।

## ସ୍ତର -୨

### ୪-୫/୬ ବର୍ଷ

ସ ରେ ସବୁଜ ସୁନ୍ଦର

ଖରା ଆଉ ବର୍ଷା ହେଲେ

ତାକୁ ଥରେ ଦେଖନା, ଦେଖନା, ଦେଖନା....

ନା....ନା..... ବାଘନିସ ହନାଲା

ହ ରେ ହେଲା ହଳଦିଆ

ନା ରେ ହେଲା ନାରଙ୍ଗୀ

ଲା ରେ ହେଲା ରଙ୍ଗ ଲାଲ୍

ଇନ୍ଦ୍ରଧନୁ ତ ସପ୍ତରଙ୍ଗୀ

ଇନ୍ଦ୍ରରାଜା ଟାଣିଦେଲେ

ତାକୁ ଥରେ ଦେଖନା, ଦେଖନା, ଦେଖନା

ନା.....ନା.... ବାଘ ନୀସ ହନାଲା

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫୬ କରିବେ।

- **ଛାଇ ଖେଳ**

ପିଲାମାନଙ୍କୁ କର୍ମୀ ଖରାକୁ ନେଇ ଠିଆ କରାଇବେ। ଛୋଟ ପିଲାଙ୍କୁ ଠିଆ କରାଇ ବଡ଼ ପିଲାଙ୍କୁ ଚକ, କାଠି, ଇଟାରେ ଛାଇର ରେଖାଚିତ୍ର ଆଙ୍କିବାକୁ କହିବେ।

- **ଅଭିନୟ ସଙ୍ଗୀତ 'ଯେଉଁ ଦିଗ ଆଡୁ ଉଇଁଇ ସୁରୁଜ'**

ସ୍ତର-୧ ରେ ଦିଆଯାଇଛି

## ❑ ଅକ୍ଷର ଧାରଣା

କର୍ମୀ ଘ,ନ,ଲ ଇତ୍ୟାଦିର ଅକ୍ଷର ସଂକେତ ଦେଇ ସେହି ସଂକେତ ଥିବା ଶବ୍ଦକାର୍ଡ ବାଛିବାକୁ କହିବେ।

ଘ- ଘର, ଘଣ୍ଟି, ଘଣ୍ଟା
ନ- ନଖ, ନଳ, ନଡିଆ
ଲ - ଲଙ୍କା, ଲଣ୍ଠନ, ଲଡୁ

ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୪୯ କରିବେ।

## ❑ ଗଳ୍ପ କଥନ 'ପଥୁରିଆ ବୁଦ୍ଧି ଶିଖିଲା'

ଖରାଦିନେ ପଥୁରିଆଟିଏ ପଥର କାଟୁ କାଟୁ ହାଲିଆ ହୋଇଗଲା। ସୂର୍ଯ୍ୟଙ୍କୁ ଉଦ୍ଦେଶ୍ୟ କରି କହିଲା, ''ତୁମେ କେତେ ପ୍ରତାପଶାଳୀ, ଚନ୍ଦ୍ର କିନ୍ତୁ ବହୁତ ଭଲ। ସେ ଶୀତଳ ପ୍ରଦାନ କରନ୍ତି।'' ଚନ୍ଦ୍ର ଶୁଣୁଥିଲେ। ସେ ସୂର୍ଯ୍ୟଙ୍କୁ ଦେଖି ହସିଲେ କହିଲେ, ''ମୁଁ ବହୁତ ବଡ।'' ସୂର୍ଯ୍ୟ ମନେ ମନେ ଭାବିଲେ ରହରେ ପଥୁରିଆ, କେମିତି ଚନ୍ଦ୍ର ବଡ କହୁଛୁ। ତା' ପର ଦିନ ସୂର୍ଯ୍ୟ ଆଉ ଉଦୟ ହେଲେ ନାହିଁ। ଘଉଡାଉଡ ଅନ୍ଧାର ହୋଇଗଲା। ପଥୁରିଆଟି କାମକୁ ଯାଇ ପାରିଲାନି। ସେ ଦୋକରେ ରହିଲା। ଭାବିଲା ତାରାମାନେ ହେଲେ ଟିକେ ଆସନ୍ତେ। ସାଙ୍ଗେ ସାଙ୍ଗେ ଆକାଶରେ ତାରାମାନେ ଆସିଲେ। ଟିକିଏ ଆଲୁଅ ହେଲା। ପଥୁରିଆଟି ନିଜର ନିତ୍ୟକର୍ମ କରିପାରିଲା। ସେ ସୂର୍ଯ୍ୟଙ୍କୁ ନେହୁରା ହୋଇ କହିଲା, ''ପ୍ରଭୁ, ମୁଁ ମୂର୍ଖ, ନଜାଣି କହିଦେଲି। ଏ ପୃଥିବୀ ପାଇଁ ସୂର୍ଯ୍ୟ, ଚନ୍ଦ୍ର, ତାରା ସମସ୍ତଙ୍କର ଦରକାର ଅଛି। ମୋତେ କ୍ଷମା କରିଦିଅ।'' ସଙ୍ଗେ ସଙ୍ଗେ ସୂର୍ଯ୍ୟ ଉଦୟ ହେଲେ। ଚଢ଼େଇମାନେ ଚେଁ ଚାଁ ବୋବେଇଲେ। ପଥୁରିଆଟି ମନ ଖୁସିରେ କାମକୁ ଗଲା।

ପ୍ରଶ୍ନ

- ଚନ୍ଦ୍ରର କଥା ଶୁଣି ସୂର୍ଯ୍ୟ କ'ଣ କଲେ ?
- ପଥୁରିଆର କଣ ଅସୁବିଧା ହେଲା ?
- ପଥୁରିଆ ସୂର୍ଯ୍ୟଙ୍କୁ କଣ କହିଲେ ?



## ❑ ଅକ୍ଷର ଧାରଣା

କର୍ମୀ ହ, ଡ, ଢ, ଣ, ଝ, ଜ, ଖ ଇତ୍ୟାଦି ଅକ୍ଷର ସଂକେତର ଅକ୍ଷର ଡୋମିନୋ ଦେଇ ଯୋଡିବାକୁ କହିବେ।

ଅକ୍ଷର ଡୋମିନୋ -

| | | | |
|---|---|---|---|
| ହ | ଢ | | |
| | ଢ | ଡ | |
| | | ଡ | ଣ |

## ❑ ଗଳ୍ପ କଥନ 'ପଥୁରିଆ ବୁଦ୍ଧି ଶିଖିଲା'

ସ୍ତର-୧ ରେ ଦିଆଯାଇଛି।

ପ୍ରଶ୍ନ

- ସୂର୍ଯ୍ୟଙ୍କୁ ଉଦ୍ଦେଶ୍ୟ କରି ପଥୁରିଆ କ'ଣ କହିଲା ?
- ଚନ୍ଦ୍ର ସୂର୍ଯ୍ୟଙ୍କୁ ଦେଖି କାହିଁକି ହସିଲେ ?
- ଚନ୍ଦ୍ରର କଥା ଶୁଣି ସୂର୍ଯ୍ୟ କ'ଣ କଲେ ?
- ପଥୁରିଆର କ'ଣ ଅସୁବିଧା ହେଲା ?
- ସେ ସୂର୍ଯ୍ୟଙ୍କୁ କ'ଣ କହିଲା ?

## ❑ ସମୟ ଧାରଣା 'ସକାଳ ବୁଲା'

ସକାଳ ବୁଲା ଦେହକୁ ହିତ
ମାରିବା ଡ଼ିଆଁ ଗାଇବା ଗୀତ
ସାତଟା ବେଳ ହୋଇବ ଯେବେ
ମାଆ ଖାଇବାକୁ ଦେଲେ ତେବେ
ନଅଟା ବେଳେ ପଢ଼ିବା ପାଠ
ତେବେ ହୋଇବା ବଡ ଲାଟ
ଦିନ ବାର ବାଜିଲା
ଟୁଟୁ ହାତ ଧୋଇଲା
ମା'ଙ୍କ ସାଥିରେ ଖାଇଲା

## ସ୍ତର -୧

### ୩-୪ ବର୍ଷ

- ❑ **ରଙ୍ଗ ଖେଳ**

କର୍ମୀ ସବୁ ପିଲାଙ୍କୁ ଖଣ୍ଡେ ଖଣ୍ଡେ କାଗଜ ଦେଇ ସେହି କାଗଜରେ ବୁନ୍ଦାଏ ରଙ୍ଗ ପକାଇବେ ଓ କାଗଜ ଭାଙ୍ଗିବାକୁ କହିବେ। ଖୋଲିଲେ ଯେଉଁ ଚିତ୍ରଟି ହେବ, ତାହା କ'ଣ ବୋଲି ପିଲାଙ୍କୁ ପଚାରିବେ।

- ❑ **ଚିତ୍ର ଅଙ୍କନ**

କର୍ମୀ ଚଟାଣରେ ସୂର୍ଯ୍ୟ, ଚନ୍ଦ୍ର, ତାରାର ଚିତ୍ର ଆଙ୍କିବେ ଓ ପିଲାମାନଙ୍କୁ ନମୁନା ଚିତ୍ର ଆଙ୍କିବାକୁ ରଙ୍ଗ ଚକ୍ ଦେବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୫୦ କରିବେ।**

- ❑ **ମୁଦ୍ରା ଧାରଣା**

କର୍ମୀ  ପିଲାମାନଙ୍କୁ ୧ ଟଙ୍କା, ୨ ଟଙ୍କା, ୫ ଟଙ୍କା ଓ ଦଶ ଟଙ୍କାର ମୁଦ୍ରା ଦେଇ ତାର ଛାପା କରିବାକୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ ର ପୃଷ୍ଠା ୫୧ କରିବେ।**

- ❑ **ପାଖ - ଦୂର**

କର୍ମୀ ପିଲାମାନଙ୍କୁ କେତେକ ଚିତ୍ରକାର୍ଡ଼ ଦେଖାଇବେ ଯେଉଁଥିରେ କି ପିଲାଟିର ପାଖରେ ଗୋଟେ ଗଛ ଓ ଦୂରରେ ଗୋଟେ ଲାଇଟ୍ ଖୁଣ୍ଟ ଥିବ।  ଏହିପରି ୫-୬ଟି କାର୍ଡ଼ କରି କେଉଁଟି ପାଖରେ ଅଛି ଓ କେଉଁଟି ଦୂରରେ ଅଛି ଚିତ୍ର ଦେଖାଇ ଚିହ୍ନାଇବେ।

- ❑ **ସଂଖ୍ୟା ଧାରଣା**

କର୍ମୀ ଚଟାଣରେ ୫ଟି  ବଡ଼ ଗୋଲ କରିବେ ଓ ପ୍ରକୃତିରୁ ସଂଗୃହିତ ଦ୍ରବ୍ୟ ଯଥା : କାଠି, ଫୁଲ, ପତ୍ର, ଗୋଡ଼ି, ମଞ୍ଜି ଦେଇ ୧ ସଂଖ୍ୟା ସଂକେତ ଥିବା ଗୋଲରେ

## ସ୍ତର -୨

### ୪-୫/୬ ବର୍ଷ

- ❑ **ରଙ୍ଗ ଖେଳ**

ସ୍ତର - ୧ ରେ ଦିଆଯାଇଛି।

- ❑ **ଚିତ୍ର ଅଙ୍କନ**

କର୍ମୀ ପିଲାମାନଙ୍କୁ ସୂର୍ଯ୍ୟ, ଚନ୍ଦ୍ର, ତାରାର ନମୁନା ଚିତ୍ର ଆଙ୍କିବାକୁ କହିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫୭ କରିବେ।**

- ❑ **ପାଖ -ଦୂର**

ସ୍ତର- ୧ ରେ ଦିଆଯାଇଛି।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ ର ପୃଷ୍ଠା ୫୮ କରିବେ।**

- ❑ **ସଂଖ୍ୟା ଧାରଣା**

**ପିଲାମାନଙ୍କୁ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ଶିଖାଇବେ।**

କର୍ମୀ  ପ୍ରକୃତିରୁ ସଂଗୃହୀତ ଦ୍ରବ୍ୟକୁ ଏକାଠି କରି ୧ଟି ପତ୍ର, ୨ଟି ଫୁଲ, ୩ଟି କାଠି, ୪ଟି ଫଳ, ୫ଟି ଗୋଡ଼ି ଏହିପରି ୨୦ ପର୍ଯ୍ୟନ୍ତ ଜିନିଷ ବାଛିବାକୁ କର୍ମୀ ପିଲାମାନଙ୍କୁ କହିବେ ଓ ଏଥିରେ ପିଲାମାନଙ୍କୁ ସାହାଯ୍ୟ କରିବେ।

- ❑ **ଅଭିନୟ ସଂଗୀତ     'ଓଡ଼ିଶା ରାଇଜେ ଆମରି ଘର'**

ଓଡ଼ିଶା ରାଇଜେ ଆମରି ଘର
ଆମ ରାଜଧାନୀ ଭୁବନେଶ୍ୱର।
ରାଜ୍ୟରେ ଆମର ତିରିଶି ଜିଲ୍ଲା
ଓଡ଼ିଆ ଆମର ଭାଷାଟି ଭଲା ।
ମହାନଦୀ ବଡ଼ନଦୀ ଆମର
ଟେକ ରଖିଯିବା ଆମେ ତାହାର।

ଗୋଟିଏ ରଖିବାକୁ କହିବେ, ୨ ସଂଖ୍ୟା ସଂକେତରେ ୨ଟି, ଏହିପରି ୫ ସଂଖ୍ୟା ସଂକେତରେ ୫ଟି ଜିନିଷ ରଖିବାକୁ ପିଲାମାନଙ୍କୁ କହିବେ ଓ ଏଥିରେ ସେମାନଙ୍କୁ ସାହାଯ୍ୟ କରିବେ।

❑ **ଅଭିନୟ ସଙ୍ଗୀତ 'ଓଡ଼ିଶା ରାଇଜେ ଆମରି ଘର'**

ସ୍ତର-୨ରେ ଦିଆଯାଇଛି।

❑ **ସାଧାରଣ ଜ୍ଞାନ**

- ତୁମ ଗାଁର ନାମ କ'ଣ ?
- ଆମ ଜିଲ୍ଲାର ନାମ କ'ଣ ?
- ଆମ ରାଜ୍ୟର ନାମ କ'ଣ ?
- ଆମ ରାଜ୍ୟର ରାଜଧାନୀର ନାମ କ'ଣ ?

❑ **ପ୍ରକୃତି ପର୍ଯ୍ୟବେକ୍ଷଣ**

କର୍ମୀ ପିଲାମାନଙ୍କୁ ବାହାରକୁ ନେଇ ସୂର୍ଯ୍ୟ ଓ ଆକାଶ ଦେଖାଇ ପ୍ରତ୍ୟକ୍ଷ ଅଭିଜ୍ଞତା ଦେବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୫୨ କରିବେ।**

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୧ର ପୃଷ୍ଠା ୫୩,୫୪ ଓ ୫୫ କରିବେ।**





❑ **ସାଧାରଣ ଜ୍ଞାନ**

- ଆମ ଜିଲ୍ଲା ର ନାମ କ'ଣ ?
- ଆମ ରାଜ୍ୟର ନାମ କ'ଣ ?
- ଆମ ଦେଶର ରାଜଧାନୀର ନାମ କ'ଣ ?
- ଆମ ରାଜ୍ୟର ବଡ଼ନଦୀର ନାମ କ'ଣ ?

କର୍ମୀ ଉପରୋକ୍ତ ପ୍ରଶ୍ନ ପଚାରି ଉତ୍ତର ଦେବାରେ ପିଲାମାନଙ୍କୁ ସହାୟତା କରିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୫୯ କରିବେ।**

❑ **ମୁଦ୍ରା ଧାରଣା**

କର୍ମୀ ପିଲାମାନଙ୍କୁ ୫୦ ପଇସା, ୧ ଟଙ୍କା, ୨ ଟଙ୍କା, ୫ଟଙ୍କା, ଦଶ ଟଙ୍କା ଓ୨୦ ଟଙ୍କା ମୁଦ୍ରା / କାଗଜ ନୋଟ୍ ଦେଖାଇ ଚିହ୍ନାଇବେ। ପିଲାମାନେ ଦୋକାନୀ-ଗ୍ରାହକ ଖେଳ ଖେଳିବେ- ପଇସା ଦିଅ, ଜିନିଷ ନିଅ....

କର୍ମୀ ପିଲାମାନଙ୍କୁ ବଡ଼ ଓ ସାନ ହିସାବରେ ଦୁଇଟି ଦଳରେ ବିଭକ୍ତ କରିବେ। ବଡ଼ ପିଲାମାନଙ୍କୁ ଦୋକାନୀ ହୋଇ ବିଭିନ୍ନ ଜିନିଷ (ପତ୍ର, ଗୋଡ଼ି, ଫୁଲ) ବିକିବାକୁ କହିବେ ଓ ଛୋଟ ପିଲାମାନେ ଗ୍ରାହକ ହୋଇ କିଣିବାକୁ ଯିବେ।

**ପିଲାମାନେ ଅଭ୍ୟାସ ପୁସ୍ତିକା ଭାଗ-୨ର ପୃଷ୍ଠା ୬୦ କରିବେ।**

# ସୂଚକ

## ବର୍ଷ ଶେଷରେ ପିଲାଟି ତଳେ ଦିଆଯାଇଥିବା ଦକ୍ଷତା ହାସଲ କରିବ

### ୩-୪ ବର୍ଷ

- ୧ରୁ ୧୦ ପର୍ଯ୍ୟନ୍ତ ଗଣିପାରିବ ଓ ୧ରୁ ୫ ସଂଖ୍ୟାକ ପର୍ଯ୍ୟନ୍ତ ଚିତ୍ରଥିବା କାର୍ଡ ଦେଖି ସେଥିରେ କେତୋଟି ଚିତ୍ର ଅଛି କହିପାରିବ
- ଅନ୍ତତଃ ୩ଟି ଅକ୍ଷର ସଙ୍କେତ ଚିହ୍ନି ପାରିବ
- ୧,୨,୫ ଓ ୧୦ଟଙ୍କାର ମୁଦ୍ରା / କାଗଜ ନୋଟ୍ ଚିହ୍ନି ପାରିବ।
- ବର୍ଷକ ଭିତରେ କୁହାଯାଇଥିବା ଅତି କମ୍‌ରେ ଯେ କୌଣସି ଦୁଇଟି ଗପ କହିପାରିବ
- ବର୍ଷକ ଭିତରେ ହୋଇଥିବା ଅତି କମ୍‌ରେ ଯେ କୌଣସି ଦୁଇଟି ଅଭିନୟ ସଙ୍ଗୀତ ଅଭିନୟ କରି ଆବୃତ୍ତି କରିପାରିବ
- ତିନୋଟି ଋତୁର ନାମ ଓ ଋତୁରେ ବ୍ୟବହାର କରାଯାଉଥିବା ପୋଷାକ / ବସ୍ତୁର ନାମ କହିପାରିବ
- ସୂର୍ଯ୍ୟ, ଚନ୍ଦ୍ର ଓ ତାରା କେତେବେଳେ ଓ କେଉଁଠି ଦେଖାଯାଆନ୍ତି କହିପାରିବ
- ନିଜର ନାଁ ଓ ବାପା-ମାଆଙ୍କର ନାଁ କହିପାରିବ ଓ ଶରୀରର ଅଙ୍ଗପ୍ରତ୍ୟଙ୍ଗର ନାମ କହିପାରିବ ଓ ଦେଖାଇପାରିବ
- ପାଣି, ମାଟି ଓ ପବନର ଗୋଟିଏ ଗୋଟିଏ ଉପକାର କହିପାରିବ
- ନିଜର ଗାଁ, ଜିଲ୍ଲା, ରାଜ୍ୟ ଓ ରାଜ୍ୟର ରାଜଧାନୀର ନାମ କହିପାରିବ

### ୪-୫/୬ ବର୍ଷ

- ୧ରୁ ୨୦ ପର୍ଯ୍ୟନ୍ତ ଗଣିପାରିବ ଓ ୧ରୁ ୭ ସଂଖ୍ୟାକ ପର୍ଯ୍ୟନ୍ତ ଚିତ୍ରଥିବା କାର୍ଡ ଦେଖି ସେଥିରେ କେତୋଟି ଚିତ୍ର ଅଛି କହିପାରିବ
- ଅନ୍ତତଃ ୭ଟି ଅକ୍ଷର ସଙ୍କେତ ଚିହ୍ନିପାରିବ
- ୫୦ପଇସା ଓ ୧,୨,୫,୧୦ ଓ ୨୦ ଟଙ୍କାର ମୁଦ୍ରା / କାଗଜ ନୋଟ୍ ଚିହ୍ନି ପାରିବ
- ବର୍ଷକ ଭିତରେ କୁହାଯାଇଥିବା ଅତି କମ୍‌ରେ ଯେ କୌଣସି ତିନୋଟି ଗପ କହିପାରିବ
- ବର୍ଷକ ଭିତରେ ହୋଇଥିବା ଅତି କମ୍‌ରେ ଯେ କୌଣସି ତିନୋଟି ଅଭିନୟ ସଙ୍ଗୀତ ନାଟକୀୟ ଭଙ୍ଗୀରେ ଆବୃତ୍ତି କରିପାରିବ
- ତିନୋଟି ଋତୁର ନାମ ଓ ସପ୍ତାହର ବାରଗୁଡ଼ିକର ନାମ କହିପାରିବ
- ଚାରୋଟି ଦିଗ ଦେଖାଇପାରିବ
- ପାଣି, ମାଟି ଓ ପବନର ଉପକାର କହିପାରିବ
- ଜାତୀୟ ପଶୁ, ପକ୍ଷୀ, ଫୁଲ, ଫଳ ଓ ପତାକାର ନାମ କହିପାରିବ
- ନିଜର ବ୍ଲକ୍, ଜିଲ୍ଲା, ରାଜ୍ୟ, ରାଜ୍ୟର ରାଜଧାନୀ, ଦେଶ ଓ ଦେଶର ରାଜଧାନୀ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନାମ କହିପାରିବ

# ଗ୍ରାମବାସୀଙ୍କ ସମ୍ପୃକ୍ତି ଓ ସହଯୋଗ ପାଇଁ କର୍ମୀଙ୍କ ଭୂମିକା

ଶିଶୁର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ସମାଜର ଏକ ଗୁରୁ ଦାୟିତ୍ୱ । ଶିଶୁର ଚାରୋଟି ଅଧିକାରକୁ (ବଞ୍ଚିବା, ସୁରକ୍ଷା, ବିକାଶ ଓ ଅଂଶଗ୍ରହଣ) ଧ୍ୟାନ ଦେଇ ଅଙ୍ଗନୱାଡ଼ି କର୍ମୀ ପିତାମାତା ଓ ଗ୍ରାମବାସୀଙ୍କୁ ଶିଶୁ ବିକାଶ ଯୋଜନାରେ ସମ୍ପୂର୍ଣ୍ଣଭାବେ ସଂପୃକ୍ତ କରିବାପାଇଁ ଯତ୍ନଶୀଳ ହେବେ ।

ପିଲାଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଦିନରେ ପ୍ରାୟ ୩ ରୁ ୪ ଘଣ୍ଟା ସମୟ କଟାଇଥାଏ । ଅବଶିଷ୍ଟ ସମୟ ତା'ର ପରିବାର ଓ ଗ୍ରାମରେ କଟାଏ । ପିତାମାତା ଓ ଗ୍ରାମବାସୀ ଶିଶୁର ବିକାଶଧାରାକୁ ଯଥେଷ୍ଟ ପ୍ରଭାବିତ କରନ୍ତି । ତେଣୁ ଆଦ୍ୟ-ଶୈଶବ ଶିକ୍ଷା କାର୍ଯ୍ୟକ୍ରମରେ ପିତାମାତା ଓ ଗ୍ରାମବାସୀଙ୍କ ସଂପୃକ୍ତି ଏକାନ୍ତ ଆବଶ୍ୟକ । ତେଣୁ ଅଙ୍ଗନୱାଡ଼ି କର୍ମୀ ଶିଶୁ ବିକାଶ କାର୍ଯ୍ୟକ୍ରମପାଇଁ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ ଓ ଗ୍ରାମର ସଦସ୍ୟଙ୍କୁ କେନ୍ଦ୍ର ପରିଚାଳନାରେ ସଂପୃକ୍ତ କରିବେ ।

### ପିତାମାତା ଓ ଗ୍ରାମବାସୀଙ୍କ ସହଯୋଗର ଉଦ୍ଦେଶ୍ୟ

- ଅଙ୍ଗନୱାଡ଼ି କର୍ମୀ - ପିତାମାତା / ଗ୍ରାମବାସୀଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧିକରି ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ।
- ପିତାମାତାଙ୍କ ସଭା ଓ ଗ୍ରାମବାସୀଙ୍କ ସହିତ ଆଲୋଚନା ମାଧ୍ୟମରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ବିକାଶ କାର୍ଯ୍ୟକ୍ରମର ଯୋଜନା କରିବା ।
- କେନ୍ଦ୍ର କାର୍ଯ୍ୟକ୍ରମରେ ଗ୍ରାମର ସମ୍ବଳ (ମାନବ ଓ ବସ୍ତୁଗତ) ବିନିଯୋଗ କରିବା ।
- ଶିଶୁ ବିକାଶରେ ଆଦ୍ୟ-ଶୈଶବ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସଚେତନ କରିବା ।
- ଗୃହ ପରିଦର୍ଶନ ଓ ଶିଶୁ ମାନଙ୍କର ପ୍ରକୃତି ପର୍ଯ୍ୟବେକ୍ଷଣ ପାଇଁ ଗ୍ରାମବାସୀଙ୍କଠାରୁ ସାହାଯ୍ୟ ନେବା ।
- ମୋଟାମୋଟି ଭାବେ ଶିଶୁ ବିକାଶ କାର୍ଯ୍ୟକ୍ରମରେ ପିତାମାତା ଓ ଗ୍ରାମବାସୀଙ୍କୁ ସାମିଲ କରିବା ।

### କର୍ମୀ ପିତାମାତା ଓ ଗ୍ରାମବାସୀଙ୍କୁ କିପରି ସଂପୃକ୍ତ କରିପାରିବେ ?

୧. କେନ୍ଦ୍ରକୁ ପିଲାମାନଙ୍କୁ ନେବା ଆଣିବା ପାଇଁ ପିତାମାତା ଓ ଗ୍ରାମବାସୀଙ୍କର ସାହାଯ୍ୟ ନେବେ ।

୨. ନିୟମିତ ବ୍ୟବଧାନରେ ପିତାମାତାଙ୍କ / ଗ୍ରାମବାସୀଙ୍କର ବୈଠକ କରି ଶିଶୁ ବିକାଶ କାର୍ଯ୍ୟକ୍ରମ ସ୍ଥିର କରିବେ ।

୩. କେନ୍ଦ୍ରରେ ଯେପରି ପିତାମାତା ଓ ଗ୍ରାମବାସୀ ଉପସ୍ଥିତ ରହି ପିଲାଙ୍କ ନାଚ, ଗୀତ ଓ ଖେଳ ଦେଖିପାରିବେ ଓ ପିଲାଙ୍କୁ ଗପ ଓ ଗୀତ କହିପାରିବେ, ସେଥିପାଇଁ ସୁଯୋଗ ସୃଷ୍ଟି କରିବେ । ଏହାଦ୍ୱାରା ପିଲାମାନେ ଉତ୍ସାହିତ ହେବେ ।

୪. ଗ୍ରାମରେ ଥିବା ବିଭିନ୍ନ ବୃତ୍ତିଧାରୀ ବ୍ୟକ୍ତିଙ୍କ ସାହାଯ୍ୟ ନେଇ କର୍ମୀ ଶିଶୁମାନଙ୍କ ପାଇଁ ଖେଳନା, ଖେଳ ଉପକରଣ ଓ ଶିକ୍ଷଣ କାର୍ଯ୍ୟ ପାଇଁ ଉପକରଣ ତିଆରି କରିବେ ।

୫. ପିଲାଙ୍କ ଜନ୍ମଦିନ ପାଳନ, ଜାତୀୟ ଦିବସ ପାଳନ, ପର୍ବ ପର୍ବାଣୀ, ଶିଶୁମେଳା, ବାର୍ଷିକ ଉତ୍ସବ, ଇସିସିଇ ଦିବସ ପାଳନ, ଆମୋଦଦାୟକ କାର୍ଯ୍ୟକ୍ରମ (ବଣଭୋଜି) ଆୟୋଜନ, ପିଲାଙ୍କ ହାତରେ ପ୍ରସ୍ତୁତ ଖେଳନା ଓ ଛବି ଗୁଡ଼ିକର ପ୍ରଦର୍ଶନୀ ଇତ୍ୟାଦି ଅବସରରେ ପିତାମାତା ଓ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରିବେ ଓ ତାଙ୍କ ସହିତ ମିଶି କାର୍ଯ୍ୟକ୍ରମର ଆୟୋଜନ କରିବେ ।

୬. ଅନ୍ତତଃ ବର୍ଷକୁ ଦୁଇଥର (୬ମାସରେ ଥରେ) ଗାଁରେ / କେନ୍ଦ୍ର ନିକଟରେ ଉତ୍ସବ, ଶିଶୁମେଳା ଇତ୍ୟାଦି ଗ୍ରାମବାସୀଙ୍କ ସାହାଯ୍ୟରେ ଆୟୋଜନ କରିବେ । ଏହା ଫଳରେ ଆଦ୍ୟ-ଶୈଶବ ଶିକ୍ଷା ସମ୍ବନ୍ଧରେ ଗ୍ରାମବାସୀଙ୍କ ସଚେତନତା ବଢ଼ିବ ଓ ଗ୍ରାମବାସୀମାନେ କେନ୍ଦ୍ରର ଅଂଶୀଦାର ବୋଲି ବୁଝିପାରିବେ ।

୭. ନିୟମିତ ଗୃହ ପରିଦର୍ଶନ କରିବେ ଓ ମାଆ / ବାପାଙ୍କୁ ପିଲାମାନଙ୍କର ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ବୁଝାଇବେ । କର୍ମୀ ଦେଖିବେ ଯେ ମାଆମାନେ ନିଜର ପିଲାମାନଙ୍କୁ ପରିଷ୍କାର ପରିଚ୍ଛନ୍ନ କରି କେନ୍ଦ୍ରକୁ ଛାଡୁଛନ୍ତି ।

୮. ପିତାମାତା ଓ ଗ୍ରାମବାସୀଙ୍କ ପାଖରେ ପିଲାମାନଙ୍କ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଆଣିବେ ନାହିଁ । ଯେତେ ସମ୍ଭବ ପିଲାମାନଙ୍କ ସମ୍ବନ୍ଧରେ ପ୍ରଶଂସାମୂଳକ ମନ୍ତବ୍ୟ ଦେବେ ।

୯. କେନ୍ଦ୍ରର ରକ୍ଷଣାବେକ୍ଷଣ ଓ କେନ୍ଦ୍ର ଚାରିପାଖର ପରିବେଶକୁ ଶିଶୁପ୍ରିୟ ଓ ସରସ ସୁନ୍ଦର କରିବା ପାଇଁ ଗ୍ରାମବାସୀଙ୍କୁ ସଂପୃକ୍ତ କରିବେ ।

# ସଂକ୍ଷିପ୍ତ ଟିପ୍ପଣୀ




# ମୋ ବିକାଶ ପତ୍ର

ଶିଶୁର ନାମ .............................................................. ବୟସ .................. ଲିଙ୍ଗ ..................

ଅଙ୍ଗନବାଡ଼ି କେନ୍ଦ୍ରର ନାମ .............................................................. ନମ୍ବର ..................

ଗ୍ରାମ .................................... ବ୍ଲକ୍ .................................... ଜିଲ୍ଲା ....................................

ମାତାଙ୍କ ନାମ .................................................. ପିତାଙ୍କ ନାମ ..................................................

ଶିଶୁର ବୟସ ୩ ରୁ ୪ ବର୍ଷ

ବର୍ଷ ଶେଷରେ ଯଦି ଶିଶୁ ଏଥିମଧ୍ୟରୁ ଅନ୍ୟୂନ ୩ଟି ଠିକ୍ କରିଥିବ ତାହେଲେ, ଏହା ☺ ଉପରେ (✓) ଠିକ୍ ଚିହ୍ନ ଦିଅ

| ବିକାଶର ଦିଗ ☺ | ବିକାଶର ଗୁରୁତ୍ୱପୂର୍ଣ୍ଣ ସୋପାନ | ପ୍ରଥମ ମୂଲ୍ୟାୟନ | | ଦ୍ୱିତୀୟ ମୂଲ୍ୟାୟନ | | ତୃତୀୟ ମୂଲ୍ୟାୟନ | | ଚତୁର୍ଥ ମୂଲ୍ୟାୟନ | |
|---|---|---|---|---|---|---|---|---|---|
| | | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ |
| ଶାରୀରିକ ☺  | ୧) ଦୁଇ ହାତରେ ବଡ଼ ବଲ ଧରାଇବା | | | | | | | | |
| | ୨) ଦୁଇ ଗୋଡ଼ରେ ଗୋଟିଏ ସ୍ଥାନରେ ଡେଇଁବା | | | | | | | | |
| | ୩) ନିଜେ ପ୍ରସ୍ତୁତ ହେବା | | | | | | | | |
| | ୪) କାଗଜ ଚିରିବା | | | | | | | | |
| | ୫) ଦଉଡ଼ି ବା ଚକ୍‌ରେ ଗାର ପକାଇ ତା ଉପରେ ଚାଲିବା | | | | | | | | |
| ବୋଧଶକ୍ତି ☺  | ୧) ପରିବେଶର ଶବ୍ଦକୁ ଜାଣିବା ଓ ଅନୁକରଣ କରିବା | | | | | | | | |
| | ୨) କମ୍- ବେଶୀ, ଡେଙ୍ଗା- ଗେଡ଼ା, ପଶିବା- ବାହାରିବା ଚିହ୍ନଟ କରିବା | | | | | | | | |
| | ୩) ସମପଦାର୍ଥ ଚିହ୍ନଟ କରି ପାରିବା, ଫଳ, ପଶୁ, ରଙ୍ଗ, ଆକୃତି, ଶରୀର ଅଂଶ ଆଦି ପୃଥକ କରିବା | | | | | | | | |
| ଭାଷା ☺  | ୧) ସରଳ ନିର୍ଦ୍ଦେଶ ପାଳନ କରିବା | | | | | | | | |
| | ୨) ଲୋକକଥା / ଲୋକ ଗୀତ ପୁନରାବୃତ୍ତି କରିବା | | | | | | | | |
| | ୩) ଅନେକ ପରିସ୍ଥିତିରେ ବା ଭାବର ଆଦାନପ୍ରଦାନ କରିବା | | | | | | | | |
| | ୪) ଲିଖିତ ନିଜ ନାମ ଚିହ୍ନଟ କରିପାରିବା | | | | | | | | |
| ସାମାଜିକ ଓ ଆବେଗିକ ☺  | ୧) ନିଜେ ଏକାକୀ ଶୌଚାଳୟ ଯାଇପାରିବା | | | | | | | | |
| | ୨) ଅନ୍ୟ ପିଲାମାନଙ୍କ ସହ ସ୍ୱଚ୍ଛନ୍ଦରେ ଖେଳିପାରିବା | | | | | | | | |
| | ୩) ଅଙ୍ଗନବାଡ଼ି କର୍ମୀ ଓ ଅଭିଭାବକଙ୍କ ସହ କଥାହେବା | | | | | | | | |
| | ୪) ଖାଇବା ପୂର୍ବରୁ ଓ ପରେ ହାତ ଧୋଇବା ଓ ନିଜକୁ ପରିଷ୍କାର ରଖିବା | | | | | | | | |
| ସୃଜନାତ୍ମକ ☺  | ୧) ନିଜେ ଚିତ୍ରରେ ରଙ୍ଗ ଦେବା | | | | | | | | |
| | ୨) ମାଟି କାଦୁଅରେ ଏକ ଆକୃତି ଗଠନ କରିବା | | | | | | | | |
| | ୩) ଦଳ ମଧ୍ୟରେ ଗୀତ ବୋଲିବା | | | | | | | | |
| | ୪) ନିଜେ ନିଜେ ନାଚିବା | | | | | | | | |

ଅଙ୍ଗନବାଡ଼ି କର୍ମୀଙ୍କ ସ୍ୱାକ୍ଷର ____________ ପିତାମାତାଙ୍କ ସ୍ୱାକ୍ଷର ____________

ଶିଶୁର ବୟସ ୪ ରୁ ୫ ବର୍ଷ

ବର୍ଷ ଶେଷରେ ଯଦି ଶିଶୁ ଏଥିମଧ୍ୟରୁ ଅନ୍ୟୁନ ୩ଟି ଠିକ୍ କରିପାରୁଥିବ ତାହେଲେ, ଏହା ☺ ଉପରେ (✓) ଠିକ୍ ଚିହ୍ନ ଦିଅ

| ବିକାଶର ଦିଗ ☺ | ବିକାଶର ଗୁରୁତ୍ୱପୂର୍ଣ୍ଣ ସୋପାନ | ପ୍ରଥମ ମୂଲ୍ୟାୟନ | | ଦ୍ୱିତୀୟ ମୂଲ୍ୟାୟନ | | ତୃତୀୟ ମୂଲ୍ୟାୟନ | | ଚତୁର୍ଥ ମୂଲ୍ୟାୟନ | |
|---|---|---|---|---|---|---|---|---|---|
| | | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ |
| ଶାରୀରିକ ☺  | ୧) ଏକ ପାଦ [illegible] ଓ ଦୁଇ [illegible] ଡେଇଁବା | | | | | | | | |
| | ୨) ମାଳି ଗୁନ୍ଥିବା | | | | | | | | |
| | ୩) ପ୍ରତିକ [illegible] କାଗଜ ଚିରିବା | | | | | | | | |
| | ୪) ନିର୍ଦ୍ଦିଷ୍ଟ ଦିଗରେ ବଲ ପକାଇବା ଓ ଧରିବା | | | | | | | | |
| | ୫) ନିର୍ଦ୍ଦିଷ୍ଟ ଦିଗରେ ବଲ ମାରିବା | | | | | | | | |
| ବୋଧଶକ୍ତି ☺  | ୧) ପାଞ୍ଚ ଶବ୍ଦକୁ ଅନୁକରଣ କରିବା | | | | | | | | |
| | ୨) ଆକୃତି ଓ ରଙ୍ଗ ଅନୁସାରେ ସାମଗ୍ରୀ ପୃଥକୀକରଣ କରିବା | | | | | | | | |
| | ୩) ଛବିର ହଜିଲା ଅଂଶ ଚିହ୍ନଟ କରିବା | | | | | | | | |
| | ୪) [illegible] ସଂଯୋଗ କରିବା | | | | | | | | |
| | ୫) [illegible] ହେବା | | | | | | | | |
| | ୬) ପଦାର୍ଥ ଗଣିବା ଓ ସଂଖ୍ୟା ମିଳାଇବା | | | | | | | | |
| | ୭) ସଂଖ୍ୟା ଚିହ୍ନଟ କରି କହିବା ଏବଂ ସେଗୁଡ଼ିକୁ କ୍ରମାନୁସାରେ ସଜାଇବା | | | | | | | | |
| ଭାଷା ☺  | ୧) ଧ୍ୱନିର ସହ ଗୀତ ଓ ଗପ ଶୁଣି ସେଗୁଡ଼ିକୁ କ୍ରମରେ ବର୍ଣ୍ଣନା କରିବା | | | | | | | | |
| | ୨) ପରିବାର, ପାଣି, ଗଛ ଓ ପଶୁ ଆଦି ବିଷୟରେ କହିବା | | | | | | | | |
| | ୩) ଆଖପାଖ ପରିବେଶ ସହ ଜଡ଼ିତ ଶବ୍ଦ ଚିହ୍ନଟ କରିବା | | | | | | | | |
| | ୪) ଶବ୍ଦର ଶେଷ ଉଚ୍ଚାରଣ ମେଳକରି ନୂଆ ଶବ୍ଦ ପ୍ରସ୍ତୁତ କରିବା | | | | | | | | |
| | ୫) ଲିଖିତ ଅକ୍ଷର ଚିହ୍ନଟ କରି ଶବ୍ଦ ଗଠନ କରିବା | | | | | | | | |
| | ୬) ଅଭ୍ୟାସ ପୁସ୍ତିକା ବ୍ୟବହାର କରିବା | | | | | | | | |
| ସାମାଜିକ ଓ ଆବେଗିକ ☺  | ୧) ବ୍ୟକ୍ତିଗତ ସ୍ୱଚ୍ଛତାର ପାଳନ ଯଥା: ଦାନ୍ତ ଘଷା, ହାତ ଓ ପୋଷାକ ପରିଷ୍କାର କରିବା | | | | | | | | |
| | ୨) ଅନ୍ୟ ପିଲାମାନଙ୍କ ମଧ୍ୟରେ [illegible] ଅନୁଭବ କରିବା | | | | | | | | |
| | ୩) ନିଜ ପାଳି ପାଇଁ ଅପେକ୍ଷା କରିବା | | | | | | | | |
| | ୪) ଅନ୍ୟ ପିଲାଙ୍କୁ ସାହାଯ୍ୟ ଓ ସହଯୋଗ କରିବା | | | | | | | | |
| | ୫) ନିଜ ଅନୁଭବକୁ ଖୋଲାଖୋଲି ପ୍ରକାଶ କରିବା | | | | | | | | |
| ସୃଜନାତ୍ମକ ☺  | ୧) ବିଭିନ୍ନ ରଙ୍ଗର ବିଭିନ୍ନ ଆକୃତି ବିଶିଷ୍ଟ ଛବି ଅଙ୍କନ କରିବା | | | | | | | | |
| | ୨) ବାଲି, ମାଟି ବା ଅନ୍ୟ ସାମଗ୍ରୀରେ ଆକୃତି ପ୍ରସ୍ତୁତ କରିବା | | | | | | | | |
| | ୩) ତାଳରେ ଗୀତଗାଇବା ଓ ନାଚିବା | | | | | | | | |
| | ୪) ରଙ୍ଗରେ ରେଖାଚିତ୍ର ପ୍ରସ୍ତୁତ କରିବା | | | | | | | | |

ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାକ୍ଷର ______ ପିତାମାତା ସ୍ୱାକ୍ଷର ______

ଶିଶୁର ବୟସ ୫ ରୁ ୬ ବର୍ଷ

ବର୍ଷ ଶେଷରେ ଯଦି ଶିଶୁ ଏଥିମଧ୍ୟରୁ ଅନ୍ୟୁନ ୪ଟି ଠିକ୍ କରିଥିବ ତାହେଲେ, ଏହା ☺ ଉପରେ (✓) ଠିକ୍ ଚିହ୍ନ ଦିଅ

| ବିକାଶର ଦିଗ ☺ | ବିକାଶର ଗୁରୁତ୍ୱପୂର୍ଣ୍ଣ ସୋପାନ | ପ୍ରଥମ ମୂଲ୍ୟାୟନ | | ଦ୍ୱିତୀୟ ମୂଲ୍ୟାୟନ | | ତୃତୀୟ ମୂଲ୍ୟାୟନ | | ଚତୁର୍ଥ ମୂଲ୍ୟାୟନ | |
|---|---|---|---|---|---|---|---|---|---|
| | | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ | ସହାୟତା ଆବଶ୍ୟକ | ଉତ୍ତମ |
| ଶାରୀରିକ ☺  | ୧) ସୂତା ମଧ୍ୟରେ ମାଳି ଓ ଫୁଲ ଗୁନ୍ଥିବା | | | | | | | | |
| | ୨) ନିର୍ଦ୍ଦିଷ୍ଟ ଧାରରେ କାଗଜ ଚିରିବା | | | | | | | | |
| | ୩) ନିର୍ଦ୍ଦିଷ୍ଟ ଦିଗରେ ଗୋଟିଏ ହାତରେ ବଲ ପକାଇବା | | | | | | | | |
| | ୪) ଭଗା, ଦୁଲକା ଓ ଅଖାପଲ ଟାଣିବା | | | | | | | | |
| | ୫) ଅଙ୍କନ ତୁଳିକା ବ୍ୟବହାର କରିବା | | | | | | | | |
| ବୋଧଶକ୍ତି ☺  | ୧) ବିଭିନ୍ନ ପ୍ରକାର ଜିନିଷ ଓ ଛବି ପୃଥକ କରିବା | | | | | | | | |
| | ୨) ସରଳ ଧନ୍ଦା ବା ପଜଲ ସମାଧାନ କରିବା | | | | | | | | |
| | ୩) ଏକ କ୍ରମିକ ଚିତ୍ରକୁ ଦେଖି ଏହାର ପରବର୍ତ୍ତୀ କଣ ହେବ କହିବା | | | | | | | | |
| | ୪) ଦୈନିକ ସମସ୍ୟା ସମାଧାନ କରିବା (ମୌଖିକ ଭାବେ) | | | | | | | | |
| | ୫) କ୍ରମାନୁସାରେ ସଂଖ୍ୟା ସଜାଇବା | | | | | | | | |
| | ୬) ବଡ଼ ଓ ସାନ ସଂଖ୍ୟା ଏବଂ ପଛୁଆ ସଂଖ୍ୟା ଚିହ୍ନଟ କରିବା | | | | | | | | |
| | ୭) ୧୦ ପର୍ଯ୍ୟନ୍ତ ସଂଖ୍ୟା ଚିହ୍ନଟ କର ଓ ତାକୁ ବସ୍ତୁ ସହ ମିଳାଇବା | | | | | | | | |
| ଭାଷା ☺  | ୧) ଧ୍ୟାନର ସହ ଏକ ଗଳ୍ପ, ଗୀତ ଶୁଣି ତାକୁ କ୍ରମରେ ବର୍ଣ୍ଣନା କରିବା | | | | | | | | |
| | ୨) ମଣିଷ, ପଶୁ ଓ ପକ୍ଷୀଙ୍କ ବିଷୟ ଉପରେ 'କାହିଁକି' ଓ 'କିପରି' ପ୍ରଶ୍ନ ପଚାରିବା | | | | | | | | |
| | ୩) ପୁସ୍ତକ ଛବି ଅନୁଯାୟୀ ଏକ ଗପ କହିବା | | | | | | | | |
| | ୪) ଅକ୍ଷର କାର୍ଡ ବ୍ୟବହାର କରି ସରଳ ବାକ୍ୟ ଗଠନ କରିବା | | | | | | | | |
| | ୫) ଛବି ଦେଖି ତାକୁ ଛୋଟିଆ ଛୋଟିଆ ବାକ୍ୟରେ କହିବା | | | | | | | | |
| | ୬) ଅଙ୍କନ ତୁଳିକା ବ୍ୟବହାର କରିବା | | | | | | | | |
| ସାମାଜିକ ଓ ଆବେଗିକ ☺  | ୧) ପରିଷ୍କାର ରୁହ ଓ ଅନ୍ୟକୁ ସଜାଗ କର । ଯଥା ବ୍ୟକ୍ତିଗତ ଭାବେ ଦାନ୍ତ, ହାତ, ପୋଷାକ, ଆସପାଖ ପରିଷ୍କାର କରିବା | | | | | | | | |
| | ୨) ଅନ୍ୟ ପିଲା ଓ ବଡ଼ମାନଙ୍କ ସହ ଅଂଶୀ ବା ସହଭାଗୀ ହେବା | | | | | | | | |
| | ୩) ଅନ୍ୟକୁ ସାହାଯ୍ୟ ଓ ସହଯୋଗ କରିବା | | | | | | | | |
| | ୪) ନିଜେ କାର୍ଯ୍ୟ ଆରମ୍ଭରେ ଅଗ୍ରଣୀ ହେବା | | | | | | | | |
| | ୫) ନିୟମ ଓ ନିର୍ଦ୍ଦେଶ ଜାଣିବା ପରେ ଖେଳ ଓ କାର୍ଯ୍ୟ ଆରମ୍ଭ କରିବା | | | | | | | | |
| ସୃଜନାତ୍ମକ ☺  | ୧) ଶୁଣିଥିବା ଗପ ଭିତ୍ତିରେ ଏକ ଛବି ଆଙ୍କିବା | | | | | | | | |
| | ୨) ଭିନ୍ନ ଆକୃତିର ଏକ ଚିତ୍ର ଅଙ୍କନ କରିବା | | | | | | | | |
| | ୩) ତାଳ ଅନୁଯାୟୀ ନାଚିବା | | | | | | | | |
| | ୪) ବିଭିନ୍ନ ବସ୍ତୁକୁ ନେଇ ଆକୃତି ଅଙ୍କନ କରିବା | | | | | | | | |

ଅଙ୍ଗନବାଡ଼ି କର୍ମୀଙ୍କ ସ୍ୱାକ୍ଷର

ପିତାମାତା ସ୍ୱାକ୍ଷର

ବୈଷୟିକ ସହାୟତା : ୟୁନିସେଫ୍, ଓଡ଼ିଶା, ୨୦୧୭



unicef

for every child

ପ୍ରାକ ବିଦ୍ୟାଳୟ ଶିକ୍ଷଣ ଗୁରୁତ୍ୱପୂର୍ଣ୍ଣ